ବେମନା

ଏହି ପୁସ୍ତକର ଅନ୍ତଃପ୍ରଚ୍ଛଦରେ ଅନୁମାନିକ ଖ୍ରୀଷ୍ଟୀୟ ଦ୍ୱିତୀୟ ଶତକରେ ରଚିତ ଭାସ୍କର୍ଯ୍ୟର ପ୍ରତିଲିପି ମୁଦ୍ରିତ ହୋଇଛି । ନାଗାର୍ଜୁନ କୋଣ୍ଡାର ଏହି ଧ୍ୱଂସାବଶେଷ ବର୍ତ୍ତମାନ ନୂଆଦିଲ୍ଲୀର ନ୍ୟାସନାଲ ମ୍ୟୁଜିୟମରେ ରକ୍ଷିତ । ଏହି ଭାସ୍କର୍ଯ୍ୟର ବିଷୟ : ରାଜା ଶୁଦ୍ଧୋଦନଙ୍କ ରାଜସଭାରେ ତିନିଜଣ ଜ୍ୟୋତିଷ—ଭଗବାନ ବୁଦ୍ଧଙ୍କ ଜନନୀ ମାୟାଦେବୀଙ୍କ ସ୍ୱପ୍ନର ତାତ୍ପର୍ଯ୍ୟ ବ୍ୟାଖ୍ୟା କରୁଛନ୍ତି । ଜ୍ୟୋତିଷମାନଙ୍କ ଆସନ ନିକଟରେ ଲିପିକାର ବସି ସେମାନଙ୍କ ବକ୍ତବ୍ୟ ଲେଖି ଚାଲିଛନ୍ତି । ଅନୁମାନ, ଏହା ଭାରତର ଲିଖନ କଳାର ପ୍ରାଚୀନତମ ଚିତ୍ରରୂପ ।

ଭାରତୀୟ ସାହିତ୍ୟସ୍ରଷ୍ଟା ଗ୍ରନ୍ଥମାଳା

ବେମନା

ଭି. ଆର୍. ନାରଲା

ଅନୁବାଦ

ରବୀନ୍ଦ୍ର କୁମାର ପ୍ରହରାଜ

ସାହିତ୍ୟ ଅକାଦେମୀ

VEMANA : Translated into Oriya by Rabindra Kumar Praharaj from the same title in English by V. R. Narla. Sahitya Akademi, New Delhi, 1989. Price : SAHITYA AKADEMI
REVISED PRICE Rs.10-00

© ସାହିତ୍ୟ ଅକାଦେମି

ସାହିତ୍ୟ ଅକାଦେମି

ରବୀନ୍ଦ୍ର ଭବନ, ୩୫, ଫିରୋଜଶାହ ରୋଡ୍, ନୂଆଦିଲ୍ଲୀ ୧୧୦୦୦୧

ବିକ୍ରୟ କେନ୍ଦ୍ର :

'ସ୍ୱାତୀ'

ମନ୍ଦିର ମାର୍ଗ

ନୂଆଦିଲ୍ଲୀ-୧୧୦୦୦୧

ଶାଖା କାର୍ଯ୍ୟାଳୟ

ବ୍ଲକ ୫ବି, ରବୀନ୍ଦ୍ର ସରୋବର ଷ୍ଟାଡ଼ିୟମ, କଲିକତା ୭୦୦୦୨୯

୨୯, ଏଲ୍ଡାମସ୍ ରୋଡ୍, ତେନାମ୍ପେଟ, ମାଡ୍ରାଜ ୬୦୦୦୧୮

୧୭୨, ମୁମ୍ବାଇ ମରାଠୀ ଗ୍ରନ୍ଥ ସଂଗ୍ରହାଳୟ ମାର୍ଗ, ଦାଦର, ବମ୍ବେ ୪୦୦୦୧୪

SAHITYA AKADEMI
REVISED PRICE Rs.10-00

ମୁଦ୍ରାକର

କଳିଙ୍ଗ ମୁଦ୍ରଣୀ

୭୭ବି, ଅଖିଲ ମିସ୍ତ୍ରୀ ଲେନ, କଲିକତା ୯

ଏକ ସୁଚାରୁ ବିଦ୍ୱାନ, ଚାରୁତର ଲିପିକାର ଏବଂ ଚାରୁତମ ସୁହୃଦ୍

ଶ୍ରୀ ଜି. ବେଙ୍କଟ ସୁବ୍ବାୟାଙ୍କୁ

ସୂଚୀପତ୍ର

ଅନୁବାଦ ସମ୍ପର୍କରେ ୧

ଅଗ୍ରଲେଖ ୩

ଜନମ ନୁହେଁ ମରଣ ଲାଗି ୭

ଜନଶ୍ରୁତ ଉତ୍ସଙ୍ଗରେ ୨୧

କ୍ଷୀଣ ଏବଂ ଅନଶ୍ଚିତ ଦୀପ ସମୁଚ୍ଚୟ ୩୩

ସେ ଥିଲେ ମଣିଷଟିଏ ୪୪

ଅନ୍ଧକାରେ ଦ୍ୱିଗୁଣିତ ଗ୍ରୀଷ୍ମ ୫୪

ଉଚ୍ଚାରଲେ କବ ୭୧

ପ୍ରକୃତର ଦାର୍ଶନକ ୭୫

ବଣୁକ ଓ ବରଳ ପ୍ରତଭା ୮୮

ଅନୁବାଦାବଳୀ ୯୮

ଗ୍ରନ୍ଥସୂଚୀ ୧୧୧

ପାରଭାଷିକ ଟୀକାନୁକ୍ରମଣୀ ୧୧୫

ଅନୁବାଦ ସଂପର୍କରେ ....

ବେମନାଙ୍କ ଭଳି ଜଣେ ସ୍ୱଳ୍ପଜ୍ଞାତ ଅଥଚ ମହାନ କବି-ପୁରୁଷଙ୍କର ଜୀବନୀ ଓ କୃତିର ଦୃଢ଼ ସନ୍ନିବଦ୍ଧ, ତଥ୍ୟମୂଳକ ଏହି ଏକକ ପ୍ରବନ୍ଧ (ମନୋଗ୍ରାଫ୍) ଗ୍ରନ୍ଥଟି ପ୍ରଥମ ପାଠରୁହିଁ ମୋତେ ଆକର୍ଷଣୀୟ ବୋଧ ହୋଇଥିବାରୁ ଏହାର ଅନୁବାଦ କର୍ମଟି ଶ୍ରମ ସାପେକ୍ଷ ହେଲେହେଁ କ୍ଳାନ୍ତିକର ବୋଧ ହୋଇନାହିଁ ।

'ବେମନା' ତେଲୁଗୁରେ 'ଓ୍ୱେମନା' ଉଚ୍ଚାରିତ ହୋଇପାରେ; ମାତ୍ର ଓଡ଼ିଆ ବର୍ଣ୍ଣମାଳାରେ 'ଓ୍ୱ' ଉଚ୍ଚାରିତ କୌଣସି ବର୍ଣ୍ଣ ନାହିଁ । ଯେଉଁ ଦୁଇଟି 'ବ' ଅର୍ଥାତ୍ ବର୍ଗୀୟ 'ବ' ଓ ଅବର୍ଗୀୟ ବା ଅନ୍ତଃସ୍ଥ 'ବ' ରହିଛି, ସେ ଦୁଇଟିର ଉଚ୍ଚାରଣରେ ସେପରି କିଛି ତାରତମ୍ୟ ନାହିଁ । ସେଥିପାଇଁ ତେଲୁଗୁର 'ଓ୍ୱେ' ଓଡ଼ିଆରେ ଉଭୟ ଉଚ୍ଚାରଣ ଓ ବ୍ୟବହାର ଦୃଷ୍ଟିରୁ 'ବେ' ହେବା ମୋତେ ଅଧିକ ସମୀଚୀନ ବୋଧ ହେବାରୁ ମୁଁ "ଓ୍ୱେମନା" ସ୍ଥଳେ "ବେମନା" ନାମକରଣକୁ ଗ୍ରହଣ କରିଛି । ସ୍ୱରଜିକ ସ୍ୱତନ୍ତ୍ରତା ଦୃଷ୍ଟିରୁ 'ବେମନା'ଙ୍କର ଓଡ଼ିଆରେ ଏଭଳି ନାମୋଲ୍ଲେଖ ସୁଧୀ ପାଠକମାନଙ୍କୁ ଅର୍ଥାବହ ମନେ ହୋଇପାରେ ।

ସୁଲେଖକ ଭି.ଆର୍.ନାର୍ଲାଙ୍କର ପ୍ରତ୍ୟେକଟି ଇଂରାଜୀ ଅଭିବ୍ୟକ୍ତିର ଯଥାନୁରୂପ ଓଡ଼ିଆ ପ୍ରତିରୂପାୟନ କରିବାକୁ ମୁଁ ଚେଷ୍ଟା କରିଛି । ସେ ବେମନାଙ୍କର କେତେକ ପଦ୍ୟର ଗଦ୍ୟରୂପ ଦେଇଥିବା ସ୍ଥଳେ ମୁଁ ଭାଷା ଓ ଭାବକୁ ଅକ୍ଷୁଣ୍ଣ ରଖି ସେଗୁଡ଼ିକୁ ପଦ୍ୟାକୃତି ପ୍ରଦାନ କରିଛି । ତାଙ୍କ ପ୍ରଦତ୍ତ ପାରମ୍ପରିକ ଟୀକାନୁକ୍ରମଣୀକୁ ମୁଁ ଓଡ଼ିଆ ବର୍ଣ୍ଣମାଳା କ୍ରମରେ ବିନ୍ୟସ୍ତ କରିବା ସଙ୍ଗେ ସଙ୍ଗେ ସେଥିରେ କେତେକ ସ୍ଥଳରେ ଥିବା ଅପୂର୍ଣ୍ଣତାକୁ ସଜାଡ଼ି ଦେଇଛି । ଦୃଷ୍ଟାନ୍ତ ସ୍ୱରୂପ ସେ ୧୯୭୧ର ଜନଗଣନା ବ୍ୟବହାର କରିଥିବା ସ୍ଥଳେ ମୁଁ ୧୯୮୧ ଜନଗଣନାର ଅଙ୍କକୁ ଉଲ୍ଲେଖ କରିଛି ।

ଏ ପୁସ୍ତକ ଅନୁବାଦ କଲାବେଳେ ତେଲୁଗୁ ସମାଜ ଓ ସାହିତ୍ୟର ବେମନାଙ୍କ ଭିତରେ ମୁଁ ଓଡ଼ିଶାର ଭୀମଭୋଇଙ୍କୁ ବାରମ୍ବାର ସ୍ମରଣ କରିଛି ।

ବେମନା ଓ ଭୀମଭୋଇ ଉଭୟଙ୍କ ଜୀବନଯାତ୍ରାରେ କେବଳ ସୌସାମ୍ୟ ନାହିଁ ବ୍ୟକ୍ତିତ୍ୱଗତ ପରିଣତିରେ ଉଭୟ ଥିଲେ ସନ୍ଥ, କବି ଓ ଶିଷ୍ୟ ବେଷ୍ଟିତ । ଜଗତ ଓ ଜୀବନର ସର୍ବାଙ୍ଗୀନ କଲ୍ୟାଣ-କାମନାହିଁ ଥିଲା ଉଭୟଙ୍କ ସାହିତ୍ୟିକ ଚେତନାର ଆତ୍ମିକ ନିର୍ଯାସ ।

ବେମନା ଯଥାର୍ଥରେ ସର୍ବଯୁଗୀୟ କବି । ଆଜିର ବସ୍ତୁ ସର୍ବସ୍ୱ ଓ ସଂଶୟ-ପୀଡ଼ିତ ଜନମାନସକୁ ଯଥାର୍ଥ ଦିଗ୍‌ନିର୍ଦ୍ଦେଶ ଦେବା କ୍ଷେତ୍ରରେ ତାଙ୍କର କୃତି ଓ କୃତିତ୍ୱର ଅବଦାନ ଏକାନ୍ତ ଅନସ୍ୱୀକାର୍ଯ୍ୟ । ସାହିତ୍ୟ ଏକାଡେ଼ମୀ ଏଭଳି ଏକ ସ୍ମରଣୀୟ କବିସନ୍ଥଙ୍କର ଜୀବନୀ ଓ କୃତିର ଆଲେଖ୍ୟକୁ ଓଡ଼ିଆ ଭାଷାନ୍ତରିତ କରିବାର ଦାୟିତ୍ୱ ଓ ସୁଯୋଗ ମୋତେ ଅର୍ପଣ କରିଥିବାରୁ ମୁଁ କୃତଜ୍ଞ ବୋଧ କରୁଛି ଏବଂ ଆଶା କରୁଛି, ଭାରତୀୟ-ସାହିତ୍ୟ-ନିର୍ମାତା କ୍ରମରେ ବେମନାଙ୍କ ଭଳି ବିଲକ୍ଷଣ ସାରସ୍ୱତ ସାଧକମାନଙ୍କୁ ଭାରତର ବିଭିନ୍ନ ଭାଷା-ଭାଷୀଙ୍କ ନିକଟରେ ପରିଚିତ କରାଇବା କ୍ଷେତ୍ରରେ ସାହିତ୍ୟ ଏକାଡେମୀଙ୍କର ଏ ସଦୁଦ୍ୟମ ଓ ସେତୁବନ୍ଧରେ ଗୁଣ୍ଡୁଚି ଭଳି ସେଥିରେ ବିନିଯୁକ୍ତ ମୋର ଶ୍ରମ ଓଡ଼ିଆ ପାଠକମାନଙ୍କର ସଶ୍ରଦ୍ଧ ଦୃଷ୍ଟି ଆକର୍ଷଣ କରିବ ।

ଡଃ ରବୀନ୍ଦ୍ର କୁମାର ପ୍ରହରାଜ
ଅଧ୍ୟାପକ ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ
ବକ୍‌ସି ଜଗବନ୍ଧୁ ବିଦ୍ୟାଧର ସାନ୍ଧ୍ୟ ମହାବିଦ୍ୟାଳୟ
ଭୁବନେଶ୍ୱର-୧୪

ଦୀପାବଳୀ
୧୯୮୭

ଅଗ୍ରଲେଖ

ସାହିତ୍ୟ ଏକାଡେ଼ମିଙ୍କ ପାଇଁ ବେମନାଙ୍କ ସମ୍ପର୍କରେ ଏକକ-ପ୍ରବନ୍ଧଟି ପ୍ରସ୍ତୁତ କରିବାକୁ ରାଜି ହୋଇଯିବା ପରେ ପରେ ହିଁ ମୁଁ ଅନୁଭବ କଲି ଯେ ଏହା ଏକ କଷ୍ଟସାଧ୍ୟ ବ୍ୟାପାର ହେବାକୁ ଯାଉଛି ଏବଂ ମୋର ଆଶଙ୍କା ଠିକ୍ ପ୍ରମାଣିତ ହେଲା । ଏଥିରେ ସନ୍ଦେହ ନାହିଁ ଯେ ତେଲୁଗୁରେ ବେମନାଙ୍କ ସମ୍ବନ୍ଧୀୟ ବେଶ୍ କିଛି ବହି ମିଳେ; କିନ୍ତୁ ସେଥିରୁ ଅଧିକାଂଶ ଜନଶ୍ରୁତିକୁ କେବଳ ପ୍ରାମାଣିକ ତଥ୍ୟ ଭଳି ବାଢ଼ିଛନ୍ତି । ଇଂରାଜୀରେ ନୁହେଁ କିମ୍ବା ଅନ୍ୟ କୌଣସି ଭାଷାରେ ନୁହେଁ, ତେଲୁଗୁରେ ଯେଉଁ ଏକମାତ୍ର ସମୀକ୍ଷାତ୍ମକ ଜୀବନ-ଚରିତଟି ମିଳେ, ତାହା ସେପରି ସନ୍ତୋଷଜନକ ମନେ ହୁଏ ନାହିଁ । ଏହାର ରଚୟିତା ତାଙ୍କ ଉପସଂହାର ବା ସିଦ୍ଧାନ୍ତକୁ ସୁହାଇଲା ଭଳି ତଥ୍ୟମାନଙ୍କୁ ଖୋଜିଥିବାର ଜଣାଯାଏ । ଅନ୍ୟାନ୍ୟ ବିଚ୍ୟୁତିରେ ମଧ୍ୟ ସେ ଦୋଷଦୁଷ୍ଟ । ସେ ତାଙ୍କ ଉପାଦାନର ଉତ୍ସରୂପେ ଗତ ପିଢ଼ିର ଅନ୍ୟତମ ଅଗ୍ରଗଣ୍ୟ ଲେଖକ ଚିଲକମର୍ତ୍ତି ଲକ୍ଷ୍ମୀନରସିଂହମ୍‌ଙ୍କର ବେମନାଙ୍କ ସମ୍ପର୍କିତ ଏକ ପୁସ୍ତକର ତାଲିକା ଦେଇଛନ୍ତି । ମୋ ତରଫରୁ ଗୁଡ଼ାଏ ଶ୍ରମ ଓ ସମୟ ନଷ୍ଟ କରି ଶେଷରେ ଯାହା ଜଣାଗଲା, ତାହା ହେଉଛି, ସେ ଯାହାକୁ ଏକ ପୁସ୍ତକ ବୋଲି ନାମାଙ୍କିତ କରିଛନ୍ତି ତାହା ଜନଶ୍ରୁତିର ଚର୍ବିତଚର୍ବଣ ସଂକଳନ ମଧ୍ୟରେ ବେମନାଙ୍କ ବିଷୟକ ଏକ କ୍ଷୁଦ୍ର ଅଧ୍ୟାୟଟିଏ ମାତ୍ର । ଅନ୍ୟ ଏକ ବିଷୟରେ ମଧ୍ୟ ସେ ମୋତେ ଅନେକ ହଇରାଣରେ ପକାଇଛନ୍ତି । ସେ ତାଙ୍କ ଜୀବନଚରିତର ଗୋଟିଏ ସ୍ଥଳରେ ମିଷ୍ଟର୍ ମ୍ୟାକ୍‌ଲିନ୍‌ଙ୍କୁ ଉଦ୍ଧାର କରିଛନ୍ତି । ମୋତେ ଏହା ଆବିଷ୍କାର କରିବାକୁ ଅନେକ ମାସ ଲାଗିଗଲା ଯେ ସେ ଏମିତି ଶୁଣାଶୁଣିରୁ ଯାହାଙ୍କୁ ଉଦ୍ଧାର କରିଛନ୍ତି, ସେ ମ୍ୟାକ୍‌ଲିନ୍ ନୁହନ୍ତି, ୧୮୬୭ ମସିହାରେ ବେମନାଙ୍କ ଉପରେ ଏକ ପ୍ରବନ୍ଧ ଲେଖି ପ୍ରକାଶ କରିଥିବା ମେଜର୍ ଆର୍. ଏମ୍. ମ୍ୟାଗ୍‌ଡୋନାଲ୍ଡ୍ ।

ନିଜକୁ ଐତିହାସିକ ବୋଲି ଦାବୀ କରୁଥିବା ଅନ୍ୟ ଜଣେ ତେଲୁଗୁ ଲେଖକ ମଧ୍ୟ ସମପରିମାଣରେ ବିଭ୍ରାନ୍ତ ପ୍ରମାଣିତ ହେଲେ । ଅଳ୍ପ କେତେ ମାସ ତଳେ ସେ

ଯେଉଁ କ୍ଷୁଦ୍ର ପୁସ୍ତିକାଟିଏ ଲେଖି ଛପାଇଛନ୍ତି ସେଥିରେ ସେ ଠାଏ କହନ୍ତି ଯେ ସାର୍ ଉଇଲ୍ୟମ୍ ଜୋନ୍ସ ବେମନାଙ୍କୁ "ଭାରତର ପ୍ଲାଟୋ" ବୋଲି ଅଭିହିତ କରିଥିଲେ । ନୂଆଦିଲ୍ଲୀର ପାର୍ଲିମେଣ୍ଟ ଲାଇବ୍ରେରୀରେ ମୁଁ ପ୍ରାୟ ଏକ ସପ୍ତାହ ଧରି ବୃଥାରେ 'କଂପ୍ଲିଟ୍ ଓ୍ୱାର୍କସ୍ ଅବ୍ ଜୋନ୍ସ" ଘଣ୍ଟାଘଣ୍ଟି କରି କେଉଁଠି ସେ ଏହା ଉଲ୍ଲେଖ କରିଛନ୍ତି ତାହା ସନାକ୍ତ କରିବାକୁ ଗଲି । ଏପରି କରିବାର ଆବଶ୍ୟକତା ଏଇଥିପାଇଁ ପଡ଼ିଲା ଯେ ଜୋନ୍ସଙ୍କର ପୂର୍ଣ୍ଣାଙ୍ଗ ରଚନାବଳୀରେ ଦୁଃଖଦାୟକ ଭାବେ, ଶବ୍ଦାନୁକ୍ରମଣୀ ନଥିଲା । ଏହାପରେ କଲିକତାର ଜାତୀୟ ପୁସ୍ତକାଗାର ତଥା ସେହି ନଗରୀରେ ଅବସ୍ଥିତ ଏସିଆଟିକ୍ ସୋସାଇଟୀକୁ ଅନୁସନ୍ଧାନ ମୂଳକ ପତ୍ର ମୋତେ ଲେଖିବାକୁ ପଡ଼ିଲା । ସେମାନଙ୍କର ସଦୟ ଓ ତୁରନ୍ତ ଉତ୍ତରରୁ ସ୍ପଷ୍ଟ ଜଣାପଡ଼ିଲା ଯେ ଜୋନ୍ସଙ୍କ ଉଲ୍ଲେଖ ବେମନାଙ୍କ ପ୍ରତି ନୁହେଁ, ବ୍ୟାସଙ୍କ ପ୍ରତି ଉଦ୍ଦିଷ୍ଟ ଥିଲା ।

ବେମନାଙ୍କ ସଂପର୍କିତ ତେଲୁଗୁ ପୁସ୍ତକ ଗୁଡ଼ିକର ଗୁଣାତ୍ମକ ମାନ ଏହିଭଳି ଦାରିଦ୍ର୍ୟବ୍ୟଞ୍ଜକ । ଏକମାତ୍ର ବ୍ୟତିକ୍ରମ ହେଉଛି ଶ୍ରୀ ରଲ୍ଲାପଲ୍ଲି ଅନନ୍ତକୃଷ୍ଣ ଶର୍ମାଙ୍କର 'ଲେକ୍‌ଚର୍ସ୍ ଅନ୍ ବେମନା' । ତାଙ୍କର ଏହି ରଚନା ପ୍ରଥମେ ଗ୍ରନ୍ଥାକାରରେ ତଳେ ପ୍ରକାଶ ଲାଭ କରିଥିଲା । ତାହାପରଠାରୁ ଏ ସମ୍ବନ୍ଧୀୟ ସେପରି କିଛି ନୂତନ କିମ୍ବା ଉଲ୍ଲେଖନୀୟ କୃତି ପ୍ରକାଶ ପାଇ ନାହିଁ । ଇଂରାଜୀରେ ବେମନାଙ୍କ ସଂପର୍କୀୟ ତଥ୍ୟ ଯାହା ରହିଛି ତାହା ଅନେକାଂଶରେ ଉତ୍ତମ; କିନ୍ତୁ ସେ ସବୁ ସୁଲଭ୍ୟ ନୁହେଁ । ଉଦାହରଣ ସ୍ୱରୂପ ଡକ୍ଟର୍ ସି.ଆର୍. ରେଡ୍‌ଡୀଙ୍କ ରେଡ଼ିଓ ଭାଷଣ କେବଳ ଫିତାରେ ମିଳେ; କିନ୍ତୁ ଆକାଶବାଣୀ, ମାନ୍ଦ୍ରାଜରେ କର୍ମରତ ମୋର ବନ୍ଧୁ ଶ୍ରୀ ଦାଶରଥିଙ୍କ ସଦୟ ସହାୟତା ବିନା ମୁଁ ତାହାର ଟାଇପ୍‌କରା ନକଲ ପାଇ ପାରିନଥାନ୍ତି ।

ବେମନାଙ୍କ ସଂପର୍କୀୟ ତଥ୍ୟାବଳୀ ଥରେ ସଂଗୃହୀତ ହୋଇଗଲା ପରେ ପରସ୍ପର ବିରୋଧୀ ବିଷୟମାନଙ୍କର ବହଳ ଜଙ୍ଗଲ ମଧ୍ୟରେ ଆଗକୁ ବାଟ କାଢ଼ି ନେବା ଅତ୍ୟନ୍ତ ଶ୍ରମସାଧ୍ୟ ବ୍ୟାପାର ହୋଇ ପଡ଼ୁଥିବା ମୁଁ ଲକ୍ଷ୍ୟ କଲି । ଏହା ସ୍ପଷ୍ଟ ଭାବରେ ସ୍ୱୀକାର କରିବା ଉଚିତ ହେବ ଯେ ବେମନାଙ୍କ ଜୀବନ-ଇତିହାସ ଯେତେଦୂର ସଂପୃକ୍ତ, ସେ ସମ୍ବନ୍ଧରେ ନିର୍ଦ୍ଦିଷ୍ଟ କିଛି ଜଣାଯାଏ ନାହିଁ କିମ୍ବା

ଜଣାଯାଇ ପାରିବ ନାହିଁ । ସେଥିରୁ ପୁଣି ଅନେକ ହେଉଛି ବିବାଦାତ୍ମକ । ଏପରିକି ତାଙ୍କର ଗୋଟିଏ ଘୋଷାପଦ "ବିଶ୍ୱଦା-ଅଭିରାମା-ବିନୁରା-ବେମା"ର ଅର୍ଥ ହେଉଛି ଏକ ବିବାଦାସ୍ପଦ ବିଷୟ । ସାଧାରଣରେ ଗୃହୀତ ଏହାର ଅର୍ଥ-"ଶୁଣ୍, ଓ ବେମା, ସଂସାର ଆନନ୍ଦଦାୟୀ ।" କିନ୍ତୁ ଆମେ ଦେଖୁ ଯେ ପ୍ରାୟ ବିଂଶାଧିକ ବିଦ୍ୱାନ୍ ସେମାନଙ୍କ ପୂର୍ବାନୁରାଗ ବା ପକ୍ଷପାତ ଚିତ୍ତବୃତ୍ତି ବଶତଃ ସମଗ୍ର ପଦଟିକୁ ଭଙ୍ଗାଭଙ୍ଗି କରି ନିଜ ନିଜର ଅର୍ଥ ବାହାର କରିବାକୁ ଶ୍ରେୟ ମଣିଛନ୍ତି । ଯେତେ ପରିମାଣରେ ମୁଁ ବସ୍ତୁନିର୍ଭର ଓ ନିରପେକ୍ଷ ହୋଇ ପାରେ, ସେଥିପାଇଁ ପାରୁପର୍ଯ୍ୟନ୍ତ ସର୍ବୋତ୍ତମ ପ୍ରଚେଷ୍ଟା କରିଛି ଏବଂ କେତେଦୂର ମୁଁ ମେରୁଦଣ୍ଡଗତ ଭାରସାମ୍ୟ ରଖିବାରେ ସଫଳତା ଅର୍ଜନ କରିଛି, ତା'ର ବିବେଚନାର ଭାର ପାଠକମାନଙ୍କ ଉପରେ ଛାଡ଼ି ଦେଉଛି ।

ଶ୍ରୀ ଦାଶରଥିଙ୍କ ସାହାଯ୍ୟ ଏଥିପୂର୍ବରୁ ମୁଁ ସ୍ୱୀକାର କରି ସାରିଛି । ତାଙ୍କ ବ୍ୟତୀତ ଆହୁରି ଅନେକ ଅଛନ୍ତି, ଯେଉଁମାନେ ଏହି ଏକକ-ପ୍ରବନ୍ଧ-ରଚନାର ଉପାଦାନ ସଂଗ୍ରହରେ ମୋତେ ସାହାଯ୍ୟ ଯୋଗାଇଛନ୍ତି । ସ୍ୱତନ୍ତ୍ର ଭାବେ, ସେଥିପାଇଁ, "ବାଣୀ"ର ସହକାରୀ ସଂପାଦକ ଶ୍ରୀ ଡ଼: ଅନ୍ତନେୟୁଲୁ, ୟୁ.ଏସ୍.ଆଇ. ଏସ୍‌ର ଶ୍ରୀ ବି.ଏସ୍.ଆର୍. କୃଷ୍ଣା, ଫ୍ରିଡ଼ମ୍ ପ୍ରେସ୍‌ର ସ୍ୱତ୍ତ୍ୱାଧିକାରୀ ଶ୍ରୀ ବାଲସୁନ୍ଦରମ୍ (ଏମାନେ ସମସ୍ତେ ମାନ୍ଦ୍ରାଜର), ନୁଜିବିଦ୍‌ର ବିଧାନସଭା ସଦସ୍ୟ ଶ୍ରୀ ଏମ୍, ଆର୍, ଅପ୍ପା ରାଓ, ବେଟାପେଲମ୍‌ର ସାରସ୍ୱତ ନିକେତନର ଶ୍ରୀ ଏ. ଶ୍ରୀନିବାସ ରାଓ, ହାଇଦ୍ରାବାଦର ପ୍ରଫେସର ଏନ୍. ବେଙ୍କଟ ରାଓ ଏବଂ ଘଣ୍ଟାଶାଳାର ପଣ୍ଡିତ ଜି.ଭି. ସୁବାୟାଙ୍କୁ ଧନ୍ୟବାଦ ଅର୍ପଣ କରିବା ମୋ ପକ୍ଷରେ ସମୁଚିତ ହେବ ।

ଉଇଲିୟମ୍ ହାଓ୍ୱାର୍ଡ୍ କ୍ୟାଂପ୍‌ବେଲ୍‌ଙ୍କର ବେମନାଙ୍କ ସଂପର୍କିତ ରଚନାର ଟାଇପ୍ ଲିପି ମୋ ପାଇଁ ଯୋଗାଡ଼ କରିଦେବା ବ୍ୟତୀତ ଶ୍ରୀ ଅନ୍ତନେୟୁଲୁ ମୋ ପାଣ୍ଡୁଲିପିର ପ୍ରଥମ ଚାରି ଅଧ୍ୟାୟ ପଢ଼ି କେତେକ ଆବଶ୍ୟକ ପରାମର୍ଶ ଦେଇଛନ୍ତି । ଏହି ଭଳି ଅନ୍ୟ ଯେଉଁମାନେ ମୋତେ କୃତଜ୍ଞତାପାଶରେ ଆବଦ୍ଧ କରିଛନ୍ତି, ସେମାନେ ହେଲେ ଓରୁପଡର ଉଭୟ ଶ୍ରୀ ରଲ୍ଲାପଲ୍ଲି ଅନନ୍ତ କୃଷ୍ଣ ଶର୍ମା ଓ ଶ୍ରୀ ଏ. ଜାନକୀରାମ । ମୋର ବନ୍ଧୁ ଓ ସହକର୍ମୀ ବିଜୟୱାଡ଼ାର "ଆନ୍ଧ୍ରଜ୍ୟୋତି"ର ସହକାରୀ ସଂପାଦକ ଶ୍ରୀ ଏନ୍. ରାମମୋହନ ରାଓ ଏ କାର୍ଯ୍ୟର ପ୍ରତ୍ୟେକ ପର୍ଯ୍ୟାୟରେ

ମୋତେ ସାହାଯ୍ୟ କରି ଆସିଛନ୍ତି । ସେହିପରି ମଧ୍ୟ କରିଛନ୍ତି "ଆନ୍ଧ୍ରଜ୍ୟୋତି"ର ଶ୍ରୀ ଏମ୍.ଭି. ସୁବ୍ବାରାଓ । ମୁଁ ସେ ସମସ୍ତଙ୍କୁ ମୋର ସକୃତଜ୍ଞ ସାଧୁବାଦ ଅର୍ପଣ କରୁଛି ।

ପରିଶେଷରେ ବେମନାଙ୍କ ଋଣ ମୋତେ ସ୍ୱୀକାର କରିବାକୁ ହେବ । ତାଙ୍କଦ୍ୱାରା ଅନୁପ୍ରାଣିତ ହୋଇ, ଯେଉଁ ଅଟ୍ଟବେଲଡ଼ୀ ଛନ୍ଦରେ ସେ ଓଡ଼ିଆକୁ ହାତର ସ୍ପର୍ଶ ଦେଇଛନ୍ତି, ସେଥିରେ ମୁଁ ପ୍ରାୟ ଛଅଶହ ପଦ୍ୟ ଏ ପର୍ଯ୍ୟନ୍ତ ଲେଖିଛି । ମୁଁ ତାଙ୍କଠାରୁ ଯେତେ ଋଣ କରିଛି, ତା'ର ଏକ ଅତି କ୍ଷୁଦ୍ର ଅଂଶ ଏହି ଏକକପ୍ରବନ୍ଧଟି ଲେଖି ପରିଶୋଧ କରିଛି ମାତ୍ର ।

ଭି. ଆର୍. ନାର୍ଲା

ଜନମ ନୁହେଁ ମରଣ ଲାଗି

ଜନମି ତୁମେ ନଥିଲ ଖାଲି ମରଣ ଲାଗି....[କୀଟ୍ସ]

ଯେ କୌଣସି କଷଟିରେ ବେମନା (ୱେମନା) ଜଣେ ମହାନ୍ କବି । ଲୋକ-ପ୍ରିୟତା ଦୃଷ୍ଟିରୁ ବିଚାର କରାଗଲେ କି ଆଦ୍ୟ, କି ମଧ୍ୟ, କି ଆଧୁନିକ ସମସ୍ତ କାଳର ତେଲୁଗୁ କବିମାନଙ୍କ ମଧ୍ୟରେ ସେ ହେଉଛନ୍ତି ଶ୍ରେଷ୍ଠତମ । ଅନ୍ୟମାନେ ତ କେହି ତାଙ୍କର ସମକକ୍ଷ ନୁହନ୍ତି ; ଏପରିକି ମଧୁକଣ୍ଠ ପୋତନା ତାଙ୍କର ଅର୍ଦ୍ଧେକ ମାତ୍ର ଲୋକ ପ୍ରିୟତା ଅର୍ଜନ କରିଛନ୍ତି ବୋଲି କୁହାଯାଇପାରିବ ନାହିଁ । ବେମନା ସର୍ବସାଧାରଣଙ୍କର ହୃଦୟ-ସିଂହାସନର ସମ୍ରାଟ୍ । ଅଗଣିତ ସେହି ଜନମାନବଙ୍କର ଏକାନ୍ତ ଆପଣାର ଉଚ୍ଚାରଣକୁ ନେଇ ସେ ଯେପରି ସେମାନଙ୍କୁ ସମ୍ବୋଧିତ କରିଛନ୍ତି ସେମାନେ ମଧ୍ୟ ସେହିପରି ସେମାନଂକର ହୃଦୟକୁ ତାଙ୍କଠାରେ ଅଜାଡ଼ି ଦେଇଛନ୍ତି । କେତେ କେତେ ବେଳେ ସେମାନେ ହୁଏତ ତାଙ୍କ ରସନା-ପ୍ରହାରରେ ନଇଁ ପଡ଼ିପାରନ୍ତି ; କିନ୍ତୁ ସେ ଯେ କେବଳ ହିତପାଇଁ ଏପରି କରିଥାନ୍ତି ଏହା ହୃଦୟଙ୍ଗମ କରୁଥିବାରୁ ସେମାନେ ତାଙ୍କୁ ଅଧିକରୁ ଅଧିକ ଭଲ ପାଇବସନ୍ତି । ସେମାନେ ତାଙ୍କୁ ଭଲପାଆନ୍ତି କବି ଭାବରେ ଓ ଭକ୍ତି କରନ୍ତି ଜଣେ ଦାର୍ଶନିକ ଓ ସନ୍ଥ ରୂପେ । କଥାରେ ଜାଢ଼ସିବାକୁ, ସତ୍ୟକୁ ଗୁରୁତ୍ୱ ଦେବାକୁ କିମ୍ବା ନୀତିବାଣୀରେ ପ୍ରାଧାନ୍ୟ ଆରୋପ କରିବାକୁ ଯାଇ ସେମାନେ ତାଙ୍କ ଉକ୍ତିକୁ ଉଦ୍ଧାର କରନ୍ତି । ସେଥି ପାଇଁ ଭାରତୀୟ ଭାଷା ଓ ସାହିତ୍ୟମାନଙ୍କର ଅଧ୍ୟୟନରେ ଜୀବନକାଳ ବିନିଯୋଗ କରିଥିବା ଜି.ଏ. ଗ୍ରୀୟର୍ସନ୍ଙ୍କ ଭଳି ପାଶ୍ଚାତ୍ୟ ବିଦ୍ୱାନ୍ ଯେତେବେଳେ ଲକ୍ଷ୍ୟ କଲେ ଯେ ବେମନା "ଆଜିର ସମସ୍ତ ତେଲୁଗୁ ସାହିତ୍ୟକାରଙ୍କ ମଧ୍ୟରେ ସର୍ବାଧିକ ଜନପ୍ରିୟ ଏବଂ ତେଲୁଗୁରେ ଏପରି କୌଣସି ପ୍ରବଚନ ବା ସୂକ୍ତି ନାହିଁ, ଯାହା ତାଙ୍କର ବୋଲି କୁହା ନଯାଏ," ସେଥିରେ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ ।

ବେମନାଙ୍କର ଲୋକପ୍ରିୟତା କେବଳ ମାତ୍ର ଆନ୍ଧ୍ରର ସାଧାରଣ ନର-ନାରୀଙ୍କ ମଧ୍ୟରେ ଆବଦ୍ଧ ହୋଇ ରହି ନାହିଁ, ପଡୋଶୀ ଅଞ୍ଚଳକୁ ମଧ୍ୟ ବ୍ୟାପି ଯାଇଛି ।

ଅନେକ ଦିନ ତଳେ ତାଙ୍କର କେତେକ ପଦ୍ୟ ତାମିଲ ଓ କନ୍ନଡ଼ ଭାଷାରେ ଅନୂଦିତ ହୋଇଥିଲା । ଅନ୍ୟ ଭାଷାମାନଙ୍କରେ ଅନୁବାଦିତ ହେବାରେ ସେ ପ୍ରଥମ ତେଲୁଗୁ କବି ହୋଇ ଥାଇ ପାରନ୍ତି, ନ ହୋଇ ବି ପାରନ୍ତି, କିନ୍ତୁ ନିଶ୍ଚିତ ରୂପେ ଅନ୍ୟ କୌଣସି ତେଲୁଗୁ କବି ଏତେ ଗୁଡ଼ିଏ ଭାଷାରେ ଅନୁବାଦର ଗୌରବ ଲାଭ କରି ନାହାନ୍ତି ।

ଏହା ସତ୍ତ୍ୱେ ଚଳିତ ଶତାବ୍ଦୀର ଦ୍ୱିତୀୟ ଦଶନ୍ଧି ପର୍ଯ୍ୟନ୍ତ ବେମନା ତେଲୁଗୁ ସାହିତ୍ୟ ଜଗତର ଦୃଷ୍ଟି-ତଳକୁ ଅନ୍ତରିତ ହୋଇଥିଲେ । ଠିକ୍ ଏହି ସମୟ ପର୍ଯ୍ୟନ୍ତ କୌଣସି ତେଲୁଗୁ କବି, ପଣ୍ଡିତ, ସମୀକ୍ଷକ ବା ସାହିତ୍ୟ-ଇତିହାସକାର କେହି ହେଲେ ଏପରିକି ଉପର ଠାଉରିଆ ଭାବେ ହେଉ କିମ୍ବା ତାଚ୍ଛଲ୍ୟକରି ହେଉ ବେମନାଙ୍କ ସଂପର୍କରେ କିଛି ସୂଚନାହିଁ ଦେଲେ ନାହିଁ । ଗୁରୁଜାଡା ଶ୍ରୀରାମମୂର୍ତ୍ତି ଓ କନ୍ଦୁକୁରି ବୀରେଶଲିଙ୍ଗମ୍ -ତେଲୁଗୁ ସାହିତ୍ୟର ଆଦ୍ୟ ଇତିହାସ କାର ଏ ଦୁଇଜଣ-ଯାକ ସେମାନଙ୍କ ଇତିହାସରୁ ବେମନାଙ୍କୁ ବାହାରେ ରଖିବା ସମୀଚୀନ ବୋଧକଲେ । ଶ୍ରୀରାମମୂର୍ତ୍ତିଙ୍କ ରଚନାପରି ନ ହୋଇ ବୀରେଶଲିଙ୍ଗମ୍‌ଙ୍କର "ଆନ୍ଧ୍ର କବୁଲ ଚରିତାମୁ" (ତେଲୁଗୁ କବି-ଜୀବନୀ) ଏକ ଦୃଢ଼ ନିବନ୍ଧ କୃତି ଭାବେ ୧୮୯୧ ମସିହାରେ ପ୍ରଥମ ପ୍ରକାଶନ ଲାଭ କଲାବେଳେ ଏଥିରେ ବେମନା ବାଦ୍ ପଡ଼ିଛନ୍ତି । ଅଧିକ ତଥ୍ୟ ଯୋଗ ସହିତ ୧୯୧୭ରେ ଏହି ପୁସ୍ତକର ଯେଉଁ ଦ୍ୱିତୀୟ ସଂସ୍କରଣ ପ୍ରକାଶ ପାଇଛି, ସେଥିରେ ୨୨୦ ଜଣ କବିଙ୍କ ନାମୋଲ୍ଲେଖ ଥିଲେ ହେଁ ଆୟାସ ସହକାରେ ବେମନାଙ୍କୁ ବାହାରେ ରଖାଯାଇଛି ।

ଅଧିକତର ଅଭ୍ରାନ୍ତ ଭାବେ କହିବାକୁଗଲେ ଶ୍ରୀରାମମୂର୍ତ୍ତି କିମ୍ବା ବୀରେଶଲିଙ୍ଗମ କେହି ହେଲେ ପ୍ରକାଶମାନତା ଲାଭ କରିବା ପୂର୍ବରୁ ୧୮୨୯ ସୁଦ୍ଧା କାଭଲ୍ଲୀ ବେଙ୍କଟ ରାମସ୍ୱାମୀ ତାଙ୍କର "ବାଇଓଗ୍ରାଫିକାଲ୍ ସ୍କେଚେସ୍ ଅବ୍ ଡେକାନ ପୋଏଟ୍ସ୍" (ଦାକ୍ଷିଣାତ୍ୟ-କବିମାନଙ୍କର ସଂକ୍ଷିପ୍ତ ଜୀବନୀ) ଶୀର୍ଷକ ଗ୍ରନ୍ଥ ପ୍ରକାଶ କରିଥିଲେ । ତାଙ୍କ ନିଜସ୍ୱ ବର୍ଣ୍ଣନା ଅନୁଯାୟୀ ଏହି ଗ୍ରନ୍ଥଟିରେ "ସମସ୍ତ ବିଶେଷରେ ଭାରତୀୟ ଉପ-ମହାଦେଶରେ ବିଦ୍ୟମାନ ଓ ବିକଶିତ ହୋଇଥିବା ପ୍ରଖ୍ୟାତଯଶା ପ୍ରାଚୀନ ତଥା ନବୀନ କବିମାନଙ୍କର ଜୀବନ ଚରିତ ମୌଳିକ ଓ ପ୍ରାମାଣିକ ତଥ୍ୟାବଳୀ ସହାୟତାରେ ସଂକଳନ କରା ଯାଇଛି ।" ଭାରତୀୟ ଲେଖକଙ୍କ ଦ୍ୱାରା ଲିଖିତ ସର୍ବପ୍ରଥମ ଇଂରାଜୀ

ପୁସ୍ତକ ଭାବରେ ଘଟଣାକ୍ରମେ ପ୍ରକାଶ ଲାଭ କରିଥିବା ଏହି ଗ୍ରନ୍ଥଟିରେ ତେଲୁଗୁ କବିମାନଙ୍କପ୍ରତି ପକ୍ଷପାତିତା କରାଯାଇଛି । ଏଥିରେ ସମୁଦାୟ ଯେଉଁ ୧୦୮ ଜଣ କବିଙ୍କ ବିଷୟ ରହିଛି, ସେଥିରୁ ୪୭ ଜଣ ହେଉଛନ୍ତି ତେଲୁଗୁ କବି ; ମାତ୍ର ବେମନା ସେମାନଙ୍କ ମଧ୍ୟରୁ ଜଣେ ନୁହନ୍ତି ।

ବେମନାଙ୍କର ଭାଷା ଯେବେ ଅତି ପ୍ରାଚୀନକାଳର ହୋଇଥାନ୍ତା, ତାଙ୍କର ବାଗ୍‌ବିନ୍ୟାସ ଯେବେ ଭାରାକ୍ରାନ୍ତ ହୋଇଥାନ୍ତା, ତାଙ୍କର ଭାବଧାରା ଯେବେ ଅପ୍ରଚଳିତ ହୋଇଥାନ୍ତା ତେବେ ତାଙ୍କୁ କାହିଁକି ନୀରବତାର ସହି ଉପେକ୍ଷା କରା ଯାଇଛି, ତାହା ଜଣେ ବୁଝି ପାରନ୍ତା । ସତ୍ୟଟି କିନ୍ତୁ ଠିକ୍ ଏହାର ବିପରୀତ । ଅର୍ଥାତ୍ ତାଙ୍କର ଭାଷା ଶୁଦ୍ଧ ଓ ପ୍ରାଣବନ୍ତ ; ତାଙ୍କର ବାଗ୍‌ବିନ୍ୟାସରେ ରହିଛି ସ୍ୱଚ୍ଛତା ଓ ମସୃଣତା ; ବିଦ୍ୟୁତ୍‌ର ଚମକ ସମଗ୍ର ଦିଗ୍‌ଚକ୍ରବାଳକୁ ଉଦ୍‌ଭାସିତ କଲା ଭଳି ତାଙ୍କ ଉପମାବଳୀ ସର୍ବଦା ଯେପରି ସଦ୍ୟ ଓ ପ୍ରତ୍ୟୟଯୁକ୍ତ ସେହିପରି ସତ୍ୟ-ସମ୍ବନ୍ଧିତ । ଏହାର କେତେକ ଗୁରୁତ୍ୱପୂର୍ଣ୍ଣ ବିଷୟକୁ ବିଚାରକୁ ନେଲେ ଏଥିରେ ସନ୍ନିହିତ ତାଙ୍କର ଚିନ୍ତାଧାରା କେବଳ ତାଙ୍କ ସମୟକୁ ନୁହେଁ ଆଧୁନିକ କାଳଠାରୁ ମଧ୍ୟ ବହୁ ଅଗ୍ରବର୍ତ୍ତୀ ଜଣାଯାଏ । ସବୁ ଯଥାର୍ଥ ଓ ମହାନ କବିତାରେ ଥିବା ଭଳି ତାଙ୍କ କବିତାରେ ରହିଛି ମୌଳିକ ଅନ୍ତର୍ଦୃଷ୍ଟି ଓ ଉଚ୍ଚକୋଟୀର ଉଦ୍ଧୃତିଗତ ଯୋଗ୍ୟତା । ରାଜା ଜେମ୍‌ସ୍‌ଙ୍କର ବାଇବେଲ୍ ଓ ସେକ୍‌ସପିୟରର ସେମାନଙ୍କର କୃତିତ୍ୱ ଅନୁଯାୟୀ ସହସ୍ର ସହସ୍ର ନୂତନ ରୂଢ଼ି ଓ ବାକ୍ୟାଂଶ ଇଂରାଜୀ ବାଙ୍ମୟକୁ ଯୋଗାଇ ଦେଇ ଯାଇଛନ୍ତି । ତେଲୁଗୁ ବାଙ୍ମୟ ମଧ୍ୟ ସେମାନଙ୍କଠାରେ ଅନୁରୂପ ଦୃଷ୍ଟିରୁ ବିଶାଳ ଋଣରେ ଋଣୀ । ସେ ଏହାକୁ ଏକ ଅଭିନବ ଶାଣିତ ତୀକ୍ଷ୍ଣତା, ଏକ ନବୀନ ସାମର୍ଥ୍ୟ ଓ ପ୍ରାୟଶଃ ଏକ ସମ୍ପୂର୍ଣ୍ଣ ନୂତନ ପରିସର ପ୍ରଦାନ କରିଛନ୍ତି । ତେବେ କାହିଁକି ଅନେକାନେକ ଦୀର୍ଘ ପାରଂପାରିକତା ମଧ୍ୟରେ ଏକାନ୍ତ ଅଟଳ ଭାବେ ତେଲୁଗୁ ସାହିତ୍ୟକାରଙ୍କ ଦ୍ୱାରା ବେମନାଙ୍କ ପ୍ରତି ନୀରବ ଘୃଣା ପ୍ରଦର୍ଶିତ ହୋଇ ଆସିଛି ? ଏ ପ୍ରଶ୍ନର ସ୍ପଷ୍ଟ ଉପସ୍ଥାପନ ଭଳି ଏହାର ଉତ୍ତର-ଲାଭ ମଧ୍ୟ ଅବାଧ ହେବା ଆବଶ୍ୟକ ।

ପ୍ରଥମରୁ ଦେଖିବାକୁ ଗଲେ ବେମନା ବେଦାଦି ଶାସ୍ତ୍ର ଓ ବୈଦିକ ଯଜ୍ଞାନୁଷ୍ଠାନମାନଙ୍କ ପ୍ରତି ବିଦ୍ରୁପାତ୍ମକ ଭାବ ପୋଷଣ କରନ୍ତି । ପୁରାଣ ଓ ଏଥିରେ

ବର୍ଣ୍ଣିତ ଷୀରମାନଙ୍କୁ, ଧର୍ମଶାସ୍ତ୍ର ଓ ସେଥିରେ ଥିବା ଅସମ ସାମାଜିକ ନ୍ୟାସ୍ତ-ବ୍ୟବସ୍ଥାବଳୀକୁ ଓ ବସ୍ତୁତଃ ଦୈବତ ପ୍ରେରଣା-ସୃଷ୍ଟ ବୋଲି ଦାବୀ କରାଯାଉଥିବା ସମସ୍ତ ଶାସ୍ତ୍ର ଓ ସେ ସବୁର ଅଭ୍ରାନ୍ତ କର୍ତ୍ତୃତ୍ୱକୁ ସେ ଅବଜ୍ଞା କରନ୍ତି । ସେ ପୁରାପୁରି ମୂର୍ତ୍ତି-ପୂଜା ବିରୋଧୀ । ସକଳ ପ୍ରକାର ମୂର୍ତ୍ତି-ପୂଜା ପ୍ରତି ତାଙ୍କର ଏ ବିରୋଧ କେବଳ ଅନମନୀୟ ନୁହେଁ, ଯେଉଁମାନେ ଏହାର ଯୁକ୍ତିଯୁକ୍ତତା ପ୍ରତିପାଦନ କରିବାକୁ ଚେଷ୍ଟା କରନ୍ତି ସେମାନଙ୍କ ପ୍ରତି ତାଙ୍କର ନାହିଁ ସାମାନ୍ୟତମ ସହୃଷ୍ଟ୍ରୁ-ଭାବ । ସେ ହେଉଛନ୍ତି ଏକ ସମାଜ-ବିଦ୍ରୋହୀ । ଜାତିପ୍ରଥାକୁ ମୁଣ୍ଡରେ ଥୋଇଥିବା ବ୍ୟକ୍ତିମାନଙ୍କ ସହିତ ସେ ପ୍ରତିନିସ୍ତୃତ ଯୁଦ୍ଧରତ । ଅସ୍ପୃଶ୍ୟତାର ପ୍ରଚଳନ ବ୍ୟବସ୍ଥା ପ୍ରତି ପୁଣି ତାଙ୍କର ଅଛି ପ୍ରଚଣ୍ଡ ବିରୋଧିତା । ତାଙ୍କ ଦୃଷ୍ଟିରେ ଏହା ମଣିଷର ମଣିଷ ପ୍ରତି ଜଘନ୍ୟତମ ଅପରାଧ । ସେଥିପାଇଁ ଏହି ସବୁ ଦୃଷ୍ଟିରୁ ଧର୍ମୀୟ ରକ୍ଷଣଶୀଳତାର ମାନଦଣ୍ଡରେ ସେ ହେଲେ ଜଣେ ପାଷଣ୍ଡ, ଅର୍ଥାତ୍ ନାସ୍ତିକ ଓ ଧର୍ମଦ୍ୱେଷୀ । ତାଙ୍କର ନାମ ପର୍ଯ୍ୟନ୍ତ ତୁଣ୍ଡରେ ଧରିବା ଘୋର ପାପର ବିଷୟ ।

ଦ୍ୱିତୀୟତଃ ବେମନା ଶିବଭକ୍ତ ହେଲେହେଁ ଶୈବ ଧର୍ମଧାରୀର ବାହ୍ୟାଚାର ଯଥା :— ଲିଙ୍ଗମ୍ଟିଏ ପରିଧାନ କରିବା, ଉପବାସ ପାଳନ କରିବା ଓ ସାରା ରାତି ଉଜାଗର ରହିବା କିମ୍ବା ତୀର୍ଥ ଯାତ୍ରାରେ ଯିବା କାର୍ଯ୍ୟମାନଙ୍କର ସେ ଘୋର ନିନ୍ଦା କରନ୍ତି । ଏହି ସବୁ ଆଚରଣ ପଦ୍ଧତି ପ୍ରତି ତାଙ୍କର ନିନ୍ଦାବାଦ ଏପରି ତାଚ୍ଛଲ୍ୟ-ବ୍ୟଞ୍ଜକ ଯେ ସେ ଲିଙ୍ଗ-ପରିଧାନକାରୀଙ୍କୁ କହନ୍ତି, 'ବୃହଦଭଣ୍ଡ' । ଅପେକ୍ଷାକୃତ ପୁରାତନ ଲେଖକମାନଙ୍କ ମଧ୍ୟରେ ଥିବା ଶୈବପନ୍ଥୀଗଣ ଏତଦ୍ଦ୍ୱାରା ଆହତ ବୋଧ କରିବାରୁ ସେମାନେ ମଧ୍ୟ ତାଙ୍କ ସମ୍ପର୍କରେ ନୀରବତା ଅବଲମ୍ବନର ଷଡ଼ଯନ୍ତ୍ରରେ ସାମିଲ୍ ହୋଇଗଲେ ।

ତୃତୀୟତଃ ବେମନା ହେଉଛନ୍ତି ଜଣେ ଶୂଦ୍ର । ତେଲୁଗୁ କାବ୍ୟତନ୍ତ୍ରର ବିଶିଷ୍ଟ ପ୍ରବକ୍ତା ଅପ୍ପକବି ଯେଉଁ ନିୟମ ନିର୍ଦ୍ଧାରଣ କରିଛନ୍ତି, ସେଥିରେ ବିନା ବିଚାର-ବିବେଚନାରେ ଶୂଦ୍ରକବିଙ୍କ କୃତିକୁ ଅଗ୍ରାହ୍ୟ କରିବା ଲାଗି ନିର୍ଦ୍ଦେଶ ଦିଆ ଯାଇଛି । ବସ୍ତୁତଃ ଉଚ୍ଚଜାତିର ବ୍ୟକ୍ତିମାନଙ୍କର ଶୂଦ୍ର କବିମାନଙ୍କପ୍ରତି ସାଧାରଣତଃ ଘୃଣାଭାବ ଏପରି ତୀବ୍ର ଥିଲା ଯେ ମାନ୍ଦ୍ରାଜ ସିଭିଲ୍ ସର୍ଭିସ୍ର କର୍ମଚାରୀ ଚାର୍ଲସ୍ ଫିଲିପ୍ ବ୍ରାଉନ୍

କଲେଜ୍ ବୋର୍ଡ ପାଇଁ " ଦ ଭର୍ସେସ୍ ଅବ୍ ବେମନା: ମୋରାଲ, ରିଲିଜିୟସ୍ ଆଣ୍ଡ୍ ସାଟାୟାରିକାଲ୍ " ଶୀର୍ଷକ ଯେଉଁ ଗ୍ରନ୍ଥଟି ୧୮୨୯ରେ ପ୍ରକାଶ କରିଥିଲେ ସେଥିରୁ ୪୫୦ ଖଣ୍ଡ କେଉଁଆଡ଼େ ରହସ୍ୟଜନକଭାବେ ଉଭାନ୍ ହୋଇଗଲା । (ସେଥିରୁ ଅବଶିଷ୍ଟ ୫୦ ଖଣ୍ଡ ତାଙ୍କୁ ସଂକଳକ ଓ ସଂପାଦକ ହିସାବରେ ଅବଶ୍ୟ ମିଳିଥିଲା) ସେ ବହିଗୁଡ଼ିକୁ ଠାବ କରିବା ପାଇଁ ବ୍ରାଉନ୍‌ଙ୍କୁ ଦଶବର୍ଷ ଲାଗିଗଲା । କଲେଜ୍ ବୋର୍ଡ଼ରେ ଥିବା ଉଚ୍ଚଜାତିର ପଣ୍ଡିତମାନଙ୍କ ସହାୟତାରୁ ଯୋଗୁଁ ହଜିଯାଇଥିବା ସେହି ବହିଗୁଡ଼ିକ ଗୁଡ଼ାହୋଇ, ବଡ଼ାବନ୍ଧା ଯାଇ ଅଦରକାରୀ କାଗଜପତ୍ର ଭଳି କଲେଜ ପୁସ୍ତକାଗାରର ଅଳିଆଖନାରେ ଫିଙ୍ଗା ଯାଇଥିଲା ।

ବେମନାଙ୍କ ପ୍ରତି ଘୃଣାଭାବ ଏପରି ବଳବତ୍ତର ଓ ଅଟଳ ଥିଲା ଯେ ମାନ୍ଦ୍ରାଜ ଦେଶୀୟ ସୈନ୍ୟବାହିନୀର ଜନୈକ ମେଜର ଆର୍ ଏମ୍ ମ୍ୟାଗ୍‌ଡ଼ୋନାଲ୍‌ଡ୍ ୧୮୬୬ରେ "ମାଗ୍ରସ୍ ଜର୍ଣ୍ଣାଲ୍ ଅବ୍ ଲିଟରେଚର ଆଣ୍ଡ ସାଇନ୍‌ସ୍‌ରେ ଲେଖିଲା ବେଳେ କେତେକ ଦୃଷ୍ଟିକୋଣରୁ ଏ ସଂପର୍କରେ ଟିପ୍ପଣୀ ଦେବାକୁ ଶ୍ରେୟମଣିଥିଲେ । ଏଠାରେ ପୂର୍ଣ୍ଣତଃ ଉଦ୍ଧୃତ ହେବା ଲାଗି ତାଙ୍କର ସେହି ଟିପ୍ପଣୀ ଉପଯୁକ୍ତ ମନେ ହୁଏ : "ତାଙ୍କର ପୋପ୍ ଲକ୍ଷ୍ୟ କରନ୍ତି ଯେ ବେମନାଙ୍କ ଲେଖାସବୁ ତେଲୁଗୁମାନଙ୍କ ମଧ୍ୟରେ ଅତ୍ୟନ୍ତ ଜନପ୍ରିୟ । ମୋର ବିଶ୍ୱାସ, ତାଙ୍କର ଏହି ଜନପ୍ରିୟତା ସମଗ୍ରତଃ ଶୂଦ୍ରମାନଙ୍କ ମଧ୍ୟରେ ସୀମାବଦ୍ଧ । ଯେଉଁମାନେ ସେମାନଙ୍କ ଭିତରୁ ହିନ୍ଦୁଧର୍ମରେ ଯଥାର୍ଥ ବିଶ୍ୱାସୀ, ସେମାନେ ପ୍ରତ୍ୟେକ ତାଙ୍କୁ ଊଣାଅଧିକେ ସେହିଭଳିଭାବେ ଗ୍ରହଣ କରନ୍ତି ଯେଉଁଭଳି ଖ୍ରୀଷ୍ଟ ଧର୍ମମତରେ ବିଶ୍ୱାସୀ ପଲ୍ଲୀଯାଜକ କଲେନ୍‌ସୋଙ୍କୁ ମନେ କରିଥାଏ । ଏଭଳି ମନୋବୃତ୍ତି ସେତିକବେଳେ ସ୍ପଷ୍ଟ ବାରି ହୋଇଗଲା, ଯେତେବେଳେ ବେମନାଙ୍କୁ ସରକାରୀ ବିଦ୍ୟାଳୟର ପାଠ୍ୟପୁସ୍ତକମାନଙ୍କରେ ସ୍ଥାନ ଦିଆଗଲା । ଉଭୟ ଶିକ୍ଷିତ ଓ ଶିକ୍ଷାର୍ଥୀଙ୍କ ମହଲରେ ଏ ଆଦେଶକୁ ଏଡ଼ାଇ ଦିବା ପାଇଁ ସର୍ବମନ୍ତ୍ରେ ଉଦ୍ୟମ କରାଗଲା । ଦୃଷ୍ଟାନ୍ତ ସ୍ୱରୂପ ଯେଉଁ ଶ୍ରେଣୀ ପାଇଁ ଏହା ଉଦ୍ଦିଷ୍ଟ ଓ ପ୍ରବର୍ତ୍ତିତ କରାଗଲା, କେତେକ କ୍ଷେତ୍ରରେ ନାନାଦି ଛଳନା ମାଧ୍ୟମରେ ସେ ଶ୍ରେଣୀରେ ଏହାର ପ୍ରଚଳନକୁ ସ୍ଥଗିତ ରଖାଗଲା । ଅନ୍ୟ କେଉଁ କେଉଁ ସ୍ଥଳରେ ଯେଉଁଠି ବା ଏହା ପଢ଼ାଗଲା, ସେଠାରେ ଶିକ୍ଷକମାନେ ଆପେ ଆପେ ପଦ୍ୟର କେତେକ ଅଂଶକୁ ନପଢ଼ାଇ ଗ୍ରାଡ଼ି ଦେଇଗଲେ କାରଣ ସେ ସବୁଥିରେ ସେମାନଙ୍କ

ଧର୍ମ ଉପରେ ଅଶ୍ରଦ୍ଧ ଓ ଅପବାଦ ଆକ୍ରମଣ କରା ଯାଇଥିବାର ସେମାନେ ମନେକଲେ । ବିଶେଷତଃ ବ୍ରାହ୍ମଣମାନେ ଏକାନ୍ତ ଭବ୍ୟଗ୍ରାହିତରେ ଏହି ସାହିତ୍ୟସ୍ରଷ୍ଟାଙ୍କ ପ୍ରତି ଘୃଣାଭାବ ପ୍ରଦର୍ଶନ କରନ୍ତି ଏବଂ ଏଭଳି କରିବାର କାରଣ ସ୍ୱରୂପ ସେମାନେ ଜଘୋଲ୍ଲାସ-ଜନିତ ବିଦ୍ରୁପ ପ୍ରକାଶକରି ତାଙ୍କର ଅଶ୍ଳୀଳ ପଦବନ୍ଧଗ୍ରାହି ଓ ତାହାଁର ଭାବଗତ ଉଲଙ୍ଗତା ପ୍ରତି ବରିବର ଅଙ୍ଗୁଳି ନିର୍ଦ୍ଦେଶ କରିଥାନ୍ତି ।”

ଏହାର ତିରିଶ ବର୍ଷ ପରେ ମଧ୍ୟ ଅବସ୍ଥା ସେପରି କିଛି ଭଲ ହେଲା ନାହିଁ । କାରଣ ୧୮୯୮ରେ ‘ମାଡ୍ରାସ୍ ଖ୍ରୀଷ୍ଟିଆନ୍ କଲେଜ୍ ମ୍ୟାଗାଜିନ୍’ରେ ଜନୈକ ଧର୍ମ ପ୍ରଚାରକ ଉଇଲିୟମ୍ ହାଓ୍ୱାର୍ଡ କ୍ୟାପ୍‌ବେଲ୍‌ଙ୍କୁ ଲେଖି ଲିପିବଦ୍ଧ କରିବାକୁ ହୋଇଥିଲା ଯେ “ବ୍ରାହ୍ମଣମାନେ ସଦା ସର୍ବଦା ତାଙ୍କ ଉପଦେଶାବଳୀର (ବେମନାଙ୍କର) ତୀବ୍ର ବିରୋଧୀ କରି ଆସୁଛନ୍ତି ଏବଂ ଏବେ ମଧ୍ୟ ସେମାନେ ତାଙ୍କ ସମ୍ପର୍କରେ ଘୃଣା-ବ୍ୟଞ୍ଜକ ମନ୍ତବ୍ୟ ପ୍ରଦାନ କରନ୍ତି ।”

ଚତୁର୍ଥତଃ ବେମନା ସାଧାରଣ ସଙ୍କୀର୍ଣ୍ଣ ଦୃଷ୍ଟିକୋଣରୁ ଜଣେ ବିଦ୍ୱାନ ନୁହନ୍ତି । ପୂର୍ବରୁ ଯାହା କୁହା ଯାଇଛି, ତଦନୁଯାୟୀ ସେ ହେଉଛନ୍ତି ଲୋକ ଭାଷାର ବିଶାରଦ । ଯେଉଁ ଶବ୍ଦ ସବୁ ସେ ବ୍ୟବହାର କରନ୍ତି ସେଥିରୁ ପ୍ରତ୍ୟେକଟିର ସୂକ୍ଷ୍ମ ପ୍ରାୟୋଗିକ ପାର୍ଥକ୍ୟ ସମ୍ପର୍କରେ ସେ କେବଳ ଅବହିତ ନୁହନ୍ତି, ପ୍ରାଚୀନ ଶବ୍ଦମାନଙ୍କୁ ନୂତନ ଅର୍ଥରେ ବ୍ୟବହାର କରିବାରେ ମଧ୍ୟ ଏକାନ୍ତ ପାରଦର୍ଶୀ । ବିପୁଳ ତଥା ବିବିଧ ଲୋକୋକ୍ତି ଓ ପ୍ରବଚନ ସହ ସେ ଯେପରି ପରିଚିତ, ଆପଣା ଜ୍ଞାନ-ଖଣିର ଖଣିଜଦ୍ରବ୍ୟ ଯୋଗେ ନବାନବ ପ୍ରବଚନ ସୃଷ୍ଟି କରିପାରିବାର ପ୍ରତିଭାରେ ସେପରି ବର୍ଜିତ । ସେ ଭାବ ପ୍ରକାଶନରେ ସଂକ୍ଷିପ୍ତ ଅଥଚ ରସୋଦ୍ଦୀପକ । ଯେତେବେଳେ ତାଙ୍କର ଭାବ ସେଭଳି ପ୍ରଗାଢ଼ ଥାଏ, ସେ ପ୍ରବାଦ, ଆପ୍ତବାକ୍ୟ ସତ୍ୟ-ଭକ୍ତି, ପ୍ରବଚନ, ନୀତିବାଣୀ ଓ ଉପଦେଶାବଳୀ ଅଝଣ୍ଡ ଧାରାରେ ଅଜାଡ଼ି ଦିଅନ୍ତି । କିନ୍ତୁ ତେଲୁଗୁ ସାହିତ୍ୟର ପଣ୍ଡିତମାନଙ୍କ ପାଇଁ ଏ ସବୁ ଯଥେଷ୍ଟ ନୁହେଁ । ଯେଉଁମାନେ କେବଳ ‘ଅମରକୋଷମ୍’ ଓ ଅନ୍ୟାନ୍ୟ ଅଭିଧାନକୁ ମୁଖସ୍ଥ କରିଥାନ୍ତି, ବ୍ୟାକରଣ ଓ ଛନ୍ଦଃ-ଶାସ୍ତ୍ରର କଠୋର ନିୟମାନୁଯାୟୀ ଲେଖନୀ ଚାଳନା କରନ୍ତି, ଉଚ୍ଚନାସା, ଦନ୍ତ-ଭଗ୍ନକାରୀ ସଂସ୍କୃତ ସନ୍ଧିସମାସାନ୍ତ ପଦ ବ୍ୟବହାର କରନ୍ତି, ପାଖରେ ଅଳଂକାର

ଶାସ୍ତ୍ର ଋଷି ପୁରୁଣା, ଘସରି ଉପମା, ରୂପକାଦି ପ୍ରୟୋଗ କରି ପଦ ବାନ୍ଧି ଆତ୍ମ ବଡ଼ିମା ବଖାଣନ୍ତି—ସଂକ୍ଷେପରେ କହିଲେ ଯେଉଁମାନେ ପାରଂପରିକ ବିଦ୍ୟା ଆୟତ୍ତ ପୂର୍ବକ ପରଂପରା-ସ୍ୱୀକୃତ ଉପଜୀବ୍ୟକୁ ନେଇ ଗତାନୁଗତିକ ଧାରାରେ ରଚନା କରିଯାନ୍ତି, ସେହିମାନେହିଁ କେବଳ ସମ୍ଭ୍ରାନ୍ତ କବି ମଣ୍ଡଳୀରେ ସ୍ଥାନ ଲଭି କରିପାରନ୍ତି; ଅନ୍ୟମାନେ ଦେଶୀୟ ବୌଦ୍ଧିକତା ଓ ପ୍ରଜ୍ଞାରେ ଯେତେ ସମୃଦ୍ଧି ହାସଲ କରନ୍ତୁ, ଆପଣା ଚିନ୍ତାଧାରା ଓ ଅଭିବ୍ୟକ୍ତିରେ ଯେତେ ମୌଳିକ ହୁଅନ୍ତୁ ନା କାହିଁକି, ସେମାନେ ସ୍ୱଳ୍ପ-ବିଦ୍ୟ ବୋଲି ଉପେକ୍ଷିତ ହୋଇ ପଡ଼ନ୍ତି ।

···ଏବଂ ଶେଷତଃ ବେମନା ରାଜା, ରାଜଦରବାର କମ୍ବା ଦରବାରୀ କବି ମାନଂଙ୍କ ପ୍ରତି ସମ୍ମାନଦାୟୀ ନୁହନ୍ତି । କୌଣସି ପୃଷ୍ଠ ପୋଷକକୁ ତୁଷ୍ଟ କରିବା ତଥା ଗୁଜୁରାଣ ମେଣ୍ଟାଇବା ପାଇଁ କବିତା ରଚନା ନୀଚକର୍ମୀ କବିଙ୍କ କାର୍ଯ୍ୟ ବୋଲି ସେ କହନ୍ତି । କେବଳ ଯେଉଁ ବ୍ୟକ୍ତି ବଳିଷ୍ଠ ମାନସିକତା ସଂପନ୍ନ ହୋଇଥିବେ, ଚିନ୍ତା-ରାଜ୍ୟରେ ମୁକ୍ତ ଓ ନିର୍ବାଧ ଥିବେ ସେହି ସତ୍‌କବି ହୋଇ ପାରିବେ ଓ ନିଜ ରଚନା ମାଧ୍ୟମରେ ଦୀର୍ଘସ୍ଥାୟୀ ବାର୍ତ୍ତା ପ୍ରଦାନ କରି ପାରିବେ ବୋଲି ସେ ବିଶ୍ୱାସ କରନ୍ତି । ଯେଉଁ ପାଣ୍ଡିତ୍ୟ ଓ ବିଦ୍‌ବତ୍ତା ଜୀବନ ଓ ମୃତ୍ୟୁଭଳି ଚୂଡ଼ାନ୍ତ ବାସ୍ତବତା ପ୍ରତି ଦୃଷ୍ଟିପାତ କରିବାରେ ଓ ମାନବ ଜାତିର ସେବାରେ ବିନିମୁକ୍ତ ନ ହୁଏ, ତାହା ଅନାବଶ୍ୟକ ଭୂଷଣ ବୋଲି ସେ ଦୃଢ଼ ମତ ବ୍ୟକ୍ତ କରନ୍ତି । ପ୍ରାୟ ସମସ୍ତ କବି, ଯେଉଁମାନେ ନିକଟ ଅତୀତ କାଳ ପର୍ଯ୍ୟନ୍ତ କୌଣସି ନା କୌଣସି ରାଜଦରବାର ସହ ଜଡ଼ିତ ଥିଲେ ଏବଂ କ୍ଷମତା ତଥା ଐଶ୍ୱର୍ଯ୍ୟଶାଳୀ ବ୍ୟକ୍ତିମାନଙ୍କର ଅନୁଗ୍ରହ ବାଞ୍ଛା କରୁଥିଲେ ସେମାନେ ବେମନାଙ୍କର ଏତାଦୃଶ ଔଦ୍ଧତ୍ୟ ଲାଗି ତାଙ୍କୁ ଘୃଣା ଚକ୍ଷୁରେ ଦେଖିବା ସଙ୍ଗେ ସଙ୍ଗେ ସେମାନଙ୍କ ସାହିତ୍ୟିକ ଅସ୍ତ୍ରାଗାରର ଅନ୍ୟତମ ଶକ୍ତିଶାଳୀ ଅସ୍ତ୍ର ନୀରବ ଅବମାନନା ଦ୍ୱାରା ତାଙ୍କୁ ହତ୍ୟା କରିବାକୁ ଚେଷ୍ଟା ଚଳାଇଲେ । କିନ୍ତୁ ଯେଉଁ ବୀରେଶଲିଙ୍ଗମ ନିଜେ ଥିଲେ ଜଣେ ସମାଜ ଓ ଧର୍ମ ସଂସ୍କାରକ, ସେ କାହିଁକି ଏହି ମନ୍ଦମତି ଗୋଷ୍ଠୀ ସହ ସାମିଲ୍ ହୋଇଗଲେ ? ବେମନାଙ୍କର ବୋଲି ଆରୋପିତ କେତେକ ଲଂପଟ୍ୟ ବ୍ୟଞ୍ଜିତ ଓ ଅଶ୍ଳୀଳ ପଦ୍ୟ ଯାହା ଅଂଶତଃ ତାଙ୍କର ଗ୍ରାମ୍ୟ ଭକ୍ତମଣ୍ଡଳୀ ଓ ଅନ୍ୟ ପକ୍ଷରେ କେତେକ ଖଳ ପ୍ରକୃତିକ ତାଙ୍କର ମାନହାନି-

କାରୀ ଓ କଳଂକ ରଚନାକାରୀଙ୍କ ଦ୍ୱାରା ବିଶେଷ ଦୃଷ୍ଟିକୁ ଅଣାଯିବାରୁ ବୋଧହୁଏ ବୀରେଶାଲିଙ୍ଗମ୍‌ଙ୍କର ଏମର୍ଓ୍ୱେଲୀୟ ଶୁଦ୍ଧବାଦିତା କ୍ଷୁଣ୍ଣ ହୋଇ ଥାଇ ପାରେ ।

ତେଲୁଗୁ ସାହିତ୍ୟ ସଂସ୍ଥାରେ ବେମନା ଦୀର୍ଘକାଳ ଧରି ଏକ ଅଭିଶପ୍ତ ବ୍ୟକ୍ତିତ୍ୱ ରୂପେ ଗୃହୀତ ହୋଇ ଥିଲେହେଁ ଯେଉଁ କେତେକ ପାଶ୍ଚାତ୍ୟ ଚିନ୍ତକ ଓ ଲେଖକ ତାଙ୍କ ରଚନାର କିଛି ମାତ୍ର ଅଂଶର ପରିଚୟ ପାଇଛନ୍ତି, ସେମାନେ ସେଥିରେ ମୁଗ୍ଧ ହୋଇଛନ୍ତି । ଏମାନଙ୍କ ମଧ୍ୟରେ ସର୍ବ ପ୍ରଥମ ହେଉଛନ୍ତି ଫରାସୀ ଯାଜକ ଜେ, ଏ ଦୁବଇ । 'ହିନ୍ଦୁ ମ୍ୟାନର୍ସ, କଷ୍ଟମସ୍ ଆଣ୍ଡ୍ ସେରିମନିଜ୍' ଶୀର୍ଷକ ତାଙ୍କର ପୁସ୍ତକର ୧୮୭୧ରେ ଯେଉଁ ଇଂରାଜୀ ସଂସ୍କରଣ ପ୍ରକାଶ ପାଇଥିଲା, ସେଥିରେ ଦାର୍ଶନିକତା ବ୍ୟଞ୍ଜିତ କବିତାର କେତେକ ଭାରତୀୟ କବିଙ୍କ ବିଷୟରେ ମନ୍ତବ୍ୟ ପ୍ରକାଶ କରି ସେ କହିଛନ୍ତି—

"ଏମାନଙ୍କ ମଧ୍ୟରେ ଜଣେ ସର୍ବାଧିକ ପ୍ରସିଦ୍ଧ ହେଉଛନ୍ତି ବେମନା······। ଆମ୍ଭମାନଙ୍କୁ ଅବଗତ କରାଯାଇଛି ଯେ ଏହି ଦାର୍ଶନିକ ଥିଲେ ରେଡ୍‌ଡୀ ଜାତିର । ସେ କୁଡ୍‌ଡାପହ୍ ଜିଲ୍ଲାରେ ଜନ୍ମଗ୍ରହଣ କରିଥିଲେ ଓ ସପ୍ତଦଶ ଶତାବ୍ଦୀର ଶେଷପ୍ରାନ୍ତରେ ମୃତ୍ୟୁବରଣ କରିଥିଲେ । ତାଙ୍କ ରଚନାବଳୀର ଅନେକ ଉଦ୍ଧୃତି, ଯାହା ମୋର ଦୃଷ୍ଟିକୁ ଆସିଛି, ସେ ସବୁ ମୋତେ ଖୁବ୍ ଚମତ୍କାର ଲାଗିଛି । ସେ ଗୁଡ଼ିକ ଅନ୍ତର୍ଦୃଷ୍ଟି ଓ ସ୍ୱାଧୀନ ଚିନ୍ତା ସମ୍ବଳିତ ହୋଇଥିବାରୁ ବିଶିଷ୍ଟତାର ଅଧିକାରୀ ।"

' ମାନ୍ଦ୍ରାଜ ସିଭିଲ୍‌ସର୍ଭିସ୍‌ର ସଭ୍ୟ ଚାର୍ଲସ୍ ଫିଲିପ୍ ବ୍ରାଉନ୍, ଯାହାଙ୍କୁ ଆମେ ପୂର୍ବରୁ ସୂଚିତ କରିଛୁ, ତାଙ୍କର ବେମନାଙ୍କସହ ଥିଲା ଅପେକ୍ଷାକୃତ ନିବିଡ଼, ଅନ୍ତରଙ୍ଗ ପରିଚୟ । ସେ କିନ୍ତୁ ଯେତେ ଜଣେ ବୁଦ୍ଧିଜୀବୀ ନଥିଲେ, ସେତେ ଥିଲେ ଏକ ଭାଷା ତତ୍ତ୍ୱବିଦ୍ । ତେଣୁ ବେମନାଙ୍କ କ୍ଷେତ୍ରରେ ତାଙ୍କର ପ୍ରବେଶ ଥିଲା ସାମଗ୍ରିକ ଭାବେ ଭାଷାତାତ୍ତ୍ୱିକ । ସେ ନିଜେ ଯାହା ଲିପିବଦ୍ଧ କରିଛନ୍ତି, ତଦନୁଯାୟୀ ବେମନାଙ୍କ ସଂସ୍ପର୍ଶରେ ସେ ଆସିଲେ ସେତିକିବେଳେ, ଯେତେବେଳେ ବସ୍ତୁତଃ ସେ ଏପରି ଜଣେ କବିଙ୍କୁ ଖୋଜୁଥିଲେ, "ଯାହାଙ୍କର ରଚନା ଭାଷା ଅଧ୍ୟୟନକାରୀଙ୍କ ପାଇଁ ବିଶେଷ ଉପଯୋଗୀ ହୋଇ ପାରିବ ; ଯାହାଙ୍କ ରଚନାର ଭାଷା ସରଳ ହୋଇଥିଲେହେଁ ତଦ୍ଦ୍ୱାରା ବିବିଧ ଓ ବ୍ୟାପକ ପ୍ରସଙ୍ଗର ଅବତାରଣା ଘଟିଥିବ ।" ଏହିଭଳି ଏକ ସୀମିତ

ଦୃଷ୍ଟିକୋଣ ଗ୍ରହଣ କରିଥିବାରୁ ସେ ବେମନାଙ୍କର ଏକମାତ୍ର ସମକକ୍ଷ ଇଉରୋପୀୟ କବି ଭାବରେ ଜନୈକ ଗୌଣ ଗ୍ରୀକ୍ କବି ଲୁସିଆନ୍‌ଙ୍କୁ ହିଁ ଭାବି ପାରିଛନ୍ତି । ବ୍ରାଉନ ସେଥିପାଇଁ କହିଲେ ଯେ, "ଏହି ରଚୟିତା ତେଲୁଗୁ ସାହିତ୍ୟରେ ସେହିପରି, ଗ୍ରୀକ୍ ସାହିତ୍ୟରେ ଲୁସିଆନ ଯେପରି ଅତ୍ୟନ୍ତ ପରିଚିତ, ପ୍ରାଥମିକ ଶିକ୍ଷାର୍ଥୀଙ୍କ ପାଇଁ ଉପଯୋଗୀ ଅଥଚ ଉନ୍ନତ କବିତ୍ୱ ସଂପନ୍ନ କିମ୍ବା କ୍ଲାସିକ ନୁହନ୍ତି ।" ଏଥିରୁ ମନେ ହେବା ସ୍ୱାଭାବିକ ଯେ ତେଲୁଗୁ ଭାଷାରେ କ,ଖ ଆରମ୍ଭ କରୁଥିବା ଲୋକଠାରୁ ଅନ୍ୟତର ଦୃଷ୍ଟିରେ ବ୍ରାଉନ୍ ବେମନାଙ୍କୁ ଲକ୍ଷ୍ୟ କରି ପାରି ନାହାନ୍ତି ।

ସେ ଯାହା ହେଉନା କାହିଁକି, ସେଥିପାଇଁ ଜଣେ ବ୍ରାଉନ୍‌ଙ୍କ ପ୍ରତି କଠୋର ହେବା ଉଚିତ ହେବ ନାହିଁ; କାରଣ ସେ ହେଉଛନ୍ତି ବେମନାଙ୍କର ପ୍ରଥମ ସଂଗ୍ରାହକ, ସଂକଳକ, ସଂପାଦକ, ମୁଦ୍ରାକର ଓ ପ୍ରକାଶକ ଏବଂ ଇଂରାଜୀ ତଥା ଲାଟିନ୍‌ରେ ତାଙ୍କର ପ୍ରଥମ ଅନୁବାଦକ । ସେ ହେଉଛନ୍ତି ସେହିପରି ଜଣେ ବ୍ୟକ୍ତି ଯାହାଙ୍କର ପ୍ରଯତ୍ନ, ଅବଧାନତା ଓ ସମୁତ୍ସାହ ଏଭଳି ଶକ୍ତିମନ୍ତର ପ୍ରବାହ ଖେଳାଇ ଦେଲା ଯେ ତେଲୁଗୁ ସାହିତ୍ୟ ସଂସ୍ଥା ଆଉ ଅଧିକ କାଳ ବେମନାଙ୍କୁ ଅବଜ୍ଞା କରିବା ଶେଷ ପର୍ଯ୍ୟନ୍ତ ସମ୍ଭବପର ହେଲା ନାହିଁ । "ଭର୍ସେସ ଅବ୍ ବେମନା : ମୋରାଲ, ରିଲିଜସ୍ ଆଣ୍ଡ୍ ସାଟାୟାରିକାଲ୍" ଗ୍ରନ୍ଥର ମୁଖବନ୍ଧରେ ବ୍ରାଉନ୍ ତାଙ୍କର ଏଭଳି ଏକ ପଥିକୃତ୍ ଉଦ୍ୟମରେ ଯେତେ ଯେତେ ପ୍ରତିବନ୍ଧଙ୍କର ସମ୍ମୁଖୀନ ହୋଇଛନ୍ତି ସେ ସବୁକୁ ମନେ ପକାଇଛନ୍ତି । ସେଥିରୁ କେତେକ ପ୍ରାସଙ୍ଗିକ ଉଦ୍ଧୃତାଂଶ ଏଠାରେ ଦିଆ ଯାଉଛି—

"କୌଣସି ଭାଷାର ପ୍ରାଥମିକ ଅଧ୍ୟୟନ କରିବାକୁ ଆରମ୍ଭ କଲାବେଳେ ସ୍ୱଭାବତଃ ଆମେ ଏପରି ଲେଖା ଖୋଜିଥାଉ, ଯାହା ସେହି ଭାଷାଭାଷୀ ଲୋକଙ୍କ ମଧ୍ୟରେ ଆଦର ଲାଭ କରିଥିବ ଅଥଚ ଏହି ରଚନାର ଶୈଳୀ ଏପରି ସହଜ ବୋଧ ହୋଇଥିବ, ଯେପରି ଜଣେ ବିଦେଶୀ ପକ୍ଷରେ ଏହାକୁ ହୃଦୟଙ୍ଗମ କରିବାରେ କୌଣସି ଅସୁବିଧା ହେବ ନାହିଁ । ଏମିତି ଏକ ଅନୁସନ୍ଧିତ୍ସା ନେଇ ୧୮୨୪ ମସିହାରେ ତେଲୁଗୁ ଭାଷା ସମ୍ପର୍କରେ କିଛି ଜାଣିବାକୁ ଉଦ୍ୟମ କରୁକରୁ ପ୍ରସ୍ତୁତ ଭାବରେ ସଂଗୃହୀତ ପଦ୍ୟମାନଙ୍କ ସହ ମୋର ପରିଚୟ ଘଟିଲା । ବେମା କିମ୍ବା ବେମନା (ଉଭୟ ନାମ ବ୍ୟବହୃତ) ଙ୍କର ଅନେକ ତ୍ରୁଟିପୂର୍ଣ୍ଣ ପାଣ୍ଡୁଲିପି ଯାହା ମୋର ହସ୍ତଗତ

ହେଲା, ସେଗୁଡ଼ିକୁ ମୋର ସାଧାରଣ ବୃତ୍ତି-ଜୀବନର ଅବଶିଷ୍ଟ ଅବସର ମୁହୂର୍ତ୍ତରେ ମୁଁ ଅନୁଧ୍ୟାନ ଓ ଅନୁବାଦ କରିବାରେ ଲାଗିଲି । ସଂଗୃହୀତ ପଦ୍ୟମାନଙ୍କରେ ଯାବତୀୟ ପ୍ରକାର ଭୁଲ୍-ଭ୍ରାନ୍ତି ପରିଲକ୍ଷିତ ହେଲା । ବର୍ଣ୍ଣବିନ୍ୟାସ, ଛନ୍ଦ ଏବଂ ଅର୍ଥ ଦୃଷ୍ଟିରୁ କୌଣସି ଦୁଇଟି ପାଣ୍ଡୁଲିପି ପରସ୍ପର ସମବିନ୍ୟସ୍ତ ମନେ ହେଲା ନାହିଁ । ଦୁଇରୁ ଆଠଶହ ପର୍ଯ୍ୟନ୍ତ ଶ୍ଳୋକ-କବିତାରେ ଭିନ୍ନତା ପରିଦୃଷ୍ଟ ହେଲା । ମୁଁ ଯେଉଁ ମସଲି ପତ୍ତନରେ ଅବସ୍ଥାପିତ ହୋଇଥିଲି, ସେଠାରୁ ଏଭଳି ପାଣ୍ଡୁଲିପିମାନ ସଂଗ୍ରହ କରିବା ପରେ ଅନ୍ୟଗୁଡ଼ିକୁ ମୁଁ କ୍ରମଶଃ ବିଶାଖାପାଟଣା, ନେଲ୍ଲୋର, ଗୁଣ୍ଟୁର, କୁଡାପ୍ପା ଓ ମାନ୍ଦ୍ରାଜରୁ ଯୋଗାଡ଼ କରି ନେଲି । ତାପରେ ମୁଁ ଏକ ଅନୁକ୍ରମଣୀ ତିଆରି କଲି । ସେଥିରେ ନଅଟି ସ୍ତମ୍ଭ ରହିଲା । ସେହି ସ୍ତମ୍ଭମାନଙ୍କରେ ମୁଁ ସଂଗ୍ରହ କରିଥିବା ପାଣ୍ଡୁଲିପି ମାନଙ୍କରେ କେଉଁଠିକି କେଉଁ କେଉଁ ପଦ୍ୟ ସନ୍ନିବେଶିତ ଅଛି ତା'ର ବିବରଣୀ ଲିପିବଦ୍ଧ ହେଲା । ଏହିପରି ମୁଁ ଯେତେ ସବୁ ପଦ୍ୟଗୁଚ୍ଛ ପାଇଲି, ତା'ର ସଂଖ୍ୟା ୨୫୦୦ ହେଲା । ତୁଳନାତ୍ମକ ଅନୁଧ୍ୟାନ ପରେ ଏହା ୨୦୦୦ରୁ କିଛି ଅଧିକ ହେଲା ।

ପରବର୍ତ୍ତୀ ସ୍ତରରେ ଏହି ପଦ୍ୟମାନଙ୍କୁ କେତେକ ନିୟମିତ ବିନ୍ୟାସ-ପ୍ରକରଣରେ ସଜାଇବାକୁ ପଡ଼ିଲା । ପ୍ରତ୍ୟେକ ଅନୁଲେଖକ (ଲିପିକାର) ବସ୍ତୁତଃ ନିଜ ନିଜ ରୁଚି-ଅନୁଯାୟୀ ପଦ୍ୟମାନକୁ ବାଛି ନେଇଥିବାରୁ କୌଣସିଟିରେ ନିର୍ଦ୍ଦିଷ୍ଟ ଧାରା ସଂରକ୍ଷିତ ନଥିଲା । ମୁଁ ସମୁଦାୟ କୃତିଗୁଡ଼ିକୁ ପାଞ୍ଚଟି ସହଜୀୟ, ସୁନିର୍ଦ୍ଦିଷ୍ଟ ବିଭାଗରେ ସଜାଇ ଦେଲି, ଯଥା :— ଧର୍ମୀୟ, ନୈତିକ, ବ୍ୟଙ୍ଗ, ରହସ୍ୟବାଦୀ ଓ ବିବିଧ ।"

ବେମନାଙ୍କର ପରବର୍ତ୍ତୀ ଇଉରୋପୀୟ ପ୍ରଶଂସକ ହେଲେ ଜି. ଇଉ. ପୋପ୍ ଓ ଆର୍. ଏମ୍. ମ୍ୟାକ୍‌ଡୋନାଲ୍‌ଡ୍ । ପ୍ରଥମୋକ୍ତ ବ୍ୟକ୍ତି ଯାଜକ ଦୁବିଇଙ୍କର "ହିନ୍ଦୁ ମ୍ୟାନର୍‌ସ, କଷ୍ଟମ୍‌ସ ଆଣ୍ଡ ସେରିମନିଜ୍"ର ତାଙ୍କ ସଂସ୍କରଣରେ ମନ୍ତବ୍ୟ ଦେଇ କହିଲେ—"ମାଧୁର୍ଯ୍ୟ ଓ ଛନ୍ଦ ଯୋଜନାରେ କିଛି ହେଲେ ବେମନାଙ୍କୁ ପଦବନ୍ଧିକୁ ଅତିକ୍ରମ କରି ନପାରେ ।" ଦ୍ୱିତୀୟୋକ୍ତ ବ୍ୟକ୍ତିଙ୍କ ମତରେ "ସମସ୍ତ ତେଲୁଗୁ ସାହିତ୍ୟର

ବାଇବୀର୍ଷ୍ଟ ପରସର ମଧ୍ୟରୁ ଏପରି କୌଣସି ରଚୟିତା ବାହାର ନାହାନ୍ତି ଯାହାଙ୍କର ରଚନାବଳୀ ବେମନାଙ୍କ ଭଳି ଇଉରୋପୀୟମାନଙ୍କର ଦୃଷ୍ଟି ଆକର୍ଷଣ କରିଛି ।"

ବେମନାଙ୍କର ଦ୍ୱିତୀୟ ଇଂରାଜୀ ଅନୁବାଦକ ମଧ୍ୟ ଆଉ ଏକ ଚାର୍ଲସ— ଚାର୍ଲସ, ଇ. ଗୋଭର । କିନ୍ତୁ ଏହାଙ୍କୁ କଡ଼ାକଡ଼ି ଭାବେ ଅନୁବାଦକ ବୋଲି କହିବା ସମ୍ଭବତଃ ଠିକ୍ ହେବ ନାହିଁ ; କାରଣ ନିଜେ ଗୋଭର ସ୍ୱୀକାର କରିଛନ୍ତି ଯେ ବ୍ରାଉନ୍‌ଙ୍କର ଅନୁବାଦକୁ 'ମୂଳ' କରି ସେ ଗଦ୍ୟରୁ ଛନ୍ଦୋବଦ୍ଧ ପଦ୍ୟରୂପ ପ୍ରସ୍ତୁତ କରିଛନ୍ତି । ସେ ବେମନାଙ୍କୁ ଏଇଥିପାଇଁ ପ୍ରଶଂସା କଲେ ଯେ "ସେ ହେଉଛନ୍ତି ଶୁଦ୍ଧ ବିଚାରଶୀଳ, ଦୃଢ଼ ଏକେଶ୍ୱରବାଦୀ, ଅତ୍ୟନ୍ତ ଗ୍ରାମ୍ୟ ଓ ଯଥାଯଥ ଅର୍ଥରେ ଶବ୍ଦର ବ୍ୟବହାରକାରୀ ।" ସେ କିନ୍ତୁ ବେମନାଙ୍କୁ "ନୈତିକ ଅନୁଭୂତି ଓ କବିତ୍ୱ ଶକ୍ତିମତ୍ତା" ଦୃଷ୍ଟିରୁ ତିରୁଭଲ୍ଲୁଭରଙ୍କ ଠାରୁ "ଅତ୍ୟନ୍ତ ନିମ୍ନ ସ୍ତରରେ" ସ୍ଥାନିତ କଲେ । ଏଭଳି ବିବେଚନା ଯଥାର୍ଥ କି ନୁହେଁ, ସେ ବିଷୟରେ ଚିତ୍ତାକର୍ଷକ ଘଟଣାଟି ହେଲା, ଯେତେବେଳେ ଭିନ୍‌ସେଣ୍ଟ ସ୍ମିଥ୍ ତାଙ୍କର "ଅକ୍‌ସଫୋର୍ଡ଼ ହିଷ୍ଟ୍ରୀ ଅବ୍ ଇଣ୍ଡିଆ" ଗ୍ରନ୍ଥରେ ଏଭଳି ଏକ ଭାରତୀୟ ଲେଖକଙ୍କୁ ଉଲ୍ଲେଖ କରିବାକୁ ଚାହିଁଲେ ଯେ ସର୍ବାଧିକ କଠୋର ଓ ଅନନ୍ୟ ସ୍ୱରରେ ଜାତି ପ୍ରଥାର ଘୋର ନିନ୍ଦା ରଚନା କରିଥିବେ, ତାଙ୍କୁ ବେମନାଙ୍କ ପ୍ରତି ଚାଳିବାକୁ ଓ ୧୮୭୧ ବେଳକୁ ପ୍ରକାଶିତ ଗୋଭର୍‌ଙ୍କର "ଫୋକ୍ ସଙ୍ଗସ୍ ଅଵ୍ ସଦର୍ଣ୍ଣ ଇଣ୍ଡିଆ" (ଦକ୍ଷିଣ ଭାରତର ଲୋକଗୀତ)ରୁ ବେମନାଙ୍କର ଚାରିଟି ପଦ୍ୟ ଉଦ୍ଧାର କରିବାକୁ ପଡ଼ିଥିଲା ।

ବ୍ରାଉନ୍ ହୁଅନ୍ତୁ ବା ଗୋଭର ହୁଅନ୍ତୁ, ଏମାନଙ୍କ ଅପେକ୍ଷା କ୍ୟାମ୍ପବେଲ୍ କିନ୍ତୁ ବେମନାଙ୍କର ଥିଲେ ଅପେକ୍ଷା କୃତ ଉତ୍ତମ ବିବେଚକ । "ମାଡ୍ରାସ୍ ଖ୍ରୀଷ୍ଟିୟାନ୍ କଲେଜ ମ୍ୟାଗାଜିନ୍"ରେ ସେ ଯେଉଁ ପ୍ରବନ୍ଧ ଲେଖିଥିଲେ, ସେଥିରେ ଅନ୍ୟାନ୍ୟ ପ୍ରସଙ୍ଗ ସହ ଏହିପରି କହିଥିଲେ :

"ବେମନା ସୁନିଶ୍ଚିତରୂପେ ଜନଗଣର କବି । ସେ ବିଦ୍ୱାନମାନଂକ ପାଇଁ ନୁହେଁ, ସରଳ ପଲ୍ଲୀବାସୀଙ୍କ ପାଇଁ ଲେଖିଛନ୍ତି । ସେ ତାଙ୍କର ରଚନାଶୈଳୀ ଗତ ସାରଲ୍ୟ ତଥା ଶକ୍ତିମତ୍ତା ପାଇଁ ଯେପରି ତାଙ୍କର ଉପଦେଶଗତ ଉତ୍କର୍ଷ ପାଇଁ ମଧ୍ୟ

ସେହିପରି ଏହି ଲୋକପ୍ରିୟତାର ଅଧିକାରୀ । କେବଳମାତ୍ର ସାହିତ୍ୟିକ ଯଶ ଲାଭ ପ୍ରତି ଏକାନ୍ତ ଅଯତ୍ନଶୀଳ ବେମନା ରୀତିସିଦ୍ଧ କାବ୍ୟଧାରାର ସମସ୍ତ ନିୟମ-ଶୃଙ୍ଖଳାକୁ ଭାଙ୍ଗି ପକାଇଛନ୍ତି । ଏଭଳି କରିବାକୁ ଯାଇ ସେ ସ୍ୱକୀୟ ପ୍ରଜ୍ଞାର ପରିଚୟହିଁ ଦେଇଛନ୍ତି । ଭାରତରେ ବାସ୍ତବତଃ କେବେବି ରୀତିସିଦ୍ଧ କାବ୍ୟ ଲୋକପ୍ରିୟ ହୋଇ ପାରି ନାହିଁ । କାରଣ ବହୁଳାଂଶ ଲୋକଙ୍କ ପାଇଁ ଏ ଗୁଡ଼ିକ ପ୍ରାୟଶଃ ସମ୍ପୂର୍ଣ୍ଣ ଅନଧିଗମ୍ୟ···କିନ୍ତୁ ବେମନା ଲୋକପ୍ରିୟ ହୋଇଛନ୍ତି ମୁଖ୍ୟତଃ ତାଙ୍କ ବ୍ୟଙ୍ଗ-ରଚନାର ଶକ୍ତିମତ୍ତା ଯୋଗୁଁ । ମନୁଷ୍ୟମାନଙ୍କର ଦୁର୍ବଳତା ଓ ବିଭ୍ରାନ୍ତିଗୁଡ଼ିକ ପ୍ରତି ତାଙ୍କର ଥିଲା ତୀକ୍ଷ୍ଣଦୃଷ୍ଟି । ସେଥିରେ ଥିବା ଯାବତୀୟ ନୀଚତା ଓ ଉଦ୍‌ଭଟତାକୁ ସେ ବେଶ୍ ଚିତ୍ରଣ କରିପାରୁଥିଲେ । ବେମନା କେବଳ ବା ମୁଖ୍ୟତଃ ଜଣେ ବ୍ୟଙ୍ଗକାର ନଥିଲେ; ସେ ଥିଲେ ଜଣେ ନିଷ୍ଠାପର ସଂସ୍କାରକ । ସ୍ୱଦେଶବାସୀଙ୍କ ପ୍ରତି ଯେ ତାଙ୍କର ମହାନ କର୍ତ୍ତବ୍ୟ ରହିଛି, ଏହା ସେ ଅନୁଭବ କରିଥିଲେ ଏବଂ ଏହା ପରିପୂରଣ କରିବା କ୍ଷେତ୍ରରେ ଅନ୍ୟ କୌଣସି ପ୍ରକାର ବିଚାର-ବିମର୍ଶର ପ୍ରତିଘାତକୁ ସେ ପ୍ରଶ୍ରୟ ଦେଇନାହାନ୍ତି । ବେମନାଙ୍କର ବିଶ୍ୱ ସମ୍ବନ୍ଧୀୟ ମତବାଦ ଅନ୍ୟ ଭାରତୀୟ ଚିନ୍ତକମାନଙ୍କ ପରି ମୁଖ୍ୟତଃ ସର୍ବେଶ୍ୱରବାଦୀ ନ ହୋଇ ହୋଇଥିଲା ଏକେଶ୍ୱରବାଦୀ । ସେ ପରମାତ୍ମା ଓ ଜୀବାତ୍ମା ମଧ୍ୟରେ ଥିବା ପାର୍ଥକ୍ୟକୁ ସ୍ୱୀକାର କରିବା ସଙ୍ଗେ ସଙ୍ଗେ ମଣିଷର ଇଚ୍ଛାଶକ୍ତିକୁ ଗୁରୁତ୍ୱ ପ୍ରଦାନ କରୁଥିବାରୁ ମଣିଷ ଯେ ଅନ୍ୟ ଏକ ଶ୍ରେଷ୍ଠତର ଶକ୍ତି ହାତରେ ଏକ କ୍ରୀଡ଼ନକ ମାତ୍ର, ଏପରି ବିଚାରଧାରା ତାଙ୍କ ଠାରେ ଗଢି ଉଠିନଥିଲା । ସେ ଯେଭଳି ନିଷ୍ଠାପରତା ଓ ଶକ୍ତିମତ୍ତାର ସହିତ ସନ୍ନ୍ୟାସଧର୍ମକୁ ପ୍ରକାଶ୍ୟରେ ନିନ୍ଦା କରିଛନ୍ତି, ତାହା ଜଣେ ଉଇକ୍ଲିଫ୍ କିମ୍ବା ଲୁଥାରଙ୍କ ପକ୍ଷରେ କୃତିତ୍ୱଜନକ ବିବେଚିତ ହୋଇଥାନ୍ତା ।

ଏକ ପକ୍ଷରେ ଅପ୍ରତିହତ ବୃଦ୍ଧିପ୍ରାପ୍ତ ବେମନାଙ୍କର ସାହିତ୍ୟିକ ଯଶ ଓ ଅନ୍ୟ ପକ୍ଷରେ ଭାରତରେ ସାମାଜିକ, ଧର୍ମନୈତିକ ତଥା ନୈତିକ ବାତାବରଣରେ ଘଟିଥିବା ପରିବର୍ତ୍ତନ ଯୋଗୁଁ ତେଲୁଗୁ ସାହିତ୍ୟର ବଡ଼ପଣ୍ଡା ମାନଙ୍କ ପକ୍ଷରେ ବେମନାଙ୍କ ପ୍ରତି ସଜ୍ଞାନ ଅଥଚ ନୀରବ ଘୃଣା ପୋଷଣ କରିବା ଦିନକୁ ଦିନ କଷ୍ଟକର ହୋଇପଡ଼ିଲା । ଅନ୍ୟ ଯେ କୌଣସି ବିଷୟଠାରୁ ଅଧିକ ହେଲା ଏକ ଗ୍ରନ୍ଥ ପ୍ରକାଶନ । ଏକ ସାହିତ୍ୟ ସମୀକ୍ଷା ଗ୍ରନ୍ଥ ସତେ ଯେପରି ଡାଇନାମାଇଟ୍ ଭର୍ତ୍ତି ହୋଇ

ବାହାରିଗଲା, ଯାହା ଫଳରେ ସେ ଯାବତ୍ ଦୁର୍ଭେଦ୍ୟ ଥିବା ଦୁର୍ଗରେ ଏକ ବିଶାଳ ଛିଦ୍ରଟିଏ ଘଟିଲା । "କବିଥି ଓଥି ବିଗୁରମୁ" ଶୀର୍ଷକ ବରଣ କରି ଡକ୍ଟର ସି.ଆର୍. ରେଡ୍‌ଡୀଙ୍କର ଏହି ପୁସ୍ତକଟି ପ୍ରଥମ ପ୍ରକାଶ ଲାଭ କଲା ୧୯୧୪ରେ । ନିଜ ପିତାଙ୍କଠାରୁ ଶିକ୍ଷାପ୍ରାପ୍ତ ହୋଇ କିଶୋର ବୟସରୁହିଁ ଡକ୍ଟର୍ ରେଡ୍‌ଡୀ ତେଲୁଗୁ କ୍ଲାସିକ (କ୍ଲାସିକ୍) ସାହିତ୍ୟକୃତି ସହ ପରିଚିତ ହୋଇଥିଲେ । ମାନ୍ଦ୍ରାଜ ଓ କେମ୍ବ୍ରିଜ୍ ବିଶ୍ୱବିଦ୍ୟାଳୟମାନଙ୍କରେ ପରବର୍ତ୍ତୀ ଶିକ୍ଷାଲାଭ କାଳରେ ସେ ପାଶ୍ଚାତ୍ୟ ସାହିତ୍ୟର ଯାହାସବୁ ସଂଶ୍ରାତ୍ତମ ସୃଷ୍ଟି, ସେଗୁଡ଼ିକ ସଂସ୍ପର୍ଶରେ ଆସିଲେ ପ୍ରକୃତି ତାଙ୍କଠାରେ ସୂକ୍ଷ୍ମାଗ୍ର ବୁଦ୍ଧିମତ୍ତା ଓ ଜାଜ୍ଜ୍ୱଲ୍ୟମାନ ଚାତୁର୍ଯ୍ୟ ଭରି ଦେଇଥିଲା । ଉଭୟ ମାନସିକତା ଓ ଶିକ୍ଷାଗତ ତାଲିମରେ ସେ ଥିଲେ ଜଣେ ଆଧୁନିକ ବ୍ୟକ୍ତି । ସେ ତାଙ୍କଠାରେ ନିହିତ ପ୍ରବୃତ୍ତିଗତ ସମସ୍ତ ମହାନ ସାମର୍ଥ୍ୟର ପ୍ରୟୋଗ ଘଟାଇଲେ ସାହିତ୍ୟ ସମୀକ୍ଷା ଗ୍ରନ୍ଥଟିରେ । ଆକସ୍ମିକ ବିସ୍ଫୋରକ ବୋମାଟିଏ ଭଳି ଏହା ବିସ୍ଫୋରିତ ହେବାରୁ ଏଥିରେ ବହୁ କାଳର ଭ୍ରମଧାରଣାମାନ ଓ ବଦ୍ଧମୂଳ ବିଶ୍ୱାସ ସକଳ କେଉଁଆଡ଼େ ଉଡ଼ିଗଲା । ଏହି ଗ୍ରନ୍ଥ ଏବେ ବି ତେଲୁଗୁ ସମାଲୋଚନା ସାହିତ୍ୟ କ୍ଷେତ୍ରରେ ଏକ ପ୍ରମୁଖ କ୍ଲାସିକ ମାନ୍ୟତା ପ୍ରାପ୍ତକୃତି । ଏହି ନବଯୁଗ ପ୍ରବର୍ତ୍ତନ କାରକ ଏହି ଗ୍ରନ୍ଥରେ ଡକ୍ଟର୍ ରେଡ୍‌ଡୀ ବେମନାଙ୍କୁ ଆନ୍ଧ୍ରର ଅନ୍ୟତମ ଶ୍ରେଷ୍ଠ ଓ ମୌଳିକତା ସଂପନ୍ନ କବି ଭାବରେ ଅଭିହିତ କଲେ । ସେ ଯଥାର୍ଥତଃ ବ୍ୟକ୍ତ କଲେ ଯେ ସର୍ଜନଶୀଳ କଳ୍ପନା, ଚାତୁର୍ଯ୍ୟ, କୌତୁକ (ହାସ୍ୟରସ), ଅଭିବ୍ୟକ୍ତିଗତ ମୌଳିକତା ଓ ସାହସିକତା ତଥା ଅନ୍ଧବିଶ୍ୱାସକୁ ନିଃସାର ଓ ଛଳନାତ୍ମକ ଭାବଧାରାକୁ ନଗ୍ନ ପ୍ରତିପାଦନର ସାମର୍ଥ୍ୟ ଦୃଷ୍ଟିରୁ ସମଗ୍ର ତେଲୁଗୁ ସାହିତ୍ୟରେ ବେମନା ସର୍ବଶ୍ରେଷ୍ଠ ଏକ ଚୂଡ଼ାନ୍ତ ବ୍ୟକ୍ତିତ୍ୱ ।

ଅତେ ସେମାନଙ୍କର ପ୍ରତିରୋଧ-ବ୍ୟୂହର ପ୍ରବଳ ଭେଦ ଘଟିଥିବାରୁ ତେଲୁଗୁ ସାହିତ୍ୟର ପ୍ରଧାନାଚାର୍ଯ୍ୟଗଣ ସ୍ୱୀକାର କରିବାକୁ ବାଧ୍ୟ ହେଲେ ଯେ ବେମନାଙ୍କର କଣ୍ଠସ୍ୱର ଏଭଳି ଶକ୍ତିଶାଳୀ ଓ ଅନୁନାଦୀ ଯେ ଏହାକୁ ରୋଧ କରିହେବ ନାହିଁ; ଏହାଙ୍କର ବାର୍ତ୍ତା ଏପରି ଗୁରୁତ୍ୱପୂର୍ଣ୍ଣ ଓ ସାର୍ବଜନୀନ ଯେ ଏହାକୁ ଚାପି ଦେଇ ହେବ ନାହିଁ ଏବଂ ଏହାଙ୍କର ବ୍ୟକ୍ତିତ୍ୱ ଏପରି ସ୍ପନ୍ଦନଶୀଳ ଓ ଗତିବେଗସଂପନ୍ନ ଯେ ଏହାକୁ ଧ୍ୱଂସ କରିଯାଇ ପାରିବ ନାହିଁ । ଧର୍ମୀୟ ଅନ୍ଧାନୁରାଗରେ, ସାମାଜିକ ଦର୍ପ

ଓ ମିଥ୍ୟା ସାହିତ୍ୟିକ ମୂଲ୍ୟବୋଧରେ ଜଳକା ମାରି ନ ଯାଇଥିଲେ ବେମନା ଯେ ଅମର, ଏହା ବହୁପୂର୍ବରୁ ସେମାନେ ଲକ୍ଷ୍ୟ କରି ପାରିଥାଆନ୍ତେ । ତାଙ୍କର ଶାବ୍ଦିକ ଶକ୍ତିମତ୍ତା ଓ ପୌରୁଷଯୁକ୍ତ ବ୍ୟକ୍ତିତ୍ୱ ସହିତ ବେମନା ପ୍ରଥମରୁହିଁ ଅନ୍ୟଏକ ଶକ୍ତି-ଉତ୍ସ ଲାଭ କରିଥିଲେ, ଯାହା ତାଙ୍କୁ କରିଥିଲା ଅବିନାଶୀ । ସେ ତାଙ୍କର ଜୀବଦ୍ଦଶାରେହିଁ ଏକ ଜନଶ୍ରୁତିରେ ପରିଣତ ହୋଇଯାଇଥିଲେ ।

ଜନଶ୍ରୁତି ଉତ୍ସଙ୍ଗରେ

ସୁଷୁପ୍ତ ସେ ପୁରାତନ ଜନଶ୍ରୁତିନିଚୟ ଉତ୍ସଙ୍ଗେ—କୀଟ୍ସ୍

ବେମନା ନିଜ ଜୀବଦ୍ଦଶାରେ ଏକ ଜନଶ୍ରୁତି ହୋଇଥିଲେ ଏବଂ ସେହିକାଳରୁ ସେ ଜନଶ୍ରୁତିର ଏକ ପିଣ୍ଡରେ, ଏପରିକି ଜନଶ୍ରୁତିର ଏକ ପାହାଡ଼ରେ ପରିଣତ ହୋଇ ଯାଇଛନ୍ତି । ବହୁ ଦୃଷ୍ଟିରୁ ସେ ଥିଲେ ଅନନ୍ୟ, ଅନନ୍ୟ ଥିଲେ ତାଙ୍କ ବେଶଭୂଷାରେ; ସ୍ୱତନ୍ତ୍ର ଥିଲେ ପରିଚ୍ଛଦରେ ଏବଂ ପୂରାପୂରି ଏ ସବୁ ନ ଥାଇ ମଧ୍ୟ; ସେ ପୁଣି ତାଙ୍କ ମନଃସ୍ଥିତି ଓ ଉପଦେଶ-ରୀତିରେ ତଥା ଅନ୍ୟ ଅନେକ ବିଷୟରେ ଥିଲେ ଅନନ୍ୟ । ବସ୍ତୁତଃ ଏହି ଅନନ୍ୟତା ଏପରି ଥିଲା ଯେ ଅନେକ ତାଙ୍କୁ ମହାତ୍ମା ଜ୍ଞାନରେ ସମ୍ମାନନ କରୁଥିଲେ ହେଁ ଅନ୍ୟମାନେ ଆଡ଼ବାୟା ଓ ପାଗଳ ଭାବି ତାଙ୍କୁ ପ୍ରତ୍ୟାଖ୍ୟାନ କରୁଥିଲେ । ଏଭଳି ବ୍ୟକ୍ତି ଯେଉଁଠି, ଯେଉଁ ଯୁଗରେ ବର୍ତ୍ତମାନ ଥାଆନ୍ତୁ ନା କାହିଁକି ଏହାଙ୍କୁ କେନ୍ଦ୍ରକରି ଜନଶ୍ରୁତି ବ୍ରୂତ ଘନୀଭୂତ ହୋଇଥାଏ । ବେମନା ବିଦ୍ୟମାନ ଥିବା ସମୟରେ ସମାଜ ଥିଲା ଭ୍ରାନ୍ତି ସଙ୍କୁଳ ଓ ଭାବ ଆଦାନ-ପ୍ରଦାନର ସାର୍ବଜନୀନ ମାଧ୍ୟମ ଥିଲା ଏକାନ୍ତ ଦୁର୍ବଳ । ସେଥିପାଇଁ ସେ ପ୍ରତ୍ୟେକ ରୀତିର ଜନଶ୍ରୁତିର କେନ୍ଦ୍ରବିନ୍ଦୁ ହୋଇ ଉଠିଥିଲେ । ଏଗୁଡ଼ିକ ଯେପରି ଥିଲା ଉଦ୍ଭଟ ସେପରି କିମ୍ଭୂତ କିମାକାର, ଅଦ୍ଭୁତ ଓ ଦୁର୍ବାସନୀୟ ।

ବେମନାଙ୍କର ଅନୁଗାମୀମାନଙ୍କ ପାଇଁ ଓ ଯେଉଁମାନେ ତାଙ୍କୁ ଗୁରୁ ଓ ଭଗବାନ ଭାବି ପୂଜା କରୁଥିଲେ, ସେମାନଙ୍କ ପାଇଁ ଜନଶ୍ରୁତିର ବେମନା ଥିଲେ ବାସ୍ତବ ବେମନା-ଠିକ୍ ହିମାଳୟ ପରି ବାସ୍ତବ ଓ ସମସ୍ତଗ୍ରାହ୍ୟ ପବିତ୍ରତାଯୁକ୍ତ । ଜନଶ୍ରୁତିର ଆବରଣ ତଳୁ ଇତିହାସର ବେମନାଙ୍କୁ ବାହାର କରିବାର ଯେ କୌଣସି ଉଦ୍ୟମ ଏମାନଙ୍କ ଦୃଷ୍ଟିରେ ହେଉଛି ଧୃଷ୍ଟତା, ଏକାନ୍ତ ଦୂଷଣୀୟ । ତାଙ୍କ ଅନୁଗାମୀମାନଙ୍କୁ ବାଦ ଦେଲେ ବି ଅନ୍ୟାନ୍ୟ ଲକ୍ଷ, ଲକ୍ଷ ଜନସାଧାରଣଙ୍କର ଏହି ଧାରଣା ବଦ୍ଧମୂଳ; କାରଣ ତେଲୁଗୁରେ ଲିଖିତ ତାଙ୍କର ଜୀବନୀ ଗ୍ରନ୍ଥରୁ ଗୋଟିଏ ହୋଇଛି ସମୀକ୍ଷାମୂଳକ, ବାକି ଅନ୍ୟାନ୍ୟ ପ୍ରାୟ ବାରଗୋଟି ବା ତା ଠାରୁ ଅଧିକ ଜୀବନୀ ଗ୍ରନ୍ଥ

ଖୁବ୍ ପ୍ରସାର ଲାଭ କରିଛନ୍ତି; ମାତ୍ର ଏଗୁଡ଼ିକର ଆରମ୍ଭ ଯେପରି ଜନଶ୍ରୁତିରୁ ସମାପ୍ତି ମଧ୍ୟ ସେହିପରି ଜନଶ୍ରୁତିରେ । ସି. ରାମକୃଷ୍ଣ ରାଓଙ୍କର ଏକମାତ୍ର ଇଂରାଜୀ ଲିଖିତ ଜୀବନୀ ଗ୍ରନ୍ଥ ମଧ୍ୟ ଜନଶ୍ରୁତିର ମାଳାବଦ୍ଧ କୃତିଟିଏ । ବେମନାଙ୍କର ଜୀବନୀକାରଙ୍କ ମଧ୍ୟରେ ଅନ୍ୟତମ ଆଦ୍ୟବ୍ୟକ୍ତି ହେଉଛନ୍ତି ଆର୍. ପୂର୍ଣ୍ଣୟ୍ୟା ଗୁରମୁଲୁ । ସେ ମସଲି ପଟ୍ଟନର ଅଧିବାସୀ । ଜିଲ୍ଲା ପୋଲିସ୍ କାର୍ଯ୍ୟାଳୟରେ ସେ ଥିଲେ ଜଣେ କିରାଣୀ, ବିଦ୍ୟାରେ ଦରିଦ୍ର, ଧନରେ ଦରିଦ୍ରତର; କିନ୍ତୁ ବେମନାଙ୍କ ପ୍ରତି ଭକ୍ତି ଓ ଅନୁରାଗରେ ସେ ଥିଲେ ଐଶ୍ୱର୍ଯ୍ୟଶାଳୀ । ବ୍ରାଉନଙ୍କର କାର୍ଯ୍ୟକୁ ଅଗ୍ରପ୍ରସାରିତ କରିବାର ବଳବତୀ ଉତ୍ସାହ ମନ ମଧ୍ୟରେ ପୋଷଣ କରି ସେ ବେମନାଙ୍କ ପାଣ୍ଡୁଲିପି ସବୁ ପାଇବା ପାଇଁ ସାରା ରାଜ୍ୟଟା ଯାକ ଧାଁ ଦଉଡ଼ ଲଗାଇଲେ । ମୁହେଁ ମୁହେଁ ବୋଲାଯାଉଥିବା ବେମନାଙ୍କର ଶହ, ଶହ ପଦ୍ୟ ସେ ଲେଖି ପକାଇଲେ କବିଙ୍କ ଜୀବନର ତଥ୍ୟ ବୋଲି ଯାହା ତାଙ୍କର ହୃଦ୍‌ବୋଧ ହେଲା, ସେ ସେ ସବୁକୁ ସଂଗ୍ରହ କଲେ । ବର୍ଷ, ବର୍ଷ ଧରି ଅବିଶ୍ରାନ୍ତ ଖଟଣି ଖଟି ୧୯୧୩ରେ ସେତେବେଳକୁ ବୃହିଁ ସେ ବେମନାଙ୍କ କବିତାର ଏକ ବୃହତ୍ତମ ସଂକଳନ ପ୍ରକାଶ କଲେ ; ଏଥିରେ ସମୁଦାୟ ୪୦୩୫ଟି ପଦ୍ୟ ସଂକଳିତ ହୋଇଥିଲା । ସେ ବେମନାଙ୍କର ଜୀବନୀ ଲେଖିଲେ ; କିନ୍ତୁ ଏଥିରେ କବିଙ୍କର ଅନେକ କାଳ୍ପନିକ ପ୍ରତିକୃତି ଯୋଗ ହୋଇଥିଲା । ଏହି ପ୍ରତିକୃତି ସବୁ ପାଇଁ ସେ ଗର୍ବବୋଧ ପୂର୍ବକ ବେମନାଙ୍କୁ (ବ୍ୟାସଙ୍କର ଅତିପ୍ରିୟ ରୂପକାଳଙ୍କାର ବ୍ୟବହାର ପୂର୍ବକ) 'ପୁରୁଷର୍ଷଭ' ଭାବେ ଦର୍ଶାଇଲେ ।

ପୂର୍ଣ୍ଣୟ୍ୟା ଗୁରମୁଲୁଙ୍କ ରଚିତ 'ବେମନା ଯୋଗୀନ୍ଦ୍ର ଚରିତାମୁ' (ମହାନ ଯୋଗୀ ବେମନାଙ୍କର ଇତିହାସ') ସମଗୋତ୍ରୀୟ ଅନ୍ୟାନ୍ୟ ଜୀବନ ଚରିତ ଭଳି ପଢ଼ିବାକୁ ଖୁବ୍ ଚମତ୍କାର ଲାଗେ; ଅବଶ୍ୟ ସେତେବେଳେ ଯଦି ଆମେ ଆମର ବସ୍ତୁନିଷ୍ଠ ମନଟିକୁ ସୁପ୍ତ ରହିବାକୁ ଛାଡ଼ିଦେଇ ଜନଶ୍ରୁତିର ଛାୟାଚ୍ଛନ୍ନ ଗୋଧୂଳି ଜଗତରେ ପ୍ରବେଶ କରିଥାଉଁ । ତେଣୁ କେବଳ ସେ ପ୍ରକାର ଆନନ୍ଦ ଟିକେ ପାଇବା ପାଇଁ ଆମେ ବେମନାଙ୍କର ଭକ୍ତଗଣ ତାଙ୍କୁ ଦେଖୁଥିବା ଜଗତରେ ପ୍ରବେଶ ପୂର୍ବକ ତାଙ୍କୁ ଅବିକଳ ସେହି ଦୃଷ୍ଟିରେ ଲକ୍ଷ୍ୟ କରିବା । କିନ୍ତୁ ଏହା ମନେ ରଖିବା ଉତ୍ତମ ହେବ ଯେ ଆମେ ଯେଉଁ ଅବିଶ୍ୱାସ୍ୟ ଜଗତରେ ପ୍ରବେଶ କରିବାକୁ ଯାଉଥାଉଁ ସେଠାରେ

ହୃଟଚମଟକାରି ମୁଖ୍ୟ ଚରିତର ମୁହାଁମୁହିଁ ହେବା ପୂର୍ବରୁ ଉଭୟ ସମୟ ଓ ସୀମା ଦୃଷ୍ଟିରୁ ଆମକୁ ବହୁ ଦୂର ପରିକ୍ରମା କରିବାକୁ ହେବ ।

ବହୁତ, ବହୁତ ଦିନ ପୂର୍ବେ ମଣିଷଟିଏ ତୀର୍ଥଯାତ୍ରା କରି ବାହାରିଲା । ତା'ର ନାଁ ଥିଲା ବେମା । ସେ ଥିଲା ଏକ ବୈଶ୍ୟ, ତେଲୁଗୁରେ ଯାହାକୁ କହନ୍ତି କୋମଟି (କୁମୁଟି) । ତା'ର ଗନ୍ତବ୍ୟ ତୀର୍ଥସ୍ଥଳୀ ଥିଲା ଶ୍ରୀଶୈଳମ୍ । କୁର୍ଣ୍ଣୁଲ୍ ଜିଲ୍ଲାରେ ଥିବା ଏହି ପାହାଡ଼ ଏବେ ମଧ୍ୟ ପାର୍ବତ୍ୟ ବୃକ୍ଷ-ଲତା ସମାଚ୍ଛନ୍ନ ଏବଂ ବହମାନ କୃଷ୍ଣାନଦୀର ଧାର ପର୍ଯ୍ୟନ୍ତ ପାହାଚ ପାହାଚ ହୋଇ ଗଡ଼ି ଯାଇଛି । ପ୍ରାଚୀନକାଳରୁ ଏହାର ଶୀର୍ଷ ଦେଶରେ ଶିବଙ୍କର ଯେଉଁ ପୀଠସ୍ଥଳୀଟି ଅଛି, ସେଥିରେ ପରମ କାରୁଣିକ ମୁଦ୍ରାରେ ପ୍ରତିଷ୍ଠିତ ବିଗ୍ରହ ମଲ୍ଲିକାର୍ଜ୍ଜୁନ ନାମରେ ପ୍ରଖ୍ୟାତ । ସ୍ୱତନ୍ତ୍ର ଭାବେ ଶିବପୂଜା ଲାଗି ଉଦ୍ଦିଷ୍ଟ ଶିବରାତ୍ରି ପ୍ରତିବର୍ଷ ହଜାର, ହଜାର ଭକ୍ତଙ୍କୁ ଶ୍ରୀଶୈଳମ୍‌କୁ ଟାଣି ଆଣେ । ସେମାନେ ସେଦିନ ଉପବାସ ପାଳନ କରନ୍ତି ଓ ସାରାରାତି ଉଜାଗର ରହନ୍ତି । କୃଷ୍ଣାର ନୀଳ ଜଳବେଣୀରେ ସେମାନେ ସ୍ନାନ କରନ୍ତି, ବାହୁ ଓ ମସ୍ତକରେ ଧବଳ ଭସ୍ମ ଲେପନ କରନ୍ତି, ଶଙ୍ଖଧ୍ୱନି କରନ୍ତି, ଖୋଲ, କରତାଳ ବଜାନ୍ତି, ଗାଆନ୍ତି, ନାଚନ୍ତି ଓ ପ୍ରାର୍ଥନା ଜଣାନ୍ତି । ଚତୁର୍ଦ୍ଦଶ ଶତାବ୍ଦୀର ଶେଷ ଆଡ଼କୁ ଏହିପରି ଜଣେ ତୀର୍ଥଯାତ୍ରୀ ଥିଲେ କୋମଟୀ ବେମା ।

ଶିବରାତ୍ରି ପରଦିନ ଅନ୍ୟ ସବୁ ଯାତ୍ରୀ ଯେ ଯାହା ଘରକୁ ଫେରିଗଲେ; କିନ୍ତୁ ଫେରିଲେ ନାହିଁ କୁମୁଟି ବେମା । ମନ୍ଦିର ପରିସରରେ ତାଙ୍କର ଲୁଚିଛପି ଚଳାଚଳ ଲକ୍ଷ୍ୟକରି ପଣ୍ଡା-ପଢିଆରିଙ୍କର ସନ୍ଦେହ ଜାତ ହେଲା ଓ ସେମାନେ ତାଙ୍କୁ ସେଠା ଛାଡ଼ି ଚାଲିଯିବାକୁ ଆଦେଶ କଲେ । "କାହିଁକି ମୋତେ ତଡ଼ି ଦେଉଛନ୍ତି' ଅନୁନୟ କରି କହିଲେ ବେମା, "ମୁଁ ଜଣେ ନିଷ୍ଠାପର ଶିବଭକ୍ତ । ପ୍ରଭୁଙ୍କର ମୋଠାରେ କରୁଣା ନହେବା ପର୍ଯ୍ୟନ୍ତ ମୁଁ ତାଙ୍କ ପୂଜା-ଆରାଧନା କରିବାକୁ ଏଠାରେ ରହିବି ବୋଲି କେତେ ଆଶା ବାନ୍ଧିଛି ।" ପଣ୍ଡାମାନେ ଶେଷକୁ ଅନୁଗ୍ରହ କଲେ ଓ ସେଠାରେ ରହିବା ଲାଗି ଅନୁମତି ଦେଲେ; କିନ୍ତୁ ମନ୍ଦିରର ଉତ୍ତର ଭାଗରେ ଥିବା ଝାଡ଼ ଜଙ୍ଗଲ ଭିତରେ ପ୍ରବେଶ ନ କରିବାକୁ ତାଗିଦ୍ କଲେ । ସେମାନେ ତାଙ୍କୁ ସାବଧାନ କରାଇ କହିଲେ, "ଏ ଆଡ଼େ ଖାଲି ସାପ ଭର୍ତ୍ତି, ବଣ ଜନ୍ତୁଜନ୍ତା ସବୁ ବୁଲିଆଡ଼େ ବୁଲନ୍ତି ।" ସତର୍କ କରାଇବାକୁ ତାଙ୍କୁ ଯାହା କୁହାଗଲା, ତାହା ହେଲା

କୋମଟୀ ବେମାଙ୍କ ପାଇଁ ପ୍ରଥମ ଇସାରା । ସେହି ନପେଦ୍ଧାଞ୍ଚଳରେ ପ୍ରବେଶ କରିବାର ସୁଯୋଗ ମିଳିଲା ମାତ୍ରେହିଁ ସେ ତା'ର ଉପଯୋଗ କଲେ । କାଳେ ଝାଡ଼ ଜଙ୍ଗଲ ଭିତରେ ଫେରିବା ବାଟ ସେ ହରାଇ ବସିବେ, ସେଥିପାଇଁ ସାଙ୍ଗରେ ଗୋଟିଏ ଥଳିରେ କିଛି ସୋରିଷ ସେ ନେଲେ ଏବଂ ସେହି ଝାଡ଼ ଜଙ୍ଗଲ ଭିତରେ ଅଙ୍କେଇ ବଙ୍କେଇ ସର୍ପିଳ ପଥରେ ଗତି କରୁଥିବା ବେଳେ ସେଥିରୁ କିଛି କିଛି ପକାଇ ଦେଇଗଲେ । ପଥ ମଧ୍ୟରେ ସେ ବିପଦ-ଆପଦର ସମ୍ମୁଖୀନ ଯେ ନହେଲେ ତାହା ନୁହେଁ; କିନ୍ତୁ ସବୁ ସତ୍ତ୍ୱେ ସତର୍କ-ଅନ୍ୱେଷଣ ଚଳାଇ ସେ ଆଗକୁ ଆଗକୁ ପାଦ ପକାଇ ଯାଇଁ ଯାଇଁ ପରୁଶବେଦ କୁଣ୍ଡ ପାଖରେ ପହଞ୍ଚିଲେ । ମୁଖ୍ୟତଃ ଏହି ଉଦ୍ଦେଶ୍ୟରେହିଁ ସେ ତୀର୍ଥଯାତ୍ରା କରି ଶ୍ରୀଶୈଳମ୍ ଆସିଥିଲେ । ଆପଣା ଆବିଷ୍କୃତି ସମ୍ପର୍କରେ ସ୍ଥିରନିଶ୍ଚିତ ହେବାକୁ ଯାଇ ସେ ଗୋଟିଏ ଲୁହାଛଡ଼ ସେହି ଅପରସାୟନିକ ଦ୍ରବଣରେ ବୁଡ଼ାଇ ଦେଲେ, ଆଉ ଦେଖ ! ଲୁହାଛଡ଼ଟି ସୁନାଛଡ଼ରେ ପରିଣତ ହୋଇଗଲା । ଆନନ୍ଦୋଚ୍ଛଳ ହୃଦୟରେ ସେ ଦୁଇଟି ମାଟି ମାଠିଆର ମୁହଁ ପର୍ଯ୍ୟନ୍ତ ସେହି ଐନ୍ଦ୍ରଜାଲିକ ଦ୍ରବଣକୁ ଭର୍ତ୍ତି କରି ସୋରିଷ ମଞ୍ଜି ବୁଣା ବାଟରେ ତୁରନ୍ତ ପଛକୁ ଫେରିବାକୁ ଲାଗିଲେ ।

ମନ୍ଦିର ଓ ଏହାର ପୂଜାରୀମାନଙ୍କୁ ଏଡ଼ାଇବାକୁ ଯାଇ ସେ ଗୁଡ଼ାଏ ବୁଲାଣି ବୁଲି ବୁଲି କ୍ଷିପ୍ର ପଦକ୍ଷେପରେ ଯେଉଁ ଗାଁରେ ଯାଇ ପହଞ୍ଚିଲେ, ତା ନାଁ ହେଲା ଅନୁମକୋଣ୍ଡା । ସେତେବେଳକୁ ଘଣ୍ଟାଏ ହେଲା ସୂର୍ଯ୍ୟାସ୍ତ ହୋଇଥିଲା ଏବଂ ସାରା ପୃଥିବୀରେ ଘନ ଅନ୍ଧକାର ଘୋଟି ଯାଇଥିଲା । ଦୋନ୍ତି ଆଲୟା ରେଡ଼୍ଡି ନାମକ (କୌଣସି କୌଣସି ମତରେ ତାହା ଦୋନ୍ତି ଆଲ୍ଲାଦା ରେଡ଼୍ଡି) କୃଷୀ ପାଖରେ ରାତିଟି ବିଶ୍ରାମ କରିବାକୁ ସେ ଲୋଡ଼ିଲେ । ଗୁହାଳ ଘରଟି ତାଙ୍କୁ ଦେଖାଇ ଦିଆଯିବାରୁ ସେ ସେଠାରେ ଲଙ୍ଗଳ ପଛପଟେ ମାଠିଆ ଦୁଇଟିକୁ ଲୁଚାଇ ଦେଇ ଆପଣା ଜାତିର କେହି ମିଳିଲେ ରାତିରେ ତା ଘରେ କିଛି ଖାଇବେ ବୋଲି ଭାବି ଅନୁସନ୍ଧାନରେ ବାହାରିଗଲେ । ଏଣେ ଆଲୟା ରେଡ଼୍ଡି ତା' ଗୋରୁଙ୍କୁ ସେଦିନର ଶେଷ ଖାଇବା ଦେବାକୁ ଗୁହାଳକୁ ଆସି ଦେଖିଲା, କିଛି ଜିନିଷ ସୁନା ପରି ଚକ୍‌ଚକ୍ କରୁଛି—ସେ ପ୍ରଥମେ ଅବାକ୍ ହୋଇଗଲା । ପାଖକୁ ଯାଇ ଜାଣିଲା ଯେ ଦୈବାତ୍ ପରୁଶବେଦ ସଂସ୍ପର୍ଶରେ ଆସି ତାର ଗୋଟାଏ ଲଙ୍ଗଳର ଲୁହାଫାଳ ସୁନା

ପାଲଟି ଯାଇଛୁ । ଚଟାପଟ୍ ମନରେ ଗୋଟାଏ ଉପାୟ ପାଞ୍ଚି ଆଲ୍ୟା ରେଡ୍‌ଡ଼ି ସେ ମାଠିଆ ଦୁଇଟାକୁ ତା ଘର ଭିତରକୁ ନେଇଗଲା, ଗୋରୁମାନଙ୍କୁ ଗୁହାଳରୁ ଫିଟାଇ ଦେଇ ଶୁଖିଲା ନଡ଼ା-ଚାଳରେ ନିଆଁ ଲଗାଇ ଦେଲା । ଘରଟା ସଙ୍ଗେ ସଙ୍ଗେ ଜଳିଉଠି ବହୁ ଉଚ୍ଚକୁ ନାଲିରଙ୍ଗ ଚହଟି ଦିଶିବାରୁ କୋମଟୀ ବେମା ସେଠାକୁ ଦଉଡ଼ି ଆସିଲା । ବହୁମୂଲ୍ୟ ମାଠିଆଗୁଡ଼ିକୁ ସେହି ଜଳନ୍ତା ନିଆଁ ଭିତରୁ ଉଦ୍ଧାର କରିବାକୁ ପ୍ରାଣମୂର୍ଚ୍ଛା ଉଦ୍ୟମ କରୁକରୁ ବେମା ସେ ଲେଲିହାନ ଅଗ୍ନିଶିଖା ଭିତରେ ପଡ଼ିଗଲା ଓ ପ୍ରାଣ ହରାଇଲା ।

ଆଲ୍ୟା ରେଡ୍‌ଡ଼ି ଭାରି ଚଲାଖ ଓ ସାବଧାନ ମଣିଷ ଥିବାରୁ ସଙ୍ଗେ ସଙ୍ଗେ ଧନୀ ପାଲଟିଯିବାକୁ ଚେଷ୍ଟା କଲା ନାହିଁ । ସମୟ କ୍ରମେ ବେଶ୍ ଧୈର୍ଯ୍ୟଶୀଳ ଭାବେ ପରଶୁବେଦିକୁ ବ୍ୟବହାର କରି ସେ ଅନେକ ଘର, ଅନେକ କ୍ଷେତ ଓ ବହୁ ଗୋରୁଗାଈ ଅର୍ଜନ କଲା । କିନ୍ତୁ ଏଣେ ତା'ର ଧନ ବଢ଼ିବା ସଙ୍ଗେ ସଙ୍ଗେ ଦୁଃଖ ମଧ୍ୟ ବଢ଼ିଚାଲିଲା । କୁମୁଟି ବେମା ଏକ ପ୍ରତିଶୋଧପରାୟଣ ଭୂତ ହୋଇ ଗୋଟାକ ପରେ ଗୋଟାଏ ଭୟାନକ ଆପଦ ଘଟାଇ ଲାଗିଲା । ଗୋଟାକ ପରେ ଗୋଟାଏ ତା' ପୁଅଯାକ ବେମାରରେ ପଡ଼ି ମରିଗଲେ । ଆଲ୍ୟା ରେଡ୍‌ଡ଼ିର ଘୋର ମନସ୍ତାପ ହେଲା । ପ୍ରଲ୍ୟା ନାମରେ ଗୋଟିଏ ମାତ୍ର ପୁଅ ଆଉ ତା'ର ରହିଥିଲା । ଏଇଟି ଯଦି ମରିଯାଏ ତେବେ ଧନ ସଂପତ୍ତିର ବଂଶଗତ ଉତ୍ତରାଧିକାରୀ କେହି ରହିବ ନାହିଁ କିମ୍ବା ପିତୃପୁରୁଷଙ୍କୁ ପାଣି ଟୋପାଏ ଦେବା ହେବ ନାହିଁ । ଏ ଚିନ୍ତା ସାଙ୍ଗକୁ ଆଲ୍ୟାକୁ ଯାହା ଘାରୁଥିଲା, ସେ ବିପତ୍ତିର ମୂଳକାରଣ କିମ୍ବା ତା'ର ଆଶଙ୍କା ସମ୍ବନ୍ଧରେ ସେ କାହାକୁ କିଛି ହେଲେ ଜଣାଇ ପାରୁନଥିଲା ।

ଦୁର୍ଦ୍ଦାନ୍ତ ବିପତ୍ତିପାତର ପ୍ରଚଣ୍ଡ ବାତ୍ୟା ତା ନିକଟର ଅବଲମ୍ବେ ଧ୍ୱଂସିତ ହେବାକୁ ଯେ ଯାଉଛି, ଏ ବିଷୟ ଭାବି ଭାବି ଦିନେ ଆଲ୍ୟା ରେଡ୍‌ଡୀ ଶୋଇବାକୁ ଗଲା ! ତାକୁ ଭଲ ନିଦ ହେଲା ନାହିଁ । ସେଇ ଭଙ୍ଗା ନିଦରେ ସେ ସ୍ୱପ୍ନ ଦେଖିଲା କୋମଟୀ ବେମା ବିକଟାଳ ରୂପ ଧରି ବାହାରି ଆସିଛି । ଆଲ୍ୟା ରେଡ୍‌ଡୀ ବେମା ପାଦ ତଳେ ମୁଣ୍ଡ ଲଗାଇ ଲେଟି ପଡ଼ିଲା । ଆଖିରୁ ତାର ଧାର ଧାର ଲୁହ ବୁହାଇ ସେ କ୍ଷମା ଲୋଡ଼ିଲା—"କହ, ଦୟାକରି କହ, କ'ଣ ମୁଁ କଲେ ତୋର କ୍ରୋଧ ଶାନ୍ତ

ହେବ ।" ପରିଶେଷରେ କୋମଟି ବେମା ପ୍ରସନ୍ନ ହେଲା ଓ କ୍ଷମା ଲାଗି ଦୁଇଟି ସର୍ତ୍ତ ରଖିଲା । ପ୍ରଥମତଃ ଆଲୟା ରେଡ୍ଡି କୁମୁଟି ବେମାର ଏକ ସୁବର୍ଣ୍ଣ ପ୍ରତିମା ଗଢ଼ି ପ୍ରତିଷ୍ଠା କରିବ ଓ ତାକୁ ନିଜ ଘର ଠାକୁର ଘରେ ଦୈନନ୍ଦିନ ପୂଜା କରିବ । ଦ୍ୱିତୀୟରେ ବର୍ତ୍ତମାନଠାରୁ ଆଗାମୀ ଭବିଷ୍ୟକାଳ ପର୍ଯ୍ୟନ୍ତ ଆଲୟା-ପରିବାରର ପ୍ରତ୍ୟେକ ପୁରୁଷ କୁମୁଟି ବେମା ନାମରେ ନାମିତ ହେବେ । ଏହି ସର୍ତ୍ତ ଦୁଇଟି ଠିକ୍ ଭାବରେ ପାଳିତ ହେଲେ ତା'ର ପରିବାର ବର୍ଦ୍ଧିତ ଓ ସମୃଦ୍ଧ ହେବ, ଗୋଟିଏ ରାଜ୍ୟ ଓ ତହିଁରେ ଶହେ ବର୍ଷ ଧରି ରାଜତ୍ୱ ପ୍ରତିଷ୍ଠା ସମ୍ଭବ ହେବ । ଆଲୟାରେଡ୍ଡି ସଙ୍ଗେ ସଙ୍ଗେ ଏହି ସର୍ତ୍ତ ପାଳନ କରିବାକୁ ସମ୍ମତି ପ୍ରକାଶ କଲା । ଠିକ୍ ତା ପର-ଦିନ ସ୍ୱର୍ଣ୍ଣକାରମାନଙ୍କୁ ଅଣାଇ କୁମୁଟି ବେମାର ସୁବର୍ଣ୍ଣ ପ୍ରତିମା ସେ ନିର୍ମାଣ କରାଇଲା । ଅଳ୍ପଦିନ ମଧ୍ୟରେ ପ୍ରଥମ ଶୁଭଦିନ ଦେଖି ନିଜ କୁଳ ଦେବତା-ଗୃହରେ ସେହି ପ୍ରତିମାକୁ ଯଥାବିଧି ଉତ୍ସବ ଆଡ଼ମ୍ବରରେ ସେ ପ୍ରତିଷ୍ଠା କଲା । ବଞ୍ଚିଥିବା ଏକମାତ୍ର ପୁଅ ପ୍ରଲୟା ରେଡ୍ଡିର ନାମ ବଦଳାଇ ପ୍ରଲୟା ବେମା ରେଡ୍ଡି ମଧ୍ୟ କରିଦେଲା ।

ସେହିଦିନ ଠାରୁ କୁମୁଟି ବେମା-ଭୂତର ଉତ୍ପାତ ଆଲୟା ରେଡ୍ଡିଙ୍କୁ ବିବ୍ରତ କରିବା ବନ୍ଦ ହୋଇଗଲା । ଆଲୟାର ଆହୁରି ଦୁଇପୁଅ ଜନ୍ମ ହେଲେ । ସେ ତାଙ୍କୁ ଯଥାକ୍ରମେ ଅନଭୋତା ବେମା ରେଡ୍ଡି ଓ ଅନବେମା ରେଡ୍ଡି ନାମରେ ନାମିତ କଲା । ଏବେ ପୂର୍ବପରି ସେ ପୁନର୍ବାର ଆନନ୍ଦ ଅନୁଭବ କଲା; କିନ୍ତୁ ଏ ଗୃହସ୍ଥଳୀର ପରିବେଶ ଓ ସେଥି ସହି ଜଡ଼ିତ ଦୁଃଖଦ ସ୍ମୃତିସବୁ ଏଡ଼ାଇ ଯିବାକୁ ସେ ଅନ୍ୟ ଏକ ନୂଆଜାଗାକୁ ଉଠିଯିବାପାଇଁ ମନସ୍ଥ କଲା । ୧୩୨୩ ମସିହାବେଳକୁ ସେ ତା'ର ପରିବାର ଓ ବହୁମୂଲ୍ୟ ପରୁଶବେଦି ମାଠିଆଗୁଡ଼ିକ ସହ ଗୁଣ୍ଟୁର ଜିଲ୍ଲାର କୋଣ୍ଡାବିଡୁକୁ ଉଠିଗଲା ।

ବର୍ଷେ କି ଦୁଇବର୍ଷ କୋଣ୍ଡାବିଡୁରେ ରହିଛି କି ନାହିଁ, ଆଲୟା ରେଡ୍ଡିର ମୃତ୍ୟୁ ହେଲା । ମୃତ୍ୟୁ କୋଳରେ ଢଳିପଡ଼ିବା ପୂର୍ବରୁ ପୁଅ ପ୍ରଲୟା ରେଡ୍ଡିକୁ ସମ୍ଭାବ୍ୟ ରାଜପଣ ଅର୍ପିତ ହେବାର ଦେଖି ସେ ଆନନ୍ଦ ଅନୁଭବ କଲା । ପରୁଶ-ବେଦିର ହାତଖୋଲା ବ୍ୟବହାର କରି ପ୍ରଲୟା ରେଡ୍ଡି ଯେଉଁ ସୁନା ପାଇଲା ସେଥିରେ ସେ କୋଣ୍ଡାବିଡୁକୁ ଏକ ଦୁର୍ଗରେ ପରିଣତ କଲା, ନିଜର ଏକ ସୈନ୍ୟ

ବାହ୍ମଣୀ ଗଢ଼ିଲ ଓ ପଡ଼ୋଶୀ ରାଜ୍ୟମାନଙ୍କୁ ଆକ୍ରମଣ କଲା । କାକତୀୟ ସାମ୍ରାଜ୍ୟ ଖଣ୍ଡ ବିଖଣ୍ଡିତ ହୋଇଯିବା ଯୋଗୁଁ ଯେଉଁ କ୍ଷମତାଗତ ଶୂନ୍ୟତା ସୃଷ୍ଟି ହେଲା, ତା'ର ପୂର୍ଣ୍ଣ ଉପଯୋଗ କରି ପ୍ରଲୟା ୧୩୨୮ ବେଳକୁ ଆପଣାକୁ ଏକ ସ୍ୱାଧୀନ ସାର୍ବଭୌମ ସମ୍ରାଟ୍ ଘୋଷଣା କଲା ।

ଏହାର ବାରବର୍ଷ ପରେ ପ୍ରଲୟା ରେଡ୍‌ଡ଼ିର ମୃତ୍ୟୁ ଘଟିବାରୁ ତା' ଭାଇ ଅନବୋତା ବେମା ରେଡ୍‌ଡ଼ି ଉତ୍ତରାଧିକାରୀରୂପେ ସିଂହାସନ ଆରୋହଣ କଲା । ସେ ସ୍ୱଭାବତଃ ତେଜସ୍ୱୀ ଓ ଅସାଧାରଣ ଶୌର୍ଯ୍ୟ ସଂପନ୍ନ ଥିବାରୁ ବହୁ ଯୁଦ୍ଧ ବିଗ୍ରହ ଚଳାଇ ରାଜ୍ୟ ସୀମାକୁ ଦ୍ୱିଗୁଣ ବିସ୍ତୃତ କଲା । କିନ୍ତୁ ଅନବରତ ଯୁଦ୍ଧ-ଅଭିଯାନ ଚଳାଇବା ଫଳରେ ତା'ର ରାଜକୋଷ ନିଃଶେଷିତ ହୋଇଗଲା । ବିଷମ ସଙ୍କଟ ସମୟରେ ସେ ତା' ଭାଇ ପରି ପରୁଶଭେଦ ବ୍ୟବହାର କରି ପାରିଲା ନାହିଁ । କାରଣ ବାରମ୍ବାର ବ୍ୟବହୃତ ହୋଇ ହୋଇ ସେ ତରଳ ଦ୍ରବ୍ୟ ପଦାର୍ଥର ଆଉ କିଛି ଅବଶେଷ ନଥିଲା । ଯାହା ହେଉ, ତା'ର କିନ୍ତୁ ଭାଗ୍ୟୋଦୟ ଘଟିଲା ।

ତନ୍ତ୍ର ବିଦ୍ୟାରେ ସୁଦକ୍ଷ କୌଣସି ହଠଯୋଗୀ ଏକ ନିକାଞ୍ଚନ ସ୍ଥଳରେ ଯଜ୍ଞ ଓ ପୂଜାଦି କର୍ମ ଆରମ୍ଭ କଲା । ଏହି ଯଜ୍ଞ ସାଙ୍ଗ ହେବା ପାଇଁ ମନୁଷ୍ୟବଳି ଲୋଡ଼ାଥିଲା । ସେହି ହଠଯୋଗୀ ଜଣେ ମେଣ୍ଢା ଜଗୁଆଳକୁ ଧନ ଲୋଭ ଦେଖାଇ ଯଜ୍ଞ କୁଣ୍ଡ ପାଖକୁ ନେଇ ଜଳନ୍ତା ନିଆଁ ଭିତରକୁ ଠେଲି ଦେବାକୁ ବସିଲା । ଉଭୟଙ୍କ ଭିତରେ ଧସ୍ତାଧସ୍ତି ହେଉଁ ହେଉଁ ସେ ହଠଯୋଗୀ ନିଆଁ କୁଣ୍ଡ ଭିତରକୁ ଠେଲି ହୋଇ ପଡ଼ିଗଲା ଓ ସେଥିରେ ପୋଡ଼ି ପାଉଁଶ ହୋଇଗଲା । ମେଷ ପାଳକଟି ରକ୍ଷା ପାଇଗଲା । ଯେଉଁସ୍ଥାନରେ ନିଶ୍ଚିତ ମୃତ୍ୟୁ ମୁଖରୁ ଅତି ଅଳ୍ପକେ ରକ୍ଷା ପାଇଯାଇଥିଲା, ସେହି ସ୍ଥାନଟିକୁ ଦେଖିଯିବାର ଆଗ୍ରହ ଓ କୌତୂହଳ ସମ୍ବରଣ କରି ନପାରି ସେ ପରଦିନ ପ୍ରତ୍ୟୁଷରେ ହିଁ ସେଠାରେ ପହଞ୍ଚିଲା । ଯଜ୍ଞ କୁଣ୍ଡରେ ମଣିଷ ଆକୃତିର ଦୁଇଟି ସୁବର୍ଣ୍ଣ ପ୍ରତିମା ଥିବାର ଦେଖି ପ୍ରଥମେ ସେ ନିଜ ଆଖିକୁ ବିଶ୍ୱାସ କରି ପାରିଲା ନାହିଁ । ରାତି ହେବା ପର୍ଯ୍ୟନ୍ତ ସେ ସେଠାରେ ଅଧୀର ଆଗ୍ରହରେ ଅପେକ୍ଷା କରି ଜଗି ରହିଲା । ରାତ୍ରିର ନୀରବ-ନିସ୍ତବ୍ଧ ପ୍ରହରରେ ସେ ତା'ର ସ୍ତ୍ରୀ ଓ ପିଲାମାନଙ୍କ ସହାୟତାରେ ସେ ମୂର୍ତ୍ତି ଦୁଇଟିକୁ ଆପଣା କୁଡ଼ିଆକୁ ଉଠାଇ

ନେଲା । ସେହି ମୂର୍ତ୍ତି ଦେହରୁ ଖଣ୍ଡେ ଖଣ୍ଡେ ସୁନାକାଟି ସେ ତା ବନମଧ୍ୟରେ ମେଣ୍ଢା ଗୋଠ ବଢ଼ାଇଲା ଓ ଅନ୍ୟ ଭାବରେ ନିଜକୁ ଧନବନ୍ତ କରିବାରେ ଲାଗିଲା । ମେଷପାଳକର ଏହି ଅନଭ୍ରୁତ ଓ ଆକସ୍ମିକ ସମୃଦ୍ଧି-ସମ୍ବାଦ ଅନଭେମାର କର୍ଣ୍ଣଗୋଚର ହେବାରୁ ସେ ତା କୁଡ଼ିଆ ଖାନତଲାସ କରିବାକୁ ଲୋକ ପଠାଇଲା । ସେମାନେ ସୁବର୍ଣ୍ଣ ପ୍ରତିମା ଗୁଡ଼ିକୁ ଆବିଷ୍କାର କରି ଜବତ କରିନେଲେ ଏବଂ ସେହି ଦିନଠାରୁ ଅନଭେମା ବେମାର ଆର୍ଥିକ ଦୁର୍ଭାବନାର ଅନ୍ତ ଘଟିଲା ।

ତିରିଶ ବର୍ଷଧରି ଗୌରବୋଜ୍ଜ୍ୱଳ ଶାସନ ନିର୍ବାହ କରିବା ପରେ ୧୩୭୦ରେ ଅନଭେମା ବେମାର ମୃତ୍ୟୁ ଘଟିଲା । ତା' ପୁଅ କୁମାରଗିରି ବେମା ସେତେବେଳକୁ ନାବାଳକ ଥିବାରୁ ସେ ସିଂହାସନ ଆରୋହଣ କରିବା ପର୍ଯ୍ୟନ୍ତ ମୃତ ରାଜାର ଭାଇ ଅନବେମା ବାରବର୍ଷ ପାଇଁ ରାଜ ପ୍ରତିନିଧି ରୂପେ ଶାସନ କାର୍ଯ୍ୟ ଚଳାଇଲା । କୁମାର ଗିରିଙ୍କର ପ୍ରଧାନ ଗୌରବ ହେଉଛି ସେ ବେମନାଙ୍କର ଜନକ ଥିଲେ । ତାଙ୍କର ରାଣୀ ମଲ୍ଲାମ୍ମାଙ୍କ ଗର୍ଭରୁ ଯେଉଁ ତିନୋଟି ପୁତ୍ର ସନ୍ତାନ ଜାତ ହୋଇଥିଲେ ବେମନା ସେମାନଙ୍କ ମଧ୍ୟରେ ଥିଲେ ସର୍ବକନିଷ୍ଠ । ଜ୍ୟେଷ୍ଠଥିଲେ ଅନଭେମା ଦ୍ୱିତୀୟ ଓରଫ ପେଦା କୋମଟି ବେମା ଓ ମଧ୍ୟମ ଥିଲେ ରାଚ୍ଚ ରେମା । ବେମନାଙ୍କର ଦୁଇଭାଇଯାକ ଜଣକ ପରେ ଜଣେ, ପ୍ରଥମ ୧୩୯୬ରେ ଓ ଦ୍ୱିତୀୟ ୧୪୨୪ରେ ରାଜା ହୋଇଥିଲେ । ନିଜ ସୈନ୍ୟବାହିନୀର ଜନୈକ ସୈନ୍ୟାଧ୍ୟକ୍ଷ ଦ୍ୱାରା ରାଚ୍ଚ ବେମା ଗୋପନରେ ନିହତ ହେବାରୁ ସେହିବଂଶ-ଶାସନର ସମାପ୍ତି ଘଟିଲା । କୋମଟି ବେମାର ଭୂତ ଯେଉଁ ଭବିଷ୍ୟତ-ବାଣୀ କରିଥିଲା, ତଦନୁଯାୟୀ ଆଲୟ୍ୟା ବେମା ରେଡ଼ିଡ଼ିର ପରିବାର ୧୩୨୮ରୁ ୧୪୨୮ ପର୍ଯ୍ୟନ୍ତ ଠିକ୍ ଶହେବର୍ଷ ଶାସନ-କ୍ଷମତା ଭୋଗ କଲେ ।

ତିନି ପୁଅଙ୍କ ମଧ୍ୟରେ ସବାସାନ ଓ ଭାରି ଖୁରୁସାଣିଆ ଥିବାରୁ ପିଲାଦିନେ ସ୍ନେହାସକ୍ତ ପିତାମାତାଙ୍କର ଗେହ୍ଲା-ଆଦର ପାଇ ବେମନା ପୁରାପୁରି ନଷ୍ଟ ହୋଇ-ଗଲେ । ବାଳକ ଅବସ୍ଥାରେ ସେ ଥିଲେ ଏକାନ୍ତ ମନୁଆ ଓ ଅମାନିଆ । ଯୁବକ ହେଲା ବେଳକୁ ତାଙ୍କର ମୁଖ୍ୟ ପେଶା ହେଲା କଣ୍ଢିଆ ଘଅ ମଞ୍ଜି ବୁଣା, ସେ ପୁଣି ଏ ଗୁଡ଼ିକୁ ଯେଉଁଠି ଇଚ୍ଛା ସେଠି ବେପରବାୟ ବୁଣି ଲାଗୁଥିଲେ । ବିବାହ

ବନ୍ଧନରେ ବାନ୍ଧ ଦେଲେ ପୁଅଟା କାଳେ ଶାନ୍ତ ପଡ଼ିଯିବ, ଏହା ଭାବି ବାପା-ମା ଯେତେ ସବୁ କନ୍ୟାଙ୍କର ପ୍ରସ୍ତାବ ପକାଇଥିଲେ, ସେ କିଛି ନା କିଛି ଆଳରେ ସେ ସବୁକୁ ଅଗ୍ରାହ୍ୟ ଓ ନାକଚ କରିଦେଲେ । ବୃଦ୍ଧାବସ୍ଥାରେ ସେ ସେମାନଙ୍କୁ ବହୁ ହୃଦୟ-ବ୍ୟଥା ଦେଲେ ଏବଂ ସେମାନଙ୍କ ଦେହାନ୍ତ ପରେ ସେମାନେ ତାଙ୍କ ଉପରେ ଯେଉଁ ଯତ୍କିଞ୍ଚିତ ସାମାନ୍ୟ ନିୟନ୍ତ୍ରଣ ରଖିଥିଲେ ସେତକ ମଧ୍ୟ ରହିଲା ନାହିଁ । ଭାଇ ଦୁଇଜଣଙ୍କ ମଧ୍ୟରୁ କାହାରି ତାଙ୍କ ଉପରେ କିଛି କର୍ତ୍ତୃତ୍ୱ ନଥିଲା । ଯେଉଁ ବ୍ୟକ୍ତି ଜଣକପ୍ରତି ତାଙ୍କର କିଛି ହେଲେ ସମ୍ଭ୍ରମବୋଧ ଥିଲା ସେ ହେଲେ ତାଙ୍କ ଭାଇ ରାଜୁ ବେମାଙ୍କ ରାଣୀ ନରସମାମ୍ବା । ଏହି ମହିଳାଙ୍କ ପ୍ରଭାବହିଁ ତାଙ୍କୁ ଲମ୍ପଟ-ପ୍ରେମିକରୁ କବି-ଦାର୍ଶନିକରେ ରୂପାନ୍ତରିତ କରିଥିଲା ।

ଏଭଳି ରୂପାନ୍ତର ବରଣର ଅବ୍ୟବହିତ ପୂର୍ବରୁ ବେମନା ଜଣେ ଦେବ-ଦାସୀ (ବୃତ୍ତିଜୀବିନୀ ଗଣିକା) ସହ ଜୀବନ ବିତାଉଥିଲେ । ସେ ଗଣିକା ତାଙ୍କୁ ହାଡ଼େ ହାଡ଼େ ଶୋଷଣ କରୁଥିଲା । କିନ୍ତୁ ସେ ତା'ର ଛଳ-ପ୍ରଣୟରେ ଏପରି ବଶୀଭୂତ ହୋଇ ପଡ଼ିଥିଲେ ଯେ ତାକୁ ଖୁସି କରିବା ପାଇଁ ଯେ କୌଣସି କାର୍ଯ୍ୟ କରିବାରେ ତାଙ୍କର ଦ୍ୱିଧା ନଥିଲା । ଦିନେ ସେ ଗଣିକା ନିଜକୁ ସଜାଇବା ପାଇଁ ତାଙ୍କ ଭ୍ରାତୃଜାୟା ରାଣୀ ନରସମାମ୍ବାଙ୍କର ସମସ୍ତ ରତ୍ନାଳଙ୍କାର ଆଣି ଦେବାକୁ କହିବାରୁ ସେ ଘୋର ମାନସିକ ଅସ୍ୱସ୍ତିରେ ପଡ଼ିଗଲେ । ଏଣେ ଦେବଦାସୀକୁ ନାସ୍ତି କରି ପାରିଲେ ନାହିଁ କିମ୍ବା ଏପରି ଏକ ଦୌରାତ୍ମ୍ୟଜନକ ପ୍ରସ୍ତାବ ନେଇ ନରସମାମ୍ବାଙ୍କ ମୁହାଁମୁହିଁ ହୋଇ ପାରିଲେ ନାହିଁ । ସେଥିଯୋଗୁଁ ଦିନେ, ଦୁଇଦିନ କିଛି ନଖାଇ, ନପିଇ ସେ ରାଜପ୍ରାସାଦରେ ରୁଷି ବସିଲେ । ରାଣୀ ନରସମାମ୍ବା ବାରମ୍ବାର ଖୋଳି, ତାଡ଼ି ପଚାରିବା ପରେ ଯେତେବେଳେ ତାଙ୍କ ମନୋଦୁଃଖର କାରଣ ଜାଣିଲେ, ସେତେବେଳେ କେବଳ ମାତ୍ର ନାକ ଦଣ୍ଡିଟି ଛଡ଼ା ଆଉ ସବୁ ଅଳଙ୍କାର ତାଙ୍କୁ ଦେଇଦେଲେ । ବେମନା କାଳ ବିଳମ୍ବ ନକରି ମଣିଖଚିତ ସେ ସବୁ ଅଳଙ୍କାରକୁ ନେଇ ଦେବଦାସୀ ପାଖକୁ ଗଲେ । ସେ ଚତୁରୀ ଗଣିକା ଯଥା ଶୀଘ୍ର ସେଥିରେ ନଥିବା ଅଳଙ୍କାରଟି ବିଷୟ ଜାଣିଗଲା ଓ ସେଇଟିକୁ ଆଣିବା ପାଇଁ ପୁଣି ବେମନାଙ୍କୁ ପଠାଇଲା । ନରସମାମ୍ବା ଅବଶ୍ୟ ସେଇଟିକୁ ଦେଲେ, କିନ୍ତୁ ସେଥିପାଇଁ ଗୋଟିଏ ସର୍ତ୍ତ ରଖିଲେ । ସର୍ତ୍ତ ହେଲା, ବେମନା ଯାହା ହେଲେ ବି

ସିଧାସଳଖ ସେ ଅଳଙ୍କାରଟିକୁ ସେ ଦେବଦାସୀକୁ ଦେବେ ନାହିଁ । ସେଇଟି ସେ ଦେବଦାସୀ ଶୟନ କକ୍ଷ-ଦ୍ୱାରର ଏରୁଣ୍ଡି ବନ୍ଧରେ ରଖିବେ ଓ ଦେବଦାସୀ ପଛ କର ବୁଲି ତା ଓଠରେ ତାକୁ ଉଠାଇ ନେବ । ଏପରି ଶୁନ୍‌ଚନ୍ତ୍‌ ହୋଇ ଜନ୍ନଷଟି ନେଲାବେଳେ କିନ୍ତୁ ସେ ଗଣିକା ନିଜ ଦେହର ସବୁ ଲୁଗାପଟା ଖୋଲି ଦେଇଥିବ ଏବଂ ବେମନା ନିରେଖି ଚାହିଁ ସେ ସମୁଦାୟ ଦୃଶ୍ୟ ଦେଖିବେ । ତା ଶ୍ରେଣୀର ସ୍ତ୍ରୀମାନେ ନୃତ୍ୟଶିକ୍ଷା କଲାବେଳେ ଏପ୍ରକାର ବନ୍ଧରେ ତାଲିମ୍ ପାଇ ଥିବାରୁ ସେ ଦେବଦାସୀ ପକ୍ଷରେ ଏହା ଏକାନ୍ତ ସହଜସାଧ୍ୟ ଥିଲା; କିନ୍ତୁ ସେ ଏପରି କଲାବେଳେ ତାର ନଗ୍ନ ଦେହର ମାଂସଳ ଅଙ୍ଗପ୍ରତ୍ୟଙ୍ଗ ମୋଡ଼ିମାଡ଼ି ହୋଇ ଯେପରି କଦାକାର ଦିଶିଲା, ସେହି ଦୃଶ୍ୟକୁ ପ୍ରତ୍ୟକ୍ଷ କରି ବେମନାଙ୍କର ସେଥିପ୍ରତି ଘୃଣାବୋଧ ତୀବ୍ର ହୋଇ ଉଠିବା ସଙ୍ଗେ ସଙ୍ଗେ ସେ ସେହିଠାରେ ସେହି ମୁହୂର୍ତ୍ତିରୁ ସମସ୍ତ ଯୌନ ସଂପର୍କ ସବୁ ଦିନ ପାଇଁ ପରିହାର କରିବେ ବୋଲି ଦୃଢ଼ ଶପଥବଦ୍ଧ ହେଲେ । ଏହାପରେ ବେମନାଙ୍କର ମର୍ମବେଦନା ଜାତ ହେଲା, ସେ ଏକାନ୍ତ ବିଷଣ୍ଣ ଓ ନିଷ୍କ୍ରିୟ ଚିତ୍ତତାରେ ପୀଡ଼ିତ ହେବାକୁ ଲାଗିଲେ । ଏହି ଅବସ୍ଥାରୁ ଉଦ୍ଧାର କରି ପ୍ରକୃତିସ୍ଥ କରାଇବା ପାଇଁ ରାଜକୀୟ ଜହ୍ନରୀ ଗହଣାଶାଳ ପର୍ଯ୍ୟବେକ୍ଷଣ କରିବାକୁ ରାଣୀ ନରସମାମ୍ବା ତାଙ୍କୁ ନିର୍ଦ୍ଦେଶ ଦେଲେ । ଭ୍ରାତୃଜାୟାଙ୍କ ପ୍ରତି ସମ୍ମାନବୋଧ ଦୃଷ୍ଟିରୁ ହେଲେ ବି ବେମନା ସ୍ୱେଚ୍ଛା-କ୍ରମେ ନୂତନ କର୍ତ୍ତବ୍ୟ ପାଳନରେ ବ୍ରତୀ ହେଲେ । ଖୁବ୍ ଶୀଘ୍ର ସେ ଲକ୍ଷ୍ୟ କରି ଦେଖିଲେ ଯେ ଅଭିରାମ ନାମକ ଜଣେ ସ୍ୱର୍ଣ୍ଣକାର ପ୍ରତିଦିନ ବିଳମ୍ବ କରି କାର୍ଯ୍ୟକୁ ଆସୁଛି । ବେମନାଙ୍କର ବାରମ୍ବାର ତାଗିଦ୍ ତା ଉପରେ କୌଣସି ପ୍ରଭାବ ପକାଇଲା ନାହିଁ । ଏ ଭଳି ଅବାଧ୍ୟତାର କାରଣ ଦର୍ଶାଇବା ପାଇଁ ଜୋର ଦିଆ ଯିବାରୁ ଅଭିରାମ କହିଲା ଯେ ତା'ର ଧର୍ମାନୁଷ୍ଠାନ ଗତ କର୍ତ୍ତବ୍ୟ ଅନ୍ୟ ସମସ୍ତ କାର୍ଯ୍ୟଠାରୁ ଏକାନ୍ତ ଗୁରୁତ୍ୱପୂର୍ଣ୍ଣ ଓ ସବୁଦିନ ପାଇଁ ନହେଲେ ମଧ୍ୟ ଏହି କେତେ ଦିନ ପାଇଁ ବିଳମ୍ବରେ କାର୍ଯ୍ୟରେ ଉପସ୍ଥିତ ହେଉଥିବା ଯୋଗୁଁ ତାକୁ କ୍ଷମା ଦିଆଯାଉ । ଜଣେ ମାମୁଲି ଶ୍ରମିକର ଏ ବିନମ୍ର ଅଥଚ ଦୃଢ଼ ପ୍ରତିରୋଧ ପାଇଁ ବେମନାଙ୍କର କୌତୂହଳ ଜାତ ହେଲା । ସେ ଏ ସଂପର୍କରେ ଅନୁସନ୍ଧାନ କରିବାକୁ ଯାଇ ବିଷୟଟିର ଭିତରି ରହସ୍ୟ କ'ଣ, ତାହା ଲକ୍ଷ୍ୟ କରିବାକୁ ସ୍ଥିର କଲେ । ତା' ପରଦିନ ସକାଳେ ସେ ଅଭିରାମର ପିଚ୍ଛାକରି ଦେଖିଲେ ଯେ ସେ ସଙ୍ଗରେ ସୁସ୍ୱାଦ୍ୟ ଫଳ ଓ ଗରମ କ୍ଷୀର

ନେଇ ଗୋଟିଏ ପାର୍ବତ୍ୟ ଗୁମ୍ଫାରେ ପ୍ରବେଶ କଲା । ନିଜକୁ ଏକ ବୃକ୍ଷ ଉହାଡ଼ରେ ଲୁଚାଇ ସେ ପୁଣି ଦେଖିଲେ ଯେ ସମସ୍ତ ନୈବେଦ୍ୟ ନେଇ ଅଭିରାମ ଜଣେ ଯୋଗୀଙ୍କ ପାଦତଳେ ରଖିଲା । ଅନେକ ବିଳମ୍ବରେ ଯୋଗୀ (ତାଙ୍କ ନାମ ଥିଲା ଲମ୍ବିକ ଶିବ ଯୋଗୀ) ଆଖି ଖୋଲିଲେ ଓ କହିଲେ, "ପ୍ରିୟ ବତ୍ସ, ମୁଁ ତୋର ଭକ୍ତି-ନିବେଦନରେ ସନ୍ତୁଷ୍ଟ । ଆଗାମୀ କାଲି ସକାଳେ ହିଁ ମୁଁ ଏ ସ୍ଥାନ ଛାଡ଼ି ଚାଲିଯିବି । ଠିକ୍ ସିନ୍ଦୁରା ଫାଟି ଆସିଲା ବେଳକୁ ତୁ ମୋ ପାଖକୁ ଆସିବୁ । ମୁଁ ତୋତେ ଗୁପ୍ତ ଆଧ୍ୟାତ୍ମ-ବିଦ୍ୟାରେ ଦୀକ୍ଷିତ କରାଇବି ଓ ତୋ ଠାରେ ମଧ୍ୟ ଅତିମାନବୀୟ ଶକ୍ତିର ଆବାହନ ଘଟାଇବି ।" ଯେଉଁ ମୁହୂର୍ତ୍ତରେ ବେମନା ଏହା ଶୁଣିଲେ, ସେହିକ୍ଷଣି ସେ ସ୍ଥିର କରି ନେଲେ ଯେ ଅଭିରାମ ନୁହେଁ, ସେ ନିଜେ ଆଗାମୀକାଲି ଯୋଗୀଙ୍କର ଅନୁଗ୍ରହ ଲାଭ କରି ଧନ୍ୟ ହେବେ ।

ପ୍ରାସାଦକୁ ଫେରି ବେମନା ନରସମାମ୍ବାଙ୍କୁ ସାକ୍ଷାତ କଲେ । ସେ ଯେଉଁ ପ୍ରସ୍ତାବ ଦେବେ, ସେଥିରେ ତାଙ୍କର କି ମତଲବ ଅଛି ଜାଣିବା ପାଇଁ ଜିଦ୍ ନକରିବାକୁ କହି ସେ ନରସମାମ୍ବାଙ୍କୁ ପ୍ରବର୍ତ୍ତାଇଲେ ଯେ ସେ ରାଜାଙ୍କୁ କହି ଯେମିତି ହେଲେ ଆଦେଶ ଜାରି କରନ୍ତୁ, ଯେପରି ସେ ଜରୁରୀଭାବେ ଚାହୁଁଥିବା ଗୋଟିଏ ଗହଣାକୁ ଗଢ଼ିବା ପାଇଁ ଅଭିରାମ ସାରାରାତି ଉଜାଗର ରହି କାର୍ଯ୍ୟଟି ସଂପୂର୍ଣ୍ଣ କରିବ । ଅନୁରୂପ ଆଦେଶ ଜାରି କରାଗଲା ଓ ଏହି ଉପାୟରେ ଯୋଗୀଙ୍କ ନିକଟରେ ଉପସ୍ଥିତ ହେବାକୁ ଅଭିରାମକୁ ବାରଣ କରି ରଖାଗଲା । ଯେତେବେଳେ ଅଭିରାମ ପରିବର୍ତ୍ତେ ବେମନା ତାଙ୍କ ନିକଟକୁ ଆସିଲେ, ଲମ୍ବିକ ଶିବ ଯୋଗୀ କହିଲେ, "ହେଉ, ବିଚରା ଗରୀବଟି ସାରାଜୀବନପାଇଁ ଏ ସୁଯୋଗ ହରାଇ ବସିଲା । ପ୍ରିୟବତ୍ସ, ତୁ ଭାଗ୍ୟବାନ ! ଆଗକୁ ଆ' ଓ ଦୀକ୍ଷା ଗ୍ରହଣ କର ।

ମୁହୂର୍ତ୍ତିକ ମଧ୍ୟରେ ଏକ ପୂର୍ଣ୍ଣାଙ୍ଗ ଯୋଗୀରେ ରୂପାନ୍ତରିତ ହୋଇ ବେମନା ପର୍ବତ ଗୁମ୍ଫାରୁ ବାହାରି ଆସି ସିଧା ଅଭିରାମ ପାଖକୁ ଗଲେ । ତାକୁ ସାଷ୍ଟାଙ୍ଗ ପ୍ରଣିପାତ କରି ତା'ଠାରେ କ୍ଷମା ପ୍ରାର୍ଥନା କଲେ । ଅନୁଶୋଚନାର ଅଶ୍ରୁ ଗଣ୍ଡ ଦେଇ ବହି ଯାଉଥିଲା ତାଙ୍କର । ସେ କହିଲେ, ମୁଁ ତୁମର ଯେଉଁ ବିରାଟ କ୍ଷତି କରିଛି ତାର ପ୍ରତିପୂରଣ କରିବାକୁ ଯାଇ ମୁଁ ତୁମ ନାମକୁ ଅମର କରି ଦେଇଯିବି ।"

ସେଥିପାଇଁ ସ୍ୱରଚିତ ପ୍ରତ୍ୟେକଟି ପଦ୍ୟର ଘୋଷାରେ ବେମନା ଅଭିରାମଙ୍କ ନାମକୁ ସ୍ଥାନ ଦେଇ ନିଜର ପ୍ରତିଜ୍ଞା ପୂରଣ କଲେ ।

ଏକ ମହାନ ଯୋଗୀ ଭାବରେ ବେମନା ଅଲୌକିକ ବିଭୂତି ପ୍ରଦର୍ଶନ କଲେ ସେ କେତେଗୁଡ଼ିଏ ଅଦାନଆଁ ଖରଭୁଜ ଫଳାଇଲେ । ଯେଉଁ ସବୁ ଖରଭୁଜ ସେ ତାଙ୍କ ଶିଷ୍ୟମାନଙ୍କୁ ଯାଚି କରି ଦେଲେ, ସେଥିରୁ ସୁନାର ମଞ୍ଜି ବାହାରିଲା, ଯେଉଁ ଗୁଡ଼ିକ ତାଙ୍କ ବଗିଚ୍ଚାରୁ ଚୋରି ହେଉଥିଲା, ସେ ସବୁ ଶାଳୁ ପୋକ ଭର୍ତ୍ତି ଥିଲା । କେତେ କେତେବେଳେ ସେ ତାଙ୍କର ଆଶ୍ରୟଦାତା ଗୃହସ୍ଥଙ୍କ ଘର ଆଗରେ ହିଁ ଝାଡ଼ା ବସୁଥିଲେ । ଯେବେ କେହି ବିରକ୍ତିବଶତଃ ସେଠୁ ତାଙ୍କୁ ତଡ଼ି ଦେଉଥିଲା, ତେବେ ସେ ଝାଡ଼ା ସେହି ସ୍ଥାନଟିକୁ ସବୁଦିନ ପାଇଁ ଦୁର୍ଗନ୍ଧମୟ କରୁଥିଲା । ଅନ୍ୟପକ୍ଷରେ ସନ୍ଥ ପିଲାଳିଆ ସ୍ୱଭାବବଶତଃ ଏପରି କରି ଗୌରବାନ୍ୱିତ କରିଛନ୍ତି ବୋଲି ଯେ ଭାବୁଥିଲା ଓ କହୁଥିଲା, ଝାଡ଼ା ତା' ପାଇଁ ସୁନାରେ ପରିଣତ ହୋଇ ଯାଉଥିଲା । ଭକ୍ତିର ସହିତ ଗୃହୀତ ହେଉଥିଲେ ତାଙ୍କର ପରିଶ୍ରା ମଧ୍ୟ ତରଳ ସୁନା ପାଲଟି ଯାଉଥିଲା ।

ଆମର ବିଶ୍ଳରବନ୍ତ ମନ ସ୍ୱପ୍ନରେ ସୁଦ୍ଧା ଝାଡ଼ା, ପରିଶ୍ରାର ଦୁର୍ଗନ୍ଧରେ ପୀଡ଼ିତ ହୋଇ ନ ପାରେ । ସେଥିପାଇଁ ବାଧ୍ୟହୋଇ ଆମେ ଠିକ୍ ଏହିଠାରେ ହିଁ ଜନଶ୍ରୁତିର ସେ ରହସ୍ୟାଚ୍ଛନ୍ନ ଜଗତରୁ ବାହାରି ଆସିବା ଶ୍ରେୟସ୍କର ହେବ ।

କ୍ଷୀଣ ଏବଂ ଅନିଶ୍ଚିତ ଦୀପ ସମୁଚ୍ଚୟ

ଅନ୍ଧକାର ଉଜଳି ଉଠିଛି ଆଜି କ୍ଷୀଣ ଏବଂ ଅନିଶ୍ଚିତ ଦୀପ ସମୁଚ୍ଚୟେ

ଏ. ଜି. ଗାର୍ଡିନର ।

ସେମାନଙ୍କର ଶୂନ୍ୟ ଗର୍ଭତାକୁ ଲୁଚାଇବା ପାଇଁ ଜନଶ୍ରୁତି ସବୁ ଇତିହାସର ମୁଖା ପିନ୍ଧିଥାନ୍ତି; କିନ୍ତୁ ସେ ମୁଖା ଏତେ ପତଳା ଯେ ସେଥିଭିତର ଦେଇ ଶୂନ୍ୟଗର୍ଭତା ପରିଷ୍କାର ଦେଖିହୁଏ । ବେମନାଙ୍କ ସଂପର୍କୀୟ ଜନଶ୍ରୁତିମାନଙ୍କୁ ଦୃଷ୍ଟାନ୍ତ ଧରିଯାଉ । ଏଗୁଡ଼ିକ ସନତାରିଖ ମାନଙ୍କୁ ସନ୍ଦର୍ଭେ ଅସ୍ୱୀକାର କରିଥାନ୍ତି, କୌଣସି ନା କୌଣସି ରାଜବଂଶ ସହିତ ଏ ସବୁ ଯୋଡ଼ି ହୋଇଥାନ୍ତି । ଏହା ସତ୍ତ୍ୱେ ସମାଲୋଚନା ସମ୍ବନ୍ଧିତ ସୂକ୍ଷ୍ମାନୁସନ୍ଧାନ ନିକଟରେ କ୍ଷଣେ ମାତ୍ର ତିଷ୍ଠି ପାରନ୍ତି ନାହିଁ ।

ଆଜି ପର୍ଯ୍ୟନ୍ତ ମଧ୍ୟ 'ବେମା' କିମ୍ବା 'ବେମନା' ରେଡ଼୍ଡିମାନଙ୍କ ମଧ୍ୟରେ ଏକ ନାମବାଚକ ଶବ୍ଦ ଭାବେ ପ୍ରଚଳିତ ନାହିଁ । କିନ୍ତୁ ଉପକୂଳବର୍ତ୍ତୀ ଏକ ବିସ୍ତୀର୍ଣ୍ଣ ଆନ୍ଧ୍ର-ଅଞ୍ଚଳରେ ଦୀର୍ଘ ଏକ ଶତାବ୍ଦୀ ଧରି ଶାସନ କରିଥିବା ରେଡ଼୍ଡୀ ପରିବାରର ସମସ୍ତ ବ୍ୟକ୍ତି 'ବେମା' ଥିଲେ । ତେଣୁ କବି ମଧ୍ୟ ଥିଲେ ତାହାହିଁ । ଅତଏବ କବି ନିଶ୍ଚିତ ଭାବରେ ଏହି ରାଜ ପରିବାରର ବ୍ୟକ୍ତି ଥିବେ । ସେ ସେପରି ନଥିଲେ ମଧ୍ୟ ସେ ପରିବାର ସହ ତାଙ୍କୁ ଯୋଡ଼ିଦେଲେ ଅନ୍ତତଃ ସିଧାସଳଖ ତାଙ୍କଠାରେ ରାଜପୁତ୍ରତ୍ୱ ଆରୋପିତ ହୋଇ ପାରିବ । ଅସଲ କଥା ହେଲା କବିଙ୍କ ନାମ ଯାହା ସେ ରାଜପରିବାରର ଲୋକଙ୍କ ନାମ ସେଇଆ ହୋଇଥିବାରୁ ସେଥିସହିତ କବିଙ୍କୁ ଯୋଡ଼ି ଦେବା ପାଇଁ ଆବଶ୍ୟକ ଯୁକ୍ତିସଙ୍ଗତି ଓ ଐତିହାସିକତା ମିଳିଯାଏ । ପୁନଶ୍ଚ ଯେତେବେଳେ ଜଣାଯାଏ ଯେ କେତେକ ରେଡ଼୍ଡି-ରାଜା ଥିଲେ ଯଶସ୍ୱୀ କବି, ପଣ୍ଡିତ ଓ ଟୀକାକାର, ଏ ସଂଯୋଗ ଇପ୍ସିତ ପରି ଟାଣ ମନେହୁଏ ।

କିନ୍ତୁ ଏ ରେଡ଼୍ଡି ରାଜାମାନଙ୍କ ମଧ୍ୟରୁ ଜଣକର ନାମାଂଶ କିପରି 'କୁମଟି' ହେଲା ? ପୂର୍ବରୁ କୁହାଯାଇଛି ଯେ ତେଲୁଗୁରେ 'କୁମଟି', 'ବୈଶ୍ୟ' —ଅର୍ଥାତ୍

ହିନ୍ଦୁ ବର୍ଣ୍ଣ ବିଭାଗରେ ଚତୁର୍ଥସ୍ଥ ସ୍ଥାନରେ ଥିବା ଜାତିର ସମାର୍ଥକ ଶବ୍ଦ । ରେଡ୍ଡି-ମାନେ ପରବର୍ତ୍ତୀ ଅର୍ଥାତ୍ ଶୂଦ୍ରବର୍ଗର ଅନ୍ତର୍ଭୁକ୍ତ । ତାହା ହେଲେ ଜଣେ ରେଡ୍ଡି କେମିତି ହୋଇ ପାରିବା କ୍ଷେତ୍ରରେ ଯେଉଁ ଅସମଞ୍ଜସତା ରହୁଛି, ତାକୁ କପରି ବୁଝାଇ ହେବ ? ତା'ପରେ ବି ଏକ ଅଖ୍ୟାତ ରେଡ୍ଡି ଚଷାର ପରିବାର କପରି ଏତେ ଶୀଘ୍ର ଗୌରବପୂର୍ଣ୍ଣ ଐଶ୍ୱର୍ଯ୍ୟ ଓ କ୍ଷମତାର ଚୂଡ଼ାନ୍ତକୁ ଉଠିଗଲା ? ସେମାନେ ଭାବିନେଲେ ଯେ କୁମୁଟି ବେମା ଓ ପରୁଷଭେଦ କଳସୀ ଦୁଇଟି ଉଦ୍ଭାବନ କରିଦେଲେ ଜନଶ୍ରୁତି ମାଧ୍ୟମରେ ପରିଷ୍କାର ଭାବେ ଏହି ପ୍ରଶ୍ନ ଦୁଇଟିର ସମାଧାନ ହୋଇଯିବ ।

ଜନଶ୍ରୁତି ଗୁଡ଼ିକର ଏକାନ୍ତ ବ୍ୟର୍ଥତା ପ୍ରମାଣିତ କରି ସଦ୍ୟତନ ଐତିହାସିକ ଓ ସାହିତ୍ୟିକ ଗବେଷଣା ଦ୍ୱାରା ଦୃଢ଼ ପ୍ରତିପାଦିତ ହୋଇଛି ଯେ ରେଡ୍ଡି ରାଜା-ମାନଙ୍କର ପାରଂପରିକ ନାମ ଦୋନ୍ତି ନ ଥିଲା; ଥିଲା ଦାସ୍ତି । ପ୍ରଲୟାବେମାଙ୍କ ପୂର୍ବରୁ ତାଙ୍କ ପିତା 'ବେମା' ନାମଧାରୀ ଥିଲେ । ପ୍ରଲୟାବେମାଙ୍କ ରାଜଧାନୀ କୋଣ୍ଡାବିଡ୍ ନଥିଲା, ଥିଲା ଅଦ୍ଦାଙ୍କି । ପ୍ରଲୟାଙ୍କର ଉତ୍ତରାଧିକାରୀ ଯେଉଁ ଅନଭୋତା ବେମା କହିଦନ ଉତ୍ତାରେ ତାଙ୍କ ରାଜଧାନୀକୁ ଅଦ୍ଦାଙ୍କିରୁ କୋଣ୍ଡାବିଡ୍‌କୁ ଉଠାଇ ନେଇଥିଲେ ସେ ପ୍ରଲୟାବେମାଙ୍କର ଭାଇ ନୁହନ୍ତି, ପୁଅ । କୁମାର ଗିରି ବେମାଙ୍କ ପରେ ଯେଉଁ ପେଦା କୁମୁଟି ବେମା ଶାସନ ଚଳାଇଥିଲେ, ସେ ତାଙ୍କର ପୁଅ ନୁହନ୍ତି ଖୁଡ଼ୁତା ପୁଅ ଭାଇ । କିନ୍ତୁ ଜଣେ ପଚାରିପାରେ, "ଏ ସବୁ ଘଟଣା କପରି 'ବେମନା ଜଣେ ରାଜପୁତ୍ର ଥିଲେ', ଏହାକୁ ଅପ୍ରମାଣିତ କରୁଛି ?" ଏହାର ଉତ୍ତର ଏକାନ୍ତ ସରଳ । ଜନଶ୍ରୁତିମାନ କହନ୍ତି ଯେ ବେମନା କୁମାରଗିରି ବେମାଙ୍କର ତିନିପୁଅଙ୍କ ମଧ୍ୟରୁ ଜଣେ । ପ୍ରକୃତ ତଥ୍ୟ ହେଉଛି —ଏହି ରାଜାଙ୍କର ତିନିପୁଅ ନୁହନ୍ତି, ଗୋଟିଏ ପୁଅ—ପୁଣି ସେହି ଏକମାତ୍ର ପୁଅଟିର ଅଳ୍ପ ବୟସରେ ମୃତ୍ୟୁ ଘଟିଥିଲା ।

ଜନଶ୍ରୁତିଗୁଡ଼ିକ ଭିତରେ ଦେଇ ଘଟଣାର ଅତଳାନ୍ତ ଗଭୀରତାକୁ ସ୍ପର୍ଶ କରିବା ହୁଏତ ଖୁବ୍ ସହଜ, କିନ୍ତୁ ଅସମ୍ଭବ ନହେଲେ ମଧ୍ୟ ବେମନାଙ୍କ ଜୀବନୀଲାଗି ପ୍ରମାଣ ସିଦ୍ଧ ଉପାଦାନ ସଂଗ୍ରହ କରିବା ଅତ୍ୟନ୍ତ କଷ୍ଟସାଧ୍ୟ । ଏହି ଉଦ୍ୟମ କରିବାରେ

ପ୍ରଥମ ବିଦ୍ୱାନ ହେଉଛନ୍ତି ସି.ପି. ବ୍ରାଉନ୍ । ଆମ୍ଭମାନଙ୍କ ତୁଳନାରେ ଅନୁକୂଳ ପରିସ୍ଥିତିର ଉପଯୋଗ ପୂର୍ବକ ଏ ବିଷୟରେ ସେ ନିଷ୍ଠାପରତା ପ୍ରଦର୍ଶନ କରିଥିଲେ ହେଁ ଏବଂ ଗୋଟିଏ କଥାରେ କହିଲେ ବେମନାଙ୍କ ସଂପର୍କରେ ଅନୁସନ୍ଧାନ ଚଳାଇଲାବେଳେ ସେ ଆମଠାରୁ ତାଙ୍କର ଦେଢ଼ଶତାବ୍ଦୀ ନିକଟତର ଥାଇ ମଧ୍ୟ ଅସପରି କିଛି ମୂଲ୍ୟବାନ ତଥ୍ୟ ଲାଭକରିପାରି ନାହାନ୍ତି । ଇଂରାଜୀ ଭାଷାନ୍ତର ଓ ଟିପ୍ପଣୀ ସହ ୧୮୨୯ରେ ପ୍ରଥମ ପ୍ରକାଶିତ ତାଙ୍କ ପୁସ୍ତକ, "ଭର୍ସେସ ଅବ୍ ବେମନା : ମୋରାଲ୍ ରିଲିଜିୟସ୍ ଆଣ୍ଡ ସାଟାୟାରିକାଲ୍"ର ପ୍ରାକ୍‌ଭାଷରେ ବ୍ରାଉନ କହନ୍ତି ।

"ଜନ୍ମରୁ ସେ ଥିଲେ କାପୁ ବା କୃଷକ । କେହି କେହି ଦୃଢ଼ତାର ସହ କହନ୍ତି ଯେ ସେ କାଣ୍ଡାନୁଲ୍ (କମ୍ବା କୁର୍ଣ୍ଣୁଲ୍) ରାଜ୍ୟର ମୁଖ୍ୟ ଅନବେମା ରେଡ୍‌ଡ଼ିଙ୍କର ପରିବାରର ବ୍ୟକ୍ତି ଥିଲେ ଏବଂ କବିଙ୍କର ଭାଇ ଗଣ୍ଡିକୋଟା ଦୁର୍ଗର ସେନାଧ୍ୟକ୍ଷ ଥିଲେ । ସେ କାଣ୍ଡାନୁଲ୍ ଅନ୍ତର୍ଗତ କିନ୍ତିପଦର ଓ ଗୁଣ୍ଟୁରର ଇନାକୋଣ୍ଡାର ଅଧିବାସୀ ଥିଲେ ବୋଲି ଅନ୍ୟ କେହି କେହି ବିଶ୍ୱାସ କରନ୍ତି : ଏବଂ ମୁଁ ମଧ୍ୟ ଶୁଣିଛି ଯେ ସେ କୁଡ୍ଡାପଦ ଜିଲ୍ଲାର ଚିତ୍ରଓ୍ୱେଲ୍‌ଠାରେ ଜନ୍ମ ଲାଭ କରିଥିଲେ । ମୁଁ କିନ୍ତୁ ଏହି ସବୁ ସ୍ଥାନମାନଙ୍କୁ ଯାଇ ଅନୁସନ୍ଧାନ ଚଳାଇବାର ସୁଯୋଗ ନେଇଥିଲି । ମାତ୍ର କେଉଁଠାରେ ହେଲେ କିଛି ସୂଚନା ପାଇଲି ନାହିଁ । ତଥାପି ତାଙ୍କ ରଚନାର କେତେକ ସ୍ଥଳରେ ବ୍ୟବହୃତ ଉପଭାଷାରୁ ଯେତିକି ସମ୍ଭାବନା ଉପଲବ୍ଧ ହୁଏ, ତଦନୁଯାୟୀ ସେ ବର୍ଣ୍ଣନ କରିଥିବା ସହରମାନଙ୍କର ଅବସ୍ଥିତି ଦୃଷ୍ଟିରୁ ସେ ତେଲଙ୍ଗାନାର ଦକ୍ଷିଣ-ପଶ୍ଚିମ ଅଞ୍ଚଳର ଅଧିବାସୀ ଥିବା କୁହାଯାଇ ପାରେ । ଆମ ଯୁଗର ସପ୍ତଦଶ ଶତାବ୍ଦୀର ଆଦ୍ୟଭାଗରେ ସେ ବିଦ୍ୟମାନ ଥିବା ବିଶ୍ୱାସ କରାଯାଏ ।"

ବେମନାଙ୍କ ରଚନାର ଇଂରାଜୀ ଭାଷାନ୍ତର ସମ୍ବଳିତ ଯେଉଁ ବୃହତ୍ତର ଖଣ୍ଡ ସେ ପ୍ରସ୍ତୁତ କରିଥିଲେ ; କିନ୍ତୁ ପ୍ରକାଶ କରି ନଥିଲେ* ସେଥିରେ ସେ ତାଙ୍କର

* ଏହି ଗ୍ରନ୍ଥଟି ଆନ୍ଧ୍ର ସାହିତ୍ୟ ଅକାଦମୀ, ହାଇଦ୍ରାବାଦଙ୍କ ଦ୍ୱାରା ୧୯୬୭ରେ ପ୍ରକାଶିତ ହୋଇଛି । ଏଥିରେ ମୂଳରଚନା ସହ ସମୁଦାୟ ୧୬୯୫ଟି ପଦ୍ୟର ଇଂରାଜୀ ଭାଷାନ୍ତର ପ୍ରଦତ୍ତ ।

ମନ୍ତବ୍ୟରେ ଅପେକ୍ଷାକୃତ ନର୍ଦ୍ଦିଷ୍ଟ ଥିଲେ । ସେ ନଜକୁ ଅଙ୍ଗୀକାରବଦ୍ଧ ଭାବେ ଏତେଦୂର ପର୍ଯ୍ୟନ୍ତ ନେଇ ଯାଇ କହୁଛନ୍ତ ଯେ ବେମନା ଗଣ୍ଡିକୋଟାର ପ୍ରଢବେଣୀ ଅଞ୍ଚଳରେ ଜନ୍ମ ଗ୍ରହଣ କରଥିବା ସେ ବଶ୍ୱାସ କରନ୍ତ । ସେ ମଧ୍ୟ ସ୍ଥିରମତ ପ୍ରକାଶ ପୂର୍ବକ କହୁଛନ୍ତ—ବେମନାଙ୍କ ରଚନାବଳୀରୁ ଆହୃତ ଅନ୍ତର୍ନହିତ ପ୍ରମାଣକୁ ଭିତ୍ତି କର ଯେ କୌଣସି ବ୍ୟକ୍ତ ଏହି ଯୁକ୍ତଯୁକ୍ତ ସିଦ୍ଧାନ୍ତରେ ଉପନୀତ ହୋଇ ପାରନ୍ତ ଯେ ସେ ସପ୍ତଦଶ ଶତାବ୍ଦୀର ପ୍ରାନ୍ତ ଭାଗରେ ସାହିତ୍ୟ ରଚନାରେ ବ୍ରତୀ ଥିଲେ ଏବଂ ଅଷ୍ଟାଦଶ ଶତାବ୍ଦୀର ପ୍ରାରମ୍ଭ କାଳ ପର୍ଯ୍ୟନ୍ତ ଜୀବିତ ଥିଲେ । ଏ ସ୍ଥଳରେ ଆମେ ଦେଖୁ ଯେ ବ୍ରାଉନ୍ ବେମନାଙ୍କର ବୟସ ସମ୍ପର୍କରେ ନଜର ମତ କେତେକାଂଶରେ ପରବର୍ତ୍ତନ କରଛନ୍ତ ।

କନ୍ତୁ ବ୍ରାଉନ୍ ପୁନର୍ବାର ମତ ପରବର୍ତ୍ତନ କର ବେମନାଙ୍କୁ ପଞ୍ଚଦଶ ଶତାବ୍ଦୀରେ ସ୍ଥାନତ କରଛନ୍ତ । ସେ ୧୮୩୯ରେ "ଦ ଭର୍ସେସ୍ ଅବ୍ ବେମନା ; ମୋରାଲ, ରଲଜସ୍ୟସ୍ ଆଣ୍ଡ ସାଟାୟାରକାଲ୍" ପୁସ୍ତକର ଦ୍ୱିତୀୟ ସଂସ୍କରଣ ପ୍ରକାଶ କଲେ । ଏହି ପୁସ୍ତକଟି ଦୁଷ୍ପ୍ରାପ୍ୟ । ଏପରକ ଏହା ଆନ୍ଧ୍ରରେ ଥିବା କୌଣସି ସାଧାରଣ କମ୍ବା ଘରୋଇ ପୁସ୍ତକାଗାରରେ ମିଳେ ନାହିଁ । କନ୍ତୁ ମେଜର୍ ମ୍ୟାକ୍‌ଡୋନାଲ୍‌ଡ୍‌ଙ୍କଠାରୁ ଏ ପୁସ୍ତକର ଠିକଣଖି ବବରଣୀ ଆମେ ଜାଣିବାକୁ ପାଇପାରୁ । ସେ କହନ୍ତ, "ଏହି ସଂସ୍କରଣରେ ଅନୁବାଦ ଓ ଟିପ୍ପଣୀକୁ ବାଦ ଦିଆଯାଇଛି । କନ୍ତୁ ଧର୍ମ ଓ ନୀତ ସମ୍ବନ୍ଧୀୟ ବଭାଗ ମାନଙ୍କରେ ବପୁଳ ସଂଖ୍ୟକ ପଦ୍ୟ ଯୋଗ କରାଯାଇଛି" ପ୍ରଥମ ସଂସ୍କରଣରେ ୬୯୩ଟି ପଦ୍ୟ ସଂକଳିତ ଥିଲାବେଳେ ଦ୍ୱିତୀୟଟିରେ ଅଛି ୧୧୬୩ଟି । ମ୍ୟାକ୍‌ଡୋନାଲ୍‌ଡ୍‌ଙ୍କ ପୁନର୍ବାର ଉଦ୍ଧାର କଲେ କୁହାଯିବ, "ଶ୍ରୀଯୁକ୍ତ ବ୍ରାଉନ୍ ତାଙ୍କର ଦ୍ୱିତୀୟ ସଂସ୍କରଣରେ ମତ ଦେଇ କହନ୍ତ ଯେ ବେମନାଙ୍କ ରଚନାଗୁଡ଼ିକ ପୂରାପୂର ଚ୍ଚରଶତାବ୍ଦୀ ତଳର ବୋଲ ବଶ୍ୱାସ କରାଯାଏ । ସେ ଅଧିକ ଯୋଗ କର କହନ୍ତ ଯେ ସେ (ବେମନା) ତେଲୁଗୁ 'ବାସବ ପୁରାଣମ୍'ର ରଚୟିତାଙ୍କ ସାମସମୟିକ ବୋଲ ଜୁନ୍ ଗୁମ୍ମମାନଙ୍କ ଦ୍ୱାରା ସ୍ୱୀକୃତ ହେଲେ ଏତଦ୍ୱାରା ଆହୁରି ପୁରାତନ ଯୁଗକୁ ସଙ୍କେତ କରାଯିବ । ସେଥିପାଇଁ ଶ୍ରୀଯୁକ୍ତ ବ୍ରାଉନ୍‌ଙ୍କର ପ୍ରଥମ ଆନୁମାନକ ସିଦ୍ଧାନ୍ତ ଅନୁସାରେ ବେମନା ସୁନର୍ଣ୍ଣିତ ବେକନ୍ ଓ ସେକସ୍‌ପିୟର୍‌ଙ୍କର ଓ ଦ୍ୱିତୀୟ ସିଦ୍ଧାନ୍ତ ଦୃଷ୍ଟିରୁ ଚସର୍‌ଙ୍କର ସାମସମୟିକ ହେବେ ।" ଏ ପ୍ରକାର

ଅନୁମାନମୂଳକ ସିଦ୍ଧାନ୍ତମାନଙ୍କ ସହିତ ଏକମତ ନ ହୋଇ ମାକ୍‌ଡ଼ୋନାଲ୍‌ଡ୍‌ ନିଜର ସ୍ୱାଧୀନ ଅନୁସନ୍ଧାନ ବଳରେ ବେମନା ସପ୍ତଦଶ ଶତାବ୍ଦୀର ମଧ୍ୟଭାଗରେ ଜନ୍ମ ଗ୍ରହଣ କରିଥିବାର ସିଦ୍ଧାନ୍ତ କରନ୍ତି ।

ଗୋଭର୍‌ ମଧ୍ୟ ବେମନାଙ୍କ ବୟସ ସଂପର୍କରେ ନିଜସ୍ୱ ଦୃଷ୍ଟିକୋଣର ପରିଚୟ ଦିଅନ୍ତି । ସେ କହନ୍ତି, "ମହମ୍ମଦୀୟଧର୍ମ ଓ ମୁସଲମାନ ଶାସନ ସମ୍ବନ୍ଧୀୟ କୌଣସି ସୂଚନା ତାଙ୍କ ରଚନାରୁ ମିଳୁନଥିବାବେଳେ ଏବଂ ଏହାର ଶୈଳୀ ତଥା ଭାବବସ୍ତୁରେ ଦଶମ ଶତାବ୍ଦୀ କିମ୍ବା ତତ୍‌ସଂଲଗ୍ନ କାଳର ତାମିଲ କବିମାନଙ୍କର ଘନିଷ୍ଠମେଳ ରହିଥିବାରୁ ବେମନାଙ୍କ ଜୀବଦ୍ଦଶାର ସମୟ ଦ୍ୱାଦଶ ଶତାବ୍ଦୀର ଅନ୍ତିମକାଳ ପରବର୍ତ୍ତୀ ହେବନାହିଁ ବୋଲି ସଙ୍କେତ କରାଯାଉଛି ।"

ଗୋଭର୍‌ ଯେବେ ବ୍ରାଉନଙ୍କର 'ଭର୍ସେସ୍‌ ଅବ୍‌ ବେମନା···"ର ଦ୍ୱିତୀୟ ସଂସ୍କରଣ ଦେଖି ଥାଆନ୍ତେ ତେବେ ସେ ଆପଣା ସିଦ୍ଧାନ୍ତର ସମର୍ଥନ ଲାଗି ତାଙ୍କର ଅଭିମତକୁ ନିଶ୍ଚିତ ଯୌକ୍ତିକ ଉପାଦାନଭାବେ ଗ୍ରହଣ କରିଥାଆନ୍ତେ । ସେ ଯାହା ହେଉନା କାହିଁକି, ବେମନା "ମହମ୍ମଦୀୟ ଧର୍ମ ଓ ମୁସଲମାନ ଶାସନ" ସଂପର୍କୀୟ ସୂଚନା ଦେଇନାହାନ୍ତି ବୋଲି ସେ ଯାହା କହିଛନ୍ତି, ତାହା ଭ୍ରମାତ୍ମକ । ବସ୍ତୁତଃ ବେମନାଙ୍କ ପଦ୍ୟରେ ଅନ୍ୟୂନ ତିନୋଟି ସ୍ଥଳରେ ମୁସଲମାନଙ୍କ ବିଷୟ ସୂଚିତ ଅଛି ।

ବେମନାଙ୍କ ଜନ୍ମସ୍ଥଳୀ ସମ୍ବନ୍ଧୀୟ ମତାମତରେ କ୍ୟାଂପ୍‌ବେଲ୍‌ କିନ୍ତୁ ସମଧିକ ଆସ୍ଥାତ୍ମକ, ସେ କହନ୍ତି : "ତାଙ୍କ ଜନ୍ମସ୍ଥଳୀଭାବେ ଗୌରବାନ୍ୱିତ ହେବା ପାଇଁ ବହୁ ଅଞ୍ଚଳ ଦାବୀ କରନ୍ତି । କିନ୍ତୁ ଏ ବିଷୟରେ ନିର୍ଦ୍ଦିଷ୍ଟ ସିଦ୍ଧାନ୍ତରେ ପହଞ୍ଚିବା ଏହା ଅପେକ୍ଷା ଅଧିକ ଯୁକ୍ତିଯୁକ୍ତ ହେବନାହିଁ ବୋଲି ମୁଁ ଭାବେ ଯେ ସେ ମାନ୍ଦ୍ରାଜଠାରୁ ୨୦୦ ମାଇଲ ଉତ୍ତର-ପଶ୍ଚିମସ୍ଥ କୁଡ୍ଡାପାହ୍‌ ଜିଲ୍ଲାର ସୀମାନ୍ତବର୍ତ୍ତୀ ପାର୍ବତ୍ୟ ଜଙ୍ଗଲ ଘେରା ଅଞ୍ଚଳର କେଉଁଠି ହେଲେ ଜନ୍ମ ଗ୍ରହଣ କରିଥିଲେ । ଅଳ୍ପ ଉତ୍ତର ଦିଗ ଆଡ଼କୁ ଅବସ୍ଥିତ କୁଡ୍ଡାପାଂ ଓ କୁର୍ଣ୍ଣୁଲ୍‌ ନିଃସନ୍ଦେହଭାବେ ଥିଲା ତାଙ୍କ ଜୀବନବ୍ୟାପୀ କୃତିର ଦୃଶ୍ୟପଟ । ସ୍ଥାନୀୟ କିମ୍ବଦନ୍ତୀ କହେ ଯେ କୁଡ୍ଡାପ୍‌ଦଜିଲ୍ଲାର ପୁଲିପୁର ଦକ୍ଷିଣ-ପଶ୍ଚିମ ଦିଗରେ ଅବସ୍ଥିତ କତରିପଲ୍ଲୀ ଗ୍ରାମରେ ତାଙ୍କ ଘରଥିଲା । ଏହା ନିଶ୍ଚିତ କଥା ଯେ ସେ ଗ୍ରାମରେ ଥିବା ଏକ ପରିବାର ବେମନାଙ୍କର ବଂଶାନୁକ୍ରମିକତା

ଦାବୀ କରନ୍ତି ଓ କବିଙ୍କୁ ସମ୍ମାନ ଜଣାଇବାକୁ ଯାଉଁଥିବା ଲୋକମାନଙ୍କଠାରୁ ନୈବେଦ୍ୟ ଗ୍ରହଣ କରନ୍ତି ।"

କ୍ୟାମ୍ପବେଲ୍ ହେଉଛନ୍ତି ଜଣେ କଷ୍ଟ ସହିଷ୍ଣୁ ଗବେଷକ । ବେମନା ତାଙ୍କ ଶେଷ ଜୀବନର କିଛି ବର୍ଷ କଟରପଲ୍ଲୀରେ କଟାଇଥିଲେ ଓ ସେହିଠାରେ ପ୍ରସ୍ଥାଣଲାଭ କରିଥିଲେ ବୋଲି କିମ୍ବଦନ୍ତୀ କହୁଥିବାରୁ ସେ ସେହିଗ୍ରାମ ପରିଦର୍ଶନ କରିଥିଲେ । ସେଠାରେ ସେ ଯାହାକୁ ବେମନାଙ୍କ ସମାଧି ବୋଲି କୁହାଯାଉଥିଲା, ତାକୁ ଦେଖିଲେ ଏବଂ ବେମନାଙ୍କ ବଂଶର ଉତ୍ତରପୁରୁଷ ବୋଲି ନିଜକୁ ଦାବୀକରୁଥିବା ତତ୍ତ୍ୱାବଧାରକଟି ସହ କଥୋପକଥନ କଲେ । ସମାଧି ପାଖରେ ଗଢ଼ି ଉଠିଥିବା ମନ୍ଦିର ଓ ତହିଁରେ ଥିବା ବେମନାଙ୍କର "ବିକଟାକାର କାଷ୍ଠ ମୂର୍ତ୍ତି ମଧ୍ୟ ତାଙ୍କ ଦୃଷ୍ଟିରେ ପଡ଼ିଲା । ସେ ମଧ୍ୟ ଏପରି କେତେଲୋକଙ୍କୁ ଭେଟିଲେ, ଯେଉଁମାନେ ବେମନା ତାଙ୍କର ଈଶ୍ୱର ବୋଲି ଘୋଷଣା କଲେ ଓ ସେମାନେ ଅନ୍ୟ କାହାକୁ ନୁହେଁ, କେବଳ ମାତ୍ର ବେମନାଙ୍କୁ ହିଁ ପୂଜା କରୁଥିଲେ ।" କଟରପଲ୍ଲୀରୁ ଫେରି ସେ ଯାହା ଯାହା ଦେଖିଥିଲେ ଓ ଶୁଣିଥିଲେ, ସେ ସବୁକୁ ପରିଚ୍ଛନ୍ନ ଗଦ୍ୟରେ ଲିପିବଦ୍ଧ କରିଥିଲେ ।

କ୍ୟାମ୍ପବେଲଙ୍କ ଦୃଷ୍ଟିକୁ ଅଣା ନ ଯାଇଥିଲେ ହେଁ କଟରପଲ୍ଲୀର ଯେଉଁ ପରିବାର ବେମନାଙ୍କୁ ନିଜର ପୂର୍ବପୁରୁଷ ବୋଲି ଦାବି କରନ୍ତି ସେମାନଙ୍କ ପାଖରେ "ବେମନା ଚରିତାମୁ" (ବେମନାଙ୍କ ଇତିହାସ) ରହିଛି । ଏହା ଅତିମାତ୍ରାରେ ନଷ୍ଟ ହୋଇ ଆସୁଥିବା ଏକ ତାଳପତ୍ର ପୋଥି-ପାଣ୍ଡୁଲିପି । ଏହାର ଏକମାତ୍ର ନକଲ କାକିନାଡ଼ାର ଆନ୍ଧ୍ର ସାହିତ୍ୟ ପରିଷତ୍ତଙ୍କ ସଂଗ୍ରହ-ଶାଳାରେ ରହିଛି । ଏହାକୁ ଅନୁଧ୍ୟାନ କରି ଦେଖାଗଲା ଯେ ଏହି 'ବେମନା ଚରିତାମୁ' ଖୁବ୍ ବେଶି ହେଲେ ୧୮୪୫ ସୁଦ୍ଧା ସଂକଳିତ ହୋଇଛି । ଏହି ଗଳ୍ପଟି କିମ୍ବଦନ୍ତୀରେ ପୂର୍ଣ୍ଣ ଓ 'ବେମନା ଯୋଗୀନ୍ଦ୍ର ଚରିତାମୁ'ରେ ସଂଗୃହୀତ କିମ୍ବଦନ୍ତୀତୁଳନାରେ ଅଧିକ ଉଦ୍ଭଟତା ଓ କାଳ୍ପନିକତା ସମ୍ବଳିତ । ଅଧିକନ୍ତୁ, ଏଥିରେ ଜୀବନ ଚରିତଗତ ଯାହା କିଛି ସ୍ୱଳ୍ପତଥ୍ୟ ରହିଛି ସେ ସବୁ ସ୍ୱଭାବତଃ ଅନ୍ୟଜଣେ ବେମାଙ୍କର ଯାହାଙ୍କୁ ଗୁଙ୍ଗ ବେମା କୁହାଯାଏ, ତାଙ୍କର ବିଷୟକ । ବସ୍ତୁତଃ ଗୁଙ୍ଗ ବେମା ରଚନା କରିଥିବା ଶତେହରୁ ଅଧିକ ପଦ୍ୟ ଏଥିରେ ସନ୍ନିବନ୍ଧ ରହିଛି ।

ଅନ୍ୟାନ୍ୟ ପାଶ୍ଚାତ୍ୟ ବିଦ୍ୱାନମାନଙ୍କ ପରେ ଏ ସମ୍ପର୍କରେ ଲେଖିବାକୁ ଯାଇ ଗ୍ରୀୟର୍ସନ୍ କହନ୍ତି ଯେ ବେମନା ଷୋଡଶ ଶତାବ୍ଦୀରେ ବିଦ୍ୟମାନ ଥିଲେ । ତାଙ୍କର ଏହି ଉକ୍ତି ମଧ୍ୟ ପ୍ରଚଳିତ ପ୍ରବାଦକୁ ଭିତ୍ତିକରି ଆଧାରିତ ।

ବେମନାଙ୍କ ବିଷୟରେ ସୂକ୍ଷ୍ମବିଗ୍ଭରବୁଦ୍ଧି ପ୍ରୟୋଗ କରିଥିବା ପ୍ରଥମ ତେଲୁଗୁ ବିଦ୍ୱାନ ଗବେଷକ ହେଲେ କେ.ଭି. ଲକ୍ଷ୍ମଣରାଓ । ଆନ୍ଧ୍ରରେ ଇତିହାସ ଓ ସାହିତ୍ୟ ସମ୍ବନ୍ଧୀୟ ଗବେଷଣା ଚଳାଇବାରେ ସେ ହେଉଛନ୍ତି ପଥିକୃତ୍ ସାଧକ । ତାଙ୍କୁ ଦୃଷ୍ଟାନ୍ତ ସ୍ୱରୂପ ଅନୁସରଣ କରି ଯେଉଁ ଅଳ୍ପ କେତେଜଣ ବେମନାଙ୍କ ସମ୍ପର୍କରେ ଆଗ୍ରହୀ ହେଲେ ସେମାନଙ୍କ ମଧ୍ୟରେ ସୁପ୍ରେକ୍ଷ ହେଉଛନ୍ତି ବାଙ୍ଗୁରି ସୁବ୍ବାରାଓ, ରଲ୍ଲାପଲ୍ଲି ଅନନ୍ତକୃଷ୍ଣ ଶର୍ମା, ଯାଆଁଲା କବି ଭାବରେ ଅଭିହିତ ଶେଷାଦ୍ରି ରମଣ କାଭୁଲୁ, ବେତୁରି ପ୍ରଭାକର ଶାସ୍ତ୍ରୀ, ବନ୍ଦାରୁ ତମ୍ମାୟା, ଚଗନ୍ତି ଶେଷାୟା ଏବଂ ବେଦମ୍ ବେଙ୍କଟ କୃଷ୍ଣଶର୍ମା । ସେମାନେ ସମସ୍ତେ ସେମାନଙ୍କ ପାରୁପର୍ଯ୍ୟନ୍ତ କାର୍ଯ୍ୟ କରିଛନ୍ତି । କିନ୍ତୁ ବେମନାଙ୍କ ଜୀବନ ଚରିତକୁ ଘେରି ରହିଥିବା ତଥ୍ୟଗତ ଅନ୍ଧକାରକୁ ହଟାଇବା ପାଇଁ ସେମାନେ ଯେଉଁ ଦୀପଶିଖାମାନ ଜାଳି ଦେଇଛନ୍ତି, ସେଗୁଡ଼ିକ 'କ୍ଷୀଣ ଏବଂ ଅନିଶ୍ଚିତ ।" ସେମାନଙ୍କ ଦୃଷ୍ଟିରେ ବେମନା ଜନ୍ମଲାଭ କରିଛନ୍ତି ସମଗ୍ର ଆନ୍ଧ୍ରରେ ଓ ତାଙ୍କର ବିଦ୍ୟମାନତାର କାଳ ପଞ୍ଚଦଶରୁ ଅଷ୍ଟାଦଶ ଶତାବ୍ଦୀ ମଧ୍ୟରେ ପ୍ରାୟ ପ୍ରତ୍ୟେକଟିରେ ଚିହ୍ନିତ କରାଯାଇଛି ।

ଏ ପର୍ଯ୍ୟନ୍ତ ଯୌକ୍ତିକ ଓ ବୈଜ୍ଞାନିକ ଧାରାରେ ଯେଉଁ କେତେକ ତେଲୁଗୁ ବିଦ୍ୱାନ ବେମନାଙ୍କ ସମ୍ପର୍କରେ ପୂର୍ଣ୍ଣାଙ୍ଗ ଅଧ୍ୟୟନର ଉଦ୍ୟମ କରିଛନ୍ତି, ସେମାନେ ହେଲେ ବାଙ୍ଗୁରି ସୁବାରାଓ ଓ ରଲ୍ଲାପଲ୍ଲି ଅନନ୍ତ କୃଷ୍ଣ ଶର୍ମା । ପୂର୍ବୋକ୍ତ ବ୍ୟକ୍ତି ୧୯୨୨ରେ ବେମନାଙ୍କର ଏକ ସମୀକ୍ଷାତ୍ମକ ଜୀବନୀ ପ୍ରକାଶ କଲେ ଓ ପରବର୍ତ୍ତୀ ଜଣକ "ସାର୍ ରଘୁପତି ବେଙ୍କଟରତ୍ନମ ଦେବୋତ୍ସବ ବକ୍ତୃତାମାଳା" ଲାଗି ବେମନାଙ୍କୁ ବିଷୟବସ୍ତୁ ଭାବେ ନିର୍ବାଚନ କଲେ । ସେ ୧୯୨୮ରେ ଆନ୍ଧ୍ର ବିଶ୍ୱବିଦ୍ୟାଳୟ, ଓ୍ୱାଲ୍ଟିୟର୍‌ଙ୍କ ତରଫରୁ ଆୟୋଜିତ ଏହି ବକ୍ତୃତାମାଳାରେ ବକ୍ତା ଭାବରେ ଯୋଗ ଦେଇଥିଲେ । ବେମନାଙ୍କ ସମ୍ପର୍କରେ ଯେତେ ଆଲୋଚକ ଆଲୋଚନା କରିଛନ୍ତି ସେମାନଙ୍କ ମଧ୍ୟରେ ଏହି ଦୁଇଜଣ ପରସ୍ପରକୁ ତୀବ୍ର ବିରୋଧ କରିଛନ୍ତି । ଏହି ବିରୋଧିତା ମୁଖ୍ୟତଃ ବେମନାଙ୍କ ବୟସକୁ କେନ୍ଦ୍ରକରି ଗଢ଼ି ଉଠିଛି ।

ବାଙ୍ଗୁରଙ୍କ ମତରେ ବେମନା ପଞ୍ଚଦଶ ଶତାବ୍ଦୀର ଆଦ୍ୟପାଦରେ ଜନ୍ମ ଗ୍ରହଣ କରିଥିଲେ ଓ ଶ୍ରୀନାଥଙ୍କ ସାମସମୟିକ କଳାସ୍ଥାନ୍ମାନଂକ ମଧ୍ୟରୁ ଥିଲେ ଅନ୍ୟତମ । ବାଙ୍ଗୁର ସ୍ୱସିଦ୍ଧାନ୍ତ କ୍ଷେତ୍ରରେ ଲକ୍ଷ୍ମଣରାଓଙ୍କ ସମର୍ଥନ ଥିବାର ଦାବୀ କରନ୍ତି । ମଧ୍ୟଯୁଗୀୟ କବିଗଣ "ବେମା" ଶବ୍ଦର ଯେପରି ପ୍ରୟୋଗ କରିଛନ୍ତି, ସେସବୁକୁ ସେ ସ୍ୱମତ ପ୍ରତିଷ୍ଠା କରିବାକୁ ଯାଇ ବହୁଳାଂଶରେ ବ୍ୟବହାର କରିଛନ୍ତି । କିନ୍ତୁ ଏ ପ୍ରମାଣ ସେପରି ଦୃଢ଼ତା ଆହରଣ କରେ ନାହିଁ । କାରଣ ଯଥାର୍ଥରେ ଚଳିତ ଶତାବ୍ଦୀର ଦ୍ୱିତୀୟ ଦଶନ୍ଧିରୁହିଁ ବେମନା ତେଲୁଗୁ ବିଦ୍ୱତ୍ଜଗତର ଦୃଷ୍ଟିପଥାରୂଢ଼ ହୋଇଛନ୍ତି । ଏହା ପୂର୍ବରୁ ସେ ଥିଲେ ଅବଜ୍ଞାତ କମ୍ବା ଜଣେ କବି ଭାବରେ ତାଙ୍କୁ ଆଦୌ ପାଂକ୍ତେୟ ବିଚାର କରାଯାଇ ନଥିଲା । ଏଭଳି ଅବସ୍ଥାରେ କୌଣସି ମଧ୍ୟଯୁଗୀନ କବି ଏବଂ ବିଶେଷତଃ ଭୂରିଗଣ୍ମ କବି ଓ ଏଦାପଦ୍ଧ ଏର୍ରାପ୍ରଗଡାଙ୍କ ପରି କବି-ବିଦୁଷ ସମ୍ମାନର ସହ ବେମନାଙ୍କୁ ସୂଚିତ କରିଥିବା ବିଶ୍ୱସନୀୟତା ଆହରଣ କରି ନପାରେ । କୋଣ୍ଡାବିଡୁ ଓ ରାଜମହେନ୍ଦ୍ରୀର ଯେଉଁ ରାଜାମାନଙ୍କ ନାମ ସହ "ବେମା" ଜଡ଼ିତ, ସେମାନେ ଥିଲେ କାବ୍ୟ, କବିତାର ଉଦାର ପୃଷ୍ଠପୋଷକ । ସେମାନଙ୍କ ମଧ୍ୟରୁ କେତେକ ପ୍ରଖ୍ୟାତ ପଣ୍ଡିତ ଓ କବି ଭାବରେ ନିଜସ୍ୱ ଗୁଣରେ ଥିଲେ ଗଣ୍ୟମାନ୍ୟ । ତେଣୁ ମଧ୍ୟଯୁଗୀୟ କେଉଁ କେଉଁ ରଚନାମାନଂକରେ କୌଣସି ପୂର୍ବ କବି ସ୍ତୁତିରେ ଯେବେ 'ବେମା' ନାମର କୌଣସି ଉଲ୍ଲେଖ ଘଟିଥାଏ, ତାହା ଏହି ରାଜକବି ଓ ବିଦୁଷ ମାନଙ୍କ ମଧ୍ୟରୁ ଜନୈକ ବ୍ୟକ୍ତିଙ୍କ ସମ୍ପର୍କରେ ସୂଚନା ପ୍ରଦାନ କରୁଥିବା ଏକାନ୍ତ ସମ୍ଭବ ।

ବେମନାଙ୍କ ଆୟୁଷ୍କାଳକୁ ପଛକୁ ଘେନି ଆସିବାକୁ ବାଙ୍ଗୁର ଦୃଢ଼ପ୍ରୟାସୀ ଉଦ୍ୟମ ଚଳାଇଲା ବେଳେ ରଲ୍ଲାପଲ୍ଲିଙ୍କଠାରେ ଏହାକୁ ଆଗକୁ ଟାଣି ଆଣିବାର ସୋଚାର ପ୍ରବୃତ୍ତି ଲକ୍ଷ୍ୟ କରାଯାଏ । ରଲ୍ଲାପଲ୍ଲିଙ୍କ ମତାନୁଯାୟୀ ବେମନା ଅଷ୍ଟାଦଶ ଶତାବ୍ଦୀର ଆଦ୍ୟଭାଗରେ ଜୀବିତ ଥିଲେ । କୌଣସି ଅଖଣ୍ଡନୀୟ ପ୍ରମାଣ ମିଳୁନଥିଲା ବେଳେ କେବଳ ସ୍ୱମତ ପ୍ରତିଷ୍ଠ ହେବାକୁ ଯିବା ବିପଜ୍ଜନକ ବ୍ୟାପାର । ମାତ୍ର ବେମନାଙ୍କ ଜନ୍ମ ସମୟ (୧୭୫୨ ଖ୍ରୀ:) ଓ ଅନ୍ତିମ କାଳ (ଅଷ୍ଟାଦଶ ଶତାବ୍ଦୀର ପ୍ରଥମ ଦଶକ) ନିର୍ଦ୍ଦିଷ୍ଟ କରିବା କ୍ଷେତ୍ରରେ ଯେଉଁ ତାରଖ ବା ସନ ବ୍ରାଉନ୍ଙ୍କର ପ୍ରଥମ ଲେଖା-ମାନଙ୍କରେ ଗୃହୀତ ହୋଇଛି, ତାହା ବୋଧହୁଏ, ଆନୁମାନିକ ଦୃଷ୍ଟିରୁ ଅଭ୍ରାନ୍ତ ।

ବେମନାଙ୍କ ରଚିତ ପଦ୍ୟାବଳୀରୁ ଅନ୍ତର୍ନିହିତ ପ୍ରମାଣ ଆହରଣ କରି ବାଙ୍ଗୁରି ତାଙ୍କର ଜନ୍ମସ୍ଥାନ କେଉଁଠି—ଏହି ପ୍ରଶ୍ନର ସମାଧାନ କରିବାକୁ ଯାଇ ସିଧା ସଳଖ କୋଣ୍ଡାବିଡ଼ୁ ବୋଲି କହିଛନ୍ତି । ଅନ୍ୟ କିଛି ବିରୁଦ୍ଧ-ପ୍ରମାଣ ନ ମିଳିବା ପର୍ଯ୍ୟନ୍ତ ଏହି କୋଣ୍ଡାବିଡ଼ୁକୁ କବିଙ୍କ ଜନ୍ମସ୍ଥାନ ବୋଲି ଗ୍ରହଣ କରିନେବାରେ ଆପତ୍ତି ନଥିବା ବିଷୟ ରଲ୍ଲାପଲ୍ଲି ମଧ୍ୟ ସ୍ୱୀକାର କରନ୍ତି । ପ୍ରସଙ୍ଗକ୍ରମେ ସୂଚିଇ ଦିଆଯାଇ ପାରେ ଯେ କେବଳ ଏହି ଗୋଟିଏ ବିତର୍କ ବିଷୟରେ ଯାହା ରଲ୍ଲାପଲ୍ଲି ଓ ବାଙ୍ଗୁରିଙ୍କ ମତାମତଗତ ପାର୍ଥକ୍ୟ ସେପରି ବିସ୍ତାରିତ ହୋଇନାହିଁ । କିନ୍ତୁ ଆଉ କେତେକ ଅଛନ୍ତି, ଯେଉଁମାନେ ମତ ଦିଅନ୍ତି ଯେ ବେମନା ତାଙ୍କ ଆଦ୍ୟଜୀବନ ହୁଏତ ନିଃସନ୍ଦେହ ଭାବେ କୋଣ୍ଡାବିଡ଼ୁରେ କଟାଇ ପାରିଥାନ୍ତି; ମାତ୍ର ତାଙ୍କର ଜନ୍ମ ଘଟିଥିଲା ମୁଗାଚନ୍ତାପଲ୍ଲିରେ । ସେମାନେ ଧରିନିଅନ୍ତି ଯେ ବେମନା ଶିଶୁ ଥିଲାବେଳେ ତାଙ୍କ ପିତାମାତା କୋଣ୍ଡାବିଡ଼ୁକୁ ଉଠିଆସିଥିଲେ । ଏଭଳି ତର୍କ-ବିତର୍କକୁ ସଂକ୍ଷିପ୍ତ କରିଦେବାକୁ ଯାଇ ରଲ୍ଲାପଲ୍ଲି କହନ୍ତି ଯେ ବେମନା ଯେଉଁଠି ଜନ୍ମ ହୋଇଥାନ୍ତୁ ନା କାହିଁକି, ସେ ତାଙ୍କ ଜୀବଦ୍ଦଶାର ସର୍ବୋତ୍ତମ ଅଂଶ କୁଡାପାଂହ ଓ କୁର୍ଣ୍ଣୁଲ୍ ଜିଲ୍ଲା, ଯାହାକୁ ଏବେ ରୟାଲ୍‌ସୀମା କୁହାଯାଉଛି, ସେଠାରେ କଟାଇଥିଲେ ।

ଅନ୍ୟ ଏକ ବହୁବିତର୍କିତ ବିଷୟ ହେଉଛି ବେମନାଙ୍କର ଜାତି । ରଲ୍ଲାପଲ୍ଲୀ କହନ୍ତି ଯେ ବେମନା ହେଉଛନ୍ତି କାପୁ । ଅନ୍ୟ ପକ୍ଷରେ ବାଙ୍ଗୁରିଙ୍କ ଦୃଢ଼ ମତରେ ସେ ହେଉଛନ୍ତି ରେଡ୍‌ଡି । ଏ ଦୁହେଁ ଯାକ ବେମନାଙ୍କୁ ସାକ୍ଷ୍ୟରୂପେ ଉପସ୍ଥାପନ କରନ୍ତି ସେ ମଧ୍ୟ ସମପରିମାଣରେ ଉଭୟଙ୍କୁ ତୁଷ୍ଟ କରନ୍ତି । କାରଣ ସେ ସେହି କ୍ଷଣରେ ନିଜକୁ କାପୁ କହିଛନ୍ତି ତ ପରକ୍ଷଣରେ ଦର୍ଶାଇଛନ୍ତି ରେଡ୍‌ଡି ବୋଲି । ଏହା ବେମନାଙ୍କର ଦ୍ୱର୍ଥ ବୋଧକ ବାକ୍‌ଚାତୁରୀ ନୁହେ ; କାରଣ ସେ ଏକାଧାରରେ କାପୁ ଓ ରେଡ୍‌ଡି । ଏବି କାଳ ପର୍ଯ୍ୟନ୍ତ, ସମ୍ଭବତଃ ଚଳିତ ଶତାବ୍ଦୀର ପ୍ରାରମ୍ଭ ପର୍ଯ୍ୟନ୍ତ କାପୁ ଓ ରେଡ୍‌ଡି ଉପନାମ ଦୁଇଟି ଅଦଳବଦଳ ଯୋଗ୍ୟ ଥିଲା । ୧୯୦୯ରେ ପ୍ରକାଶିତ ଏଡ୍‌ଗାର ଥର୍ଷ୍ଟନଙ୍କର "କାଷ୍ଟସ୍ ଆଣ୍ଡ୍ ଟ୍ରାଇବସ୍ ଅବ୍ ସଦର୍ଣ୍ଣ ଇଣ୍ଡିଆ" (ଦକ୍ଷିଣ ଭାରତର ଜାତି ଓ ଉପଜାତି) ଶୀର୍ଷକ ଗ୍ରନ୍ଥରେ ରେଡ୍‌ଡି ଉପନାମର ସ୍ୱତନ୍ତ୍ର ଉଲ୍ଲେଖ ଘଟି ନଥିବା ବିଷୟକୁ ଦୃଷ୍ଟାନ୍ତ ସ୍ୱରୂପ ଗ୍ରହଣ କରାଯାଇ ପାରେ । ଏହି ପୁସ୍ତକରେ ବରଂ 'କାପୁ' ଉପନାମ ସମ୍ବନ୍ଧୀୟ ଯେଉଁ ଦୀର୍ଘ ପ୍ରବନ୍ଧ ରହିଛି, ସେଥିରେ

ରେଡ୍ଡି ମାନଙ୍କର ପାରମ୍ପରିକ ଇତିହାସ ସମେତ ଆଚାର ଓ ପ୍ରଥା ସଂପର୍କରେ ବିସ୍ତୃତ ବିବରଣୀ ପ୍ରଦାନ କରାଯାଇଛି । ଏଥିରେ କାପୁ ଓ ରେଡ୍ଡୀ ଉପନାମ ଦୁଇଟିକୁ ସମାର୍ଥବୋଧକ ବୋଲି ଦର୍ଶାଯାଇଛି । ବ୍ରାଉନ୍‌ଙ୍କର ତେଲୁଗୁ-ଇଂରାଜୀ ଅଭିଧାନରେ 'କାପୁ'ର ଅର୍ଥ ଦିଆ ଯାଇଛି—ଜଣେ ରୟତ, ଜଣେ କୃଷକ, ଜଣେ କୃଷିକାରୀ, କେନୈକ ଗ୍ରାମ୍ୟବ୍ୟକ୍ତି, ଜଣେ ଦେଶୀୟ, ଜଣେ ପ୍ରଜା, ଜଣେ ବ୍ୟକ୍ତି ଓ ଜଣେ ଅଧିବାସୀ । ଏହି ସମସ୍ତ ଅର୍ଥମାନଙ୍କ ମଧ୍ୟରୁ ସାଧାରଣରେ ପ୍ରଚଳିତ ଓ ବ୍ୟବହୃତ ହେଲି—"ଜଣେ କୃଷକ" । ବସ୍ତୁତଃ ଯେଉଁ "ରୟିତୁ" ଶବ୍ଦ ଏବେ ଏବେ ବ୍ୟାପକ ଭାବେ କୃଷକ ଅର୍ଥରେ ପ୍ରଚଳିତ ହେଉଛି, ତାହା ଆଦୌ ତେଲୁଗୁ ଶବ୍ଦ ନୁହେଁ । ଉଚ୍ଚାରଣରେ ସାମାନ୍ୟ ପରିବର୍ତ୍ତନ ଘଟିଥିବା ଏହି ଶବ୍ଦଟି ହେଉଛି ଉର୍ଦ୍ଦୁ ଶବ୍ଦ 'ରୟତ' । କିଛି ବିଳମ୍ବରେ ହେଲେ ବି ଅଧୁନାତନ ସମୟକୁ ସ୍ୱତନ୍ତ୍ର ଭାବେ ନହେଲେ ମଧ୍ୟ ସୋଚ୍ଚାରିତ ଭାବେ 'କାପୁ' ଶବ୍ଦ ଜାତିର ଗୁଣବାଚକତା ଆହରଣ କରିଛି । ସେଥିପାଇଁ ବେମନା ଏକାଧାରରେ କାପୁ ଓ ରେଡ୍ଡି ଥିଲେ ବୋଲି ଆମେ କହି ପାରିବା । ଯାହା ହେଲେ ବି ଯେବେ ମୁକ୍ତକଣ୍ଠ-ଅଭିବ୍ୟକ୍ତି ଦାବୀ କରାଯାଏ, ତେବେ ଆମେ କହି ପାରିବା ଯେ ସେ ଥିଲେ ରେଡ୍ଡି-କାପୁ ଅର୍ଥାତ୍ ବୃତ୍ତିଗତଭାବେ କୃଷିକାରୀ ଥିବା ଜଣେ ରେଡ୍ଡି ।

ପୁନଶ୍ଚ ବେମନାଙ୍କର ମୃତ୍ୟୁ ସ୍ଥଳ ସଂପର୍କରେ ବାଙ୍ଗୁରି ଓ ରଲ୍ଲାପଲ୍ଲୀ ଭିନ୍ନଭିନ୍ନ ମତ ପ୍ରଦାନ କରନ୍ତି । ବାଙ୍ଗୁରି କହନ୍ତି ଯେ ବେମନା କତରାପଲ୍ଲୀରେ ଶେଷ ଜୀବନ କଟାଇ ଥିଲେ ଓ ସେହିଠାରେ ଶେଷ ନିଶ୍ୱାସ ତ୍ୟାଗ କରିଥିଲେ । ଏ ବିଷୟକ ତାଙ୍କର ଅଭିମତ ଏକାନ୍ତ ସ୍ପଷ୍ଟ ନହେଲେ ମଧ୍ୟ କତରାପଲ୍ଲୀରେ ଥିବା ସମାଧିକୁ ବେମନାଙ୍କର ବୋଲି ସେ ଗ୍ରହଣ କରିଥିବା ଅନୁମିତ ହୁଏ । ଏ କ୍ଷେତ୍ରରେ ରଲ୍ଲା-ପଲ୍ଲୀଙ୍କର ଗୁରୁତର ସଂଶୟ ରହିଛି । କ୍ୟାମ୍ପବେଲଙ୍କ ପରି ସେ ମଧ୍ୟ ଥରେ କତରାପଲ୍ଲୀ ପରିଦର୍ଶନରେ ଯାଇଥିଲେ । ଏହା ଥିଲା ହାରାହାରି ଚାଳିଶ ବର୍ଷ ତଳର ଘଟଣା । ସେତେବେଳେ ସେ ଆନ୍ଧ୍ର ବିଶ୍ୱବିଦ୍ୟାଳୟ ବକ୍ତୃତାମାଳା ପାଇଁ ବେମନାଙ୍କ ସଂପର୍କୀୟ ତଥ୍ୟ ସଂଗ୍ରହରେ ବ୍ୟାପୃତ ଥିଲେ । ରଲ୍ଲାପଲ୍ଲୀ କହିବା ଅନୁଯାୟୀ ସେତେବେଳେ ଯେ ଥିଲେ କତରାପଲ୍ଲିରେ କାର୍ଯ୍ୟରାହୀ ପୁରୋହିତ, ସେ ତାଙ୍କ ନିକଟରେ ସ୍ୱୀକାରୋକ୍ତି ଦେଇ କହିଥିଲେ ଯେ ସମାଧି ତଥା ମନ୍ଦିର ସହିତ କବି ବେମନାଙ୍କ ସଂପୃକ୍ତି କୃତ୍ରିମ

ଓ କପୋଳକଳ୍ପିତ । ସେଥିପାଇଁ ରଲ୍ଲାପଲ୍ଲି ସିଦ୍ଧାନ୍ତ ଦେଲେ ଯେ କବି ବେମନା କଡପ୍ପଲ୍ଲିରେ ନୁହେଁ, ରୟ୍ଯାଲସୀମାର କୌଣସି ସ୍ଥାନରେ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି । ଅନ୍ତର୍ନିହିତ ତଥ୍ୟାନୁମୋଦନ ସହ ସେ ବେଙ୍ଗୁରି ପ୍ରଭାକର ଶାସ୍ତ୍ରୀଙ୍କଠାରୁ ଜାଣିଥିବା ପାରଂପରିକ ଉକ୍ତିକୁ ଉଦ୍ଧାର କରି ଯାହା ଉଲ୍ଲେଖ କରିଛନ୍ତି, ସେଥିରୁ ଜଣାଯାଏ ଯେ ଆଦିଶଙ୍କରଙ୍କ ଭଳି ବେମନା ଏକ ପାର୍ବତ୍ୟ ଗୁହା ମଧ୍ୟରେ ପ୍ରବେଶ କରି ତାଙ୍କର ପାର୍ଥିବ ଜୀବନର ଅବସାନ ଘଟାଇଥିଲେ । ବେମନାଙ୍କର କେତେକ ଶିଷ୍ୟ ସଂପ୍ରଦାୟଙ୍କ ଠାରୁ ଜଣାଯାଏ ଯେ ଏହି ଗୁମ୍ଫାଟି କୁଦାପାହ ଜିଲ୍ଲା ଅନ୍ତର୍ବର୍ତ୍ତୀ ପାମୂର ନାମକ ଗ୍ରାମରେ ଅବସ୍ଥିତ ।

ଏ ସବୁ ସମେତ ଅନ୍ୟାନ୍ୟ ବିଷୟରେ ଅବଧି ବହୁ ସରଗରମ ତର୍କ-ବିତର୍କ ଚାଲୁଛି । ବିଦ୍ୱାନ୍ ଗବେଷକ ବୃନ୍ଦ ବକ୍ର-କୁଟିଳ ମାର୍ଗରେ ଯୁକ୍ତି ବାଢ଼ିବାକୁ ଯାଇ କ୍ଳାନ୍ତ ନ ହେବା ପର୍ଯ୍ୟନ୍ତ ଏଭଳି ବିତର୍କର ଅବସାନ ଘଟିବ ବୋଲି କିଏ କହିପାରିବ ?

"ସେ ଥିଲେ ମଣିଷଟିଏ"

"ସେ ଥିଲେ ମଣିଷଟିଏ ଯେନ ତାଙ୍କୁ ସାର୍ବଭୌମ ପଣେ,
ଏ ଆଖି ଦେଖିବ ନାହିଁ ତାଙ୍କ ପରି ପୁନଃ ଆନ ଜଣେ" । [ସେକ୍‌ସପିୟର୍]

ଜନ୍ମତାରିଖ, ଜନ୍ମସ୍ଥାନ, ପିତାଙ୍କ ନାମ, ମାତାଙ୍କ ନାମ ପ୍ରଭୃତି ଯେଉଁ ସବୁ ଅନେକାନେକ ବିଷୟ ବିବୃତିକୁ ନେଇ ଜଣେ ବିସ୍ମୃତ ଜୀବନୀକାର ପାଦଟିଏ ମଧ୍ୟ ଆଗକୁ ବଢ଼ାଇ ପାରେ ନାହିଁ, ସେ ସବୁକୁ ଆମେ ଅତିକ୍ରମ କରିଗଲେ ବେମନାଙ୍କ ଜୀବନ-ବୃତ୍ତାନ୍ତକୁ ତାଙ୍କ ପଦ୍ୟକୃତିରେ ଅନ୍ତର୍ନିହିତ ନିଦର୍ଶନାବଳୀ ସହାୟତାରେ ପୁନର୍ଗଠନ କରିଯାଇ ପାରିବ । ବେମନା ଥିଲେ ଜୀବନର କବି । ପ୍ରଥମରୁହିଁ ସେ ଜୀବନକୁ ଚହ୍ନିଥିଲେ । ସେ ଜୀବନକୁ ନେଇ କୌତୁକ କରିଥିଲେ ଯେମିତି, ତାକୁ ଉପହାସ କରିଥିଲେ ମଧ୍ୟ ସେମିତି । ସେ ଏହା ସହିତ ହସିଥିଲେ ଯେପରି, ଏହାକୁ ହସରେ ଉଡ଼ାଇ ଦେଇ ଏହା ସମ୍ପର୍କରେ ହସର କଥା ସବୁ ବାଛିଥିଲେ ସେହିପରି । ସେ ଜୀବନ ପାଇଁ ଯେତିକ ଦୀର୍ଘଶ୍ୱାସ ନେଇଛନ୍ତି, ସେତିକ ଯନ୍ତ୍ରଣା ଭୋଗିଛନ୍ତି ଓ ଅଶ୍ରୁପାତ କରିଛନ୍ତି । ଜୀବନ ସହ ଯେତେବେଳେ ତାଙ୍କର ହାତାହାତି ହୋଇଛି, ସେ କେତେବେଳେ ବିଜୟୀ ତ ଆଉ କେତେବେଳେ ପରାଜୟ ବରଣ କରିଛନ୍ତି; ମାତ୍ର ସବୁ ସମୟରେ, ସମସ୍ତ ପରିସ୍ଥିତିରେ ଜୀବନ କ୍ଷେତ୍ରରେ ସେ ଦେଖା ଦେଇଛନ୍ତି ସମୁନ୍ନତ ହୋଇ । ତାଙ୍କ ପାଇଁ ଜୀବନ ଥିଲା ସତ୍ୟ ସହ ପ୍ରୟୋଗସିଦ୍ଧ ପରୀକ୍ଷଣ, ଆବିଷ୍କାର ଲାଗି ସମୁଦ୍ର-ଯାତ୍ରା । ଜୀବନ ସହ ତାଙ୍କର ଯେଉଁ ପ୍ରତିନିୟତ ସଂଲଗ୍ନତା, ତାହା ଯେପରି ଥିଲା ଉଷ୍ମାବିଜଡ଼ିତ ସେପରି ଥିଲା ବ୍ୟାପକ । କେବଳ ଆପଣା ଜୀବନ ମାତ୍ର ନୁହେଁ, ସାଧାରଣରେ ଜୀବନ କହିଲେ ଯାହା ବୁଝାଯାଏ, ତାହାକୁ ସେ ଆପଣା କବିତାମାନଙ୍କରେ ଢ଼ାଳି ଦେଇ ଯାଇଛନ୍ତି । ସେଥିପାଇଁ ଆମେ ତାଙ୍କର ବ୍ୟକ୍ତିଗତ ଜୀବନର ଆଲେଖ୍ୟକୁ କେଉଁଠି ବିଚିତ୍ର ଅଭିବ୍ୟକ୍ତି ଭିତରେ ଦେଖୁତ ଅନ୍ୟ କେଉଁଠି ଭେଟୁ ପ୍ରକଟିତ ଚିନ୍ତାଧାରାରେ, ପୁନଶ୍ଚ ସ୍ୱାଭାବିକ ସିଦ୍ଧ ଉପମା ପ୍ରୟୋଗରେ । ଆମେ ମଧ୍ୟ ଏହାକୁ ଭେଟିପାରୁ ତାଙ୍କ

ସ୍ୱପୋଷିତ ବଦ୍ଧମୂଳ ଧାରଣାରେ, ତାଙ୍କ ନିଜସ୍ୱ ପସନ୍ଦ ମଧ୍ୟରେ । ଆମେ ଏହି ସବୁକୁ ସଂଗ୍ରଥିତ କରିପାରୁ ତାଙ୍କ ଅନୁରାଗରୁ, ଘୃଣାରୁ ଓ ମନୋବେଦନାରୁ । କେବଳ ଆମକୁ ଆମ ଦୃଷ୍ଟି ବିସ୍ତାରିତ, ମାନସ ଜାଗ୍ରତ ରଖି ତାଙ୍କ ପଦ୍ୟମାନଙ୍କର ଧାଡ଼ି ଗୁଡ଼ିକୁ ଅନୁଧ୍ୟାନ କରି କରି ତଥ୍ୟ ସବୁକୁ ବାହାର କରି ଆଣିବାକୁ ହେବ । କେବଳ ସେତକ କରି ପାରିଲେ ଆମେ ଦେଖିବା ଯେ ଅନ୍ୟତମ ଆତ୍ମ-ପ୍ରକଟିତ କବି ଭାବରେ ସେ ଆମ ଆଗରେ ଉଭା ହୋଇଛନ୍ତି ।

ଆପଣା ପଦ୍ୟମାନଙ୍କରେ ସେ ଯେପରି ନିଜକୁ ଉପସ୍ଥାପନ କରନ୍ତି, ସେଥିରୁ ସେ ରାଜବଂଶଧର ପ୍ରତୀତ ହୁଅନ୍ତି ନାହିଁ । ତାଙ୍କ ସ୍ୱଜୀବନର ପୃଷ୍ଠଭୂମିରେ ଯାହା ଅସ୍ପଷ୍ଟ-ଧୂସର ପ୍ରତୀୟମାନ ହୁଏ, ତାହା ରାଜପ୍ରାସାଦ ନୁହେଁ କୃଷିକ୍ଷେତ୍ର । ଏହି କୃଷିକ୍ଷେତ୍ରଟି ସବୁମତେ ବିଶାଳ । ଗୋଟିଏ ପରିବାରକୁ ଆବଶ୍ୟକ ସ୍ୱଚ୍ଛନ୍ଦତା ଯୋଗାଇ ପାରିବା ଭଳି ଅଛି ତା'ର ବୃହତ୍ ଆକୃତି । ପାଠଶାଳାରେ ର, ଠ କରି ପାଠ ସାରିବା ପରେ ବେମନା କୃଷିକ୍ଷେତ୍ରକୁ ଆସନ୍ତି ପିତାଙ୍କର ସହାୟତା ଲାଗି । ନିତି ସକାଳୁ ସେ ତାଙ୍କ ଗାଈ, ମଇଁଷିମାନଙ୍କୁ ଚରାଇବାକୁ ବାହାରକୁ ନିଅନ୍ତି ଓ ସଂଜବୁଡ଼ିକୁ ସେମାନଙ୍କୁ ଘରକୁ ଫେରାଇ ଆଣନ୍ତି । ଜମି ହଳ କରିବା, ସେଥିରେ ବିହନ ବୁଣିବା ଓ ତାକୁ ବଡ଼ାବଢ଼ି କରିବାରେ ସେ ସହାୟତା କରନ୍ତି । ବାଟୁଳି-ଖଡ଼ା ହାତରେ ଧରି ଗୋଟାଏ ଢିପ ଜାଗାରେ ଠିଆ ହୋଇ ପାଚିଲା ଶସ୍ୟ-କ୍ଷେତରୁ ସେ ଚଢ଼େଇମାନଙ୍କୁ ଘଉଡ଼ାନ୍ତି । ଶସ୍ୟ କଟାକଟି, ଝଡ଼ାଝୁଡ଼ି ଓ ଉଡ଼ାଆଉଡ଼ିରେ ସାହାଯ୍ୟ କରନ୍ତି । ବର୍ଷକର ଉତ୍ପନ୍ନ ଶସ୍ୟକୁ ଶଗଡ଼ ଗାଡ଼ିରେ ଲଦି ଘରକୁ ଆଣିଲାବେଳେ ଗାଡ଼ିଆଳକ ଜାଗାରେ ବେଶ୍ ମନମୋଟରେ ସେ ବସିଯାନ୍ତି । ହାତରେ ଯେ କୌଣସି କାମ ପଡ଼ିଲେ ତାକୁ ଖୁସିମନରେ କରିଯାନ୍ତି । କାମ କଲାବେଳେ ଗୀତ ଗାଉଥାନ୍ତି । ବିଶେଷତଃ ସେ ପଲ୍ଲୀଗୀତ ଗାଇବାରେ ଅନ୍ୟମାନଙ୍କୁ ଟପି ଯାଆନ୍ତି । ମୁକ୍ତାକାଶତଳର ନାଟ, କଣ୍ଢେଇନାଟ କମ୍ବା ଗାଁ ଦେଉଳରେ ରାମାୟଣ ଓ ମହାଭାରତ ପାରାୟଣକୁ ସେ କେବେ ନଯାଇ ରହନ୍ତି ନାହିଁ । ଦୁଇଟି ଯାକ ମହାକାବ୍ୟର ସମୁଦାୟ ବିଷୟକୁ ସେ ମନେ ରଖିଥାନ୍ତି ।

ଅନ୍ୟ ଯେ କୌଣସି ବିଷୟ ଅପେକ୍ଷା ସମବୟସୀ ସୁସ୍ଥ, ସବଳ କିଶୋରମାନଙ୍କ ସାହଚର୍ଯ୍ୟରେ ବେମନା ସବୁଠାରୁ ଅଧିକ ଆନନ୍ଦ ପାଆନ୍ତି । ଅନେକ ସମୟରେ

କ୍ଷେତ କାମ ପଛକୁ ରଖି ସେ ସେମାନଙ୍କ ସହିତ ଖେଳକୁଦ କରନ୍ତି, ଗାଁ ପୋଖରୀରେ ପହଁରି ଓ ନିକଟବର୍ତ୍ତୀ ପାହାଡ଼, ଉପତ୍ୟକାରେ ବୁଲାବୁଲି କରନ୍ତି । ଉଚ୍ଚ ଜାତିର ଲୋକମାନଙ୍କର ଛଳନାତ୍ମକ ଆଚରଣକୁ ଘୃଣା କରିବା ସଙ୍ଗେ ସଙ୍ଗେ ସବୁ ଶ୍ରେଣୀର ଲୋକମାନଙ୍କ ସହ ମିଳାମିଶା କରିବାରେ ତାଙ୍କର ଦ୍ୱିଧାଭାବ ନଥାଏ । ସେ ପକ୍ଷୀ ଓ ପଶୁ ମାନଙ୍କୁ ଭଲ ପାଆନ୍ତି । ପଶୁମାନଙ୍କ ଭିତରୁ କୁକୁର, ଘୁଷୁରି ଓ ଗଧ, ପକ୍ଷୀମାନଙ୍କ ଭିତରୁ କାଉ ଓ ପେଚା ତାଙ୍କୁ ଭଲ ଲାଗନ୍ତି ନାହିଁ । କଥାବାର୍ତ୍ତାରେ ସ୍ପଷ୍ଟ ଓ ଅବାଧ, ସିଦ୍ଧାନ୍ତ ଗ୍ରହଣରେ ଦୃଢ଼ ଓ କାର୍ଯ୍ୟ କ୍ଷେତ୍ରରେ ସାହସୀ ହୋଇଥିବାରୁ ତାଙ୍କର ପ୍ରତ୍ୟେକ ପଦକ୍ଷେପରେ ସେ ହୋଇଉଠନ୍ତି ଏକ ବହୁମୁଖୀ ବ୍ୟକ୍ତିତ୍ୱ । ବ୍ୟକ୍ତିଗତ ତାଚ୍ଛଲ୍ୟ କିମ୍ବା ସାମାଜିକ ଅନ୍ୟାୟକୁ ସେ ବରଦାସ୍ତ କରନ୍ତି ନାହିଁ । ଗାଁର ଗୁଣ୍ଡା ଶ୍ରେଣୀସ୍ଥ ଲୋକଙ୍କ ସହିତ ବରାବର ତାଙ୍କର ଝଗଡ଼ା ଲାଗେ । କୌଣସି ଘଟଣାରେ ଥରେ ଜଡ଼ିତ ହୋଇଗଲେ ତା'ର ଗୋଟାଏ କିଛି ଶେଷ ସିଦ୍ଧାନ୍ତ ନହେବା ପର୍ଯ୍ୟନ୍ତ ସେ ସଂଘର୍ଷରୁ ହଟନ୍ତି ନାହିଁ । ତାଙ୍କଠାରେ ଏଭଳି ଅତି ତେଜସ୍ୱିତାକୁ ତାଙ୍କ ପିତା ଉଚ୍ଛୃଙ୍ଖଳତା ବୋଲି ଭ୍ରମ କରନ୍ତି ।

ବେମନା ତାଙ୍କ ପିତା, ମାତାଙ୍କୁ ଭଲ ପାଆନ୍ତି ଓ ସମ୍ମାନ କରନ୍ତି । ସେ ତାଙ୍କ ମାଆଙ୍କର ଆଦରର ଧନ ହୋଇଥାନ୍ତି । ସେ ତାଙ୍କୁ ଖୁବ ଗେହ୍ଲା କରନ୍ତି । ସେ ସ୍ୱାଦୁକର ଖାଦ୍ୟ ଭଲ ପାଆନ୍ତି ବୋଲି ମାଆ ତାଙ୍କୁ ଦୁଧ, ଦହି ଓ ଘିଅ ବେଶି କରି ଖୁଆଇ ଥାଆନ୍ତି । ବାପା ଯେତେବେଳେ ତାଙ୍କର କୌଣସି ଦୁଷ୍ଟାମି ପାଇଁ ଅଭିଯୋଗ କରନ୍ତି ମାଆ ଦୋଷ ଛଡ଼ାଇବା ପାଇଁ ବାହାରି ପଡ଼ନ୍ତି । ନିରୋଳା ସମୟରେ ଛୋଟ, ଛୋଟ ଦୋଷ, ତ୍ରୁଟିକୁ ନ ଧରିବା ପାଇଁ ତାଙ୍କୁ ପ୍ରବର୍ତ୍ତାଇଥାନ୍ତି । ସେଥିପାଇଁ ବେମନାଙ୍କର ଆଦ୍ୟ କୈଶୋର ଥିଲା ଦାୟିତ୍ୱମୁକ୍ତ ଓ ସୁଖମୟ । କିନ୍ତୁ ଠିକ୍ ଏତିକବେଳେ ତାଙ୍କୁ ଗଭୀର ଦୁଃଖରେ ପକାଇ ଦେଇ ମାଆ ଶେଷ ନିଃଶ୍ୱାସ ତ୍ୟଜନ୍ତି । ଅନ୍ଧକାର ନଇଁଆସେ ତାଙ୍କ ଉପରକୁ । ସେ ନିଜକୁ ନିଃସଙ୍ଗ ଓ ଉପେକ୍ଷିତ ବୋଧ କରନ୍ତି ।

ବେମନା ଏ ଗଭୀର ଓ ମର୍ମନ୍ତୁଦ କାରୁଣ୍ୟରୁ ଉଦ୍ଧାର ନ ପାଉଣୁ ତାଙ୍କ ପିତା ଦ୍ୱିତୀୟା ସ୍ତ୍ରୀ ଗ୍ରହଣ କରନ୍ତି । ବେମନାଙ୍କ ମନ ଏଥିରେ ସଂପୂର୍ଣ୍ଣ ଭାଙ୍ଗି ପଡ଼େ ।

ତାଙ୍କ ପିତା ସବୁଦିନ ପାଇଁ ବିପତ୍ନୀକ ହୋଇ ରହନ୍ତୁ, ଏହା ସେ ଚାହୁଁ ନଥିଲେ । "କିନ୍ତୁ ଏ ଭଳି ଅଶୋଭନୀୟ ବ୍ୟଗ୍ରତା କାହିଁକି ?" ସେ ମନେ ମନେ ଗୁଣି ହୁଅନ୍ତି । "ତାଙ୍କର କ'ଣ ମୋ ମାଆ ପ୍ରତି ସ୍ୱାଭାବିକ ଅନୁରାଗ ନଥିଲା ? ସେ କ'ଣ ତା' ମରିବାକୁ ଚାହିଁ ବସିଥିଲେ ଯେ ସଙ୍ଗେ ସଙ୍ଗେ ତା' ଠାରୁ ଊଣା ବୟସର ସ୍ତ୍ରୀ ଲୋକଟିକୁ ବାହା ହୋଇ ପଡ଼ିଲେ ?" ବେମନା ଏଭଳି ଭାବନାକୁ ଯେତେ କଠୋର ଓ ନିଷ୍ଠୁର ବୋଲି ମନରୁ ତଡ଼ି ଦେବାକୁ ଚାହାନ୍ତି, ତାହା ସେତେ ତାଙ୍କୁ ଗୋଡ଼ାଏ । କ୍ରମଶଃ ଏମିତି ସବୁ ଦୁଶ୍ଚିନ୍ତାରେ ସେ ଆହୁରି ତଳକୁ ତଳକୁ ବୁଡ଼ିଯାନ୍ତି । ଏକ ବିରକ୍ତିକର ମାନସିକ ଅବସ୍ଥା ତାଙ୍କୁ ଗ୍ରାସ କରିଯାଏ ।

ବେମନାଙ୍କୁ ବିଷଣ୍ଣ, ଖାମ୍‌ଖେୟାଲି ଓ ଆତ୍ମନିବର୍ତ୍ତୀ ଲକ୍ଷ୍ୟ କରି ବିମାତା ଭାବି ନିଏ ଯେ ସେ ତାଠାରେ ଏକାନ୍ତ ରୁଷ୍ଟ । ଯୁବତୀ କନ୍ୟା ଭାବରେ ପ୍ରଥମ ପ୍ରଥମ ବୈବାହିକ ଜୀବନର ମାଧୁର୍ଯ୍ୟରେ ଆତ୍ମବିଭୋର ହୋଇ ଉଠିଲା ବେଳକୁ ତା ଆଖିରେ ଯେତେବେଳେ ବେମନାଙ୍କ ବିଷାଦ ବିଧୁର ମୁହଁ ପଡ଼େ, ସେ ସେତେବେଳେ ଭୀଷଣ ଚିଡ଼ି ଉଠେ । ତା'ର ଏ ଚିଡ଼ି ଉଠିବା ପ୍ରତିବାଦ ଓ କ୍ରୋଧରେ ପରିଣତ ହେବାକୁ ବେଶି ବେଳ ଲାଗେ ନାହିଁ । ସେ ବେମନାଙ୍କ ପ୍ରତି ତାଙ୍କ ବାପାଙ୍କ ଦୃଷ୍ଟି ଉହାଡ଼ରେ ଦୁର୍ବ୍ୟବହାର କରିବାକୁ ଆରମ୍ଭ କରେ । କ୍ରମଶଃ ଏଭଳି ବ୍ୟବହାର ଖୋଲାଖୋଲି ଭାବେ ବରାବର ବଢ଼ିବାକୁ ଲାଗେ । ଯାହା କିଛି ସେ କହନ୍ତି ବା କରନ୍ତି, ସବୁଥିରେ କିଛି ନା କିଛି ଖୋଡ଼ ବାହାର କରି ସେ ତାଙ୍କୁ ଗାଳି ଦେବାରେ ଲାଗେ । ପୂର୍ବ ରୀତିର ଅଇଁଶ୍ୱା ତାଙ୍କୁ ଖାଇବାକୁ ଦିଏ । ଯାହା କିଛି ତ୍ରୁଟି ଘଟିଲେ ଲଗେଇ ଜୁଟେଇ ତାଙ୍କ ବାପାଙ୍କ ଆଗରେ ତାଙ୍କ ବିରୁଦ୍ଧରେ ବଖାଣେ । ବାପା ତାଙ୍କୁ ମାଡ଼ ଦେଲାବେଳେ ସେ ଭିତରେ ଭିତରେ କୁରୁଳୁ ଥାଏ । ଏହି ବିମାତାର ପ୍ରଥମ ପିଲା ହେଲା ପରେ ବେମନାଙ୍କ ଭାଗ୍ୟ ଅତ୍ୟନ୍ତ ଶୋଚନୀୟ ହୋଇପଡ଼େ । ସ୍ୱଭାବତଃ ତେଜୀ ଓ ଆତ୍ମାଭିମାନୀ ବେମନା ଏ ସବୁର ପ୍ରତିରୋଧ କରି ପାରନ୍ତେ, କିନ୍ତୁ ସ୍ୱର୍ଗତା ଜନନୀଙ୍କ ପ୍ରତି ଅନୁରାଗ ଓ ଭକ୍ତି ଥିବାରୁ ସେ ମନେ ମନେ ଅନୁଭବ କରନ୍ତି ଯେ ଯେଉଁ ସ୍ତ୍ରୀ ଲୋକଟି ତାଙ୍କ ପିତାଙ୍କ ଜୀବନ କ୍ଷେତ୍ରରେ ତାଙ୍କ ଜନନୀର ସ୍ଥାନ ପୂରଣ କରିବାକୁ ଆସିଛି, ସେ ଯାହା କିଛି ଲାଞ୍ଛନା ଓ ଅପମାନର ବୋଝ ତାଙ୍କ ଉପରେ ଜମା କରୁ ପଛକେ ସେ ସବୁକୁ ସେ ନୀରବରେ ସହି ନେବା ଉଚିତ ହେବ ।

ବେମନା ବର୍ତ୍ତମାନ ଉତ୍ତୀର୍ଣ୍ଣ ତରୁଣ । ଗାର୍ହସ୍ଥ୍ୟ ଜୀବନର ନିରାନନ୍ଦମୟ ପରିବେଶ ତାଙ୍କୁ ଦେବଦାସୀ ମାନଙ୍କର ବାହୁ ବନ୍ଧନ ଭିତରକୁ ଟାଣି ନିଏ । କୌଣସି କାର୍ଯ୍ୟ ଅଧାଅଧିରେ ଛାଡ଼ିଦେବା ତାଙ୍କ ସ୍ୱଭାବରେ ନଥିବାରୁ ସେ ହୋଇଉଠନ୍ତି ଏକ କୁଖ୍ୟାତ ଲମ୍ପଟ । ବହୁ ବାରାଙ୍ଗନାଙ୍କ ସହ ଶୟନ କରନ୍ତି ସେ । ଏଥି ମଧ୍ୟରେ ସେମାନଙ୍କ ଭିତରୁ ଜଣଙ୍କ ଠାରେ ସେ ଆସକ୍ତ ହୋଇ ପଡ଼ନ୍ତି । ସେ ଥାଏ ଯୁବତୀ, ସୁନ୍ଦରୀ ଓ କଳାନିପୁଣା । ସେ ଗୀତ ଗାଏ ଏବଂ ତୋଡ଼ିରାଗ ଗାଇବାରେ ସମସ୍ତଙ୍କୁ ବଳି ଯାଏ । ସେ ପୁଣି ବୀଣା ବଜାଇ ପାରେ । ବେମନା ଉଚ୍ଛୃଙ୍ଖଳ ଓ ଅଭଦ୍ର ହେଲେ ବି ସେ ତାଙ୍କ ପ୍ରତି ହୃଦୟରେ ଉଷ୍ମତା ଅନୁଭବ କରେ ଓ ସେ ଭଦ୍ର ହେବା ପାଇଁ ତାଙ୍କୁ ବଶକରିବାକୁ ଚେଷ୍ଟା କରେ । ଜଣେ ସେପରି କିଛି ଧନବନ୍ତ ନଥିବା ଯୁବକ ପ୍ରତି ନିଜ କନ୍ୟାର କ୍ରମବର୍ଦ୍ଧିଷ୍ଣୁ ପ୍ରଣୟନ-ବନ୍ଧନ ସେ ଦେବଦାସୀର ମାଆକୁ ଚିନ୍ତାରେ ପକାଏ । ଏଥିରେ ସନ୍ଦେହ ନାହିଁ ଯେ ବେମନା ତାଙ୍କ ମଉଜ ପାଇଁ ପଇସା ଦିଅନ୍ତି, କିନ୍ତୁ ତାହା ନିୟମିତ କିମ୍ବା ପ୍ରଚୁର ନୁହେଁ । ଏହା ଭିତରେ ଏମିତି ସମୟ ଆସେ, ଯେତେବେଳେ ସେ କିଛି ହେଲେ ଦେଇ ପାରନ୍ତି ନାହିଁ । ସଙ୍ଗେ ସଙ୍ଗେ ସେ ବୁଢ଼ୀ ତାଙ୍କ ଯିବା-ଆସିବାକୁ ବାରଣ କରିଦିଏ । ସେ ଲୁଚି ଛପି ଭିତରେ ପଶିବାକୁ ଚେଷ୍ଟା କରନ୍ତି; କିନ୍ତୁ ତୀକ୍ଷ୍ଣ ଦୃଷ୍ଟି ଥିବା ସେ ବୁଢ଼ୀ ବିରାଡ଼ି ତାଙ୍କୁ ବାହାରକୁ ତଡ଼ି ଆଣେ । ହୃଦୟରେ ଯନ୍ତ୍ରଣା ଭରିଯିବାରୁ ବେମନା ଅବସାଦଗ୍ରସ୍ତ ହୋଇ ପଡ଼ନ୍ତି । ସେ ଲୋଭାସକ୍ତା ବୁଢ଼ୀ ଡାଆଣୀକୁ ହତ୍ୟା କରିବା ପାଇଁ ମନେ ମନେ ସେ ଚିନ୍ତା କରନ୍ତି । ସେତେବେଳକୁ ସେ ଯୁବତୀ ଦେବଦାସୀଟି ଅନ୍ୟ ଏକ ନୂତନ ପ୍ରଣୟୀକୁ ଆଦର ନେଇଥାଏ । ବେମନାଙ୍କର ନୈରାଶ୍ୟ ଓ ବିରକ୍ତିର ପାତ୍ର ପୂର୍ଣ୍ଣ ହୋଇ ଉଠେ

ବେମନା ବିପଥଗାମୀ ହୋଇଥିବା ଲକ୍ଷ୍ୟ କରି ତାଙ୍କ ପିତା ତାଙ୍କୁ ବାଧ୍ୟ କରି ବିବାହ-ବନ୍ଧନରେ ଛନ୍ଦି ଦିଅନ୍ତି । ତାଙ୍କ ପାଇଁ ପ୍ରଥମ କେତେ ବର୍ଷର ବିବାହିତ ଜୀବନ ହୋଇ ଉଠେ ସ୍ୱପ୍ନ-ମଧୁର, ଠିକ୍ ଗ୍ରାମ୍ୟ କବିତାର ମୂର୍ଚ୍ଛନା ଭଳି । ପିଲାଟିଏ ଜନ୍ମ ନିଏ । ପରେ ପରେ ଆଉ ଗୋଟିଏ । ସେ ସୁଖ-ସନ୍ତୋଷ ଭରା ଜୀବନର ସ୍ୱପ୍ନରେ ମସଗୁଲ ହୋଇ ଉଠନ୍ତି । କିନ୍ତୁ ଅତି ନିଷ୍ଠୁର ଭାବେ ତାଙ୍କ ତନ୍ଦ୍ରା ଭାଙ୍ଗିଯାଏ । ତାଙ୍କ ସ୍ତ୍ରୀ ଓ ବିମାତାଙ୍କ ଭିତରେ ବରାବର କଳି ତକରାଳ ଲାଗେ । କୌଣସି

ଗୋଟିଏ ଦିନ, ଏପରିକି ଗୋଟିଏ ପ୍ରହର ଅସନା ଦୃଶ୍ୟ ନଥାଇ ବିତେ ନାହିଁ । ଏକାନ୍ତବର୍ତ୍ତୀ ରହିବା ଅସମ୍ଭବ ଦେଖି ବେମନା ନିଜ ଘର ନିଜେ ଠିଆ କରନ୍ତି । ଏହାଦ୍ୱାରା ଯେ ତାଙ୍କର ସବୁ ଅଡୁଆ ତୁଟିଯାଏ, ତାହା ନୁହେଁ, ବରଂ ଦିନକୁ ଦିନ ଗୋଟିକ ପରେ ଗୋଟିଏ ଯୋଡ଼ି ହେଉଥାଏ । ସେ ଦେଖନ୍ତି—ତାଙ୍କ ସ୍ତ୍ରୀ ଘରକରଣାରେ ନିହାତି ଅପଟୁ, ଅଳସେଇ ଓ ନାରଖାର ଆଣି । ତାଙ୍କ ପରି ଖାଦ୍ୟପ୍ରିୟ ବ୍ୟକ୍ତିର ରୁଚିକୁ ତାଙ୍କ ଘରଣୀର ରନ୍ଧଣା ହୁଏ ଏକାନ୍ତ ଅସ୍ୱାଦ୍ୟ । ଖାଦ୍ୟ ପରିବେଷଣ ମନେ ହୁଏ ତତୋଽଧିକ ଘୃଣାଜନକ । ତାଙ୍କୁ ରଗାଇବା ପାଇଁ ସେ ସ୍ତ୍ରୀ ବରିବର ପିଲାଗୁଡ଼ାଙ୍କୁ ବାଡ଼ଆପିଟା କରେ । ଅଶିଷ୍ଟ ଓ ଅଭଦ୍ର ସ୍ୱଭାବରେ ବଢ଼ି ଉଠୁଥିବା ପିଲାମାନେ ତାଙ୍କର ନିରାନନ୍ଦକୁ ଅଧିକ ବଢ଼ାଇ ଦିଅନ୍ତି ।

କୋଠରୁ ବାହାରିଗଲା ପରେ ବେମନା ତାଙ୍କ ବାଣ୍ଟ ଜମିରେ ଖୁବ୍ ପରିଶ୍ରମ ସହକାରେ କୃଷି କରନ୍ତି । ସେ ସେଥିରେ ଆଖୁ ଓ ତୈଳବୀଜ ଭଳି ଅର୍ଥକରୀ ଫସଲ ଫଳାନ୍ତି । କିନ୍ତୁ ପରେ ପରେ ନିଜ ଘରେ ବଢ଼ି ଉଠୁଥିବା ନିରାନନ୍ଦକର ପରିବେଶ ଯୋଗୁଁ କୃଷି କାର୍ଯ୍ୟରେ ଅବହେଳା କରନ୍ତି । ସେଥି ଯୋଗୁଁ କ୍ରମଶଃ ଊଣା ଫସଲ ହୁଏ । ଏଣେ ଆଉ କିଛି ପିଲା ଜନ୍ମ ହୋଇଯିବାରୁ ପରିବାରର ଖର୍ଚ୍ଚ ବଢ଼ିବଢ଼ି ଯାଏ । ଉଧାର କରି ଅର୍ଥରେ ସେ ଗୁଜୁରାଣ ମେଣ୍ଟାନ୍ତି । । ଏହା ପରେ ଏକ ବଡ଼ ଧରଣର ବିପତ୍ତି ତାଙ୍କୁ ଘୋଟି ଆସେ । ତାଙ୍କ ଆଖୁ ଫସଲରେ ପୋକ ଲାଗନ୍ତି । ସେଥିରେ ଗୁଡ଼ାଏ ଖର୍ଚ୍ଚାନ୍ତ ହୋଇ ଶେଷରେ ବହୁତ କ୍ଷତିରେ ପଡ଼ନ୍ତି । ଏଣେ ମହାଜନମାନେ କରଜ ଅସୁଲ ପାଇଁ ତାଗିଦା କରନ୍ତି । ସେମାନେ ବନ୍ଧକ ସୂତ୍ରରେ ନେଇଥିବା ତାଙ୍କ ଘରଦ୍ୱାର ଓ କ୍ଷେତବାଡ଼ିକୁ ତାଙ୍କୁ ଯିବାକୁ ବାରଣ କରିବା ଲାଗି ଧମକ ଦିଅନ୍ତି ।

ଏହି ଏକାନ୍ତ ନୈରାଶ୍ୟଜନକ ଅବସ୍ଥାରେ ସେ ଅପରସାୟନ ବିଦ୍ୟା (ପ୍ରାଚୀନ ରସାୟନ ବିଦ୍ୟା, ଯଦ୍ଦ୍ୱାରା ଯେ କୌଣସି ନିକୃଷ୍ଟ ଧାତୁକୁ ସ୍ୱର୍ଣ୍ଣରେ ପରିଣତ କରାଯାଏ) ପ୍ରତି ପ୍ରଲୋଭିତ ହୁଅନ୍ତି । ନିକୃଷ୍ଟଧାତୁକୁ ସୁନାରେ ପରିଣତ କରିବାକୁ ଦାବୀ କରୁଥିବା ଲୋକମାନଙ୍କୁ ଖୋଜି ବାହାର କରିବା ପାଇଁ ସେ ଲାଗି ପଡ଼ନ୍ତି ।

ଗୋଟିକପରେ ଗୋଟିଏ ଭଣ୍ଡ ତାଙ୍କୁ ପ୍ରତାରଣା କରି ଚାଲନ୍ତି । ପରିଶେଷରେ ସେ ଏପରି ଏକ ଗୁରୁଙ୍କୁ ଲାଭ କରନ୍ତି ଯେ ନିକୃଷ୍ଟ ମାନବୀୟ ଧାତୁ କିଭଳି ସୁନାଠାରୁ ଉତ୍କୃଷ୍ଟ ଏକ ଉତ୍ତମ ଓ ସଫଳ ଧାତୁ ବା ଜୀବନରେ ରୂପାନ୍ତରିତ ହୋଇପାରେ, ତାହା ତାଙ୍କୁ ପ୍ରତ୍ୟକ୍ଷ କରାଇ ଦିଅନ୍ତି ।

ବେମନାଙ୍କ ଜୀବନ-କାହାଣୀର ଏହା କ'ଣ ଏକ ମନଗଢ଼ା ପୁନର୍ନିର୍ମାଣ ? ଅନ୍ୟ କଥାରେ କହିଲେ ଏହା କିଣ ଏକ ନୂତନ ଜନଶ୍ରୁତି, ଯଦି ବା ଯୁକ୍ତିଯୁକ୍ତ ଓ ଏକାନ୍ତ ସମ୍ଭାବ୍ୟ ? ହଁ, ଏହା ସେହିପରି ଓ ସେହିପରି ନୁହେଁ ମଧ୍ୟ । କାରଣ ଏ କାହାଣୀର ପ୍ରତ୍ୟେକଟି ସ୍ତରର କଳ୍ପନା କିଛି ଭିତ୍ତି ରହିଛି ବେମନାଙ୍କ କବିତାରେ । କୃଷିଗତ ନୈମିତ୍ତିକତା ସହ ତାଙ୍କର ସୁପରିଚିତି, ତାଙ୍କର ଖାଦ୍ୟରୁଚି, କେତେକ ପଶୁ, ପକ୍ଷୀଙ୍କଠାରେ ତାଙ୍କର ଅନୁରାଗ ଓ କେତେକଙ୍କଠାରେ ତାଙ୍କର ବିରାଗ, ସଙ୍ଗୀତ ପ୍ରତି ତାଙ୍କର ଅନୁରକ୍ତି ଓ ବିଶେଷତଃ ତୋଡ଼ି ରାଗରେ ତାଙ୍କ ଆକର୍ଷଣ ଓ ଆହୁରି ଅନେକ ପସନ୍ଦ, ନାପସନ୍ଦ ସଂପର୍କୀୟ ସ୍ପଷ୍ଟ ସୂଚନାର ପ୍ରାଚୁର୍ଯ୍ୟ ତାଙ୍କ କବିତାରେ ଭରପୂର ରହିଛି । କେବଳ ତାଙ୍କ ଜୀବନର କେତେକ ମୁଖ୍ୟ ଘଟଣା, ଯଥା :—ସେ ପିଲା ଥିଲା ବେଳେ ତାଙ୍କ ଜନନୀଙ୍କର ମୃତ୍ୟୁ, ବିମାତାଙ୍କର ତାଙ୍କପ୍ରତି ଦୁର୍ବ୍ୟବହାର, ଦେବଦାସୀଠାରେ ତାଙ୍କର ପ୍ରଗାଢ଼ ଅନ୍ଧ-ଆସକ୍ତି, ତାଙ୍କର ନିରାନନ୍ଦମୟ ଗାର୍ହସ୍ଥ୍ୟ ଜୀବନ, ତାଙ୍କର ଆର୍ଥିକ ଦୁରବସ୍ଥା ଏବଂ ଅପରସାୟନ ବିଦ୍ୟା ପ୍ରତି ତାଙ୍କର ଆଗ୍ରହ ସଂପର୍କରେ କୈଫିୟତ ଦେବା ବାକି ରହୁଛି । ଏସବୁକୁ ଗୋଟିଏ ପରେ ଗୋଟିଏ କରି ଆଲୋଚନା ପାଇଁ ଗ୍ରହଣ କରାଯାଇ ପାରିବ ।

ଜନନୀଙ୍କଠାରେ ପ୍ରୀତି ଓ ଭକ୍ତି ବେମନାଙ୍କ ଉପଦେଶାବଳୀର ପ୍ରମୁଖ ତଥା କୈନ୍ଦ୍ରିକ ବିଷୟ । ସେ କହନ୍ତି, "ଯେ ଜାଣେ ଆପଣା ମାତା, ସେ ଚିହ୍ନେ ଜଗତ କରତା ।" ଅବଶ୍ୟ ଏହା ଏକ ସାଧାରଣ ମନ୍ତବ୍ୟ ଭାବେ ଗୃହୀତ ହୋଇପାରେ ; କିନ୍ତୁ ନିମ୍ନୋକ୍ତ ପଦ୍ୟରେ ଏକ ସୁସ୍ପଷ୍ଟ ବ୍ୟକ୍ତିଗତ ଅନୁଭୂତି କିଭଳି ଲିପିବଦ୍ଧ ହୋଇଛି, ଲକ୍ଷ୍ୟ କରାଯାଉ—

"ଖାଉଥିବେ ଭଲ, କରୁଥିବେ ଶେଜ ଥିଲାଯାଏ ଭବେ ମାତା,
ଗଲେ ଚାଲି ସେହି ନ ପଚାରେ କେହି ଏଇତ ସଂସାର-କଥା ।

କହେ ସେଥିପାଇଁ ଆରେ ମନବାଇ ଆଉଁ ବେଲ ଅନୁକୂଳ,
ସଂସାର-ଜୀବନେ କିବା ଆଚରଣ କରିବୁ ତା ମନେ ଭାଳ ।"

ମାତାଙ୍କ ମୃତ୍ୟୁପରେ ପରେ ଆପଣାକୁ ଅତ୍ୟନ୍ତ ନିଷ୍ଠୁରଭାବେ ଅବହେଳିତ ହେଉଥିବା ବୋଧ କରି ନଥିଲେ ବେମନା ଏଭଳି ପଦ୍ୟ ଲେଖିପାରି ଥାଆନ୍ତେ କି ? ସେ ଯେ ତାଙ୍କ ମାତାଙ୍କ ଜୀବଦ୍ଦଶାରେ ନିଜକୁ ଯୋଗ୍ୟ ସନ୍ତାନଭାବେ ପ୍ରମାଣିତ କରିପାରି ନାହାନ୍ତି ସେଥିପାଇଁ ଏଥିରେ ଆମେ ତାଙ୍କର ଦୀର୍ଘଶ୍ୱାସ ଓ ଶୋକୋଚ୍ଛ୍ୱାସ ଧ୍ୱନିତ ହେବାର କ'ଣ ଶୁଣୁନାହିଁ ?

ଅନ୍ୟ ଏକ ସମଶ୍ରେଣୀସ୍ଥ, ଉଲ୍ଲେଖନୀୟ ପଦ୍ୟରେ କୁହାଯାଇଛି :

"ଖୁଣ୍ଟି ନାଣ୍ଟି ଦୋଷ ଦେଖାଇ ବିମାତା ସବୁଠାରେ ସବୁକାଳେ,
ନିଜ ମାଆ ପରି ସହଣିକପଣ ନଥାଏ ତାଠାରେ ଢଳେ ।
ଆରେ ବାଇମନ ଜ୍ଞାନର ଲୋଚନ ଫେଡ଼ିବାକୁ କର ଆଶ,
ଅବଶ୍ୟ ଜାଣିବୁ ମଣିଷର ଗାଢ ଦେଖୁ ଯେବେ ଚଉପାଶ ।"

ଯେଉଁ ଲୋକ ମାତୃହରା ଶିଶୁଟିଏ ହୋଇ ଜଣେ ନିଷ୍ଠୁର ହୃଦୟା ବିମାତା ଦ୍ୱାରା ଦୀର୍ଘକାଳ ଧରି ନିର୍ଯାତିତ ହୋଇ ନଥିବ, ସେ ଏଭଳି ପଦପଙ୍‌କ୍ତି ରଚନା କରି ପାରିବ ନାହିଁ ।

ବର୍ତ୍ତମାନ ଦେବଦାସୀ ଉପାଖ୍ୟାନଟିକୁ ଦେଖାଯାଉ । ଏହାର ସୂଚନା ବେଶ୍ ମୁକ୍ତ ଓ ପ୍ରତ୍ୟକ୍ଷ । ଗୋଟିଏ ପଦ୍ୟରେ କୁହାଯାଇଛି :

"ଦେବଦାସୀ-ପ୍ରୀତି ପରଶଂସା ଅତି ଥିବାଠାରେ କେଉଁ ଫଳ,
କି ଲାଭ ଜଡ଼ିବା ତା'ଠାରେ ଯେବେ ତା ମାତା ଭଜନାହିଁ କାଳ ?"

ଏହି ପଂକ୍ତି ନିଶ୍ଚିତ ଭାବେ ଦେବଦାସୀ ଉପାଖ୍ୟାନର ପ୍ରଥମ ଭାଗଟିକୁ ପରିସ୍ଫୁଟ କରେ । ଏହାର ପରବର୍ତ୍ତୀ ଅଂଶର ଭିତ୍ତି ନିମ୍ନୋକ୍ତ ପଦ୍ୟରେ ମିଳିଥାଏ—

"ଜାର ପତି ଯେବେ ସୁରତିରେ ମାତି ଶେଷେ ହୁଏ ଶିଥିଳିତ,
କୋଳୁଁ ଠେଲି ଦିଏ ରକ୍ଷିତାକୁ ତା'ର କି ହେଲା ନୁହେଁ ଭାବିତ ।
ଛିଆ ସରିଗଲେ ଅଇଁଷ୍ଠାପତରେ ଫିଙ୍ଗି ଦିଅ ଯେବେ ପଥେ,
ସେ ପତର ଗଲେ ଅଳିଆଧାରିକୁ କାହାର କି ଯାଏ କେତେ ।"

ଏହି ପଦ୍ୟର ଅଭିବ୍ୟକ୍ତିକୁ ନେଇ ଯେବେ କୁହାଯାଏ ଯେ ଏଥିରେ ବେମନାଙ୍କର ସେହି ସମୟର ଚିନ୍ତାଧାରା ପ୍ରତିଫଳିତ, ଯେଉଁ ସମୟରେ ସେ ଦେବଦାସୀ ଦ୍ୱାରା ପ୍ରତ୍ୟାଖ୍ୟାତ ହେଲେହେଁ ନିଜସ୍ୱ ଆହତ ସ୍ୱାଭିମାନବଶତଃ ନିଜେ ନିଜକୁ କହୁଛନ୍ତି ଯେ ଦେବଦାସୀ ଆଉ ନୁହେଁ, ତାଙ୍କ ନିଜ ଆଡ଼ୁହିଁ ସେ ତା' ସହିତ ସମ୍ପର୍କ ତୁଟାଇ ଦେଇଛନ୍ତି, ତାହା କ'ଣ ଅଯୌକ୍ତିକ ହେବ ?

ତାଙ୍କର ଆର୍ଥିକ ଦୁର୍ଦ୍ଦଶା ବିଷୟରେ ସୁସ୍ପଷ୍ଟ ପ୍ରମାଣ ମିଳୁଛି, ଯେତେବେଳେ ସେ ଋଣ ଗ୍ରହଣ ବିପକ୍ଷରେ କଠୋର ସତର୍କ ବାଣୀ ଶୁଣାଇ କହୁଛନ୍ତି :

"ଯେ ଅଟେ ଋଣରୁ ମୁକତ,
ସେହି ସବୁଠୁଁ ଧନବନ୍ତ ।"

ଠିକ୍ ସେହିପରି ତାଙ୍କର ଅନେକ ପଦ୍ୟ ରହିଛି, ଯେଉଁଥିରୁ ସେ ଗାର୍ହସ୍ଥ୍ୟ ଜୀବନରେ ଅସୁଖୀ ଥିବାର ଅନୁମାନ ବଳବତ୍ତର ହୁଏ । ଏ ଜୀବନ ତାଙ୍କର ସୁଖମୟ ହୋଇ ପାରିଲା ନାହିଁ, କାରଣ ସେ ଏଥିପାଇଁ ଯଥାସାଧ୍ୟ ଉଦ୍ୟମ କରି ନଥିଲେ, —ଏପରି କୁହାଯାଇ ପାରିବ ନାହିଁ । ତାଙ୍କ ଜୀବନର ପ୍ରଥମ ପାଦରେ ଏପରିକି ଯେତେବେଳ ପର୍ଯ୍ୟନ୍ତ ସେ ଦୃଢ଼ ଧାରଣା ପୋଷଣ କରି ନଥିଲେ ଯେ ଈଶ୍ୱରଙ୍କୁ ଖୋଜି ପାଇବାକୁ ହେଲେ ପିତା, ମାତା, ଦାରା, ସୁତ ପ୍ରଭୃତି ସମ୍ପର୍କ ଓ ସକଳ ବିଷୟକୁ ତ୍ୟାଗ କରିବାକୁ ହେବ, ସେତେବେଳ ପର୍ଯ୍ୟନ୍ତ ବିବାହିତ ଜୀବନ ସମ୍ପର୍କରେ ତାଙ୍କର ଖୁବ୍ ଉଚ୍ଚ ଧାରଣା ଥିଲା । ସେଥିପାଇଁ ସେ ପଚାରିଛନ୍ତି—

"କାହିଁକରେ ମନ ତୋର ସରଗେ ପ୍ରୀତି
ଥାଉଁ ପାଶେ ଅନୁରାଗୀ ସ୍ତ୍ରୀ ସନ୍ତତି !"

ଯେଉଁ ବ୍ୟକ୍ତି ଏପରି ଲେଖିଛି ସେ ଯେ ପରବର୍ତ୍ତୀ ଜୀବନରେ କଳହପ୍ରିୟା ଓ କଜିଆ-ଖୋରଣି ପତ୍ନୀ ତଥା ଅଯୋଗ୍ୟ ସନ୍ତାନମାନଙ୍କ ବିରୁଦ୍ଧରେ ଗାଳି ବର୍ଷଣ କରିଯାଇଛି, —ତା'ର ଏ ପ୍ରକାର ବିରକ୍ତି ଭାବ ଜାଗ୍ରତ ହେବା ମୂଳରେ ଅସୁଖୀ ବୈବାହିକ ଜୀବନ ବ୍ୟତୀତ ଆଉ କ'ଣ ଥାଇପାରେ ? ଏ ପର୍ଯ୍ୟନ୍ତ ଲୋକମାନଙ୍କ—ଓଠରେ ଲାଗି ରହି ଥିବା ଏକ ବହୁ ପ୍ରଚଳିତ ପଦ୍ୟରେ ବେମନା ଦୋଷଦର୍ଶିନୀ ସ୍ତ୍ରୀକୁ ପାଦ ଫୋଡୁଥିବା ଯୋତା, ଟୋପି ଭିତରେ ରହିଯାଇଥିବା ମହୁମାଛି, ଆଖିରେ ପଡ଼ିଥିବା ଧୂଳିକଣା, ଦେହର ମାଂସ ଭେଦିଥିବା କଣ୍ଟା ସହ ତୁଳନା କରନ୍ତି ।

ଏବେ ମାତ୍ର ବେମନାଙ୍କ ଜୀବନ-କାହାଣୀରୁ ତାଙ୍କର ଅପରସାୟନ ବିଦ୍ୟା ପ୍ରତି ଆଗ୍ରହ ବିଷୟ୍ଟିର ଯଥାର୍ଥତା ପ୍ରତିପାଦନ କରିବା ବାକି ରହୁଛି । କିନ୍ତୁ ବେମନାଙ୍କ ରଚିତ ବହୁବିଂଶାଧିକ ପଦ୍ୟ ଏ ସମ୍ବନ୍ଧୀୟ ସାକ୍ଷ-ପ୍ରମାଣ ଦେଇଥାନ୍ତି । ଏବେ ମଧ୍ୟ ତାଙ୍କର କେତେକ ଅନୁଗାମୀ ତାଙ୍କ ରଚିତ ପଦ୍ୟର ନିଗୂଢ଼ ସଂକ୍ରମାନଙ୍କରୁ ନିକୃଷ୍ଟ ଧାତୁକୁ ସୁନା କରିବାର ସୂତ୍ର ଓଟାର ବାହାର କରିବାରେ ଲାଗୁଛନ୍ତି ।

ବେମନାଙ୍କ ପାଇଁ ଜୀବନଟା ପୁଷ୍ପାସ୍ତୃତ ସରଣୀ ନଥିଲା । ଏହା ଥିଲା ଏକ ଉଚ୍ଚ, ନୀଚ ଓ ବହୁ ବିପଜ୍ଜନକ ମୋଡ଼ ବିଶିଷ୍ଟ ଆବୁଡ଼ା ଖାବୁଡ଼ା ରାସ୍ତା । ସେ ଏ ରାସ୍ତାରେ ବାରମ୍ବାର ଝୁଣ୍ଟିଛନ୍ତି, ପଡ଼ିଛନ୍ତି ; କିନ୍ତୁ ପ୍ରତ୍ୟେକଥର ନିଜକୁ ଉଠାଇଛନ୍ତି ଓ ଅଗ୍ରସରଣର ଯାତ୍ରାକୁ ଅବ୍ୟାହତ ରଖିଛନ୍ତି । ଯେ କୌଣସି ସାଧାରଣ ଲୋକ ତୁଳନାରେ ତାଙ୍କ ଜୀବନରେ ଭରି ରହିଥିଲା ବହୁ ସଂକଟ, ସନ୍ତାପ ଓ ଅଶ୍ରୁର ଆଲେଖ୍ୟ । ଏ ସବୁ ତାଙ୍କୁ ଶକ୍ତି ଓ ମାର୍ଜିତ କରି ଏକ ଅସାମାନ୍ୟ ବ୍ୟକ୍ତିଭାବେ ଗଢ଼ିଥିଲା । ସେଥିପାଇଁ ତାଙ୍କର ଦୃଷ୍ଟି ଥିଲା ପ୍ରସାରିତ, ସ୍ୱରଥିଲା ଉଚ୍ଚନାଦୀ ଓ ସୁସ୍ପଷ୍ଟ, ଦର୍ଶନ ଥିଲା ଏକାନ୍ତ ନିଜସ୍ୱ ।

ଅନ୍ଧକାରେ ଦ୍ୱିଗୁଣିତ ରାତ୍ରି

ଅନ୍ଧକାର ସହ ଗ୍ରସ୍ତା, କରେ ରାତ୍ରି ଦ୍ୱିଗୁଣିତ ଯେବେ···[ମିଲ୍‌ଟନ୍]

ଜଣେ କବି, ଦାର୍ଶନିକ ଓ ମନୀଷୀ ଭାବରେ ବେମନାଙ୍କର ସଂପୂର୍ଣ୍ଣ ପରିଚୟ ଲାଭ କରିବାକୁ ହେଲେ ଆମକୁ ତାଙ୍କର ବିଦ୍ୟମାନ କାଳ ସଂପର୍କରେ ଅବଶ୍ୟ ଧାରଣା କରିବାକୁ ହେବ । କାରଣ ତାଙ୍କର ଜୀବନ, କଳା ଓ ଭାବଧାରାର ମୂଳଭିତ୍ତି ଏଥିରେ ସନ୍ନିହିତ । ଏହା ବିରୋଧାଭାସ ଭଳି ପ୍ରତୀତ ହେଲେହେଁ ପ୍ରକୃତରେ ଯେ କୌଣସି ପ୍ରତିଭାର ଉଦ୍‌ଗମନର ମୂଳ ଉତ୍ସ ତା'ର ବିଦ୍ୟମାନ କାଳ ସହ ବିଜଡ଼ିତ ଏଇଥିପାଇଁ ଯେ ସେଥିରୁ ସେ ପ୍ରାଣରସ ଓ ପରିପୁଷ୍ଟି ଆହରଣ ପୂର୍ବକ ଆପଣା କାଳକୁ ଅତିକ୍ରମ କରି ଶାଶ୍ୱତରେ ପଦ ଥାପିଥାଏ । ଯେତେ ବିପୁଳ ଧୀଶକ୍ତି ସଂପନ୍ନ ହୋଇନା କାହିଁକି ଜଣେ ଚେରହୀନ ବ୍ୟକ୍ତି ଏଠାରେ ନଥାଏ । କିମ୍ବା ସେଠାରେ ନଥାଏ; ବହମାନ କାଳର ପ୍ରତ୍ୟେକଟି ବାୟୁପ୍ରବାହ ଦ୍ୱାରା ଧକ୍‌କା ଖାଇ ଖାଇ ଅବଶେଷରେ ସେ ବିସ୍ମୃତିର ଅତଳ ଗର୍ଭକୁ ଭାସି ଚାଲିଯାଏ ।

ଆପଣା କାଳ ସହ ଦୃଢ଼ ସନ୍ନିବଦ୍ଧ ବ୍ୟକ୍ତି ଭାବରେ ବେମନା (ରବର୍ଟ ଲିଣ୍ଡ୍ ଥୋମାସ୍ ଗ୍ରେଙ୍କ ସଂପର୍କରେ କହିଲା ଭଳି) ହୃଦୟଙ୍ଗମ କରିଥିଲେ ଯେ "କବିତା କେବଳ ମାତ୍ର ଏକ ସାହିତ୍ୟିକ କସରତ ନୁହେଁ, ବାସ୍ତବତାର ପ୍ରତିଛବି; ଏହା ସମସ୍ତ ଓ ସ୍ଥିତିଠାରୁ ଅନେକ ଖାପଛଡ଼ା ଆଦର୍ଶ-ପ୍ରତିମୂର୍ତ୍ତି ମାନଙ୍କର ତୁଚ୍ଛା ପ୍ରଶସ୍ତି ମାତ୍ର ନୁହେଁ; ଏହା ହେଉଛି ଆପଣା ନିଃଶ୍ୱାସ ଓ ଆପଣା ଦେଶ ଭଳି ଜଣକର ଏକାନ୍ତ ନିକଟବର୍ତ୍ତୀ । ବେମନା ତାଙ୍କ ସମୟକୁ ପୂର୍ଣ୍ଣମାତ୍ରାରେ ତାଙ୍କ କବିତାରେ ପ୍ରତିଫଳିତ କରିଥିଲେ । ଆମେ ଏଥିପୂର୍ବରୁ ଯେପରି ଦେଖି ସାରିଛୁ ଯେ ବେମନାଙ୍କ କବିତାର ସମୀକ୍ଷାତ୍ମକ ଅଧ୍ୟୟନ ମାଧ୍ୟମରେ ଆମେ ତାଙ୍କ ଜୀବନ-କାହାଣୀର ପୁନର୍ନିର୍ମାଣ କରି ପାରୁ; ଠିକ୍ ସେହିପରି ଯେଉଁ ଯୁଗରେ ସେ ଜୀବନ କଟାଇଥିଲେ, ଲେଖିଥିଲେ ଓ ଉପଦେଶ ଛଳରେ ଶିକ୍ଷା ଦେଇଥିଲେ ସେହି ଯୁଗର ମୋଟାମୋଟି ଏକ ସୁନ୍ଦର ଓ ପ୍ରାମାଣିକ ଚିତ୍ର ଏଥିରୁ ଆମେ ଲାଭ କରି ପାରିବା । ଏହାଥିଲା ଏକ କ୍ଷୀୟମାଣତାର ଯୁଗ-ଦରିଦ୍ର, ଅଶ୍ଳୀଳ ଓ କୁତ୍ସିତ । ଦରିଦ୍ର, ଥିଲା ପାର୍ଥିବ ବସ୍ତୁ ଓ ଆତ୍ମାରେ, ଅଶ୍ଳୀଳ

ଥିଲା ଭାଷା ଓ ଭାବଧାରାରେ ଓ କୁତ୍ସିତ ଥିଲା ସବୁ ସ୍ତରରେ । ଭାରତର ଅନ୍ୟାନ୍ୟ ଅଞ୍ଚଳ ଭଳି ଆନ୍ଧ୍ରରେ ମଧ୍ୟ ଏହା ଥିଲା ମଧ୍ୟ ଯୁଗର ସର୍ବଶେଷ ଓ ସର୍ବାପକୃଷ୍ଟ ସମସ୍ତ-ପର୍ଯ୍ୟାୟ । ଏହା ବସ୍ତୁତଃ ଥିଲା "ଅନ୍ଧକାର, ଘୃଣ୍ୟାଚ୍ଛନ୍ନ ଦ୍ୱିଗୁଣିତ ରାତ୍ରି" ।

ତାଙ୍କ କବିତା ଭିତର ଦେଇ ଆମେ ଯେପରି ଲକ୍ଷ୍ୟ କରୁ, ବେମନାଙ୍କ ସମୟର ଧର୍ମନୈତିକ ପରିବେଶ ମୋଟାମୋଟି ଏହିପରି : ଶୈବଧର୍ମର ଏକ ଯୁଦ୍ଧ-ପ୍ରବଣ ଓ ସଂସ୍କାରାଭିମୁଖୀ ରୂପାନ୍ତର ବୀର ଶୈବଧର୍ମ-ଯାହା ଥିଲା ବେମନାଙ୍କର ଜନ୍ମ-ଗତ ଧର୍ମ, ସେତେବେଳକୁ ସେଥିରେ ନା ଥିଲା ଯୁଦ୍ଧ ପ୍ରବଣତା ନା ସଂସ୍କାର ଆଭିମୁଖ୍ୟ । ଦ୍ୱାଦଶ ଶତାବ୍ଦୀରେ କର୍ଣ୍ଣାଟକର ବାସବ ଏହି ଧର୍ମର ଉତ୍‌ଥାପନା କରି ଯାହା କହିଛନ୍ତି, ସେଥିରୁ ଜଣାଯାଏ ଯେ ଏହି ବୀର ଶୈବ ଧର୍ମରେ ବହୁ ଦେବ ବାଦକୁ ଘୃଣା କରାଯାଏ, ବୈଦିକ ଯାଗ, ଯଜ୍ଞକୁ ଦୁଃଖପ୍ରଦ ମନେ କରାଯାଏ, ପୌରୋହିତ୍ୟ ପ୍ରଥାକୁ ଦୋଷଯୁକ୍ତ ବିବେଚନା କରାଯାଏ, ଜାତିଗତ ସ୍ୱତନ୍ତ୍ରତା ଓ ଲିଙ୍ଗଗତ ପ୍ରଭେଦକୁ ଅବଜ୍ଞା କରାଯାଏ, ଅସ୍ପୃଶ୍ୟତାର ନିନ୍ଦାବାଦ କରାଯାଏ ଏବଂ ଧର୍ମାଚରଣ କ୍ଷେତ୍ରରେ ସମସ୍ତ ପ୍ରକାର ଚରମ ଯୋଗ ସାଧନ ପ୍ରଥାକୁ ନାପସନ୍ଦ କରାହୁଏ । ମାତ୍ର ଏହି ଧର୍ମର ଉପଦେଶ କିନ୍ତୁ ସର୍ବୈବ ନାସ୍ତିମୂଳକ ନୁହେଁ । ଯେଉଁ ଅସ୍ତିମୂଳକ ବିଷୟାବଳୀକୁ ଏଥିରେ ଗୁରୁତ୍ୱ ଦିଆଯାଏ, ସେ ସବୁ ହେଲା—ଅଭିଜ୍ଞତା ଆହୃତ ଜ୍ଞାନ, ଉପଲବ୍ଧିଜନିତ ବିଶ୍ୱାସ, ଜାତି, ଜାତି ମଧ୍ୟରେ ବିବାହ ମାଧ୍ୟମରେ ସାମାଜିକ ସାମ୍ୟର ପ୍ରତିଷ୍ଠା, ପାରିବାରିକ ଜୀବନର ପବିତ୍ରତା, ଶାରୀରିକ ଶ୍ରମର ମର୍ଯ୍ୟାଦା ଓ ନୀତିଶାସ୍ତ୍ରାନୁମୋଦିତ ଜ୍ଞାନର ଅନୁଶୀଳନ । ଏହି ଧର୍ମ ମାନବବାଦରେ ଅନୁରଞ୍ଜିତ । ଏହା ସାର୍ବଜନୀନ ଭ୍ରାତୃତ୍ୱବୋଧ ପ୍ରତିଷ୍ଠାରେ ନିଷ୍ଠାଶୀଳ । ବାସବଙ୍କର ଏହି ବୀର ଶୈବଧର୍ମ ପଣ୍ଡିତ ଶ୍ରୀପତି, ପଣ୍ଡିତ ମଲ୍ଲିକାର୍ଜ୍ଜୁନ, ପଲ୍‌କୁରୁକୀ ସୋମନାଥ ଓ ଅନ୍ୟମାନଙ୍କ ଦ୍ୱାରା ଆନ୍ଧ୍ରକୁ ଆନୀତ ହେବା ପରେ ଏହା ଦ୍ରୁତ ପ୍ରସାରିତ ହୋଇ-ଥିଲା । ଏହାର ସଭ୍ୟମାନେ ସବୁ ଜାତିର, ଏପରିକି ସମାଜର ବର୍ଣ୍ଣଶ୍ରେଷ୍ଠ ବ୍ରାହ୍ମଣ ଓ ଅନ୍ୟ ପକ୍ଷରେ ଅସବର୍ଣ୍ଣ ଗୋଷ୍ଠୀରୁ ଆସି ଏଥିର ଅନ୍ତର୍ଭୁକ୍ତ ହୋଇଥିଲେ । ଏହି ଧର୍ମ ଥିଲା ଏକ ନୂତନ ପ୍ରଭାତର ଆଗମନୀ ଶଂଖନାଦ, ନବୀନ ଚିନ୍ତାଧାରାର କୈନ୍ଦ୍ରିକ ବିନ୍ଦୁ ଓ ଏକ ବଳିଷ୍ଠ ସଂସ୍କାର-ଅନ୍ଦୋଳନର ଅଗ୍ରଦୂତ ।

କାଳକ୍ରମେ ବୀର ଶୈବଧର୍ମ ଏହାର ଅଧିକାଂଶ ଆଦର୍ଶବାଦକୁ ହରାଇ ବେମନାଙ୍କ ସମସ୍ୟକୁ ମୂଳଧର୍ମର ଏକ ପ୍ରହସନାତ୍ମକ ରୂପ ବରଣ କରିଥିଲା । ଜାତିଗତ ବିଭେଦ-ବିଲୋପକରଣ ଲକ୍ଷ୍ୟରେ ଶୋଚନୀୟ ଭାବେ ବ୍ୟର୍ଥ ହୋଇ ପୂର୍ବରୁ ବହୁ ପ୍ରକାର ଗୋଷ୍ଠୀରେ ଛିନ୍ନ ବିଚ୍ଛିନ୍ନ ହୋଇ ପଡ଼ିଥିବା ହିନ୍ଦୁ ସମାଜରେ ଏହା ଅନ୍ୟ ଏକ ବର୍ଣ୍ଣ ଅର୍ଥାତ୍ ବୀର ଶୈବମାନଙ୍କୁ ନେଇ ବର୍ଣ୍ଣଟିଏ ଯୋଗ କଲା । ବାସ୍ତବରେ କିନ୍ତୁ ଏହା ଗୋଟିଏ ନୁହେଁ, ଦୁଇଟି ବର୍ଣ୍ଣ ଯୋଗ କଲା; କାରଣ ଜାତି ଦୃଷ୍ଟିରୁ ବୀର ଶୈବମାନେ ଆରାଧ୍ୟ (ବ୍ରାହ୍ମଣ ଗୋଷ୍ଠୀ) ଓ ଜଙ୍ଗମ (ବ୍ରାହ୍ମଣେତର ଗୋଷ୍ଠୀ) ବୋଲି ଦ୍ୱିବିଧ ଗୋଷ୍ଠୀରେ ଉପବିଭକ୍ତ ହେଲେ । ଆହୁରି ପୁଣି ଏହା କେତେକ ନୂତନ ଧର୍ମପାଳନ ପରଂପରା, ନୂତନ ଏକ ପୁରୋହିତ ଗୋଷ୍ଠୀ ନବଧାରାର ପୁରାଣ ଗାଥା ଓ ପୌରାଣିକତା ସହିତ ସଂପୂର୍ଣ୍ଣ ଅଭିନବ ଗୁଡ଼ିଏ ଅନ୍ଧବିଶ୍ୱାସ ଗଢ଼ି ତୋଳିଲା । ଏଥିରେ ଅନ୍ତର୍ନିହିତ ମୂଲ୍ୟବୋଧ ଅପେକ୍ଷା ବାହ୍ୟାଚାରକୁ ପ୍ରାଧାନ୍ୟ ଦିଆଗଲା । ଯଦି ଜଣେ ଲିଙ୍ଗମ୍ ପରିଧାନ କଲା ଓ ସାରା ଶରୀରରେ ଭସ୍ମ ଲେପନ କଲା, ଦିନମାନ ନିର୍ଦ୍ଦିଷ୍ଟ ବ୍ୟବଧାନରେ ଶିବଙ୍କର ନାମ ନେଲା ଓ ନିର୍ଦ୍ଧାରିତ ଦିନମାନଙ୍କରେ ଉପବାସ ପାଳନ ପୂର୍ବକ ସମସ୍ତ କ୍ରମେ ତୀର୍ଥ ଯାତ୍ରାରେ ଗଲା, ତାହାହେଲେ ଧର୍ମଗତ ବିଶ୍ୱାସ ଅନୁଯାୟୀ ସେ ବହୁତ କିଛି କଲା ବୋଲି ଧରାଗଲା । ଗୋଟିଏ ଶବ୍ଦରେ କହିଲେ ଏହି ଧର୍ମ ହୋଇ ପଡ଼ିଲା ସଂଗଠିତ କପଟାଚାର । ଏ ପ୍ରକାର ଘୃଣାଜନକ ପରିବେଶରେ ନିଜର ଅସହିଷ୍ଣୁ ଭାବକୁ ଅଧିକ ସମ୍ବରଣ କରି ନପାରି ବେମନା ପଚାରନ୍ତି—"ନିଷ୍ଠାହୀନ ଧର୍ମାଚାରର କି ପ୍ରୟୋଜନ ଅଥବା ନିଷ୍ଠାବିହୀନ ହୋଇ ଶିବଙ୍କୁ ପ୍ରଣତି-ନିବେଦନ କରିବାରେ କି ଫଳ ? ଅପରିଚ୍ଛନ୍ନ ପାତ୍ରରେ ରନ୍ଧା ଯାଇଥିବା ଖାଦ୍ୟର ବା କି ଦରକାର ?" ଉଦାର ଦୃଷ୍ଟିରେ ଅନ୍ୟ ଧର୍ମ ପ୍ରତି ସହିଷ୍ଣୁ ଭାବ ପୋଷଣ କରିବା ବିଷୟରେ ଯୁକ୍ତି ବାଢ଼ି ସେ କହନ୍ତି, "ତୁମେ ତାକୁ କୁଣ୍ଡ (ତେଲୁଗୁରେ) କୁହ ବା କୁମ୍ଭ (ସଂସ୍କୃତ) କୁହ ପଦାର୍ଥଟି ଏକ ଓ ଅଭିନ୍ନ ; ଠିକ୍ ସେହିପରି କୋଣ୍ଡ ବା ପର୍ବତ କହିଲେ ଏକହିଁ ପର୍ବତକୁ ବୁଝାଏ; ପୁନଶ୍ଚ ଉପ୍ପୁ କହ ବା ଲବଣମ୍, ତାହା ଯେପରି ଲୁଣକୁ ବୁଝାଇବ, ଠିକ୍ ସେହିପରି ଯେତେ ପ୍ରକାର ନାମ ଦିଅ ପଛକେ ଈଶ୍ୱର ହେଉଛନ୍ତି ଏକ ଓ ଅଭିନ୍ନ ।" ଯେତେବେଳେ ସେ ଲକ୍ଷ୍ୟ କରନ୍ତି ଯେ ତାଙ୍କର ସହଗାମୀ ବୀର ଶୈବମାନଙ୍କୁ ସେ ବୃଥାରେ ବୁଝାଇ ଚାଲିଛନ୍ତି, ସେତେବେଳେ ସେ କ୍ରୋଧରେ ଫାଟିପଡ଼ି

କହନ୍ତି, "ଆମର ଯେଉଁ ଛଅ ପ୍ରକାର ଧ୍ୟାନଧାରୀ ରହିଛନ୍ତି, ସାର ଶୈବ ଧର୍ମଧାରୀଙ୍କୁ କେହି ସମାନ ନୁହନ୍ତି, ଯେତେ କିସମର ଧର୍ମାଶ୍ରୟୀ ଭଣ୍ଡ ଅଛନ୍ତି, ଲିଙ୍ଗଧାରୀଙ୍କୁ କେହି ବଳି ନପାରନ୍ତି ।"

ବିଷ୍ଣୁ ଉପାସନା, ଯାହା ବୈଷ୍ଣବ ଧର୍ମବୋଲି ଅଭିହିତ, ତାହା ପ୍ରଥମେ ଆମୂଳ ସଂସ୍କାରବାଦୀ ଧର୍ମୀୟ-ଆନ୍ଦୋଳନ ଭାବେ ଉନ୍ନତ ଆଦର୍ଶ ବରଣ କରି ଗଢ଼ି ଉଠିଥିଲେ ହେଁ ବେମନାଙ୍କ ସମୟକୁ ତାହା ତା'ର ଆଦ୍ୟ ଔଜ୍ଜ୍ୱଲ୍ୟ ହରାଇ ବସିଥିଲା । ଏହି ଧର୍ମମତ ଭିତରେ ଗୋଷ୍ଠୀବାଦ ଏଭଳି ବ୍ୟାପକ ଓ ନିମ୍ନ ସ୍ତରକୁ ଖସି ଆସିଥିଲା ଯେ ଏହାର କ୍ଷୀୟମାଣ ଅବସ୍ଥା ସଂପର୍କରେ ଗୋଟିଏ ଉଦାହରଣ ଦେଲେ ଘଟଣା ସ୍ପଷ୍ଟ ଜାଣିହେବ । ତେଙ୍ଗଲାଇ ଓ ବଦଗଲାଇ—ଏ ଦୁଇଗୋଷ୍ଠୀ ସେହି ଏକ ବିଷ୍ଣୁଙ୍କର ଉପାସକ-ଭକ୍ତ ହେଲେ ହେଁ ପରସ୍ପରକୁ ବିଷତୁଲ୍ୟ ଘୃଣା କରନ୍ତି । ଆମେ ପରିକ୍ରମା କରୁଥିବା ସମୟ ସୀମାର ଅନେକ ପରବର୍ତ୍ତୀ କାଳରେ ଯେତେବେଳେ ବ୍ରାଉନ୍ ଲକ୍ଷ୍ୟ କରନ୍ତି, ଏମାନଙ୍କ ମଧ୍ୟରେ ବିବାଦର ପ୍ରଧାନ ସୂତ୍ରପାତ ଘଟେ ଧର୍ମମତର ଚିହ୍ନକୁ କେନ୍ଦ୍ର କରି । ଏ ଚିହ୍ନ ହେଲା ଦୈନିକ ପ୍ରାତଃସ୍ନାନ ପରେ ସେମାନେ ମଥାରେ ଚର୍ଚ୍ଚିତ କରୁଥିବା ଚିତା-ତିଳକର ସ୍ୱରୂପ । ଏ ବିବାଦ ପୁଣି ଏପରି ଉଗ୍ରତା ଆହରଣ କଲା ଯେ (ବ୍ରାଉନ୍‌ଙ୍କ ଭାଷାରେ) "ଭୀଷଣ ଗଣ୍ଡଗୋଳ ଲାଗି ବହୁ ପ୍ରାଣନାଶ ଘଟିଲା ।"

ଶୈବ ଓ ବୈଷ୍ଣବ ଧର୍ମର ବିଭିନ୍ନ ପ୍ରତିଦ୍ୱନ୍ଦ୍ୱୀ ଗୋଷ୍ଠୀଙ୍କ ମଧ୍ୟରେ ଏ ବିବାଦ କିନ୍ତୁ ଏହାଠାରୁ ଅତିମାତ୍ରାରେ ଥିଲା ଭୀଷଣ ହିଂସ୍ରକ । ବେଳେ ବେଳେ ସେମାନେ ରୀତିମତ 'ଯୁଦ୍ଧଂଦେହି' ଡାକରା ଦେଇ ଲଢ଼େଇ କରିବା ଯୋଗେ କାଣ୍ଡଜ୍ଞାନ ହରାଇ ବହୁ ନରସଂହାର ଭିଆଉଥିଲେ । ଏ ହିଂସ୍ର-ଲଢ଼େଇ ଭିତରେ ଯେଉଁ ବିରତି-ସମୟଗୁଡ଼ିକ ମିଳୁଥିଲା, ତାହା କେବଳ ଘୃଣାର ବିଷଜ୍ୱାଳାରେ ଅତ୍ୟନ୍ତ ଉଦ୍‌ବିଗ୍ନ ଭାବେ କଟୁଥିଲା । ଅକ୍ଷରଶଃ ତାହାଥିଲା ସଶସ୍ତ୍ର ଯୁଦ୍ଧବିରତି । ଅବିଶ୍ୱାସ୍ୟ ମନେହେଲେହେଁ ଘଟଣା ଏଭଳି ସ୍ତରକୁ ଖସିଯାଏ ଯେ ଦୈବାତ୍ ଜଣେ ବୈଷ୍ଣବ ଅନ୍ୟ ଏକ ଶୈବର ଦେହକୁ ଛୁଇଁ ଦେଲେ ତାକୁ ପରିଶୁଦ୍ଧ ଲାଗି ସ୍ନାନ କରିବାକୁ ହୁଏ । ସେହିପରି ଶୈବଟିଏ ବୈଷ୍ଣବକୁ ଛୁଇଁ ଦେଲେ ମାରି ହୋଇଯାଏ । ଏପ୍ରକାର ଉଦ୍‌ବାର୍ଯ୍ୟ ପରିସ୍ଥିତିରେ ବେମନା ମର୍ମାହତ ହୋଇ ପ୍ରଶ୍ନ କରନ୍ତି—"ଜଣେ ବୈଷ୍ଣବ

ଓ ଶୈବ ମଧ୍ୟରେ କ'ଣ ପାର୍ଥକ୍ୟ ? କେବଳ ସମ ଅବସ୍ଥାରେ ଦୁହିଁଙ୍କୁ ଯେତେବେଳେ ମୃତ୍ୟୁ ଗ୍ରାସ କରେ ପ୍ରଥମକୁ ଦାହ କରାଯାଏ ଓ ଅପରକୁ ସମାଧି ଦିଆଯାଏ । ତାହିଁକି ଈଶ୍ୱରଙ୍କ ନାମକୁ ନେଇ କଳହରେ ମାତିବାରେ କି ଫଳ ?" ଏପରିକି ଆହୁରି ପାଦେ ଆଗକୁ ଯାଇ ସେ କହନ୍ତି, "ଧର୍ମ ଆମ ପାଇଁ ଅନେକ, କିନ୍ତୁ କେଉଁ ଗୋଟିକ ଚିରସ୍ଥାୟୀ ନୁହେଁ; ଯାହା କିଛି ସ୍ଥାୟୀ, ତାହା ହେଉଛି ଆମର ସତ୍ ବା ବଦ୍‌କର୍ମ । ସର୍ବଶେଷ ବିଶ୍ଳେଷଣରୁ ଯାହା ଜଣାଯାଏ, ସତ୍ୟ କୌଣସି ଧର୍ମର ଏକଚାଟିଆ ନୁହଁ ।" ଧର୍ମରେ ସ୍ୱାର୍ଥ ନ୍ୟସ୍ତ କରିଥିବା ବ୍ୟକ୍ତିମାନଙ୍କୁ ବୁଝାଇବା ଏକାନ୍ତ ଅସାର ଓ ବ୍ୟର୍ଥ ବୋଲି ସମ୍ଭବତଃ ହୃଦୟଙ୍ଗମ କରି ବେମନା ଏହି ତଥାକଥିତ ଧର୍ମଧ୍ୱଜୀ ମାନଙ୍କ ପ୍ରତି ସତର୍କ ରହିବାକୁ ଜନସାଧାରଣଙ୍କୁ ଉପଦେଶ ଦେଇ କହନ୍ତି, "ଧର୍ମକୁ ନେଇ ବ୍ୟବସାୟ କରୁଥିବା ହଜାର, ହଜାର ଭଣ୍ଡ ଅଛନ୍ତି—ସାଧୁ, ସାବଧାନ ! ସେମାନେ ମାଛ ଖାଇବାକୁ ବାହାରି ଥିବା ଦଳେ ବଗ ।"

ଶୈବ ଓ ବୈଷ୍ଣବ ଧର୍ମ ଉତ୍କର୍ଷ ହରାଇ ବସିବାରୁ ବୈଦିକ ଯାଗ-ଯଜ୍ଞ ପୁନଶ୍ଚ ଅଗ୍ରପ୍ରାଧାନ୍ୟ ଲାଭ କଲା । ପୂର୍ବ କାଳ ଭଳି ପ୍ରଚୁର ନହେଲେ ବି ଏସବୁ ବରାବର ଅନୁଷ୍ଠିତ ହେବାକୁ ଲାଗିଲା । ବେମନା ଏ କ୍ରମବର୍ଦ୍ଧମାନ ଧାରାକୁ ନାପସନ୍ଦ କରି ତାଙ୍କ ରୂଢ଼ ଶୈଳୀରେ ପ୍ରଶ୍ନ କରନ୍ତି "ତୁମେ ବର୍ଣ୍ଣ ଶ୍ରେଷ୍ଠ ବୋଲି କେଉଁଠି କ'ଣ ରହିଲା ? ତୁମର ଏହି ଶ୍ରେଷ୍ଠତ୍ୱ କ'ଣ ଯଜ୍ଞ ନାମରେ ଅସହାୟ ପଶୁମାନଙ୍କୁ ହତ୍ୟା କରିବା ଓ ହୋମାଗ୍ନିରେ ସେମାନଙ୍କ ମାଂସକୁ ଭାଜି ଖାଇବାରେ ନିହିତ ?" ପୁନଶ୍ଚ ଆକ୍ରମଣାତ୍ମକ ଭଙ୍ଗୀରେ ସେ ପଚାରନ୍ତି, "ତୁମେ ଯେପରି ନିଜକୁ ଦାବୀକର, ସେହି ଅନୁସାରେ ତୁମେ ଯେବେ ସିଂହ ଭଳି ପରାକ୍ରାନ୍ତ, ତେବେ ଏହି ସିଂହ-ବିକ୍ରମକୁ ଛେଳିମାନଙ୍କ ବେକ ମୋଡ଼ି ଦେଖାଇ ଦେବା ଆବଶ୍ୟକ ପଡ଼ୁଛି ?" ବୈଦିକ ଯଜ୍ଞାନୁଷ୍ଠାନ କରୁଥିବା ବ୍ୟକ୍ତି ସ୍ୱର୍ଗରେ ବିଦ୍ୟାଧରୀ ରମ୍ଭାର ଅନୁଗ୍ରହ ଲାଭ କରେ ବୋଲି ବିଶ୍ୱାସ କରାଯାଏ । ଏହି ବିଶ୍ୱାସବୋଧ ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରି ବେମନା ପ୍ରଶ୍ନ ଉଠାନ୍ତି : "ଯେବେ ବାପ, ପୁଅ ଦୁହେଁ ବୈଦିକ ଯଜ୍ଞ କରି ସ୍ୱର୍ଗକୁ ଯାଆନ୍ତି, ସେଠାରେ ସେ ଦୁହେଁ ଯାକ ରମ୍ଭାକୁ ଶଯ୍ୟାସଙ୍ଗିନୀ ରୂପେ ଲାଭ କରନ୍ତି । ସେଥିପାଇଁ ସେମାନେ ଅଗମ୍ୟାଗମନ ଦୋଷରେ ଲିପ୍ତ ହୁଅନ୍ତି ନା ନାହିଁ ?" ସାମ-ସମସ୍ତିକ ଧର୍ମୀୟ ବିଶ୍ୱାସ ଓ ମତଗୁଡ଼ିକୁ ବେମନା ଯେପରି ବାରମ୍ବାର ଝରବଚ୍ଛିନ୍ନ

ଉଦ୍ୟମସହ ଏତେ ଦିଗରୁ ଆକ୍ରମଣ କରନ୍ତି, ସେଥିରୁ ସେହି ସେହି ଧର୍ମମତମାନ ଉପରେ ଅତ୍ୟନ୍ତ ନିମ୍ନ ସ୍ତରକୁ ବୁଡ଼ି ଯାଇଥିଲେ ତାହାର ଏକ ସୂଚୀପତ୍ର ମିଳିଥାଏ ।

ଏହି ଯୁଗର ସମାଜ-ରାଜନୈତିକ ଅବସ୍ଥା ମଧ୍ୟ ସେପରି କିଛି ଉନ୍ନତ ନୁହେଁ । କୌଣସି ଶକ୍ତିଶାଳୀ କେନ୍ଦ୍ରିକ କର୍ତ୍ତୃତ୍ୱ ପରିବର୍ତ୍ତେ ସେତେବେଳେ କେତେଗୁଡ଼ିଏ ଛୋଟ ଛୋଟ ରାଜ୍ୟ ଜଣେ ରାଜାଙ୍କ ଦ୍ୱାରା ଶାସିତ ହେଉଥିଲା । ସେମାନେ ଏପରି ଦୁର୍ବଳ ଥିଲେ ଯେ "ଯେ କୌଣସି ଗୁଣ୍ଡାଶ୍ରେଣୀସ୍ଥ ବ୍ୟକ୍ତି ଶାସକ ରାଜାଙ୍କୁ ଅବଜ୍ଞା କରି ମଧ୍ୟ ଦଣ୍ଡ ପାଉ ନଥିଲା", କହନ୍ତି ବେମନା । ଏହି ରାଜନ୍ୟବର୍ଗ କ୍ଷମତାରେ ଥିବା ସବୁ ଦୁର୍ବଳ ଲୋକମାନଙ୍କ ପରି ଚଢ଼ାଚଢ଼ା ଖାମ୍‌ଖିଆଲି । ସେମାନଙ୍କ ଚାରିପଟେ ଘେରିଥାନ୍ତି ଦଳେ ଖୋସାମଦିଆ, ବିଚିତ୍ର ରଙ୍ଗଢଙ୍ଗର । ସେମାନେ ମଧ୍ୟ ଦିନରାତି ଖୋସାମଦିକୁହିଁ ଚାହିଁଥାନ୍ତି, ଯାହା ତାଙ୍କର ପ୍ରଧାନ ଆହାର । ସେମାନଙ୍କର ଜୀବନ ଆରାମ ଓ ଆମୋଦର । ସେମାନେ ଅତ୍ୟାଚାର କରନ୍ତି ସେହିମାନଙ୍କ ଉପରେ ଯେଉଁମାନେ ଏହାର ପ୍ରତିଶୋଧ ନେଇ ପାରିବେ ନାହିଁ ବୋଲି ସେମାନେ ନିଶ୍ଚିତ ଥାନ୍ତି । ଏହି କିସମର ଜଣେ ରାଜାଙ୍କ ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରି ବେମନା କହନ୍ତି ; "ସେ ଯେବେ ଏକ ମୂଢ଼, ତା' ପୁଅ ଗୋଟାଏ କୁଭାଷୀ ଅଧମ, ତା'ର ବନ୍ଧୁ ଖଚୁଆ ଓ ତା'ର ମନ୍ତ୍ରୀ ଓଲୁ ; ଠିକ୍ ଯେପରି ଗେଧଙ୍କ ମେଳରେ ମାଙ୍କଡ଼ ଏମିତି ଖୁସି ହୁଏ, ଯେମିତି ସେ ଆଉ କେବେ କେଉଁଠି ହୋଇ ନଥାଏ ।" ସେ ଆଉ ଏକ ପଦ୍ୟରେ କହନ୍ତି, "ଦୁର୍ବଳମନା କ୍ଷମତାସୀନ ହେଲେ ସବୁ ଯୋଗ୍ୟ ଲୋକଙ୍କୁ ପାଖରୁ ତଡ଼ିଦିଏ । ଠିକ୍ ଯେମିତି ବୁଲାକୁତା ଆଖୁଦଣ୍ଡକୁ ଛାଡ଼ି ଯୋତା କାମୁଡ଼ିବାକୁ ଭଲ ପାଏ ।"' ପରିଶେଷରେ ସେ ସତର୍କବାଣୀ ଶୁଣାଇ କହନ୍ତି : "ରାଜାକୁ ବିଶ୍ୱାସ କର ନାହିଁ କି ତା ଅଧୀନରେ ଚାକିରି କର ନାହିଁ, କାରଣ ଭୟଙ୍କର ଗୋଖର ସାପ ସାଙ୍ଗରେ ରହିବା ଛଡ଼ା ଏ ଆଉ କିଛି ନୁହେଁ ।"

ଏଭଳି ଦୁଷ୍ଟ ଓ ଦୁର୍ବଳ ରାଜାମାନଙ୍କର କୁଶାସନରେ ଜୀବନ କିମ୍ବା ଧନ କିଛି ହିଁ ନିରାପଦ ନୁହେଁ । ଡକାୟତମାନେ ଗ୍ରାମାଞ୍ଚଳରେ ଲୁଟତରାଜ ଚଳାନ୍ତି, କିନ୍ତୁ ଦ ପାନ୍ତି ନାହିଁ । ସେମାନଙ୍କୁ ସମ୍ବୋଧନ କରି ବେମନା କହନ୍ତି : "ତୁମେ ଲୋକଙ୍କୁ ହତ୍ୟା କରୁଛ, ବକଲାଙ୍ଗ କରୁଛ, ଗାଁଗଣ୍ଡାକୁ ଲୁଣ୍ଠନ କରୁଛ ; ଏବେ

ତୁମେ ହୁଏତ ନିର୍ବଂଶରେ ଖସି ଯାଉଛ, କିନ୍ତୁ ଯମ କୋପରୁ ରକ୍ଷା ପାଇ ପିରିବ କି ?" ଯମ ଦରବାରର ସେହି ଚୂଡ଼ାନ୍ତ ବିଚାର ଦିବସ ସଂପର୍କୀୟ ଚେତାବନୀ ନିଷ୍ଠୁରମନା ଅପରାଧୀମାନଙ୍କୁ ସେମାନଙ୍କର ଲୁଣ୍ଠନ ଓ ବଳାତ୍କାର କାର୍ଯ୍ୟ କଳାପରୁ କ୍ୱଚିତ୍ ନିବର୍ତ୍ତାଇବା ସମ୍ଭବ ନଥିବାରୁ ବେମନାଙ୍କର ଯାବତୀୟ ସତର୍କବାଣୀ କାଳି ଆଗରେ ମୂଳା ଗେଞ୍ଜିବା ପରି ହୋଇଥିବ । ସାଧାରଣରେ ଅରାଜକତା ସ୍ୱଭାବତଃ ଯାବତୀୟ ଦୁର୍ଦ୍ଦଶା ସମେତ ସମୟ, ଅସମୟରେ ଦୁର୍ଭିକ୍ଷ ଓ ମହାମାରୀ ଯେ ଡାକି ଆଣେ, ତଦ୍ଦ୍ୱାରା ଜୀବନ ଅବସାଦଗ୍ରସ୍ତ ହୋଇପଡ଼େ । କଳା, ଶିଳ୍ପ ସହିତ ସମସ୍ତ ବିଦ୍ୟା ଚର୍ଚ୍ଚା ମ୍ରିୟମାଣ ହୋଇଯାଏ । ବେମନା ସେଥିପାଇଁ ପ୍ରଶ୍ନ କରନ୍ତି : "ଲୋକେ ଯେତେବେଳେ ଅନାହାରରେ ସଢ଼ନ୍ତି, ସେତେବେଳେ କଳା, ଶିଳ୍ପ କିପରି ଗଢ଼ି ଉଠିବ ? ବିଦ୍ୟାର କିପରି ବିକାଶ ହେବ ? ପଛରେ ଚିଗି ନଥିଲେ ମାଟିମାଠିଆ କେମିତି ପାଣି ରଖିବ ?"

ଏ ପ୍ରକାର ଅନ୍ଧକାରାଚ୍ଛନ୍ନ, ଷଡ଼୍ୟନ୍ତ୍ରକ୍ଲିଷ୍ଟ ଯୁଗରେ ଜନ୍ମ ଲାଭ କରି ବେମନା ଏକାକୀ ଏହା ବିରୁଦ୍ଧରେ ଦଣ୍ଡାୟମାନ ହୋଇ ପ୍ରତ୍ୟକ୍ଷ ଭାବରେ ଯେପରି ଏହାର ନିନ୍ଦାବାଦ କରିଥିଲେ, ସେଥିରୁ ତାଙ୍କ କୃତିତ୍ୱର ଫଳପ୍ରସୂତା ସମଧିକ ବ୍ୟକ୍ତ ହୁଏ । ବେଳେବେଳେ ସେ ହୁଏତ ସ୍ୱରରେ ଥିଲେ କର୍କଶ ଓ ସମାଲୋଚନାରେ ଥିଲେ କଠୋର; କିନ୍ତୁ ଏହାର ଅର୍ଥ ନୁହେଁ ଯେ ସେ ବ୍ୟକ୍ତିଗତ ଭାବେ ଥିଲେ ଅଶିଷ୍ଟ, କର୍କଶ ଓ କଠୋର । ସ୍ୱଭାବତଃ ସେ ଥିଲେ ଭଦ୍ର, ଅନୁରାଗୀ ଓ ଧୈର୍ଯ୍ୟଶୀଳ । ବସ୍ତୁତଃ ସୂକ୍ଷ୍ମ ଚେତନା ସଂପନ୍ନ ଥିବାରୁ ଆପଣା ସମୟର ପତନଶୀଳତା ବିରୁଦ୍ଧରେ ତାଙ୍କର ଆତ୍ମା ବିଳାପ କରି ଉଠିଥିଲା ସମସ୍ତ ବିକୃତମନା, ପ୍ରବଞ୍ଚକମାନଙ୍କର ତାଙ୍କପ୍ରତି ପ୍ରଯୁକ୍ତ ନିନ୍ଦନୀୟ ବିଶେଷଣମାନଙ୍କୁ ଅବଜ୍ଞା କରି । ସେ ଏହି ନିନ୍ଦାସୂଚକ ବିଶେଷଣ-ମାନଙ୍କୁ ଆପଣାର ଉପାଧି ରୂପେ ଆଦରି ନେଇ ନିଜର ବିରଳ ଜ୍ଞାନଦୀପ୍ତ ଜୀବନ ପ୍ରତି ଥିଲେ ଏକାନ୍ତ ସତ୍ୟବାଦୀ । ସେ ସମ୍ଭବତଃ ଥିଲେ ମଧ୍ୟଯୁଗୀୟ ଭାରତର ସର୍ବଶେଷ କବି-ଦାର୍ଶନିକ ; ସିଦ୍ଧାନ୍ତତଃ ସେମାନଙ୍କ ମଧ୍ୟରେ ଅନ୍ୟ ଏକ ମହତ୍ତମ ବ୍ୟକ୍ତିତ୍ୱ ।

ଉଚ୍ଚାରିଲେ କବି……

ଉଚ୍ଚାରିଲେ କବି ଯାହା ସ୍ଫୁରିଲା ତତ୍କାଳେ—[ଏମର୍ସନ]

ତେଲୁଗୁ ସାହିତ୍ୟର ପଣ୍ଡିତଗୋଷ୍ଠୀବୃନ୍ଦ ଏବେ ବେମନାଙ୍କୁ କବି ଭାବରେ ଗ୍ରହଣ କରନ୍ତି । ମାତ୍ର ସେମାନଙ୍କ ଦୃଷ୍ଟିରେ ସେ ଜଣେ ଗୌଣ କବି । ଖୁବ୍ ବେଶି ହେଲେ, ସେମାନଙ୍କ ମତରେ, ସେ ଖ୍ୟାତନାମା ଶତକ-କବିମାନଙ୍କ ମଧ୍ୟରୁ ଜଣେ ହୋଇ ପାରନ୍ତି । ଏହା ସତ୍ୟ ଯେ ବେମନାଙ୍କର ପଦ୍ୟମାନ ଶତକ କବିତା ଭଳି ମକୁଟ (ଘୋଷା) ଧାରଣ କରନ୍ତି; ସ୍ଥଳ ବିଶେଷରେ ପାର୍ଥକ୍ୟ ପରିଦୃଷ୍ଟ ହେଲେହେଁ ତାହା କହିହୁଏ ନାହିଁ । କିନ୍ତୁ ଯେବେ କବିତାର ବର୍ମ (ଗଠନ ରୂପ) ବଦଳିରେ ମର୍ମକୁ ବିସ୍ତୃତ ପରିସରକୁ ନିଆଯାଏ, ତେବେ ଦୁଧଖଡ଼ୀଠାରୁ ଛେନା ବାହାର ହେଲା ପରି ସେ ଶତକ କବିମାନଙ୍କ ଠାରୁ ଅଲଗା ଦିଶନ୍ତି । ଆମର ଅନେକ ଶତକ କବି ଅଛନ୍ତି; ମାତ୍ର ଅଧିକାଂଶତଃ ସେମାନେ ହେଉଛନ୍ତି ପ୍ରଶସ୍ତିକାରୀ; ସେମାନେ ପ୍ରଶଂସାଗାନ କରନ୍ତି ସେମାନଙ୍କର ପ୍ରିୟ ଦେବମୂର୍ତ୍ତିଙ୍କର ନହେଲେ ଧନାଢ଼୍ୟ ପୃଷ୍ଠପୋଷକଙ୍କର । କେବେକେବେ ସେମାନେ ଯେଉଁ ନୀତି ଉପଦେଶ ଦିଅନ୍ତି, ସେଗୁଡ଼ିକ ଉଦ୍ଧରି ଯାଇଥିବା ବହିର ଜୀର୍ଣ୍ଣ ସତ୍ୟ କଥନର ଊର୍ଦ୍ଧ୍ୱକୁ କ୍ୱଚିତ୍ ଯାଇଥାଏ । ସେମାନଙ୍କର ମନୋଭୂମି ନିମ୍ନସ୍ତରର ଓ ଅନୁର୍ବର, ସେମାନଙ୍କର ଶୈଳୀ ହେଉଛି ପଦଗୁମ୍ଫିତ, ସେମାନଙ୍କର କବିତା ପାଣ୍ଡିତ୍ୟାଭିମାନ ବ୍ୟଞ୍ଜିତ । ତୁଳନାତ୍ମକ ଭାବେ ଏ ସବୁ ବିଷୟରେ ବେମନା ହେଉଛନ୍ତି ସ୍ୱତଃସିଦ୍ଧ ଜ୍ଞାନରେ ସମଧିକ ମୌଳିକ, ପ୍ରକୃତ ପର୍ଯ୍ୟବେକ୍ଷଣରେ ଏକାନ୍ତ ସୂକ୍ଷ୍ମଦର୍ଶୀ, ଆବେଗାନ୍ୱିତ ଉତ୍ତର-ଦାନରେ କ୍ଷିପ୍ର ସତ୍ୟବାକ୍, ଚିନ୍ତାଧାରାରେ ପ୍ରଖର ଓ ଅଭିବ୍ୟକ୍ତିରେ ସାହସିକ । ପି.ଚେଞ୍ଚାୟା ଓ ରାଜା ଏମ୍.ଭୁଜଙ୍ଗ ରାଓ ସେମାନଙ୍କର "ତେଲୁଗୁ ସାହିତ୍ୟ" ଗ୍ରନ୍ଥରେ ତାଙ୍କୁ ଶତକ କବି ଭାବରେ, ଏପରିକି 'ଶତକ କବିମାନଙ୍କର ରାଜା' ଭାବରେ ଯେପରି ଗ୍ରହଣ କରିଛନ୍ତି,ତଦ୍ଦ୍ୱାରା ତାଙ୍କ ପ୍ରତି ସ୍ୱଳ୍ପ ମାତ୍ର ନ୍ୟାୟ କରାଯାଇଛି । କିନ୍ତୁ ଏହି ଗ୍ରନ୍ଥର ମୁଖବନ୍ଧରେ ଡକ୍ଟର ସି,ଆର୍, ରେଡ଼୍ଡୀ ଯାହା କହିଛନ୍ତି ଯେ ବେମନା ହେଉଛନ୍ତି ଆମ ସାହିତ୍ୟ "ଆକାଶର ପ୍ରଥମ ବୃହଦାକାର ତାରକା", ସେ ଅନେକ ପରିମାଣରେ

ଠିକ୍ ହିଁ କହିଛନ୍ତି । ସେ ପୁରାଣ କିମ୍ବା ପ୍ରବନ୍ଧ ଲେଖି ନ ଥାନ୍ତି, ପଛକେ ତାଙ୍କୁ ସାଧସିଦ୍ଧ କବି ଭାବେ ଗ୍ରହଣ କରାଯାଇ ପାରିବ । କାରଣ ତାଙ୍କ କବିତାର ଅଛି ସାଧଧର୍ମୀ ଔଜ୍ଜ୍ୱଲ୍ୟ ଓ ପରିଣତି, ତାଙ୍କ ବାଣୀରେ ଅଛି ସାଧସିଦ୍ଧ ସାହିତ୍ୟର ସାର୍ବଜନୀନତା । “ଏ ହିଷ୍ଟ୍ରୀ ଅବ୍ ଇଂଲିଶ୍ ଲିଟରେଚର” (ଇଂରାଜୀ ସାହିତ୍ୟର ଏକ ଇତିହାସ) ଗ୍ରନ୍ଥର ଯୁଗ୍ମ ପ୍ରଣେତାଙ୍କ ମଧ୍ୟରୁ ଅନ୍ୟତମ କାଜାମିଆଁଙ୍କ ଭାଷାବନ୍ଧକୁ ଉଦ୍ଧାର କରି କୁହାଯାଇ ପାରେ ଯେ ବେମନା “ଉଚ୍ଚତର ସାଧସିଦ୍ଧତା” ହାସଲ କରିଛନ୍ତି । ରବର୍ଟ ବର୍ଣ୍ଣସ୍‌ଙ୍କ ସଂପର୍କରେ ମତ ଦେଇ କାଜାମିଆଁ କହନ୍ତି, “ବର୍ଣ୍ଣସ୍‌ଙ୍କ କୃତିର ଉତ୍କର୍ଷ ନାନ୍ଦନିକ ଭାଷାବନ୍ଧ ଦୃଷ୍ଟିରୁ ଉଚ୍ଚତର ସାଧସିଦ୍ଧତାକୁହିଁ ବ୍ୟଞ୍ଜିତ କରେ; ଏ ସାଧସିଦ୍ଧତା ଉଭୟ ମତ ଓ ସ୍ୱରୂପରେ ବିମୁକ୍ତ, ଆପଣା ଭିତରେ ସର୍ବସଂପନ୍ନ ।” ବର୍ଣ୍ଣସ୍‌ଙ୍କ ଭଳି ବେମନା କୃଷକ ସଂପ୍ରଦାୟର ବ୍ୟକ୍ତି ଓ ସମଶ୍ରେଣୀୟ ପ୍ରତିଭା ଏବଂ ସେ ନିଜର ଯେଉଁ ‘ଉଚ୍ଚତର ସାଧସିଦ୍ଧତା’ ସୃଷ୍ଟି କରିଛନ୍ତି ତାହା “ଆପଣା ଭିତରେ ସର୍ବସଂପନ୍ନ ।”

ବେମନା ତାଙ୍କ କବିତା ଲେଖି ନଥିଲେ, କହିଥିଲେ । ଓ୍ୱାର୍ଡସ୍‌ଓ୍ୱାର୍ଥଙ୍କ ପାଇଁ କବିତା ଯେପରି ଥିଲା “ପ୍ରଶାନ୍ତ ପରିବେଶରେ ଆବେଗର ସ୍ମୃତିସ୍ଫୁରଣ”, ଠିକ୍ ତାର ବିପରୀତ ଭାବରେ ବେମନାଙ୍କ ପାଇଁ ଏହା ଥିଲା “ଉଦ୍ଦୀପ୍ତ ଅବସ୍ଥାରେ ଆବେଗର ସ୍ଫୁରଣ ।” ଆପଣାର ବ୍ୟକ୍ତିଗତ ଆବେଗ ସ୍ଥିର-ନିସ୍ତରଙ୍ଗ ହେବାକୁ ନ ଦେବା କ୍ଷେତ୍ରରେ ସେ ଥିଲେ ଜଣେ ଦୀକ୍ଷାଗ୍ରସ୍ତ କବି । ସେ ଏହାକୁ ଯେପରି ଭାବରେ ଅବଧାରଣ କରିଥିଲେ, ସେଥିରେ ତାଙ୍କର ଭୂମିକା କବି ଭାବରେ ନୁହେଁ, ବରଂ ଜଣେ ରହସ୍ୟବାଦୀ ଧର୍ମପ୍ରବର୍ତ୍ତକ ଭାବରେ ଚିହ୍ନିତ ହୋଇଥିଲା । ସେଥିପାଇଁ ସେ କବିତାର ସଂଜ୍ଞା ବା ସ୍ୱରୂପ ପ୍ରତି ଆଦୌ ଧ୍ୟାନ ଦେଇ ନ ଥିଲେ । ସେ ହୁଏତ ନନ୍ଦନ ଶାସ୍ତ୍ର ପ୍ରଣେତା ଭରତ, ଦଣ୍ଡୀ, ଅଭିନବ ଗୁପ୍ତ, ହେମଚନ୍ଦ୍ର, ଭୋଜ କିମ୍ବା ଅନ୍ୟାନ୍ୟ ବିଶେଷଜ୍ଞମାନଙ୍କ ନାମ ପର୍ଯ୍ୟନ୍ତ ଶୁଣି ନଥିବା ସମ୍ଭବ । ତଥାପି ସେ ‘ବ୍ୟକ୍ତ’ କରିଥିଲେ ଚିତ୍ତାକର୍ଷୀ କବିତା ; କାରଣ ଜଣେ ଆଜନ୍ମ କବି ଭାବରେ ଆପଣା ହୃଦୟର ସଦ୍‌ସତ୍ ଆବେଗ-ମନ୍ଥନକୁ କାବ୍ୟିକ ଉଚ୍ଚାରଣ ପ୍ରଦାନ ନ କରି ସେ ରହି ପାରି ନଥିଲେ । କେବଳ ସେଇଥି ପାଇଁ କେତେବେଳେ ତାଙ୍କର କବିତା ହୋଇ ଉଠିଛି ଏକ ପ୍ରଖର ବନ୍ୟା ପ୍ରବାହ ତ କେତେବେଳେ ଏକ ଆଗ୍ନେୟ ଉଦ୍‌ଗୀରଣ, କେତେବେଳେ ସାଗରକଂପିତ ଝଟିକା ତ ତୁଳାଦଣ୍ଡର ଅନ୍ୟ ପାର୍ଶ୍ୱରେ ଦ୍ରୁତ ରୂପାନ୍ତର

ନେଇ ନିଦାଘ ଶେଷର ପ୍ରଥମ ବର୍ଷାଧାର୍, ଦକ୍ଷିଣାଗତ ଶୀତଳମଳୟ ଓ ପ୍ରଭାତକାଳୀନ ବିହଙ୍ଗ କାକଳି ।

ମାନ୍ଦ୍ରାଜ ଆକାଶବାଣୀରୁ ୧୯୫୦ ମସିହାରେ ଭାଷଣ ଦେଇ ଡକ୍ଟର ସି.ଆର୍. ରେଡ୍‌ଡୀ କହିଥିଲେ ଯେ ବେମନା ହେଉଛନ୍ତି "ଉଭୟ ପ୍ରକୃତିର କବି ଓ ଜଣେ ପ୍ରାକୃତିକ କବି ।" ତାଙ୍କ ପ୍ରଦତ୍ତ ସମୀକ୍ଷାମୂଳକ ବିବୃତିର କତିପୟ ବାକ୍ୟ ଆମେ ଏଠାରେ ଉଦ୍ଧାର କରିପାରୁ ।

"କୌଣସି ଦୃଷ୍ଟିରୁ ପଣ୍ଡିତ ଆଦୌ ନୁହନ୍ତି, ବିଦ୍ୟାବନ୍ତ ନଥାଇ ମଧ୍ୟ ସେ ଥିଲେ ଜଣେ ନିଗୂଢ଼ ଚିନ୍ତନର ବ୍ୟକ୍ତି । ତାଙ୍କର ଥିଲା ମହିମା ବିବେଚନା ଶକ୍ତି ଏବଂ ଜୀବନ କ୍ଷେତ୍ରରେ ଧର୍ମ ନିରପେକ୍ଷ ଓ ଆଧ୍ୟାତ୍ମିକ ସମସ୍ୟା ସଂପର୍କୀୟ ସ୍ୱତଃସିଦ୍ଧ ମନଃଭେଦୀ ଦୃଷ୍ଟିଭଙ୍ଗୀ । ତାଙ୍କର କବିତା ହେଉଛି ଏକ ନିର୍ଝରଣୀ—ବିଶୁଦ୍ଧ ଓ ଅଦୂଷିତ, ଭାବନା ଓ ଶୈଳୀରେ ଏକାନ୍ତ ମୌଳିକ ଓ ସ୍ୱତଃସ୍ଫୂର୍ତ୍ତି । ମାତ୍ର ତିନୋଟି ଧାଡ଼ିରେ ସେ ଆମକୁ ସଂପୂର୍ଣ୍ଣ କବିତାଟିଏ ଯୋଗାଇ ଦିଅନ୍ତି । ଯେବେ ସ୍ୱଳ୍ପତା ସ୍ମୃତ୍ୟୁକ୍ତିର ଆତ୍ମା ବୋଲି ଗୃହୀତ ହୁଏ, ତେବେ ପୃଥିବୀରେ ଏହାଠାରୁ ଶ୍ରେଷ୍ଠତର ସ୍ମୃତ୍ୟୁକ୍ତି କୁତ୍ରାପି ମିଳିବ ନାହିଁ । ତାଙ୍କର ଯାବତୀୟ ଉପମା ଓ ରୂପକ ବଣ ଓ କ୍ଷେତବାଡ଼ି ତଥା ପଲ୍ଲୀ ଦୃଶ୍ୟାବଳୀ ଓ ବାତାବରଣରୁ ଯେପରି ନିଆଯାଇଛି, ସେ ଦୃଷ୍ଟିରୁ ତାଙ୍କୁ ଉଭୟ ପ୍ରକୃତିର ଓ ପ୍ରାକୃତିକ କବି ଭାବରେ ଗ୍ରହଣ କରିବା ଏକାନ୍ତ ସମୀଚୀନ ।"

ଏପରିକି ଯେଉଁମାନେ ବେମନାଙ୍କ ଚିନ୍ତାଧାରା ପ୍ରତି ବିମୁଖ ସେମାନେ ମୁକ୍ତକଣ୍ଠରେ ସ୍ୱୀକାର କରନ୍ତି ଯେ ପଦବନ୍ଧରେ ବେମନା ଅନନ୍ୟ । ଏହା ଅଶିଷ୍ଟ ନହୋଇ ସରଳ, ଅରୁଚିକର ନହୋଇ ହୋଇଛି ସୁମିଷ୍ଟ । ଏଥିରେ ଅଛି ଜନପ୍ରିୟ ଭାଷାର ସମସ୍ତ ସ୍ଫୁର୍ତ୍ତି ଓ ବୈଭିନ୍ନ୍ୟ । ଯାହା ଏ ପୁସ୍ତକର ପ୍ରଥମ ପରିଚ୍ଛେଦରେ କୁହାଯାଇଛି, ତଦନୁଯାୟୀ ସେ ହେଉଛନ୍ତି ଏହି ଧାରାର ସର୍ବଶ୍ରେଷ୍ଠ ବିଚକ୍ଷଣ ସାଧକ । ଏହା ସତ୍ୟ ଯେ ତାଙ୍କ କବିତା ସ୍ଥଳ ବିଶେଷରେ ସ୍ୱଚ୍ଛତା ହରାଇଛି । କିନ୍ତୁ ଏପରି ଘଟିଛି ସେତିକିବେଳେ, ଯେତେବେଳେ ସେ ଅତ୍ୟନ୍ତ ଉଚ୍ଚକୋଟୀର ରହସ୍ୟବାଦୀ ଅଭିଜ୍ଞତାକୁ ରୂପ ଦେଇଛନ୍ତି । ସେମାନଙ୍କର ନିଜସ୍ୱ ପ୍ରକୃତି ଦୃଷ୍ଟିରୁ ରହସ୍ୟବାଦୀ ଅଭିଜ୍ଞତାମାନ ଏକାନ୍ତ ବ୍ୟକ୍ତିଗତ ; ଜଣେ ହୁଏତ ଏହାକୁ ଅନୁଭବ

କରେ ବା କରେନାହିଁ । ଯେଉଁମାନେ ଅନୁଭବ କରନ୍ତି, ସେମାନଙ୍କ ପାଇଁ ଏହା ବାସ୍ତବ ଓ ସେମାନେ ସେଥିପାଇଁ କୌଣସି ବର୍ଣ୍ଣନାର ଆବଶ୍ୟକ କରନ୍ତି ନାହିଁ; ଯେଉଁମାନେ ଅନୁଭବ ନକରନ୍ତି, ସେମାନଙ୍କ ନିକଟରେ ଏହା ଅବାସ୍ତବ ଓ ତେଣୁ ଦୁର୍ବୋଧ । ସବୁ ଶ୍ରେଣୀସ୍ଥ ରହସ୍ୟବାଦୀ-ସେ ହିନ୍ଦୁ ହୁଅନ୍ତୁ, ଖ୍ରୀଷ୍ଟିୟାନ ହୁଅନ୍ତୁ ବା ସୁଫି ହୁଅନ୍ତୁ, ବିନା ପ୍ରତୀକ ସାହାଯ୍ୟରେ ସେମାନଙ୍କର ରହସ୍ୟବାଦୀ ଅଭିଜ୍ଞତାଗୁଡ଼ିକୁ ଅନ୍ୟମାନଙ୍କ ନିକଟରେ ପହଞ୍ଚାଇବାକୁ ଆପଣା, ଆପଣା ସାମର୍ଥ୍ୟ ବହିର୍ଭୂତ ମନେକରିଥାନ୍ତି । ଅନ୍ୟାନ୍ୟ ରହସ୍ୟବାଦୀଙ୍କପରି ବେମନା ମଧ୍ୟ ତାଙ୍କର ନିଜସ୍ୱ ପ୍ରତୀକ ବ୍ୟବହାର କରନ୍ତି । "ନିଦ୍ରାଗତ ନିଦ୍ରା", "ଜ୍ଞାନୋତ୍ତର ଜ୍ଞାନ", "ଶୂନ୍ୟ ଭିତରେ ଶୂନ୍ୟ" "କଳ୍ପନା ନିହିତ କଳ୍ପନା" "ଆବରଣ ଉଠାଇଲେ ଆଲୋକ", "ଶରୀର ଅଭ୍ୟନ୍ତରରେ ଆତ୍ମା ଓ ଆତ୍ମାଭିତରେ ଶରୀର" — ଏଗୁଡ଼ିକ ହେଉଛି ସେ ବ୍ୟବହାର କରିଥିବା ଅନେକ ପ୍ରତୀକାବଳୀ ମଧ୍ୟରୁ କେତେକ । ସାଧାରଣ ଦୃଷ୍ଟିକୋଣରୁ ଯେତେ ଅସ୍ପଷ୍ଟ ମନେ ହେଉନା କାହିଁକି, ବେମନାଙ୍କର ରହସ୍ୟବାଦୀ କବିତାବଳୀ ଆଜିର ଅତିବାସ୍ତବ ଧର୍ମୀ କବିତା କିମ୍ବା ଅବାସ୍ତବ କଳାଠାରୁ ଅଧିକ ଅସ୍ପଷ୍ଟ ବା ଦୁର୍ବୋଧ ନୁହେଁ । କେତେକ ବିଷୟ ଅଛି, ଯାହାକୁ ସରଳୀକୃତ କରା ନଯାଇ କେବଳ ସୂଚନା ମାଧ୍ୟମରେ ବୁଝିହେବ, ଏହା ସ୍ୱୀକାର ନକରି ବେମନାଙ୍କର କେତେକ ଅନୁଗାମୀ ଅଛନ୍ତି, ଯେଉଁମାନେ ଅପ୍ରକଟନୀୟକୁ ପ୍ରକଟ କରିବାର ବ୍ୟର୍ଥ ଚେଷ୍ଟା କରି ଆପଣାକୁ ଉପହସିତ କରନ୍ତି

ବେମନା ସ୍ୱ କବିତା ପାଇଁ ଯେଉଁ ଛନ୍ଦ ବାଛିଛନ୍ତି, ତାହା ହେଉଛି 'ଆଟବେଲଡ଼ି' । ଏହି ଛନ୍ଦ ପ୍ରଶଂସନୀୟ ଭାବେ ତାଙ୍କ ପ୍ରତିଭା ଅନୁକୂଳ । ଏହା ତାଙ୍କଦ୍ୱାରା ଉଦ୍ଭାବିତ ହୋଇନାହିଁ । ଏହା ହେଉଛି ବେଶ୍ ପୁରୁଣା ଏକ ଦେଶୀ ଛନ୍ଦ । ଏହାର ଆକ୍ଷରିକ ଅର୍ଥ ହେଉଛି "ନର୍ତ୍ତନଶୀଳା କୁମାରୀ" । ନନ୍ନାୟାଙ୍କ ଠାରୁ ଏଣିକି ଶହ ଶହ କବି ଏହାକୁ ବ୍ୟବହାର କଲେ,କିନ୍ତୁ ବେମନାଙ୍କ ପରି କେହି ଏହାକୁ ଏତେ ଚମତ୍କାର ଭାବେ "ନୃତ୍ୟ" କରାଇ ପାରି ନାହାନ୍ତି । ଯେପରି କାଳିଦାସଙ୍କ ପାଇଁ ମନ୍ଦାକ୍ରାନ୍ତା,ଭବଭୂତିଙ୍କ ପାଇଁ ଶିଖରଣୀ, ଟିକ୍କନାଙ୍କ ପାଇଁ କନ୍ଦମ, ଶ୍ରୀନାଥଙ୍କ ପାଇଁ ସୀସମ, ବେମନାଙ୍କ ପାଇଁ ସେହିପରି ଆଟବେଲଡ଼ି ଅନୁକୂଳ ହୋଇଛି । ଆମେ ଇଂରାଜୀ ସାହିତ୍ୟରୁ ମଧ୍ୟ ଦୁଇଟି ସମାନ୍ତରାଳ ଦୃଷ୍ଟାନ୍ତ ବାହାର

କରି ପାରିବା । ବେମନା ଆଟବେଲଡ଼ିରେ ଯେପରି ଇନ୍ଦ୍ରଜାଲର ପ୍ରଭାବ ଆଣିଛନ୍ତି, ସେକ୍‌ସପିଅର ସେହିପରି କରିଛନ୍ତି ଅମିତ୍ରାକ୍ଷରରେ ଓ ପୋପ୍ କରିଛନ୍ତି ବୀରତ୍ୱବ୍ୟଞ୍ଜକ ଦ୍ୱିପାଦୀ ଛନ୍ଦରେ । ଏହି ବୀରତ୍ୱବ୍ୟଞ୍ଜକ ଦ୍ୱିପାଦୀ ଛନ୍ଦ ସମ୍ପର୍କରେ ଲିଟନ ଷ୍ଟ୍ରାଚେ କହିଛନ୍ତି ଯେ ଏହା "ପୋପ୍‌ଙ୍କ ହାତରେ ପ୍ରାକୃତିକ ସ୍ୱତରେ ଚୂଡ଼ାନ୍ତ ପୂର୍ଣ୍ଣତା, ଚରମ ବୈଶିଷ୍ଟ୍ୟ ଓ ସର୍ବୋତ୍କୃଷ୍ଟ ସିଦ୍ଧିର ସହ ରୂପାୟିତ ।" ବେମନାଙ୍କ ଦ୍ୱାରା ଆଟବେଲଡ଼ି ଛନ୍ଦ ପ୍ରୟୋଗ ସମ୍ପର୍କରେ ଉକ୍ତ ମନ୍ତବ୍ୟ ସମ୍ପୂର୍ଣ୍ଣ ପ୍ରଯୋଜ୍ୟ । ବେମନାଙ୍କ ପୂର୍ବରୁ ସେଭଳି କୌଣସି ତେଲୁଗୁ କବି ଏହି ଛନ୍ଦକୁ ପୂର୍ଣ୍ଣମାତ୍ରାରେ ଧାରଣା କରି ପାରିନାହାନ୍ତି କିମ୍ବା ଏହାର ଅନ୍ତର୍ନିହିତ ସ୍ୱଭାବ ସୌନ୍ଦର୍ଯ୍ୟ, ସରଳତା ତଥା ଛନ୍ଦୋବନ୍ଧର ଆରୋହାବରୋହର ଉପଯୋଗ କରି ପାରି ନାହାନ୍ତି ।

ବେମନାଙ୍କ ପଦ୍ୟାବଳୀର ସଙ୍କଳିତ ପ୍ରକାଶନମାନଙ୍କରେ ଆଟବେଲଡ଼ି ବ୍ୟତୀତ ଅନ୍ୟାନ୍ୟ କେତେକ ଛନ୍ଦର କବିତା ଦେଖିବାକୁ ମିଳେ । କିନ୍ତୁ ସେ ସବୁ କବିତା ମୁଖ୍ୟାଂଶର କେଉଁ ପାସଙ୍ଗରେ ମୁଦ୍ଧା ପଡ଼ନ୍ତି ନାହିଁ । ସେଥିରେ ନାହିଁ ତାଙ୍କର ବୈଚିତ୍ର୍ୟମଣ୍ଡିତ ସାରଲ୍ୟ, ପ୍ରତ୍ୟକ୍ଷଧର୍ମିତା କିମ୍ବା ବ୍ୟଙ୍ଗରସିକତା । ରାଲ୍ଲାପଲ୍ଲି, ଏଭଳି ପଦ୍ୟସବୁ ମିଥ୍ୟାରୋପିତ ହେବା ଉଚିତ୍ ବୋଲି ଯେଉଁ ସଙ୍କେତ ଦେଇଛନ୍ତି, ସେଥିରେ ସେ ଯଥାର୍ଥ ।

ବେମନାଙ୍କର ଆଟବେଲଡ଼ି ଛନ୍ଦର ଅନାୟାସ ପ୍ରୟୋଗ ସମ୍ପର୍କରେ ଡକ୍ଟର ଜି. ଭି. କୃଷ୍ଣାରାଓ ସାରବତ୍ତା ସମ୍ପନ୍ନ ବଳିଷ୍ଠ ଅଭିମତ ଦେଇ କହନ୍ତି :

"ସାଧାରଣ ଭାବେ କହିଲେ ସେ (ବେମନା) ପ୍ରକାଶ କରିବାକୁ ଚାହୁଁଥିବା ଭାବଧାରାକୁ ଆଟବେଲଡ଼ି ଛନ୍ଦର ପ୍ରଥମ ଦୁଇଧାଡ଼ିରେ ପ୍ରଥମେ ବ୍ୟକ୍ତ କରି ଦିଅନ୍ତି ଓ ଏହାକୁ ସମଧିକ ନିବିଡ଼ ଓ ସ୍ପଷ୍ଟ କରିବାକୁ ଯାଇ ତୃତୀୟ ଧାଡ଼ିରେ ରୂପକଟିଏ ଖଞ୍ଜି ଦିଅନ୍ତି । ଚତୁର୍ଥ ଧାଡ଼ିଟି କେବଳ ଗୋଟିଏ ଅଲଙ୍କାର ବା ମୁକୁଟ । ଏହି ବିଶ୍ଳେଷଣରୁ ଏହା ପ୍ରତିପନ୍ନ ହେବା କଥା ଯେ ସମୁଦାୟ ଶ୍ଳୋକଟିର ସାମଗ୍ରିକ ସୌନ୍ଦର୍ଯ୍ୟ ତୃତୀୟ ଧାଡ଼ିରେ ଖଞ୍ଜା ଯାଇଥିବା ରୂପକ ବା ଦୃଷ୍ଟାନ୍ତ ଉପରେ ହିଁ ନିର୍ଭର କରେ । ଉତ୍ତମ ଲକ୍ଷ୍ୟଯୁକ୍ତ ଗୁଳିଟିଏ ହୁଏତ କେତେ କେତେ ବେଳେ ଲକ୍ଷ୍ୟ-

ଭେଦ ନ କରିପାରେ, କିନ୍ତୁ ବେମନାଙ୍କ ରୂପକ ଅବ୍ୟର୍ଥ । ତାଙ୍କର କାବ୍ୟିକ ଦକ୍ଷତା ଓ ମହତ୍ତ୍ୱ ବହୁ ପରିମାଣରେ ଏହାରି ଉପରେ ନିର୍ଭର କରିଥାଏ । ତାଙ୍କ ହାତରେ ଏହି ଛନ୍ଦ ନବୀନତା ଓ ସଦ୍ୟତନତା ଆହରଣ କରିଛି, କହିବାକୁ ହେବ । ଅଧିକାଂଶ ସ୍ଥଳରେ ଏହା ଏକ କ୍ଷୁଦ୍ର ହାସ୍ୟରସାତ୍ମକ କବିତାର ରୂପ ନେଇ ପାଠକକୁ ଆଶ୍ଚର୍ଯ୍ୟ ଚକିତ କରିଦିଏ । କାଳିଦାସ ଉପମାର କବି ହେଲେ ବେମନା ହେଉଛନ୍ତି ରୂପକର କବି । *

ସାଧାରଣରେ ଯେଉଁ ଏକ ଧାରଣା ରହିଛି ଓ କିଷ୍ଟାରିଓ ମଧ୍ୟ ଯାହା ସ୍ପଷ୍ଟ ସମର୍ଥନ କରନ୍ତି ଯେ ବେମନା ପ୍ରତ୍ୟେକ ପଦ୍ୟରେ ନହେଲେ ମଧ୍ୟ ପ୍ରାୟ ଅଧିକାଂଶ ପଦ୍ୟରେ ଗୋଟିଏ ଗୋଟିଏ ରୂପକ ବାଢ଼ିଅଛନ୍ତି, ତାହା ଲକ୍ଷ୍ୟ କରାଯାଉ । ଏକ ପରି ସଂଖ୍ୟାନଗତ ବିଶ୍ଳେଷଣରୁ ଜଣାଯାଏଯେ ଏଥିରୁ ଶତକଡ଼ା ପନ୍ଦର ମାତ୍ର ରୂପକ ବହନ କରନ୍ତି । ଏପରିକି ଏଥି ମଧ୍ୟରୁ ଅନେକ କବିତାରେ ବାକ୍ୟାଂଶ ଗଠନରେ ସାମାନ୍ୟ ପରିବର୍ତ୍ତନ ଥାଇ ଓ କେତେବେଳେ ଆଦୌ ନଥାଇ ମଧ୍ୟ ଏହାର (ରୂପକ) ପୁନରାବୃତ୍ତି ଘଟିଛି । ଆହୁରି ମଧ୍ୟ କୁକୁର ଓ ଗଧ ବେମନାଙ୍କର ସୁପୋଷିତ ଘୃଣାର ଜୀବ ଦୁଇଟି ଅନେକ ଗୁଡ଼ିଏ କବିତାରେ ରୂପକ ଭାବେ ଚର୍ଚ୍ଚିତ ହୁଅନ୍ତି । କିନ୍ତୁ ବେମନା ଏଭଳି ତତ୍ପର, ପ୍ରଖର ଏବଂ ବେଳେବେଳେ ରମ୍ୟରୂପେ ବିସ୍ମୟକର ଯେ ସେ ଏ ଗୁଡ଼ିକୁ ବାରମ୍ବାର ବ୍ୟବହାର କରୁଥିବାର ଏକ ଧାରଣା ପାଠକମାନଙ୍କୁ ଦେଇଥାନ୍ତି । ତାଙ୍କ ପଦ ପ୍ରକରଣର ଅନ୍ୟ ଏକ ଦିଗ ପ୍ରତି ଦୃଷ୍ଟିପାତ କରାଯାଇପାରେ । ଏହା ସତ୍ୟ ଯେ ବେମନା ତର୍କାତ୍ମକ ରୀତି ପ୍ରୟୋଗରେ ଏକାନ୍ତ ବିଚକ୍ଷଣ । କେତେକ କହିବା ପରି, ଏମିତି କହିବା ଠିକ୍ ହେବନାହିଁ ଯେ ମୋଟାମୋଟି ତାଙ୍କର ସବୁ ପଦ୍ୟର ପ୍ରଥମ ଧାଡ଼ିଟି ତର୍କାଭାସ, ଦ୍ୱିତୀୟ ଧାଡ଼ିଟି ବିରୋଧାଭାସ ଓ ତୃତୀୟଟି ସଂଶ୍ଲେଷ । କିନ୍ତୁ ବାସ୍ତବରେ ଏକଶହରୁ ଅଧିକ ତାଙ୍କ ପଦ୍ୟ ଏପ୍ରକାର ଧାରା ଅନୁସରଣ କରିଥିବାର ଦେଖାଯାଏ ନାହିଁ ।

ଅନୁବାଦ ମାଧ୍ୟମରେ ବେମନାଙ୍କର ତୃତୀୟ ଧାଡ଼ି ମାନଙ୍କର ଭାବ ସୌନ୍ଦର୍ଯ୍ୟ ଓ ସଂବେଗପୂର୍ଣ୍ଣ ପ୍ରକଟିତ ହୋଇ ନପାରିଲେ ମଧ୍ୟ ସେଥିରୁ ପ୍ରଶ୍ନ ଆକାରରେ ଥିବା

---

* ଏ ଉଦ୍ଧୃତରେ ସାମାନ୍ୟ କେତେକ କ୍ରିୟାପଦ ପରିବର୍ତ୍ତିତ ହୋଇଛି; କିନ୍ତୁ ମୂଳ ଅର୍ଥ ବଦଳାଯାଇ ନାହିଁ ।

କେତେକକୁ ଏଠାରେ ଉଦ୍ଧାର କରାଯାଇ ପାରେ : ଦୀପଟିଏ ନଜାଳିଲେ ଅନ୍ଧାରକୁ ହଟେଇବେ କେମିତି ? ଗୋଟାଏ କୁକୁର ଲାଙ୍ଗୁଡ଼କୁ ଧରି ଗୋଦାବରୀ ପାରିହୋଇ ପାରିବ ? ମଶାଟାଏ କ'ଣ ହାତୀର ଉଦ୍ଧାର କାମକୁ ଆସିବ ? କ୍ଷୀରରେ ଧୋଇ ଅଙ୍ଗାରକୁ ଧଳା କରି ଦେଇ ପାରିବ ? ହ୍ରଦ ଯେବେ ଥରେ ଶୁଖିଯାଏ, ବଗମାନେ ତାକୁ ଛାଡ଼ି ଚାଲି ଯାନ୍ତି ନା ନାହିଁ ? କମ୍ ବୟସର ଲୋକ ହାତରେ ବନ୍ଧଆ କ'ଣ କମ୍ ଜଳେ ? ଗଧିଆ ମରଣରେ ମେଣ୍ଢା କ'ଣ କାନ୍ଦିବ ? କୁକୁର ଲାଙ୍ଗୁଡ଼ ସିଧା କରି ଦେଇ ପାରିବ ? କଣ୍ଢେଇକୁ ପିଟାପିଟି କରି ନୀତି ଉପଦେଶ ତାଠାରେ ଭରି ଦେଇ ପାରିବ ? ସୁଗନ୍ଧ ଦ୍ରବ୍ୟ ପିଠିରେ ବହି ନେଉଛି ବୋଲି ଗଧଟା କ'ଣ ଆଉ କିଛି ଭଲ ହୋଇଯାଏ ? ଉପର ମୁଣ୍ଡରୁ ତଳକୁ କାନ୍ଥଟାଏ ଗଢ଼ି ପାରିବ ? ପେଣ୍ଡୁଟାକୁ ତୁମେ ଯେତେ ଉପରକୁ ପକାଇଲେ କ'ଣ ସେ ଉପରେ ଠାକଯାଏ ? ସୁନାମୁଦି କ'ଣ ତମ୍ବାପରି ଶବ୍ଦ କରେ ? ପର୍ବତ ହେଲେ ବି ଦର୍ପଣରେ ଛୋଟ ଦିଶେ ନାହିଁ କି ? ଗୋଦାବରୀରେ ବୁଡ଼ଟାଏ ପକାଇଦେଲେ କ'ଣ କୁକୁରଟା ସିଂହ ହୋଇ ପାରିବ ? ପଙ୍କରେ ଲୋଟୁଥିବା ଘୁଷୁରି ଗୋଲାପଜଳର ଗୁଣ ଗ୍ରହଣ କରି ପାରେ କି ? ଅଣ୍ଡିରା ମଇଁଷି ଯେତେ ବଡ଼ ହେଲେ ବି ହାତୀସହ ସମାନ ହୋଇପାରେ କି ? ପୁରୁଷର କାମ କଲେ ନାରୀ କ'ଣ ପୁରୁଷ ହୋଇ ପାରିବ ? ଚାମଚ ଖାଦ୍ୟ ପରଶୁଛି ବୋଲି କ'ଣ ତା ସୁଆଦ ଜାଣି ପାରୁଛି ? ବରଗଛ ବଡ଼ ହେଲେ ବି ମଞ୍ଜିଟା ତା'ର ସାନ ନୁହେଁ କି ? ମୁଣ୍ଡଗୁଡ଼ାକ ସଫା ଲଣ୍ଡା ହୋଇଗଲେ ସ୍ୱଭାବଗୁଡ଼ାକ କ'ଣ ଶୁଦ୍ଧ ହୋଇଯାଏ ? ଏହି ଉକ୍ତିମାନ ଓ ଏହାଠାରୁ ବହୁ ଅଧିକ ପରିମାଣର ବେମନାଙ୍କ ପଦ୍ୟର ଭୁରିଭୁରି ଧାଡ଼ି ସବୁ ଏବେ ତେଲୁଗୁରେ ଲୋକପ୍ରିୟ ପ୍ରବଚନ ଭାବେ ପ୍ରଚଳିତ ।

ଅନ୍ୟାନ୍ୟ ବହୁ ପ୍ରକୃତିଦତ୍ତ ସୁଗୁଣକୁ ଛାଡ଼ିଦେଲେ ବେମନାଙ୍କର ଥିଲା ଅତି ଉଚ୍ଚକୋଟୀର ହାସ୍ୟରସିକତା । ମହାତ୍ମାଗାନ୍ଧି ଥରେ କହିଥିଲେ, "ମୋର ଯଦି ହାସ୍ୟରସିକତା ନଥାନ୍ତା, ମୁଁ ବହୁ ପୂର୍ବରୁ ଆତ୍ମହତ୍ୟା କରି ସାରିଥାନ୍ତି ।" ଏହି ବାଣୀ ବେମନାଙ୍କଠାରୁ ମଧ୍ୟ ବାହାରି ପାରିଥାଆନ୍ତା । ସେ ଯେଉଁଭଳି ଉନ୍ନତ ପ୍ରୟୋଜନ ବୋଧର ମଣିଷ ଥିଲେ ଓ ସେ ସମର୍ଥନ କରୁଥିବା ସୁମହାନ ମତବାଦ ଭିତରେ ଯେଉଁଭଳି ପ୍ରଗାଢ଼ ଅନୁରାଗର ସହ ଜଡ଼ିତ ହୋଇ ପଡ଼ିଥିଲେ, ତାଙ୍କର

ଥଟ୍ଟା କରିବା ଓ ହସିବାର ସାମର୍ଥ୍ୟ ଯେବେ ନଥାନ୍ତା, ସେ ମଧ୍ୟ ଆତ୍ମହତ୍ୟା କରି ବସି ଥାନ୍ତେ । ଏହି ସାମର୍ଥ୍ୟ ତାଙ୍କ କବିତାରେ ଏହାର ଏକ ନିଜସ୍ୱ ପରିସର ଯୋଗ କରିଥିଲା । ତାଙ୍କ ହାସ୍ୟରସର ସ୍ୱତନ୍ତ୍ର ଉତ୍ସ ଓ ଲକ୍ଷ୍ୟ ସ୍ଥଳ ଥିଲେ ମଖିଚୁଷ୍ କୃପଣମାନେ । ସେ କହନ୍ତି, "ଯେବେ ତୁମେ ଗୋଟାଏ କଂଜୁସ୍‌କୁ ଦୂରେଇ ଦେବାକୁ ଚାହଁ, ତେବେ ତାକୁ ବିଷ ଦେଇ ମାରିବା କିମ୍ବା ଅନ୍ୟ କିଛି ଗୋଟାଏ ସାଘାତିକ ଉପାୟ କରିବା ଦରକାର ନାହିଁ, ତାକୁ ଗୋଟିଏ ବଡ଼ ଧରଣର ଚାନ୍ଦା ଯାଇ ମାଗ, ଦେଖିବ ସେ ସ୍ଥାନଆଁରେ ତତ୍‌କ୍ଷଣାତ୍ ମରିଯିବ । ଗୋଟିଏ ବାନ୍ଧ୍ ଗାଈକୁ ଦୁହିଁବାକୁ ଚେଷ୍ଟା କଲେ ପଞ୍ଜରା ହାଡ଼ରେ ନାତ ଛଡ଼ା କ'ଣ ପାଇବ ? ସେମିତି କଂଜୁସ୍ ଠାରୁ ଆଉ ଅଧିକ କ'ଣ ଆଶା କରିବ ? ତା ପରିବାରୁ କେହି ମରିଗଲେ କୃପଣ ଦୀର୍ଘ ସମୟ ଧରି ବୋବାଳି ପକେଇ କାନ୍ଦେ, କାରଣ ଶବଦାହର ଖର୍ଚ୍ଚ କଥା ଭାବି ତା ଗ୍ରନ୍ଥି ଫାଟିଗଲା ପରି ତା'କୁ ଲାଗେ" । କେବଳ ନିକାଞ୍ଚନ ସ୍ଥଳୀରେ ଆଧ୍ୟାତ୍ମିକ ଗୁରୁମାନେ ମିଳନ୍ତି ବୋଲି ଯେଉଁମାନେ ଏକ ପ୍ରତାରଣାପୂର୍ଣ୍ଣ ଧାରଣାର ବଶବର୍ତ୍ତୀ ଥାଆନ୍ତି ସେମାନଙ୍କ ପ୍ରତି ଶ୍ଳେଷ ଦର୍ଶାଇ ବେମନା କହନ୍ତି, "ମହାନ ଗୁରୁ ତୁମକୁ ସ୍ୱର୍ଗକୁ ଯିବାର ବାଟ ଦେଖାଇ ଦେବେ ବୋଲି ମନରେ ମଧୁର ଆଶା ବାନ୍ଧି ଯେବେ ଅନ୍ଧାରିଆ ଗୁହା ଭିତରେ ପଶ, ସେଠାରେ ଥିବା ବଣ୍ୟଜନ୍ତୁଟି ତୁମେ ଭାବୁଥିବା ସମୟଠାରୁ ଆହୁରି କମ୍‌ରେ ତୁମକୁ ସେଠାକୁ (ସ୍ୱର୍ଗକୁ) ପଠାଇ ଦେବ ।" ଚାର୍ଲସ ଡିକେନ୍‌ସ୍‌ଙ୍କ ସମ୍ପର୍କରେ ଯେପରି କୁହାଯାଏ ସେହିପରି ବେମନାଙ୍କ ହାସ୍ୟରସ ସଂପର୍କରେ କୁହାଯାଇ ପାରିବ ଯେ "ତାଙ୍କ ହାସ୍ୟରସ ଅନେକାଂଶରେ ପ୍ରେରଣାତ୍ମକ ଅଭିପ୍ରାୟର ହାସ୍ୟରସ" । ଏହା କେବଳ ମାତ୍ର ହାସ୍ୟ ଉଦ୍ରେକ ଲାଗି ଉଦ୍ଦିଷ୍ଟ ନୁହେଁ, ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟ ସାଧନ ଲାଗି ଅଭିପ୍ରେତ ।

ବେମନା ତାଙ୍କ ଅସ୍ତ୍ରାଗାରରେ ଅନ୍ୟ ଦୁଇଟି ସମପରିମାଣର ପ୍ରାଣଘାତୀ ଅସ୍ତ୍ର ରଖିଥିଲେ, ଯଥା—ବ୍ୟଙ୍ଗ ଓ ପରିହାସ । ଡ଼କ୍ଟର ରେଡ୍‌ଡୀ କହିଲା ଭଳି "ଭଲତାୟାର ଯେଉଁ ତତ୍ତ୍ୱ ବାଢ଼ିଛନ୍ତି ଯେ ଅନ୍ଧବିଶ୍ୱାସର ସମ୍ମୁଖୀନ ହେଲାବେଳେ କୌଣସି ଯୁକ୍ତି-ତର୍କର ଆବଶ୍ୟକତା ନାହିଁ; କାରଣ ଅନ୍ଧବିଶ୍ୱାସ କୌଣସି କାର୍ଯ୍ୟ କାରଣ ସଂପର୍କଜନିତ ବିଶ୍ୱାସଦ୍ୱାରା ଖଣ୍ଡିତ ହୋଇପାରେ ନାହିଁ"- ଏଥିରେ ବେମନାଙ୍କ ପୂର୍ଣ୍ଣ ବିଶ୍ୱାସ ଥିଲା । ସେଥିପାଇଁ "ବେମନା ଭଲତାୟାରଙ୍କ ଭଳି ଯୁକ୍ତି-ତର୍କ ନକରି ଯୋରରେ ଆଘାତ

କରନ୍ତି ଯେପରି ମୃତ୍ୟୁଦାୟୀ କ୍ଷତଟିଏ ଘଟିବ ଓ କୁଖ୍ୟାତ ଛଳନା ପ୍ରବଣତା ଏକାନ୍ତ ଦୟନୀୟ ଓ ହାସ୍ୟସ୍କର ମନେ ହେବ । ବେମନାଙ୍କ ବ୍ୟଙ୍ଗ ଓ ପରିହାସର ବହୁବିଂଶ ଉଦାହରଣ ଦିଆ ଯାଇ ପାରିବ । ଧର୍ମର ମାର୍ମିକ ଭାବକୁ ଅବଜ୍ଞା କରି ଯେଉଁମାନେ କେବଳ ବାହ୍ୟାଚାର ପାଳନ କରିବାରେ ଲାଗିଥାନ୍ତି ସେମାନଙ୍କୁ ଧକ୍କା ମାରି ବେମନା କହନ୍ତି, "ଯେତେବେଳେ ମନ ସେତେବେଳେ ବୁଡ଼ ମାଇଲେ କ'ଣ ମୁକ୍ତି ପାଇ ପାରିବ ?" ଆଚ୍ଛା, ତେବେତ ସବୁ ମାଛ ବଂଶକୁ ନିଶ୍ଚୟ ରକ୍ଷା କରିବାକୁ ପଡ଼ିବ । ଦେହଯାକ ଭସ୍ମ ବୋଳି ହୋଇ ପଡ଼ିଲେ କ'ଣ ମୁକ୍ତି ପାଇଯିବ ? ଆଚ୍ଛା, ଗଧତ ପାଉଁଶରେ ଗଡ଼େ । ନିରାମିଷାଶୀ ପଣିଆରୁ ଧର୍ମ ଲାଭ କରି ଭୌତିକ ପରିପୂର୍ଣ୍ଣତା କ'ଣ ପାଇଯିବ ? ତା'ହେଲେ ଏଥିରେ ଛେଳି ତୁମକୁ ଟପିଯିବ । ଯେବେ ଶୂଦ୍ରର ପୁଅ ନିହାତି ଶୂଦ୍ରହିଁ ହୁଏ ତେବେ ସର୍ବଶ୍ରେଷ୍ଠ ବ୍ରାହ୍ମଣ ବୋଲି ବଶିଷ୍ଠଙ୍କୁ କିପରି ମର୍ଯ୍ୟାଦା ଦେଇ ପାରିବ ? ସ୍ୱର୍ଗବିଦ୍ୟାଧରୀ ଓ ଅପସରା ହେଲେ ହେଁ ଶୂଦ୍ରାରମଣୀ ଉର୍ବଶୀର କ'ଣ ସେ ପୁତ୍ର ନଥିଲେ ? ପୁନଶ୍ଚ ଜଣେ ଅସ୍ପୃଶ୍ୟ ଜାତୀୟା ରମଣୀର ସ୍ୱାମୀ ଯେବେ ଅସ୍ପୃଶ୍ୟହିଁ ହୁଏ, ତେବେ ବଶିଷ୍ଠଙ୍କୁ ନେଇ ଏତେ ଗର୍ବ କର କାହିଁକି ? ତାଙ୍କ ସ୍ତ୍ରୀ ଅରୁନ୍ଧତୀ କ'ଣ ଅଛୁଆ ଜାତୀୟା ନଥିଲେ ? ତୁମେ ଯେତେବେଳେ କୌଣସି ବୈଦିକ ଯାଗ-ଯଜ୍ଞ କର ବା କୌଣସି ତୀର୍ଥସ୍ଥଳ ଦର୍ଶନ କର, ବାରିକ ତୁମ ମୁଣ୍ଡକୁ କ୍ଷୌର କରିବା ପାଇଁ ତୁମ ମୁଣ୍ଡରେ ପାଣି ସିଞ୍ଚେ ଓ ତୁମ ଆତ୍ମାକୁ ଶୁଦ୍ଧ କରିବା ପାଇଁ ପୂଜକ ମଧ୍ୟ ତୁମ ମୁଣ୍ଡରେ ପାଣି ସିଞ୍ଚେ । ପୂଜକର ପାଣିସିଞ୍ଚା କେତେଦୂର ଫଳପ୍ରଦ ହେଲା କେହି କହି ପାରିବ ନାହିଁ, କିନ୍ତୁ ପରିଷ୍କାର ଲଣ୍ଡା ହୋଇଥିବା ତୁମ ମୁଣ୍ଡ ନେଇ ବାରିକର ପାଣିସିଞ୍ଚା କିପରି ଫଳପ୍ରଦ, ତା'ର ପ୍ରମାଣ ତୁମେ ବହନ କରି ନଥାଅ କି ? ଏହାପରେ ପୁରାଣ କଥା ଆଡ଼କୁ ଦୃଷ୍ଟି ଢ଼ାଳି ବେମନା କହନ୍ତି, ବିଷ୍ଣୁ କ୍ଷୀରସାଗରରେ ନିଦ୍ରା ଯାଇଥାନ୍ତି ବୋଲି ତୁମେ ବିଶ୍ୱାସ କର । ଏହା ସତ୍ତ୍ୱେ ସେ (କୃଷ୍ଣ) କାହିଁକି ଗଉଡ଼ ଘରମାନଙ୍କରୁ କ୍ଷୀର ଚୋରି କଲେ ? ଲୁଚିଛପାରେ କ୍ଷୀରର ସୁଆଦ କିଣ ଅଧିକ ମିଠା ? ସେଥିରେ କିଛି ହେଲେ ମାସ୍ତାର କାରସାଦ ରହିଥିବ ବୋଲି ଟିକେ ହେଲେ ସନ୍ଦେହ ନ କରି ରାମ ନିଜ ଯୁବତୀ ସ୍ତ୍ରୀକୁ ପଛରେ ଛାଡ଼ି ଦେଇ ସୁନାହରିଣ ପଛରେ ଧାଇଁଲେ । ଏପରି ଏକ ଚିନ୍ତାଶୂନ୍ୟ ବ୍ୟକ୍ତି କେମିତି ଭଗବାନ ହୋଇ ପାରନ୍ତି ? (ଭକ୍ତର ବିଶ୍ୱାସ ଅନୁଯାୟୀ) ରାମ

ଆଗ୍ନେୟସ୍ତ୍ରଶର ନିକ୍ଷେପ କରି ସମୁଦ୍ରକୁ ଶୁଖାଇ ଦେଇ ନଥିଲେ କି ? ତାପରେ ସେ ତାହିଁକି ଲଙ୍କା ପର୍ଯ୍ୟନ୍ତ ପାରି ହୋଇ ଗଲେ ନାହିଁ । ସ୍ରଷ୍ଟା ଯେତେବେଳେ ସଫା, ପୁଣି ପୋଲଟିଏ କ'ଣ ଦରକାର ? ବ୍ରହ୍ମା ଜଣକୁ ଧନ ସମ୍ପତ୍ତି ଦିଅନ୍ତି ତ ଅନ୍ୟ ଜଣକୁ ଦେଇଥାନ୍ତି ଦାନଶୀଳତା । ଜଣେ ଭଗବାନଙ୍କ କାର୍ଯ୍ୟକଳାପରେ ଏ କି ବିକୃତି !

ଡକ୍ଟର ରେଡ୍ଡୀ ସେଥିପାଇଁ ଯାହା କହନ୍ତି ଯେ "ବେମନାଙ୍କ ଶୈଳୀ ଏମନ୍ତ ପରିସର ବ୍ୟାପ୍ତ ଯେ ସେଥିରେ ଅଛି ତିକ୍ତ ଓ ତୀବ୍ରରୁ ମୃଦୁ ବିଦ୍ରୁପ, ପୁଣି ଅଛି ଶାଳୀନବ୍ୟଙ୍ଗ ଓ ମଧୁର ହାସ୍ୟରସ ।" ଆହୁରି ମଧ୍ୟ ସେ ଯେଉଁ ବିଷୟବସ୍ତୁ ସବୁକୁ ଭଲ-ମନ୍ଦରୂପେ ବ୍ୟବହାର କରନ୍ତି, ସେଗୁଡ଼ିକ ବହୁ ବ୍ୟାପ୍ତ ପରିସରରୁ ଆହୃତ । ଯାହା ସବୁ ମଣିଷ ସଂପର୍କୀୟ ବା ମଣିଷର ମଙ୍ଗଳ ବିଧାନ ବିଷୟକ ନୁହେଁ, ତାହା ତାଙ୍କ ଦୃଷ୍ଟିରେ ଅତିତୁଚ୍ଛ । ଗୋଏଟେଙ୍କୁ ସୂଚିତ କରି ମ୍ୟାଥ୍ୟୁ ଆର୍ଣ୍ଣୋଲ୍ଡ୍ କହିଲେ :

"ଯନ୍ତ୍ରଣା-ଜଡ଼ ମଣିଷ ଜାତିକୁ ଆପଣାର ମନେ କରି,
(ତାର) ପ୍ରତିଟି କ୍ଷତକୁ, ପ୍ରତିଟି ତ୍ରୁଟିକୁ ଚିହ୍ନିଲେ ଯେ ଭଲ କରି,
ସେହି ସେହି ଆନେ ଅଙ୍ଗୁଳି ରଖି ପ୍ରଗାଢ଼ ପରଶ ଦେଇ,
"ଏଇଠି ବାଧିକା ପଡ଼ୁଛି" ବୋଲି ସେ କହିଲେ ସ୍ୱର ଉଠାଇ ।"

ଏବଂ ବେମନା ତାହାହିଁ କରିଥିଲେ । ସେ ମାନବୀୟ ବ୍ୟାଧି ସବୁକୁ କେବଳ ନିରୂପଣ କରି ନଥିଲେ, ସେ ସବୁର ଆରୋଗ୍ୟ-ଉପାୟ ମଧ୍ୟ ନିର୍ଦ୍ଦେଶ କରିଥିଲେ । ମଣିଷର ସେବା କରିବା ଲାଗି ସେ ଥିଲେ ସଦା ଗତିଶୀଳ । ସେ ଯାଇଥିଲେ ଗ୍ରାମରୁ ଗ୍ରାମକୁ, ପଲ୍ଲୀ-ଜନପଦରୁ ଅନ୍ୟ ଏକ ପଲ୍ଲୀକୁ ଓ ଗୋଟିଏ ଗୃହରୁ ଗୃହାନ୍ତରକୁ । ସବୁଠି ସେ ବାର୍ତ୍ତାଳାପ କଲେ ମଣିଷ ସହ ଏବଂ ସେ ସବୁ ହେଲା ପଦ୍ୟରେ ଲିପିବଦ୍ଧ ହେବା ଲକ୍ଷ୍ୟରେ କହୁ ନଥିବାରୁ ଆପଣାର ପଦ୍ୟକୁ ଲେଖାଇ ରଖିବା ପାଇଁ ସେ କିଛି ହେଲେ ଯତ୍ନ କଲେ ନାହିଁ । ତାଙ୍କ ପ୍ରତି ଥିବା ଅନୁରକ୍ତ ଓ ଭକ୍ତ ବଶତଃ ତାଙ୍କର କେତେକ ଶିଷ୍ୟ ସେଥିରୁ ଅନେକ ଗୁଡ଼ିଏ ଟିପି ପକାଇଥିଲେ । ସେମାନେ ସେପରି ବିଦ୍ୟାବନ୍ତ ନ ଥିବା ହେତୁ ତାଳପତ୍ର ପୋଥିରେ ଯାହା ଲେଖିଲେ ସେ ସବୁ ବେଳେବେଳେ ପ୍ରମାଦଯୁକ୍ତ ହୋଇଗଲା । ଯେତେବେଳେ ମୌଳିକ ପାଣ୍ଡୁଲିପିର

ନକଲମାନ ପ୍ରସ୍ତୁତ କରାଗଲା, ସେଥିରେ ବହୁତ ଭୁଲ ଆସି ପଶିଗଲା । ଏହା ଅଧିକ ପ୍ରମାଦଯୁକ୍ତ ହେଲା ଯେତେବେଳେ କୌଣସି ଶବ୍ଦକୁ ନକଲକାରମାନେ ଅସ୍ପଷ୍ଟ ମନେ କରି ସେ ସ୍ଥଳରେ ଆପଣା ମନକୁ ଆସୁଥିବା ଶବ୍ଦମାନ ବସାଇ ଦେଲେ । ସର୍ବୋପରି ବେମନାଙ୍କ ପ୍ରଶଂସକମାନଙ୍କ ଭଳି ନିନ୍ଦୁକମାନେ ମଧ୍ୟ ନିଜ, ନିଜ ପଦ୍ୟ ରଚନାକୁ ଜାଲ କରି ତାଙ୍କ ନାମରେ ଚଳାଇଦେଲେ ।

ବ୍ରାଉନ୍‌ଙ୍କ ସମୟରୁ ଆଜି ପର୍ଯ୍ୟନ୍ତ ବେମନାଙ୍କର ଅନେକ ପଦ୍ୟ, ସଂଖ୍ୟାରେ ପ୍ରାୟ ଛଅହଜାର ହେବ, ନୂଆ କରି ଆବିଷ୍କୃତ ହୋଇଥିବା ପୋଥି-ପାଣ୍ଡୁଲିପି-ମାନଙ୍କରୁ ଓ ସାଧାରଣ ଲୋକ, ଯେଉଁମାନଙ୍କ ମୁହଁରେ ମୁହଁରେ ସେଗୁଡ଼ିକ ପ୍ରଚଳିତ ଥିଲା, ସେମାନଙ୍କ ଠାରୁ ସଂଗୃହୀତ ହୋଇଛି । ସେ ଗୁଡ଼ିକ ମଧ୍ୟରୁ କେଉଁ ଗୁଡ଼ିକ ପ୍ରକୃତରେ ବେମନାଙ୍କର, ସେ ବିଷୟରେ ଘୋର ସନ୍ଦେହ ରହିଛି । ଏପରିକି ବ୍ରାଉନ୍‌ଙ୍କ ସଂଗୃହୀତ ପଦ୍ୟମାନଙ୍କ ମଧ୍ୟରୁ ଏକ ଆଖିଦୃଶିଆ ଅଂଶ ସ୍ପଷ୍ଟତଃ ପ୍ରକ୍ଷିପ୍ତ । ସେ ଯାହାହେଉ, ଏପର୍ଯ୍ୟନ୍ତ ବେମନାଙ୍କର ପଦ୍ୟରଚନାର ସମୀକ୍ଷିତ ଓ ଚୂଡ଼ାନ୍ତ ସଂସ୍କରଣ ପ୍ରକାଶ କରିବା ଲାଗି କୌଣସି ଉଦ୍ୟମ ହୋଇନାହିଁ । ତାଙ୍କର ପ୍ରକାଶକମାନେ ଏ ପର୍ଯ୍ୟନ୍ତ ଯାହାକିଛି କରିଛନ୍ତି, ତାହା କେବଳ ବ୍ରାଉନ୍‌ଙ୍କ ଗ୍ରନ୍ଥରୁ ଦେଖି ଅଦଳବଦଳ କରି ଛାପିବାରେ ସୀମାବଦ୍ଧ ।

ଏ ପ୍ରକାର ଶୋଚନୀୟ ଅବସ୍ଥାର କିଛି ପ୍ରତିକାର କରି ତାକୁ ସୁଧାରିବା ପାଇଁ ପଦକ୍ଷେପ ନେବାର ସମୟ ଏବେ ଆସିଛି । ଯେବେ ଆଟବେଲଡ଼ି ଓ କନ୍ଦମ ଛନ୍ଦରେ ଲେଖା ସମସ୍ତ ପଦ୍ୟକୁ ଛାଡ଼ି କେତେକ ଅସଲ ପଦ୍ୟକୁ ଅଲଗା କରାଯାଏ ଏବଂ ସେଥିମଧ୍ୟରୁ ଯେଉଁ ଗୁଡ଼ିକରେ ଏକାପ୍ରକାର ଭାବର ପୁନରାବୃତ୍ତି ଘଟିଛି, ସେଥିରୁ ସର୍ବୋତ୍କୃଷ୍ଟ ପଦ୍ୟମାନଙ୍କୁ ରଖାଯାଏ, ଯେଉଁ ଗୁଡ଼ିକ ବେମନାଙ୍କ ମୌଳିକ ଚିନ୍ତା-ଧାରାର ବିପରୀତ ବୋଧ ହୁଅନ୍ତି, ସେଗୁଡ଼ିକୁ ପ୍ରକ୍ଷିପ୍ତ ବୋଲି ଯେବେ ଫୋପାଡ଼ି ଦିଆଯାଏ, ତେବେ ଯାହା ଅବଶିଷ୍ଟ ରହିବ, ସେଗୁଡ଼ିକର ସଂଖ୍ୟା ଯାବତୀୟ ସମ୍ଭାବ୍ୟତା ସହ ଦୁଇହଜାରରୁ ଅଧିକ ହେବ ନାହିଁ । ଏ ଗୁଡ଼ିକୁ ଏକଜ କରାଯିବା ପରେ ବେମନାଙ୍କୁ ଉନ୍ନତତର ଭାବେ ଦର୍ଶାଇବା ଲାଗି କୌଣସି ଭ୍ରାନ୍ତିକର ଉଦ୍ୟମ ହେବା ଉଚିତ ନୁହେଁ । ସେ ଲୋକଙ୍କୁ କହୁଥିଲେ ଓ ସେହିମାନଙ୍କ ଭାଷାରେ କହିଥିଲେ । ତେଣୁ ଏଥିରେ ଥିବା ସମସ୍ତ ଔପଭାଷିକ ଚମତ୍କାରିତା ରକ୍ଷିତ ହେବା

ଏକାନ୍ତ ଆବଶ୍ୟକ । ସେ ଯେଉଁ ରଚନାଶୈଳୀକୁ ସର୍ବାଧିକ ଗୁରୁତ୍ୱ ଦେଉଥିଲେ ତାହା ହେଉଛି ମିତତା ଓ ହାସ୍ୟୋଦ୍ଦୀପକ-ବିଦ୍ରୂପ, ବ୍ୟାକରଣ ଓ ଛନ୍ଦ ପ୍ରକରଣ-ଗତ ନିୟମାବଳୀ ନୁହେଁ । ଯେତେବେଳେ ଇଚ୍ଛା ସେତେବେଳେ ଆବଶ୍ୟକ ମନେ କଲେ ଏ ନିୟମ ସେ ବିନା ଦ୍ୱିଧାରେ ଭାଙ୍ଗିପାରୁଥିଲେ । ତାଙ୍କର ଏହି ଅତି-କ୍ରମଣ ଇଚ୍ଛାକୃତ ହୋଇଥିବାରୁ ଏହାର ସଂଶୋଧନ ଲାଗି କିଛି ହେଲେ କରାଯିବା ଉଚିତ ନୁହେଁ । ନିଜ ଜୀବନକାଳର କୌଣସି ନା କୌଣସି ପର୍ଯ୍ୟାୟରେ ବେମନା ବ୍ୟାକରଣନିୟମାନୁବଦ୍ଧ ବ୍ୟକ୍ତିମାନଙ୍କ ଦ୍ୱାରା ନିଶ୍ଚିତ ଦୋଷଦୁଷ୍ଟ ହୋଇ-ଛନ୍ତି । ସେଭଳି କିଛି ନ ହୋଇଥିଲେ ସେ ତୀକ୍ଷ୍ଣ ପ୍ରତ୍ୟୁତ୍ତର ଦେଇ କହି ନଥାନ୍ତେ : "କେହି ନୀଚମନା ଦୁଷ୍ଟ ବ୍ୟକ୍ତି ଶୁଦ୍ଧସିଦ୍ଧ କବିତା ଲେଖିପାରେ ନାହିଁ, ଅଥଚ ସେଥିରେ ଥିବା ଦୋଷ ବାଛିବାକୁ ସାହସ କରେ । ଗୋଟାଏ କୁକୁର ପକ୍ଷରେ ହାଣ୍ଡିଗଦାକୁ ଝୁଣ୍ଟି ଗଡ଼ାଇଦେବା ବେଶ୍ ସହଜ ; କିନ୍ତୁ ସେ କ'ଣ ସେଭଳି ଗଦାଟିଏ ଗଢ଼ିପାରେ ?" ତେଣୁ ଏପରି ଅବସ୍ଥାରେ ଯାହା ଦରକାର, ତାହା ବେମନାଙ୍କୁ ବ୍ୟାକରଣର ଅଙ୍ଗରଖା ମଧ୍ୟରେ ସିଧାସଳଖ ଆବଦ୍ଧ କରିବାର ନୁହେଁ ; ବରଂ ଆଧୁନିକ ତଥା ବୈଜ୍ଞାନିକ ପଦ୍ଧତିର କଠୋର ଅନୁସନ୍ଧାନ ମାଧ୍ୟମରେ ତାଙ୍କର ସମସ୍ତ ପଦ୍ୟରଚନାର ନିର୍ଭରଯୋଗ୍ୟ, ସୁନିର୍ଦ୍ଦିଷ୍ଟ ସଂପାଦନା ହେବା ଏକାନ୍ତ ଆବଶ୍ୟକ ।

ବେମନାଙ୍କର ପାଣ୍ଡୁଲିପିମାନଙ୍କରେ ଏଭଳି କେତେକ ପଦ୍ୟରଚନା ରହିଛି ଯେଉଁଗୁଡ଼ିକ ଅଶ୍ଳୀଳତାର ନିକଟବର୍ତ୍ତୀ ବୋଧହୁଏ । ଯେତେବେଳେ ପରିସ୍ଥିତି ସେପରି ଦାବୀ କରେ, ବେମନା ସେତେବେଳେ ତୀକ୍ଷ୍ଣ, ତୀବ୍ର ବ୍ୟଙ୍ଗବିଦ୍ରୂପକାରୀ ଓ ଏପରିକି କଟୁ ହୋଇ ଉଠନ୍ତି । କିନ୍ତୁ ଚରିତ୍ର ଭ୍ରଷ୍ଟତାରେ ଲିପ୍ତ ହେବାର ଦୋଷରେ ସେ ଦୂଷିତ ହୋଇ ନ ପାରନ୍ତି । ସ୍ୱତନ୍ତ୍ର ଭାବରେ ଯେଉଁମାନେ ଏଥିରେ ଲିପ୍ତ ଥାଆନ୍ତି ସେମାନଙ୍କୁ ଗୋଟିଏ ପଦ୍ୟରେ ସେ ନିନ୍ଦା କରିଛନ୍ତି । ସେ ସେମାନଙ୍କୁ ଇତର-ଅଶ୍ଳୀଳ ବୋଲି କହନ୍ତି, ପଙ୍କରେ ଲୋଟୁଥିବା ଘୁଷୁରି ବୋଲି ତାଙ୍କୁ ଅଭିହିତ କରନ୍ତି । ତେଣୁ ତାଙ୍କ ରଚନାର ଚୂଡ଼ାନ୍ତ ସଂସ୍କରଣରୁ, ଯାହା କିଛି ଅଶ୍ଳୀଳ, ତାହାଠାରୁ ଦୂରରେ ରଖାଯିବା ସମୀଚୀନ ହେବ ।

ବେମନାଙ୍କ ପ୍ରତି ନ୍ୟାୟ କରିବାକୁ ହେଲେ ଅପରସାୟନ ବିଦ୍ୟା ସଂପର୍କୀୟ ଅର୍ଥହୀନ ପଦ୍ୟଗୁଡ଼ିକୁ ମଧ୍ୟ ବାଦ ଦିଆଯିବା ଉଚିତ ହେବ । ତାଙ୍କର ସେହି ଅନଭ୍ୟୁତ୍‌ଥାନ-କାଳରେ ବେମନା ସୌଭାଗ୍ୟ ଅର୍ଜନର ସତ୍ୱର ଓ ସହଜ ପନ୍ଥା ରୂପେ ପରୁଶବେଦିରେ ବିଶ୍ୱାସ ନିଶ୍ଚୟ ରଖିଥିବେ । କିନ୍ତୁ ସେ ଯେବେ ତାଙ୍କର ଏ ଭ୍ରମଧାରଣାକୁ ଛାଡ଼ି ଦେଇ ନଥାନ୍ତେ ତେବେ ସେ ଯେଉଁପରି ସବୁବିଧ ଅଜ୍ଞତା ଓ ଅନ୍ଧବିଶ୍ୱାସକୁ ନିନ୍ଦା କରୁଥିବା ଏକ ମହାନ ଗୁରୁରେ ପରିଣତ ହୋଇଥିଲେ, ତାହା ହୋଇପାରି ନଥାନ୍ତେ । ସେଥିପାଇଁ ଆମେ ଅନୁମାନ କରିନେବା ଯେ ଅପରସାୟନ ଶାସ୍ତ୍ରର ସୂତ୍ର ଓ ପ୍ରଣାଳୀ ଯେଉଁ ଯେଉଁ ପଦ୍ୟମାନଙ୍କରେ ଆପାତତଃ ରହିଛି, ସେଗୁଡ଼ିକ ପ୍ରକ୍ଷିପ୍ତ । ବାସ୍ତବରେ ଯେବେ ବେମନା ସେହି ସେହି ପଦ୍ୟ ଲେଖିଥାନ୍ତି, ତେବେ ତାଙ୍କର ଯେଉଁ ସ୍ଥୂଳବୁଦ୍ଧି ଓ ଲୋଭାତୁର ଶିଷ୍ୟମାନେ ଅପରସାୟନର ଗୁପ୍ତତଥ୍ୟ ପ୍ରକାଶ କରିବା ଲାଗି ଦିନ, ରାତି ତାଙ୍କୁ ବସାଇ, ଉଠାଇ ଦେଇ ନଥିବେ, ସେହିମାନଙ୍କୁ ବୋକା ବନାଇବା ପାଇଁ ସେ ସେଗୁଡ଼ିକୁ ଲେଖିଥିବେ । ସେ ଯାହା ହେଉନା କାହିଁକି, ସେହି ସବୁ ନିରର୍ଥକ ପଦ୍ୟସକଳ ଅବଶ୍ୟ ପରିତ୍ୟାଜ୍ୟ ।

ଏ ସମସ୍ତ ସଂପନ୍ନ ହେବା ପରେ ମଧ୍ୟ ଦେଖାଯିବ ଯେ ପ୍ରଭୂତ ଖାଣ୍ଟି ସୁନା ସହିତ କିଛି ଖାଦ ବେମନାଙ୍କ ପଦ୍ୟରେ ରହିଯାଉଛି । ସର୍ବୋତ୍ତମ କବି ମଧ୍ୟ ଏହା ଏଡ଼ାଇ ପାରନ୍ତି ନାହିଁ । ବିଶେଷତଃ ଜଣେ ଯେତେବେଳେ ଆଶୁକବି ହୋଇ 'ତାତ୍‌କାଳିକ ଭାବ'କୁ ବ୍ୟକ୍ତ କରିଯାଏ, ତା'ର ରଚନା ସାରବତ୍ତା ଦୃଷ୍ଟିରୁ ଅସମଞ୍ଜସ ହେବା ନିଶ୍ଚିତ । ଆହୁରି ମଧ୍ୟ ଯାହା ଆମେ ଆଗରୁ ଉଲ୍ଲେଖ କରିଛୁ, ବେମନା ସାହିତ୍ୟ ଅପେକ୍ଷା ଜୀବନସହ ଅଧିକ ସଂପୃକ୍ତ ଓ ଜଡ଼ିତ । ସେ ଜଣେ କଳାକାର ଭାବରେ ନୁହେଁ, ଯୋଦ୍ଧା ଭାବରେ ଶବ୍ଦମାନଙ୍କୁ ବ୍ୟବହାର କରନ୍ତି । ଯେତେବେଳେ ସେ ତର୍କପ୍ରବଣ ନୁହନ୍ତି, ସେତେବେଳେ ସେ ହୁଅନ୍ତି ନୀତିବିଦ୍ । ଏଥିପାଇଁ ମଧ୍ୟ ଅନେକ ସମୟରେ ତାଙ୍କ କୃତିତ୍ୱରେ ଅସମଞ୍ଜସତା ଲକ୍ଷ୍ୟ କରାଯାଏ । କବି ଓ କବିତା ସମ୍ବନ୍ଧରେ ମନ୍ତବ୍ୟ ପ୍ରକାଶ କରି ବେମନା କହନ୍ତି ଯେ ଜଣେ ଯେବେ ଗୋଟିଏ ମାତ୍ର ବିଲକ୍ଷଣ କୃତିତ୍ୱ-ସଂପନ୍ନ କବିତା ଲେଖେ, ତେବେ ମଧ୍ୟ ସେ

ବିଶୁଦ୍ଧ (ସ୍ବଚ୍ଛ) କିମ୍ବା ସବେ ଗୃହୀତ ହେବା ଉଚିତ । ସେ ପଚାରନ୍ତି, "ଗୋଟାଏ ଟୋକେଇ ଭର୍ତ୍ତି କାଚ-ପଥରର କି ମୂଲ୍ୟ ଅଛି ? ଗୋଟିଏ ମାତ୍ର ଇନ୍ଦ୍ରନୀଳମଣି ଏ ସବୁ ଠାରୁ କ'ଣ ଅଧିକ ଅକଳିତ ମୂଲ୍ୟବାନ ନୁହେଁ ?" ବେମନା କିନ୍ତୁ ଗୋଟିଏ ନୁହେଁ, ଶହ, ଶହ ଅମୂଲ୍ୟ ଇନ୍ଦ୍ରନୀଳମଣି ପୃଥିବୀକୁ ଉପହାର ଦେଇ ଯାଇଛନ୍ତି ।

ପ୍ରକୃତିର ଦାର୍ଶନିକ

ଜଣେ ସ୍ୱଦେଶୀ, ପ୍ରକୃତିର ଦାର୍ଶନିକମାନଙ୍କ ମଧ୍ୟରେ ଅନ୍ୟତମ
ଯାହାଙ୍କର ରହିଛି ରୁକ୍ଷ ସ୍ୱଭାବଜ ଜ୍ଞାନ ।—ହୋରେସ

ବେମନା ଜଣେ ବିଦ୍ୱାନ ନଥାଇ, ପ୍ରସ୍ଥାନତ୍ରୟୀ (ଭାରତୀୟ ଦର୍ଶନ ଶାସ୍ତ୍ରର ସର୍ବମାନ୍ୟ ରଚନା ତ୍ରୟ ଉପନିଷଦ, ବ୍ରହ୍ମସୂତ୍ର ଓ ଭଗବଦ୍‌ଗୀତା) ସଂପର୍କରେ ଅଜ୍ଞ ଥାଇ ମଧ୍ୟ ନିଜସ୍ୱ ଅଧିକାରରେ ଥିଲେ ଜଣେ ଦାର୍ଶନିକ । ଏହି ପରିଚ୍ଛେଦର ଶୀର୍ଷରେ ହୋରେସ୍‌ଙ୍କ ଉଦ୍ଧାର କରି ଯାହା କୁହା ଯାଇଛି, ସେହି ଭାଷାରେ ଆମେ ତାଙ୍କୁ "ପ୍ରକୃତିର ଦାର୍ଶନିକ ମାନଙ୍କ ମଧ୍ୟରେ ଅନ୍ୟତମ" ବୋଲି କହିପାରୁ । ତାଙ୍କର ମୌଳିକ ଅନ୍ତର୍ଦୃଷ୍ଟି ଓ ଜୀବନ ସମ୍ବନ୍ଧିତ ବିପୁଳ ଅଭିଜ୍ଞତା ଗୋଟିଏ ନୁହେଁ, ତିନି ତିନୋଟି ଦର୍ଶନ ପ୍ରଖ୍ୟାପନ କରିବାର ସାମର୍ଥ୍ୟ ତାଙ୍କୁ ଦେଇଥିଲା । ସେଗୁଡ଼ିକ ହେଲା- ସାମାଜିକ ଦର୍ଶନ, ନୈତିକ ଦର୍ଶନ ଓ ଧର୍ମ ନୈତିକ ଦର୍ଶନ । ଏହା ସତ୍ୟ ଯେ ସେ ଏହି ତିନୋଟିରୁ କୌଣସି ଗୋଟିକୁ ନିୟମିତ ଧାରାରେ ଉପସ୍ଥାପନ କରି ନାହାନ୍ତି । କୌଣସି ନିୟମାନୁଗତ ରୀତି ଅବଲମ୍ବନ କରିବା କ୍ଷେତ୍ରରେ ତାଙ୍କର ପ୍ରତିଭା ଥିଲା ଏକାନ୍ତ ବିଶୃଙ୍ଖଳ ଓ ତାଙ୍କର ମତିଗତି ଥିଲା ଅତ୍ୟନ୍ତ ବିସ୍ଫୋରଣଶୀଳ । ବସ୍ତୁତଃ ତାଙ୍କର ଉଦ୍‌ଘୋଷଣାମାନଙ୍କରେ ରହିଥିବା ପରସ୍ପର ବିରୋଧାତ୍ମକ ବିଷୟ ମାନଙ୍କର ନିରାକରଣ ଲାଗି ସେ ଏପରିକି ସାମାନ୍ୟତମ ଉଦ୍ୟମ କରି ନଥିଲେ । ସେ ସବୁ ପ୍ରତି ତାଙ୍କର ଦୃଷ୍ଟି ଆକର୍ଷଣ କରା ଯାଇଥିଲେ ସେ ହୁଏତ ଓ୍ୱାଲ୍‌ଟ୍‌ ହ୍ୱିଟ୍‌ମ୍ୟାନ୍‌ଙ୍କସହ ସ୍ୱର ମିଳାଇ କହିଥାନ୍ତେ···

ମୁଁ କ'ଣ ବିରୋଧ କରେ ଆପଣା ସତ୍ତାକୁ
ଆଚ୍ଛା ହେଲା, ଆପଣାକୁ କରେ ମୁଁ ବିରୋଧ
(ମୁଁ ବିରାଟ; ନିଜ ମଧ୍ୟେ ଧରିଛି ଅନେକ)

ଜଣେ ସାମାଜିକ ଦାର୍ଶନିକ ଭାବେ ବେମନା ହେଉଛନ୍ତି ମାନବୀୟ ସମତାର ପ୍ରବକ୍ତା । ତାଙ୍କର ଏହି ଉଦଗ୍ର ବିଶ୍ୱାସ ଥିଲା ଯେ ଯେତେଦିନ ପର୍ଯ୍ୟନ୍ତ ଜାତି

ପ୍ରଥାରେ ରହିଥିବା ଶ୍ରେଣୀ ବିନ୍ୟାସ ଓ ଅଧୋଗତି, ଔପଚାରିକ ବସ୍ତୁ-ପୂଜା ଓ ଧର୍ମୀୟ ନିଷେଧମାନଙ୍କୁ ହଟାଇ ଦିଆ ନ ଯାଇଛି, ସେତେ ଦିନ ପର୍ଯ୍ୟନ୍ତ କୌଣସି ପ୍ରକାର ସମତା ସମ୍ଭବ ନୁହଁ । ଜାତି ପ୍ରଥା ବିରୁଦ୍ଧରେ ତାଙ୍କର ଯୁକ୍ତିଗୁଡ଼ିକ ସମଗ୍ରତଃ ଏହିପରି : ସ୍ତ୍ରୀଲୋକମାନଙ୍କୁ ବେଦ ଅଧ୍ୟୟନରୁ ବାରଣ କରାଯାଉଥିବାରୁ ସେମାନଙ୍କ ସ୍ଥିତି ବା ପଦମର୍ଯ୍ୟାଦା ଶୂଦ୍ରଙ୍କଠାରୁ ଉଚ୍ଚତର ହୋଇ ନପାରେ । ସେଥିପାଇଁ ଜଣେ ସ୍ତ୍ରୀର ପୁଅ ନା ସ୍ୱାମୀ ଶୂଦ୍ର ହେବେ ନାହିଁ ତ କ'ଣ ହେବେ ? ଅଧିକନ୍ତୁ ଏପରି କୁହାଯାଇଛି ଯେ ପ୍ରତ୍ୟେକ ପୁରୁଷ ଜନ୍ମ ସମୟରେ ଶୂଦ୍ର ହୋଇଥାଏ । ତେବେ ଯଜ୍ଞୋପବୀତ ଗ୍ରହଣ ପାଇଁ ପାଳିତ ହେଉଥିବା ବ୍ରତୋପନୟନ କିପରି ତାଠାରେ ଉଚ୍ଚତର ପଦ-ମର୍ଯ୍ୟାଦା ନ୍ୟସ୍ତ କରି ଦେଇ ପାରେ ? ସେଥିପାଇଁ ଯାହା ଗୁରୁତ୍ୱପୂର୍ଣ୍ଣ ତାହା ନିଶ୍ଚିତ ରୂପେ ଜାତି ନୁହେଁ, ଚରିତ । ଜଣେ ଚରିତହୀନ ବ୍ୟକ୍ତିହିଁ ଜଣେ ମଲ (ଅସ୍ପୃଶ୍ୟ) । ଆହୁରି ପୁଣି ତୁମର ସେହି ତଥାକଥିତ ମଲଟି ଠିକ୍ ତୁମରି ପରି କ'ଣ ରକ୍ତ ମାଂସରେ ଗଢ଼ା ହୋଇନାହିଁ ? ତେବେ ଦୟାକରି କୁହ, ସେହି ମଲ ଭିତରେ ଯେଉଁ ପରମାତ୍ମା ନିବାସ କରିଛନ୍ତି, ସେ କେଉଁ ଜାତିର ? ଉଚ୍ଚତମ ଜାତିର ବ୍ୟକ୍ତି ହେଉ ପଛକେ, ସେ ଯେବେ ନୀଚମନା ଓ ମିଥ୍ୟାଶ୍ରୟୀ ହୋଇଥାଏ, ଜଣେ ସଦ୍‌ଗୁଣସଂପନ୍ନ ମଲ ବାସ୍ତବତଃ ତାଠାରୁ ବହୁଗୁଣରେ ବରିଷ୍ଠ । କାହିଁକି ତେବେ ଜଣେ ନିଜର ଉଚ୍ଚ ଜାତିତ୍ୱକୁ ନେଇ ବଡ଼େଇ କରିବ କିମ୍ବା ଅନ୍ୟର ନୀଚ ଜାତିତ୍ୱକୁ ଘୃଣା ଦୃଷ୍ଟିରେ ଦେଖିବ । ସବୁ ମଣିଷ କ'ଣ ଈଶ୍ୱରଙ୍କ ସନ୍ତାନ ନୁହନ୍ତି ? ସେମାନେ ସମସ୍ତେ ଜନ୍ମ ଓ ମରଣରେ କ'ଣ ଠିକ୍ ଏକାପରି ନୁହନ୍ତି ? ଯେ ଜାତିତ୍ୱକୁ ପରିହାର କରେ, ସେହି କେବଳ ଈଶ୍ୱରଙ୍କ ଲୋକ ହୋଇପାରେ ।

ଜାତି ବିଭାଗ ସହିତ ଥିବା ଶ୍ରେଣୀବିନ୍ୟାସ ଯେ ଏକ ବିଭେଦକାରୀ ଶକ୍ତି, ବେମନା ସେ ସଂପର୍କରେ ଅଜ୍ଞ ନୁହନ୍ତି । ସେ ଯଥାର୍ଥତଃ ବିଶ୍ୱାସ କରନ୍ତି ଯେ ଜାତି ଅପେକ୍ଷା ଶ୍ରେଣୀ ମଣିଷ, ମଣିଷ ଭିତରେ ଅଧିକ ବ୍ୟବଧାନ ସୃଷ୍ଟି କରେ । "ଜଣେ ଧନବନ୍ତ ବ୍ୟକ୍ତିର ଜାତି ଯେତେ ନିମ୍ନସ୍ତରର ହେଉନା କାହିଁକି, ସେ ପ୍ରଭାବଶାଳୀ ହୋଇଥାଏ, ଗରିବ ଯେତେ ଉଚ୍ଚଜାତିର ହେଉ ପଛକେ ନିସ୍ତେଜ ହୋଇ ପଡ଼େ ।" ସେ ପୁଣି କହନ୍ତି ଯେ ନିର୍ବୋଧ ଲୋକେ ସେମାନଙ୍କର ଉଚ୍ଚ ଜାତି, ବଂଶ ପରମ୍ପରା ଓ ଶାସ୍ତ୍ରଦର୍ଶିତା ଲାଗି ଯେତେ ଆସ୍ଫାଳନ କରନ୍ତୁ ନା କାହିଁକି,

ବାସ୍ତବ କ୍ଷେତ୍ରରେ ସେମାନେ ଅର୍ଥବାନ ବ୍ୟକ୍ତିର ଘୃଣ୍ୟ କ୍ରୀତଦାସ । ସେମାନେ ତା ଭିତରେ ପ୍ରତ୍ୟେକ ସୁଗୁଣ ଓ ସୁକୃତି ଦେଖିଆନ୍ତି ବା ଦେଖିବାର ଛଳନା କରନ୍ତି । ସେମାନେ ତାକୁ ସୌନ୍ଦର୍ଯ୍ୟରେ ମନ୍ମଥ ଓ ଶକ୍ତିରେ ଭୀମ ବୋଲି ପ୍ରଶଂସା କରିଥାନ୍ତି । ବେମନା ଏହି ଅନୁନୟକାରୀ ଗୃହିକାରମାନଙ୍କୁ ଘୃଣା କରନ୍ତି କିନ୍ତୁ ଧନପ୍ରତି ତାଙ୍କର ଉନ୍ନାସିକତା ନାହିଁ । ଅନ୍ୟ କବି-ସନ୍ଥମାନଙ୍କ ପରି ନ କହି ସେ ମତ ଦିଅନ୍ତି ଯେ ଧନ ଅପେକ୍ଷା ଦାରିଦ୍ର୍ୟର ଦୁର୍ନୀତି-ମୂଳକ ପ୍ରଭାବ ଅଧିକ । ସେ କହନ୍ତି, "ଏହା ସତ୍ୟ ଯେ ମା' ଓ ତା'ର ସନ୍ତାନମାନଙ୍କ ମଧ୍ୟରେ ଟଙ୍କା ପଇସା ତିକ୍ତଭାବ ସୃଷ୍ଟିର ହେତୁ ହୋଇପାରେ । କେତେକ ଲୋକ ଯାହା ଦୃଢ଼ତାର ସହ କହନ୍ତି ଯେ ଟଙ୍କା ପଇସା ମଣିଷକୁ ସୁଖର ସନ୍ଧାନ ଦିଏ ନାହିଁ, ତାହା ମଧ୍ୟ ସତ୍ୟ ଓ ଆମେ ତାହା ମାନୁ; କିନ୍ତୁ ବିନା ଟଙ୍କା ପଇସାରେ ଜଣେ ଚଳିବ କେମିତି ?" ଯେବେ କେହି ଲୋକ ସ୍ୱଇଚ୍ଛାରେ ଦାରିଦ୍ର୍ୟ ବରଣ କରେ, ସେ ପୁରାପୂରି ଅଲଗା କଥା । ସେଠାରେ ଦାରିଦ୍ର୍ୟ ତାକୁ ମହାନ କରିଦିଏ । କିନ୍ତୁ ଲୋକ ଯେତେବେଳେ ସମସ୍ତ ଉଦ୍ୟମ କରି ମଧ୍ୟ କୌଣସି ପ୍ରକାରେ ନିଜର ଦାରିଦ୍ର୍ୟ ଦୂର କରିବାର ସାମର୍ଥ୍ୟ ପାଏ ନାହିଁ, ସେତେବେଳେ ସେ ଶାରୀରିକ ଓ ନୈତିକ କ୍ଷେତ୍ରରେ କ୍ରମଶଃ କ୍ଷୀଣତର ଓ ଦୁର୍ବଳ ହୋଇପଡ଼େ । "ଜଣେ ଦରିଦ୍ର ବ୍ୟକ୍ତି ସାଧୁ କିମ୍ବା ସାହସୀ ହୋଇ ନପାରେ । ସେ ତା'ର ସ୍ତ୍ରୀ ଓ ସନ୍ତାନମାନଙ୍କର ମାନ-ସମ୍ମାନ ପ୍ରାୟଶଃ ଅକ୍ଷୁଣ୍ଣ ରଖିପାରେ ନାହିଁ ।" ବେମନାଙ୍କ ଦୃଷ୍ଟିରେ ଯେଉଁ ଲୋକ ନିଜ ପରିବାରକୁ ନିରାପତ୍ତା ଓ ସ୍ୱାଚ୍ଛନ୍ଦ୍ୟ ଯୋଗାଇପାରେ ନାହିଁ, ସେ ଦୟାର ନୁହେଁ, ଘୃଣାର ପାତ୍ର । ସେ ପୁଣି ଚେତାଇ ଦିଅନ୍ତି, "ଦରିଦ୍ରତା ହେଉଛି ଦାବାଗ୍ନି । ଏହା ତୁମକୁ ଗ୍ରାସ କରେ, ତୁମର ଯାହା କିଛି ପ୍ରିୟ, ତାକୁ ମଧ୍ୟ ଗ୍ରାସ କରେ । ନିଃସନ୍ଦେହରେ ଦାରିଦ୍ର୍ୟ ଏକ ପାପ ।" ଦାରିଦ୍ର୍ୟ ପ୍ରତି ତାଙ୍କର ଘୃଣା ଜର୍ଜ ବର୍ଣ୍ଣାଡ଼ ଶ'ଙ୍କ ସହ ସମତୁଲ୍ୟ । ଶ' ଘୋଷଣା କରିଛନ୍ତି, "ଦାରିଦ୍ର୍ୟ ହେଉଛି ସର୍ବାଧିକ ଅନିଷ୍ଟକର ଓ ମନ୍ଦତମ ଦୁଷ୍କୃତି ।"

କିନ୍ତୁ ଶ'ଙ୍କ ପରି ବେମନା ଦାରିଦ୍ର୍ୟର ସମାଜବାଦୀ ସମାଧାନ ବିଷୟ ଚିନ୍ତା କରିପାରି ନଥିଲେ । ସେ ଯେଉଁ ପରିମାଣରେ ଦୂରଦୃଷ୍ଟିସଂପନ୍ନ ହୁଅନ୍ତୁ ନା କାହିଁକି, ମଧ୍ୟଯୁଗୀୟ ଜଣେ ବ୍ୟକ୍ତି ଠାରୁ ଏପରି ବିଷୟ ଆଶା କରାଯାଇ ନପାରେ ।

ଦାରିଦ୍ର୍ୟର ମୂଳକାରଣ ଖୋଜି ବାହାର କରିବାରେ ଅସମର୍ଥ ବେମନା ଦରିଦ୍ର ଓ ଅସମର୍ଥ ବ୍ୟକ୍ତିମାନଙ୍କୁ ସେମାନଙ୍କ ଧନର କିଛି ଅଂଶ ଦାନ କରିବା ପାଇଁ ଧନୀମାନଙ୍କୁ ଆହ୍ୱାନ କରନ୍ତି । କାହାକୁ କିଛି ମାଗିବା ଅର୍ଥ ଯେ ନିଜକୁ ନୀଚ ପ୍ରତିପନ୍ନ କରିବା, ଏ ବିଷୟରେ ସେ ସଚେତନ । ସେ କହନ୍ତି, "ମାଗନ୍ତା ସବୁ ମଣିଷଙ୍କ ଠାରୁ ହୀନ ।" କିନ୍ତୁ ସଙ୍ଗେ ସଙ୍ଗେ ସେଥିରେ ଆଉ ପଦେ ଯୋଡ଼ିଦେଇ ସେ କହନ୍ତି, ମାଗନ୍ତା ଲୋକଙ୍କୁ କିଛି ନଦେଇ ଯେଉଁମାନେ ଫେରାଇ ଦିଅନ୍ତି, ସେମାନେ ଏହାଠାରୁ ମଧ୍ୟ ଘୃଣ୍ୟ । ଯୁଗ, ଯୁଗର ପୁରାତନ-ଧାରଣାର ପ୍ରତିଧ୍ୱନି ତୋଳି ସେ କହନ୍ତି, "ତୁମେ ଯେତେବେଳେ ମରିବ, ସାଙ୍ଗରେ ତୁମ ଧନକୁ ନେଇ ଯିବ ନାହିଁ । ତୁମର ପ୍ରକୃତରେ ସେଇ ହେଉଛି ସଂପତ୍ତି, ଯାହା ତୁମେ ଅନ୍ୟମାନଙ୍କ ସହ ମିଶି ଭୋଗ କର ।"

ବାସବଙ୍କ ଭଳି ବେମନା ହେଉଛନ୍ତି ଶ୍ରମ-ମର୍ଯ୍ୟାଦାରେ ବିଶ୍ୱାସୀ । ସାଧୁ ଓ ସଚ୍ଚୋଟ ବୃତ୍ତି କିଛି ନା କିଛି ଗ୍ରହଣ କରିବାକୁ ସେ ପ୍ରତ୍ୟେକଙ୍କୁ ପରାମର୍ଶ ଦିଅନ୍ତି । ତାଙ୍କର ପୁରୋହିତ-ବୃତ୍ତି ପ୍ରତି କୌଣସି ସମ୍ମାନ ବୋଧ ନାହିଁ କିମ୍ବା ବ୍ୟବସାୟ-ବାଣିଜ୍ୟର ସେ ସେପରି ପକ୍ଷପାତୀ ନୁହନ୍ତି । ମନ୍ଦିରେ ଫାଉ ଉଠାଉ-ଥିବା କିମ୍ବା ଅନ୍ୟକୁ ଶୋଷଣ କରାଯାଉଥିବା ବୃତ୍ତି ତାଙ୍କର ଘୃଣା ଉଦ୍ରେକ କରେ । ବାଇବେଲ୍‌ର ନୀତି ଉପଦେଶରେ ଟଲ୍‌ଷ୍ଟୟ ଓ ଗାନ୍ଧି ଯେପରି ଅବିଚଳିତ ତଥା ପୂର୍ଣ୍ଣ ବିଶ୍ୱାସ ସ୍ଥାପନ କରନ୍ତି, ବେମନା ମଧ୍ୟ ସେହିଭଳି କରିଥାନ୍ତି । ସେ କହନ୍ତି, "ତୁମ ମୁହଁର ସ୍ୱେଦ ବିନିଯୋଗ କରି ତୁମେ ତୁମର ରୋଟି ଖାଇବା ଉଚିତ ।" ଏହି ନୀତିବାଣୀ ଅବିକଳ ବେମନାଙ୍କର ଅନ୍ୟତମ ପଦ୍ୟରେ ଲିପିବଦ୍ଧ ଅଛି । ତାଙ୍କ ପାଇଁ କର୍ମହିଁ ଥିଲା ପୂଜା ; ପୁଣି ତାହା ଯଦି ଦୈହିକ ଶ୍ରମ ହେଲା, ଅତି ଉତ୍ତମ କଥା । ଅନ୍ୟମାନଙ୍କ ଦୃଷ୍ଟିରେ ରଜକ ହୀନ ହୋଇପାରେ, କିନ୍ତୁ ବେମନା ତାକୁ ସମାଜର ଶ୍ରେଷ୍ଠତମ ସେବକ ମନେ କରନ୍ତି । ପ୍ରତ୍ୟେକ ମୌଳିକ ଉତ୍ପାଦନକାରୀ ଏବଂ ବିଶେଷତଃ କୃଷୀ ହେଲେ ତାଙ୍କର ଅତି ପ୍ରିୟ । ସେ ଗୋଟିଏ ସ୍ଥଳରେ ନିଜକୁ ସଗର୍ବରେ 'କାପୁ' ବୋଲି ସୂଚାଇଥିବାରୁ କେହି କେହି ଏହି ସିଦ୍ଧାନ୍ତରେ ହଠାତ୍ ପହଞ୍ଚି ଗଲେ ଯେ ବେମନା ମଧ୍ୟ ଜାତିଗତ ଅହମିକା ଠାରୁ ଊର୍ଦ୍ଧ୍ୱରେ ନୁହନ୍ତି । ବେମନାଙ୍କର ଗର୍ବବୋଧ ଜାତିରେ ନାହିଁ, ଅଛି ବୃତ୍ତିରେ, କୃଷି

ବୃତ୍ତିରେ । ପର୍ଯ୍ୟଟନକାରୀ-ଗୁରୁ ହେବା ପୂର୍ବରୁ ସେ 'କାପୁ' ଥିଲେ । ସେ ଯେଉଁ ଥରେ, ଦୁଇଥର ରେଡ୍ଡି ଜାତି ଅର୍ଥାତ୍ ଯେଉଁଥିରେ ସେ ଜନ୍ମ, ତାହା ସଂପର୍କରେ ସୂଚାଇଛନ୍ତି, ସେଥିରେ ସେ ଏହି ଜାତିକୁ ସେପରି କିଛି ସମ୍ମାନ ପ୍ରଦର୍ଶନ କରି ନାହାନ୍ତି ।

ଏକ ପ୍ରଶସ୍ତ ତଥା ପରିଧିଗତ ଦୃଷ୍ଟିକୋଣରୁ ଏହା ହେଉଛି ବେମନାଙ୍କର ସାମାଜିକ ଦର୍ଶନ । ମର୍ମବାଣୀ ଦୃଷ୍ଟିରୁ ଏହା ହେଉଛି ଊଣା ଅଧିକେ ଅନ୍ୟାନ୍ୟ ମଧ୍ୟଯୁଗୀୟ ରହସ୍ୟବାଦୀ ସନ୍ଥ ବାସବ, ଜ୍ଞାନଦେବ, ନାମଦେବ, ତୁକାରାମ, ରାମାନନ୍ଦ, କବୀର, ଦାଦୁ, ନାନକ, ଲାଲଦାସ, ରଇଦାସ ଓ ଚୈତନ୍ୟଙ୍କର ସାମାଜିକ ଦର୍ଶନର ସମଧର୍ମୀ । ଏହି ମହାନ ଗୁରୁବୃନ୍ଦ ସେମାନଙ୍କ ସାଧ୍ୟାନୁଯାୟୀ ଏକ ବିପ୍ଳବ ଆନୟନ କରିଥିଲେ । କିନ୍ତୁ ଏହାର ପ୍ରଭାବ ଥିଲା ବାହ୍ୟ ଓ କ୍ଷଣସ୍ଥାୟୀ । କାହିଁକି ? ଧୂର୍ଜଟୀ ପ୍ରସାଦ ମୁଖର୍ଜୀଙ୍କ ଦ୍ୱାରା ଲିଖିତ ଏକ ମୌଳିକ ତଥା ଚମତ୍କାର ଗ୍ରନ୍ଥ "ମଡର୍ଣ୍ଣ ଇଣ୍ଡିୟାନ୍ କଲ୍‌ଚର୍" (ଆଧୁନିକ ଭାରତୀୟ ସଂସ୍କୃତି) ରେ ଯଥାର୍ଥତଃ ଏ ସଂପର୍କରେ ସୂଚାଇ ଦିଆଯାଇଛି ଯେ "ଭାରତର ସମାଜ-ଆର୍ଥନୀତିକ ବ୍ୟବସ୍ଥାରେ ମୌଳିକ ପରିବର୍ତ୍ତନର ଅଭାବ ଯୋଗୁଁ ଏ ରହସ୍ୟବାଦୀ ଆଧ୍ୟାତ୍ମିକ ବିପ୍ଳବ କେବଳ ବିପ୍ଳବର ପ୍ରତିବିମ୍ବରେ ମାତ୍ର ପର୍ଯ୍ୟବସିତ ହେବା ପରିଲକ୍ଷିତ ହେଲା ।"

ଏବେ ଆମେ ବେମନାଙ୍କ ନୈତିକ ଦର୍ଶନ ପ୍ରତି ଦୃଷ୍ଟିପାତ କଲେ ଦେଖିବା ଯେ ଏହା ଦୁଇଟି ସ୍ତରରେ ପ୍ରକାଶ ଲାଭ କରିଛି । ବେମନା ଜଣେ ଆଦର୍ଶବାଦୀ ହେଲେ ହେଁ ମନୁଷ୍ୟ ସ୍ୱଭାବର ସସୀମତା ସଂପର୍କରେ ଅଜ୍ଞ ନୁହନ୍ତି । ସେ ଜାଣନ୍ତି, ପ୍ରତ୍ୟେକ ଜଣେ ଜଣେ ଯୋଗୀ ହୋଇ ପାରିବେ ନାହିଁ । ସେ ଏହା ମଧ୍ୟ ଜାଣନ୍ତି ଯେ ଆନ୍ତରିକ ସ୍ତରରେ ଯୋଗୀ ହେବାର ପ୍ରବୃତ୍ତି ନଥାଇ ଯୋଗୀ ହେବାକୁ ଯାଇ ଯେଉଁମାନେ ଜଣେ, ଜଣେ ନିର୍ବୋଧ ଓ ଶଠ ହୋଇ ପଡନ୍ତି, ସେମାନଙ୍କ ଅପେକ୍ଷା ସାଧୁ ଓ ସତ୍ୟନିଷ୍ଠ ଗୃହସ୍ଥ ଅପରିମିତ ମହତ୍ତର । ସେଥିପାଇଁ ସେ ସାଧାରଣ ଲୋକଙ୍କ ପାଇଁ ଏକ ପ୍ରକାର ନୈତିକ ଆଚରଣ ବିଧି ନିର୍ଦ୍ଦେଶ କଲାବେଳେ, ଯୋଗୀର ସଂକୀର୍ଣ୍ଣ ଓ ସଙ୍କଟପୂର୍ଣ୍ଣ ଜୀବନ-ପଥ ଗ୍ରହଣ କରିବା ପାଇଁ ଯଥେଷ୍ଟ ମନୋବଳ ସଞ୍ଚୟ କରିଥିବା

ବ୍ୟକ୍ତିମାନଙ୍କୁ ଅନ୍ୟ ପ୍ରକାର ନିର୍ଦ୍ଦେଶ ଦେଇଥାନ୍ତି । ଆପାତତଃ ବିରୋଧାତ୍ମକ ରୂପେ ପ୍ରତୀୟମାନ ତାଙ୍କର ଭାବଧାରାମାନଙ୍କୁ ଚିହ୍ନିତ କରିବାକୁ ହେଲେ ଜାଣି ରଖିବାକୁ ହେବ ଯେ ପରସ୍ପର ମଧ୍ୟରେ ବିପୁଳ ବ୍ୟବଧାନ ଥିବା ଦୁଇଶ୍ରେଣୀର ଶ୍ରୋତୃମଣ୍ଡଳୀଙ୍କୁ ସେ ପ୍ରବଚନ ଦେଇଛନ୍ତି ।

ଯାହାଠାରେ ଯୋଗୀ ହେବାର ପ୍ରବୃତ୍ତି ରହିଛି, ବେମନା ତାକୁ କହନ୍ତି ଯେ ଗାର୍ହସ୍ଥ୍ୟ ଜୀବନ ହେଉଛି ଏକ ଯନ୍ତ୍ରା, ଏକ ଫାଶ; ସ୍ତ୍ରୀ କମ୍ବା ସନ୍ତାନ କେହି କାହାର ଅନୁଗମନ କରନ୍ତି ନାହିଁ, ଯୌନ-ଜୀବନ ହେଉଛି ଆବିଳ ଓ ନିକୃଷ୍ଟ, ପାର୍ଥିବ ଧନ-ସଂପତ୍ତି ଏକାନ୍ତ କ୍ଷଣସ୍ଥାୟୀ ଏବଂ ସେଥିପାଇଁ ଜଣେ ଏକ ମନ, ଏକ ଚିତ୍ତରେ ଆତ୍ମୋପଲବ୍ଧିର ଅନୁସନ୍ଧିତ୍ସା ନିମିତ୍ତ ପ୍ରତ୍ୟେକ ବିଷୟ ତ୍ୟାଗ କରିବା ଉଚିତ । ଅବଶିଷ୍ଟଙ୍କ ଲାଗି ସେ କହନ୍ତି, ଦେଖ, ପ୍ରତ୍ୟେକେ ଯେ ଜଣେ, ଜଣେ ଯୋଗୀ ସନ୍ୟାସୀ ହେବେ, ଏମିତି କିଛି କଥା ନାହିଁ; କିନ୍ତୁ ତୁମେ ନିଶ୍ଚିତ ଭାବେ ଜଣେ, ଜଣେ ଭଲ ମଣିଷ ଓ ଉତ୍ତମ ନାଗରିକ ହୋଇ ପାରିବ । ଯୁବାବସ୍ଥାରେ ଜଣେ ଆଜ୍ଞାଧୀନ ପୁତ୍ର ଓ ବିଚକ୍ଷଣ ଛାତ୍ର ହୁଅ । ସଦ୍‌ବୃତ୍ତି ଅବଲମ୍ବନ ପାଇଁ ନିଜକୁ ପ୍ରସ୍ତୁତ କର । ବୟସ ବୃଦ୍ଧିପ୍ରାପ୍ତ ହେଲେ ଦରିଦ୍ର ପରିବାରର ହେଉ ପଛକେ ଜଣେ ସୁଶ୍ରୀ ଓ ବିନମ୍ରା କନ୍ୟାକୁ ବିବାହ କର । ଜଣେ ସ୍ନେହଶୀଳା ଓ ବୁଦ୍ଧିମତୀ ବୋଧ ସପନ୍ନା ପତ୍ନୀଟିଏ ପାଇବା ଯେ ଅତ୍ୟନ୍ତ କଷ୍ଟସାଧ୍ୟ ବିଷୟ, ଏଥିରେ ସନ୍ଦେହ ନାହିଁ । କିନ୍ତୁ ସେ ଭଳି ଜଣକୁ ପାଇବାର ସୌଭାଗ୍ୟ ଯେବେ ଘଟେ, ତେବେ ତୁମର ସୌଖ୍ୟ ଅବଧାରିତ । ସେ ତୁମକୁ ଉପଲବ୍ଧି କରାଇବ ଯେ ତୁମେ ହେଉଛ ତା'ର ସଂସାର ଅର୍ଥାତ୍ ଗୃହର ପ୍ରଭୁ । ସୁନ୍ଦର ଓ ଗୁଣବାନ ସନ୍ତାନ, ସନ୍ତତି ଲାଭର ସୌଭାଗ୍ୟ ଯେବେ ତୁମର ହୁଏ, ତେବେ ସ୍ୱର୍ଗର ଆଶୀଷ ଧାରା ତୁମ ଉପରେ ଝରି ପଡ଼ୁଛି ବୋଲି ଜାଣିବାକୁ ହେବ । ଅବିରତ ନିଷ୍ଠାପୂତ କର୍ମରେ ନିରତ ରହି ସେମାନଙ୍କର ସମସ୍ତ ପାଥିବ ଅଭାବ ମୋଚନ କର । କଷ୍ଟ ବିନା ଏ ଜୀବନରେ କୃଷ୍ଣପ୍ରାପ୍ତି ଘଟେ ନାହିଁ । "ପାଣି ନଦେଲେ କ'ଣ ମଲ୍ଲୀ ଫୁଟେ ?" ସଦାସର୍ବଦା ଦୟାଳୁ ଓ ଦାନଶୀଳ ହୁଅ । ଦୀନ-ଦୁଃଖୀ ମାନଙ୍କୁ ନିଜ ଦୁଆରୁ ତଡ଼ି ଦିଅ ନାହିଁ । ଯେଉଁ ଲୋକ ଉତ୍ତମ କାର୍ଯ୍ୟରେ ବିନିଯୋଗ ନକରି ଧନ ଗୁଡ଼ାଏ ଜମା କରି ରଖେ, ସେ ହେଉଛି, "ବିସ୍ତୀର୍ଣ୍ଣ ଶସ୍ୟ କ୍ଷେତ୍ରରେ ଏକ ଡାମରା କାଉ ଭଳି ; ପ୍ରାଚୁର୍ଯ୍ୟରେ ଥାଇ ମଧ୍ୟ ତା'ର କିଛିହିଁ

ନଥାଏ ।" ତୁମର ପିତାମାତାଙ୍କୁ ସବୁମନେ ସମ୍ମାନ ଦଅ । ଯେତେ ଐଶ୍ବର୍ଯ୍ୟ ଓ ଯଶ, ଖ୍ୟାତିର ଅଧିକାରୀ ହୁଅ ପଛକେ କୌଣସି ପରିସ୍ଥିତିରେ ମଧ୍ୟ ତୁମ ପିତାଙ୍କୁ ନ୍ୟୂନ ଅନୁଭବ କରିବାକୁ ଦିଅ ନାହିଁ । ସତ୍ୟାନୁସନ୍ଧାନୀମାନେ ଉଦ୍ଭଟ ଭାବଭଙ୍ଗୀ ଓ କଥାବାର୍ତ୍ତାରେ ଅଶାଡୁଆ ପ୍ରତୀୟମାନ ହୋଇ ପାରନ୍ତି ; ମାତ୍ର ସେଥିପାଇଁ ତାଙ୍କୁ ଉପହାସ କର ନାହିଁ । ଗର୍ବ କିମ୍ବା ଅସ୍ବଶ୍ଲାଘା କର ନାହିଁ । ବୃଥା ଗର୍ବୀ, ନିର୍ବୋଧଟି ଏକାନ୍ତ ଅଧମଟିଏ । ଦୃଷ୍ଟିଭଙ୍ଗୀରେ ଉଦାର ହୁଅ, ବଚନରେ ମନସ୍ବୀ ହୁଅ ; ତୁମ କ୍ରିୟାକଲାପରେ ମହାନୁଭବତା ଫୁଟିଉଠୁ । ଏପରି ହେଲେ ହିଁ ଜଣେ ଗୃହସ୍ଥ ଭାବରେ ତୁମେ ଆତ୍ମ-ପରିପୂର୍ଣ୍ଣତା ଲାଭ କରିବ । "ଜଣେ ଉତ୍ତମ ଗୃହସ୍ଥ ହେଉଛି ବାସ୍ତବତଃ ଗୃହସ୍ଥାଶ୍ରମର ଯୋଗୀ ।"

ଯୌନ ପ୍ରବୃତ୍ତିର ଅଶାଣ୍ୟ ସ୍ବଭାବ ସମ୍ପର୍କରେ ବ୍ୟକ୍ତିଗତ ଭାବେ ଅବହିତ ବେମନା କହିବାକୁ ଯାଆନ୍ତି : ଏହା ସତ୍ୟ ଯେ ରମଣୀର ରୂପଲାବଣ୍ୟ ପ୍ରଲୋଭନ ସମ୍ମୁଖରେ ପୁରୁଷ ଏକ କଣାଦାସ । ଏପରିକି ଜଣେ ଯୋଗୀ ମଧ୍ୟ ଉନ୍ମାଦକାରୀ ସୌନ୍ଦର୍ଯ୍ୟସମ୍ପନ୍ନା ଲଳନାର ସାହଚର୍ଯ୍ୟ ଲାଭକଲେ ସବୁ ସମୟରେ ନିଜ ମନକୁ ଶୁଦ୍ଧ ଓ ଅବିଚଳିତ ରଖିପାରେ ନାହିଁ । ତଥାପି ଜଣେ ଗୃହସ୍ଥ ଭାବେ ତୁମେ ତୁମ ପତ୍ନୀଙ୍କଠାରେ ଏକାନ୍ତ ବିଶ୍ବସ୍ତ ରହିବା ଉଚିତ । ଅନ୍ୟ ଲୋକର ସ୍ତ୍ରୀକୁ ଲୋଭ କରିବା, ଏପରିକି ତା ପ୍ରତି ଲାଳସାସିକ୍ତ ଦୃଷ୍ଟିପାତ କରିବା ହେଉଛି ପାପ । ଯଦି ବା ଏଭଳି ଆମୋଦ ଲାଗି ତୁମର ସାମର୍ଥ୍ୟ ଥାଏ, ତେବେ ତୁମେ ଦେବଦାସୀମାନଙ୍କ-ଠାରୁ ଦୂରରେ ରହ । ବାହାରକୁ ଯେତେ ମନଲୋଭା ଦିଶିଲେ ବି ସେମାନେ ଗୋଟିଏ ଗୋଟିଏ କୁତ୍ସିତ ପ୍ରାଣୀ । ସେମାନେ ଚଞ୍ଚଳମନା, ଲୋଭାତୁରା । ସେମାନଙ୍କର ପଥର ଛାତି । ସେମାନେ ତୁମକୁ ଭିକାରୀ ବନାଇ ଦିଅନ୍ତି ଓ ଶେଷରେ ଚିପୁଡ଼ା ଲେମ୍ବୁଫାଳ ପରି କରି ତୁମକୁ ଫୋପାଡ଼ି ଦିଅନ୍ତି । ଯେବେ ନିହାତି ଦେବଦାସୀଟିଏ ରଖିବ (ଏଠାରେ ବେମନାଙ୍କ ଭିତରେ ଥିବା ବାସ୍ତବ-ବାଦୀଟି ପୁନଶ୍ଚ ଆଗକୁ ବାହାରି ଆସେ), ତେବେ ଯାହାର ସୁବଳିତ ଅଙ୍ଗସୁଷମା ଅଛି ଓ ଯିଏ ଆଚରଣ ବ୍ୟବହାର ଦ୍ବାରା ଆକର୍ଷଣ କରେ ଓ ନୃତ୍ୟ, ସଙ୍ଗୀତରେ ନିପୁଣତା ଲାଭ କରିଛି, ସେହିଭଳି ଗୋଟିକୁ ବାଛ । ତା'ର ସଙ୍ଗ ଲୋଡ଼ିବା ପୂର୍ବରୁ ଦେଖିନିଅ,

ଯେପରି ତା'ର ବଞ୍ଚିଥିବା ମାଆ ନଥାଏ । (ଜଣେ ଯୋଗୀ କିପରି ଏଭଳି ମହତ୍ତ୍ୱ-ହୀନକର ଉପଦେଶ ଦେଇ ପାରିଲେ, ଏହା ଭାବି କେହି ଯେବେ ଚମକି ପଡ଼ନ୍ତି, ସେମାନଙ୍କୁ ଅଙ୍ଗୁଳି ନିର୍ଦ୍ଦେଶ କରି କହିଦେବା ଉଚିତ ହେବ ଯେ ଏହି ଅଳ୍ପଦିନ ପୂର୍ବେ ଅର୍ଥାତ୍ ଊନବିଂଶ ଶତାବ୍ଦୀର ଶେଷ ଆଡ଼କୁ ହିନ୍ଦୁ ସମାଜରେ ଦେବଦାସୀ ରଖିବା ଆଭିଜାତ୍ୟ ବା ପଦମର୍ଯ୍ୟାଦାର ପ୍ରତୀକ ରୂପେ ଗୃହୀତ ହେଉଥିଲା ।)

ବେମନାଙ୍କର ଅବଶିଷ୍ଟ ନୈତିକ ଉପଦେଶାବଳୀର ସଂକ୍ଷିପ୍ତ ସାର ଏହିପରି : ସମସ୍ତ ପ୍ରକାର ପରିସ୍ଥିତିରେ ତୁମେ ତୁମର ଜ୍ଞାନାଲୋକଠାରେ ସତ୍ୟବଦ୍ଧ ରୁହ ଓ ଶକ୍ତିମାନ୍ ହୁଅ । ସିଂହଟିଏ ଯେତେବେଳେ ଦୁର୍ବଳ ଓ ରୁଗ୍ଣ ହୋଇପଡ଼େ, କୁକୁର ତାକୁ ଆକ୍ରମଣ କରି ଶାସ୍ତି ନପାଇ ଖସିଯାଏ । ଏହାର ଅର୍ଥ ନୁହେଁ ଯେ ତୁମେ ସବୁ କ୍ଷେତ୍ରରେ ନିଜର ବଳବିକ୍ରମର ଉପଯୋଗ କରିବାକୁ ଯିବ । ଶକ୍ତିଶାଳୀ ଲୋକଟି ଗୋଟିଏ ନୀରବ ବ୍ୟକ୍ତିଟିଏ ; ସେ ମଧ୍ୟ କ୍ଷମାଶୀଳ । ତୁମର ହିଂସାକୁ ପରିହାର କରିବା ଉଚିତ । ତୁମ ପାଇଁ ଅଣହତ୍ୟା ଏକ ଧର୍ମୀୟ ବିଶ୍ୱାସ ଓ ସିଦ୍ଧାନ୍ତରେ ପରିଣତ ହେଉ । କେତେକ ଲୋକ ମହାଭାରତକୁ ପଞ୍ଚମବେଦ ବୋଲି କହି ଭାରି ବଡ଼ କରି ଦେଖାନ୍ତି । ତା'ହେଲେ ସେମାନେ ଭ୍ରାତୃହତ୍ୟାଜନିତ ସଂଗ୍ରାମ ଓ ରକ୍ତପାତ ପ୍ରତି ଅନୁରକ୍ତ ବୋଲି ଆମେ ଧରିନେବା ଉଚିତ ହେବ କି ? "ଏପରିକି ତୁମର ସବୁଠାରୁ ଘୃଣ୍ୟତମ ଶତ୍ରୁ ଯେବେ ତୁମ ହାତମୁଠାକୁ ଆସେ, ତୁମେ ତାକୁ ହତ୍ୟା କରିବା ଠିକ୍ ନୁହେଁ ; ବରଂ ତୁମର ତା' ପ୍ରତି ଉତ୍ତମ ବ୍ୟବହାର ରହୁ ଓ ତୁମେ ତାକୁ ଏହାପରେ ମୁକ୍ତ କରିଦିଅ ।" ମନୁଷ୍ୟ-ହତ୍ୟା ଭଳି ଅନ୍ୟ ଯେ କୌଣସି ଜୀବ ହତ୍ୟା ଏକାନ୍ତ ଭର୍ତ୍ସନୀୟ । କାହିଁକି ତୁମେ ଗୋଟିଏ ପ୍ରାଣୀର ଜୀବନକୁ ଏତେ ଶସ୍ତା ମଣିବ ? ସେ କ'ଣ କୌଣସି ନିର୍ବୋଧ ଓ ମୂର୍ଖ ବ୍ୟକ୍ତିଠାରୁ ମଧ୍ୟ ଅଧମ । "ଏକମାତ୍ର ସେହି ଜନ୍ତୁଟିକୁ ତୁମେ ହତ୍ୟା କରି ପାର, ଯେଉଁ ଜନ୍ତୁଟି ତୁମ ନିଜ ଭିତରେ ରହିଛି ।" ପ୍ରତ୍ୟେକ ସଚେତନ ତଥା ବୋଧକ୍ଷମ ପ୍ରାଣୀଠାରେ ଅନୁରାଗୀ ରହି ବିଜ୍ଞତାର ସହ ଜୀବନ ବିତାଅ ଓ ଭଗବତ କୃପା ଲାଭ କରି ପ୍ରବୁଦ୍ଧ ହୁଅ । ବୃଦ୍ଧ ଅର୍ଥ ସ୍ଥବିର ହେବା ନୁହେଁ, ବିଜ୍ଞ ହେବା । ଯାହା ହେଉନା କାହିଁକି ତୁମେ କେବେ ଭାବ ନାହିଁ ଯେ ବିଜ୍ଞତା ହେଉଛି ବୟସର

ଏକଗୁଣିଆ ଅଧିକାର । କେହି କେହି ଯୁବକ ମଧ୍ୟ ଭ୍ରମ ଚଳପଥରେ ଆଲୋକ ସମ୍ପାତ କରିପାରିବା ଭଳି ପ୍ରଚୁର ବିଜ୍ଞତା ଅର୍ଜନ କରି ପାରନ୍ତି । "ଅଳ୍ପ ବୟସର ଲୋକ ହାତରେ ଅଛି ବୋଲି ବନ୍ଧଆ କ'ଣ କଳିଆ ଆଳୁଅ ଦେବ ?" ମନେ ରଖ, ଯେ ଘାସ ଖାଏ, ସେ ଫଳର ଲୋଭନୀୟ ସ୍ୱାଦ ଜାଣିପାରେ ନାହିଁ ; ଠିକ୍ ସେହିପରି କ୍ଷୁଦ୍ର, କ୍ଷୁଦ୍ର କଳାରେ ବିଶେଷ ଜ୍ଞାନ ଅର୍ଜିଥିବା ବ୍ୟକ୍ତି ଏକାନ୍ତ ମହତ୍ତ୍ୱପୂର୍ଣ୍ଣ ଜୀବନ-କଳାକୁ କେତେ ବା ପସନ୍ଦ କରେ ? ବାସ୍ତବତଃ ଜୀବନ କଳାହିଁ ହେଉଛି ଶ୍ରେଷ୍ଠତମ କଳା ।

ବେମନାଙ୍କର ସ୍ୱଭାବଗତ ଦୁର୍ବଳ ଖୁଣଟି ହେଉଛି ନାରୀ ମୂଳକ । କାରଣ ଆମେ ଦେଖୁଁ ଯେ ସେ ଏକ ଉତ୍ତମ ଓ ଉଦ୍ଦେଶ୍ୟପୂର୍ଣ୍ଣ ଜୀବନଧାରାର ଖସଡ଼ା ନିର୍ଦ୍ଦେଶ କଲାବେଳେ ନାରୀକୁ ସେଥିରେ ନିକୃଷ୍ଟତର ତଥା ଘୃଣାଜନକ ସ୍ଥାନ ଦିଅନ୍ତି । ତାଙ୍କ ଦୃଷ୍ଟିରେ ନାରୀ ହେଉଛି ସମସ୍ତ ଅନିଷ୍ଟର ଉତ୍ସ । ସେ ହେଉଛି ପାପୀ, ସେ ହେଉଛି ଦେଲିଲ୍ହା, ଯେ ପୁରୁଷର ପତନକୁ ଡାକି ଆଣେ । ତା'ଠାରୁ ଦୂରରେ ରହିବା ସବୁଠାରୁ ଭଲ । ତାହା ଯେବେ କରି ନପାର, ତେବେ ତାକୁ ଦୃଢ଼ ପ୍ରତିବନ୍ଧ ଭିତରେ ରଖ । ସେ ଗୃହ ମଧ୍ୟରେ ଆବଦ୍ଧ ରହିବା ଓ ତା'ର ସ୍ୱାଚ୍ଛନ୍ଦ୍ୟ ସମସ୍ତ ସମ୍ଭାବ୍ୟ ଭାବରେ ଖର୍ବିତ ହେବା ଉଚିତ । ଜଣେ ନାରୀର ପାତିବ୍ରତ୍ୟ ଓ ସତ୍ୟନିଷ୍ଠାରେ ବିଶ୍ୱାସ ସ୍ଥାପନ କରିବା ନିର୍ବୋଧତା । "ସମୁଦ୍ରରେ ଯାଉଥିବା ଜାହାଜ ଓ ଆକାଶରେ ଉଡ଼ୁଥିବା ପକ୍ଷୀର ଗତିପଥ ଯେପରି, ନାରୀର ଗତି-ବିଧି ସେହିପରି ।" ଧନ ଥିଲାବେଳେ ସେ ସ୍ୱାମୀର ଯତ୍ନ ନିଏ, ଅଭାବ ସମୟରେ ଆଡ଼ ଆଖିରେ ଚାହେଁ ନାହିଁ ; ବଞ୍ଚିଥିଲେ ମଧ୍ୟ ମଲଣି ବୋଲି ଧରିନିଏ । ସେହି ବେମନା ପୁଣି ଏମିତି କହନ୍ତି ଯେ ଜନନୀ ବନ୍ଦନୀୟା ; ସେ ମୂର୍ତ୍ତିମତୀ ଦେବୀ ରୂପେ ପୂଜାର୍ହା, —ଏ କଥା କେମିତି ଅଖାଡ଼ୁଆ ଲାଗେ । ଯେତେବେଳେ ସେ ନାରୀ ବିଶେଷ କରି ପତ୍ନୀକୁ ନିନ୍ଦା କରି ବସନ୍ତି, ସେ ସ୍ୱଭାବତଃ ଭୁଲି ଯାଆନ୍ତି ଯେ ନାରୀ ସାଧାରଣତଃ ପତ୍ନୀ ନହୋଇ ମାତା ହୋଇପାରେ ନାହିଁ । ସେ ଯାହା ହେଉ, ଯେଉଁଠି ନାରୀମାନେ ସମ୍ପର୍କିତ, ସେଠାରେ ସେ ଏକାନ୍ତ ରକ୍ଷଣଶୀଳ ; ଯଦିଚ ପ୍ରତିକ୍ରିୟାଶୀଳ ନୁହନ୍ତି । କିନ୍ତୁ କ୍ୟାମ୍ପ୍‌ବେଲ୍ ବେମନାଙ୍କ ପାଇଁ କେତେକ ନିଷ୍କୃତି ଲକ୍ଷ୍ୟ କରି

କହନ୍ତି, "ଭାରତରେ ନାରୀମାନେ ହେଉଛନ୍ତି ଯେ କୌଣସି ସଂସ୍କାରର ଅଟଳ ପରିପନ୍ଥୀ। ବେମନା, ତେଣୁ ନିର୍ଦ୍ଦିଷ୍ଟ ଭାବେ ଲକ୍ଷ୍ୟ କରିଛନ୍ତି ଯେ ପାରମ୍ପରିକ ମତ ଓ ପ୍ରଥା ପ୍ରତି ସେମାନଙ୍କର ଦୃଢ଼ ତଥା ଆନ୍ତରିକ ସମର୍ଥନ ରହିଥିବା ଯୋଗୁଁ ଯେ କୌଣସି ସଂସ୍କାର ଆନୟନ କ୍ଷେତ୍ରରେ ତାଙ୍କର ପ୍ରଭାବ କ୍ଷୀଣ ହୋଇ ଯାଉଛି ଓ ସମସ୍ତ ଉଦ୍ୟମ ବ୍ୟର୍ଥତାରେ ପର୍ଯ୍ୟବସିତ ହେଉଛି।" ସ୍ୱୀକାର କରିବାକୁ ହେବ ଯେ ଏହା ବହୁ ପରିମାଣରେ ସତ୍ୟ। କିନ୍ତୁ ଭାରତରେ ନାରୀମାନଙ୍କର ଏ ଅଧୋଗତି ପାଇଁ ପୁରୁଷମାନେ କ'ଣ ପ୍ରତ୍ୟକ୍ଷ ଭାବେ ଦାୟୀ ନୁହଁନ୍ତି ? ଯୁଗ, ଯୁଗ ଧରି ନାରୀମାନଙ୍କୁ ସ୍ୱାଧୀନତା, ଶିକ୍ଷା ଓ ଜ୍ଞାନାଲୋକରୁ ବଞ୍ଚିତ ରଖି ଆସିବା ପାଇଁ ସେମାନେ କ'ଣ ଦାୟୀ ନୁହଁନ୍ତି ? କୌଣସି ଜାତି କ'ଣ ଅର୍ଦ୍ଧମୁକ୍ତ, ଅର୍ଦ୍ଧ କ୍ରୀତଦାସ, ଅର୍ଦ୍ଧ-ଶିକ୍ଷିତ, ଅର୍ଦ୍ଧ ନିରକ୍ଷର, ଅର୍ଦ୍ଧ ସଭ୍ୟ ଓ ଅର୍ଦ୍ଧ ଅଜ୍ଞ ହୋଇପାରେ ? ଏହିପରି ଏକ ଜାତିର ଦ୍ୱିତୀୟାର୍ଦ୍ଧଟି ଯେବେ ମୃତକଳ୍ପ ଭାରରେ ପରିଣତ ହୋଇ କେବଳ ବୋଝସ୍ୱରୂପ ହୁଏ, ତେବେ ପ୍ରଥମାର୍ଦ୍ଧର ଦ୍ୱାରା ଦେଶରେ କିଦାର ସ୍ତୂପ ଜମା ହେବା ତ ନ୍ୟାଯ୍ୟ କଥା !

ବେମନା ବେଦର କର୍ତ୍ତୃତ୍ୱକୁ ପ୍ରତ୍ୟାଖ୍ୟାନ କଲେ ହେଁ ତାଙ୍କ ଧର୍ମଗତ ଦର୍ଶନରେ ସେ ଜଣେ ବେଦାନ୍ତି ହିଁ ପ୍ରତୀୟମାନ ହୁଅନ୍ତି। ସେ କହନ୍ତି, "ଗଣିକା ପରି ବେଦ ତୁମକୁ ଉତ୍ତେଜିତ କରେ ଓ ବିପଥକୁ ଟାଣିନିଏ।" ଅର୍ଥ ନ ଜାଣି ଯେଉଁମାନେ ବେଦ ଉଚ୍ଚାରଣ କରନ୍ତି, ସେମାନଙ୍କ ପ୍ରତି ତାଙ୍କର ଘୃଣା ସମ୍ମାନ ଥାଏ। ସେ ସେମାନଙ୍କୁ "ହାଡ଼ଖଣ୍ଡ ଚୋବାଉଥିବା କୁକୁର" କହନ୍ତି। ବେଦ ଉଚ୍ଚାରଣ ଦ୍ୱାରା ସେମାନଙ୍କର କଣ୍ଠନଳୀର ବ୍ୟାୟାମ ହୁଏ ବିନା ଅନ୍ୟ କୌଣସି ଫଳ ମିଳେ ନାହିଁ। ବୈଦିକ ଯୋଗ, ଯଜ୍ଞ ମଧ୍ୟ ଏକାପରି ନିଷ୍ଫଳ ହୋଇଥାଏ। ପୁରାଣଗୁଡ଼ିକ ମଧ୍ୟ "ମିଥ୍ୟା ସମୂହର ଖେଚଡ଼ି"। ଏହି ପୁରାଣ-ମାନଙ୍କ ଦ୍ୱାରା ଅନୁପ୍ରାଣିତ ମୂର୍ତ୍ତିପୂଜା ମୂର୍ତ୍ତିପୂଜକଙ୍କୁ ଚୂଡ଼ାନ୍ତ ସତ୍ୟମାନଙ୍କ ପ୍ରତି ଅନ୍ଧ କରିଦିଏ। ଯେଉଁମାନେ ଖୋଦିତ ପ୍ରସ୍ତରଠାରେ ବିଶ୍ୱାସ ସ୍ଥାପନ କରନ୍ତି, ସେମାନେ 'ଅଜ୍ଞ', 'ବୋକା', 'ଜ୍ଞାନହୀନ' ଓ 'ପାଗଳ'। ଯେଉଁ ରାଜାମାନେ ପ୍ରକାଣ୍ଡ ମନ୍ଦିର ସବୁ ନିର୍ମାଣ କରାଇ ସେଥିରେ ମୂର୍ତ୍ତିଗୁଡ଼ିକ ସ୍ଥାପନ କରି ଯାଇଛନ୍ତି,

ସେମାନେ ନିଜେ ତ ଯୁଦ୍ଧରେ ପରାଜୟବରଣ କିମ୍ବା ନିହତ ହେଲେ, ଅଥଚ ସେହି ମୂର୍ତ୍ତିମାନଙ୍କୁ ଭାଙ୍ଗିଥିବା ଲୋକେ ଆଜି ରାଜ୍ୟ ଶାସନ କରୁଛନ୍ତି । ମୂର୍ତ୍ତିମାନେ ଯେବେ ଦେବତା, କାହିଁକି ସେମାନେ ତାଙ୍କ ପୂଜକମାନଙ୍କୁ ରକ୍ଷା ନ କଲେ ? ଅଧିକନ୍ତୁ ତଥାକଥିତ ଧର୍ମଶାସ୍ତ୍ର ସବୁ ନ୍ୟାୟର ନୁହନ୍ତି, ଘୋର ଅନ୍ୟାୟର ଗ୍ରନ୍ଥ ସମୂହ । ପୁସ୍ତକ ତଥା ପୁସ୍ତକଗତ ଜ୍ଞାନ ଉପରେ ନିର୍ଭର କରିବା ବ୍ୟର୍ଥ କଥା । ପରମେଶ୍ୱରଙ୍କର ପ୍ରତ୍ୟକ୍ଷ ଅନୁଭୂତି ଯେବେ କେହି ପାଇପାରେ, ତାହାହିଁ ପ୍ରଣିଧାନ୍ୟ, ତାହାହିଁ ମୁକ୍ତିର ଏକମାତ୍ର ପଥ ।

ଆମେ ଏହାର ଜଟିଳ ତତ୍ତ୍ୱ ଭିତରକୁ ନଯାଇ କହି ପାରିବା ଯେ ବେମନାଙ୍କର ଧର୍ମ-ଦର୍ଶନ ହେଉଛି ଅଦ୍ୱୈତ ପନ୍ଥୀ ଦର୍ଶନ । କିନ୍ତୁ କେବଳ ବେଦ ଓ ଅନ୍ୟାନ୍ୟ ପ୍ରାଚୀନ ଧର୍ମଗ୍ରନ୍ଥମାନଙ୍କୁ ପ୍ରତ୍ୟାଖ୍ୟାନ କରିବାରେ ନୁହେଁ, ଜୀବାତ୍ମାକୁ ପରମାତ୍ମା ବୋଲି ଚିହ୍ନିବା ଉପରେ ଜୋର ଦେଉଥିବାରୁ ସେ ଅନ୍ୟାନ୍ୟ ଅଦ୍ୱୈତବାଦୀଙ୍କ-ଠାରୁ ଅଲଗା ଜଣା ପଡ଼ନ୍ତି । ସେ କହନ୍ତି "ବ୍ରହ୍ମାଙ୍କୁ ମାରି ବିଷ୍ଣୁଙ୍କ ସହ ମିଳାଇ ଦିଅ, ବିଷ୍ଣୁଙ୍କୁ ମାରି ଶିବଙ୍କ ଠାରେ ଏକାକାର କରିଦିଅ, ଶିବଙ୍କୁ ମାରି ଆପଣା ଭିତରେ ବରଣ କରିନିଅ । କେବଳ ତାହାପରେ ହିଁ ତୁମେ ହୁଅ ଏକ ମୁକ୍ତିଙ୍କ ଯୋଗୀ ।" ଅନ୍ୟ କେହି ହିନ୍ଦୁ ଚିନ୍ତକ ଏହିଭଳି କହିବାକୁ କ'ଣ ସାହସ କରିଛି ?

ଡକ୍ଟର ଜ. ଭି. କିଷ୍ଟରାୟଙ୍କ ଦ୍ୱାରା ବେମନାଙ୍କ ଦର୍ଶନ ଏହିପରି ବିବୃତ ହୋଇଛି—

ପ୍ରତ୍ୟେକ ଜୀବର ହୃଦନ୍ତରରେ ବିଦ୍ୟମାନ ଈଶ୍ୱର ମନୁଷ୍ୟ ଠାରୁ ଭିନ୍ନ ନୁହନ୍ତି । ମନୁଷ୍ୟ ଯେତେବେଳେ ତାଙ୍କର ସତ୍ତା ଅନୁଭବ କରେ, ନିଜର ଅହମିକା ଓ ଇନ୍ଦ୍ରିୟବାସନାକୁ ବିସର୍ଜନ ଦେଇ ସମ୍ପୂର୍ଣ୍ଣ ଭାବେ ଆପଣାକୁ ତାଙ୍କଠାରେ ହଜାଇ ଦିଏ, ସେତେବେଳେ ସେ ତାଙ୍କ (ଈଶ୍ୱର) ସହ ଏକାକାର ହୋଇଯାଏ ; ନଚେତ୍ ବା ନିଜେହିଁ ଈଶ୍ୱର ହୋଇଯାଏ । ଯେଉଁମାନେ ଏହି ମୌଳିକତତ୍ତ୍ୱ ବୁଝନ୍ତି ନାହିଁ, ସେହିମାନେ ତାଙ୍କୁ ମନ୍ଦିର କିମ୍ବା ତୀର୍ଥସ୍ଥଳୀରେ ଖୋଜି ବୁଲନ୍ତି । କେତେକ ସଂସାରତ୍ୟାଗୀ ହୋଇ ଭବିଷ୍ୟତରେ ଅନ୍ୟ ଏକ ଜଗତରେ ତାଙ୍କୁ ଭେଟିବାର

ନିର୍ବୋଧ ବିଶ୍ୱାସ ପୋଷଣ ପୂର୍ବକ ଉପସ୍ଥାପନ କରନ୍ତି । ଏହା ହେଉଛି ବିପୁଳ ମାୟା, ବିରାଟ ଅସତ୍ୟ । "ବର୍ତ୍ତମାନର ଏହି ଜଗତରେ ଯେବେ ପରମାନନ୍ଦ ଉପଲବ୍ଧ ନହେଲା, ଅନ୍ୟ ଜଗତରେ ତାହା କପରି ଲାଭ କରାଯାଇ ପାରିବ ଯେଉଁ ନିର୍ଯାସ ପ୍ରାରମ୍ଭରେ ନାହିଁ, ତାହା ପରିଣତିରେ କପରି ମିଳିପାରିବ ?" ମନୁଷ୍ୟ ଠାରୁ ଦୂର, ଅପହଞ୍ଚ, ବହୁଦୂରରେ, ଏହି ପରିଦୃଶ୍ୟମାନ ଜଗତର ଅନ୍ୟ ପଟରେ ପରମେଶ୍ୱର ବିଦ୍ୟମାନ ବୋଲି କହିବା ଭ୍ରମାତ୍ମକ । ସେ ଏଇଠି, ମଣିଷ ଭିତରେ, ତା' ଘରପାଖରେ ଅଛନ୍ତି । ତାଙ୍କୁ ଖୋଜିବାକୁ ହେବ ଓ ନିଜ ଭିତରେ ଉପଲବ୍ଧି କରିବାକୁ ହେବ । "ଏପରିକି ଏହି ପ୍ରକାର ଜଣେ ଅନ୍ବେଷୀକୁ ଆପଣା ଗ୍ରାମଟି ଛାଡ଼ି ଦୂରକୁ ଯିବାକୁ ପଡ଼ିବ ନାହିଁ । ତା' ଯିବା ବାଟରେ କେତେଟା କୋକିଶିଆଳୀ ବାହାରିଲେ ତାହା ଗଣିବା ବ୍ୟତୀତ ଅନ୍ୟ କେଉଁଥିପାଇଁ ସେ ବାହାରକୁ ଯିବ ?"

ବେମନା ମନୁଷ୍ୟକୁ ସବୁ ବିଷୟର କେନ୍ଦ୍ରରେ ସ୍ଥାପିତ କରିଥିବା ଯୋଗୁଁ ତାଙ୍କ ଦର୍ଶନ ହେଉଛି ମୂଳତଃ ମାନବବାଦୀ । ଡକ୍ଟର୍ ଈଶ୍ୱର ଟୋପା "ସେଣ୍ଟ ବେମନା : ହିଜ୍ ଫିଲସଫି" (ସନ୍ଥ ବେମନା : ତାଙ୍କ ଦର୍ଶନ) ପୁସ୍ତକରେ ଏ ସମ୍ପର୍କରେ ଉତ୍ତମ ଦୃଷ୍ଟି ଆକର୍ଷଣ କରି କହନ୍ତି ଯେ ବେମନା "ଆତ୍ମ ସଂସ୍କୃତିକରଣର" ପକ୍ଷ ସମର୍ଥନ କରନ୍ତି । ସେ ସ୍ପଷ୍ଟ ବୁଝାଇ କହନ୍ତି, "ବେମନାଙ୍କର ସଂସ୍କୃତିଗତ ଆଦର୍ଶର ହର୍ମ୍ୟ ମାନବବାଦୀ ନୀତି ସମୂହର ଅବଲମ୍ବନରେ ଗଢ଼ି ଉଠିଛି । ଆପଣା ବ୍ୟକ୍ତିତ୍ୱର ଶୁଭତାଜନିତ ମହତ୍ତ୍ୱ ପ୍ରତିଷ୍ଠା କରିବା ପାଇଁ ମଣିଷକୁ ନିଜେ ନିଜର ପଥ ପ୍ରସ୍ତୁତ କରିବାକୁ ହେବ । ତା'ର ପ୍ରାଣବନ୍ତ ବ୍ୟକ୍ତିତ୍ୱ ମଧ୍ୟରେ ସେହି ମହାନ ସତ୍ତା ସଂଗୁପ୍ତ ଥିବାରୁ କୌଣସି ଅଣମାନବିକ ବିଷୟ ତା'ର ସହାୟତା କରିପାରେ ନାହିଁ । ଏ ପରିସ୍ଥିତିରେ ଯାହା ଆବଶ୍ୟକ, ତାହା ହେଉଛି, ମନୁଷ୍ୟର ସର୍ବାଙ୍ଗୀନ ମଙ୍ଗଳ ବିଧାନ କରିବାକୁ ହେଲେ ମାନବିକ ଗୁଣାବଳୀର ସଂସ୍କୃତିକରଣ ସମ୍ପର୍କରେ ଅବହିତ ହେବାକୁ ପଡ଼ିବ ।"

ମାନବୀୟ ପ୍ରବୃତ୍ତି ଓ ଇନ୍ଦ୍ରିୟମାନଙ୍କର ଅବଦମନ ନୁହେଁ, ବିଶୁଦ୍ଧୀକରଣ ହିଁ ବାସ୍ତବରେ ବେମନାଙ୍କ ଭାବଧାରାର କୈନ୍ଦ୍ରିକ ସତ୍ତା । ମନୋବିଶ୍ଳେଷଣ ଧାରାର

ଜନକ ଫ୍ରଏଡ଼ଙ୍କ ସଙ୍ଗେ ଯେପରି ପୂର୍ବରୁ ଅନୁମାନ କରି ବେମନା ସ୍ପଷ୍ଟ ସୂଚାଇଛନ୍ତି ଯେ ମନୁଷ୍ୟ ପ୍ରକୃତିକୁ ଗତିଶୀଳ କରାଇବାରେ ଜୈବିକ ଶକ୍ତିର ଅନ୍ୟତମ ପ୍ରଧାନ ଉତ୍ସ ହେଉଛି ଯୌନ ପ୍ରବୃତ୍ତି । ସେ କହନ୍ତି, "ଗୋଟିଏ ସୁନ୍ଦରୀ ଯୁବତୀକୁ ଦେଖି ତୁମ ଭିତରେ ଯେଉଁ ଇନ୍ଦ୍ରିୟ ବାସନା ଜାଗି ଉଠେ, ତାହା ଆଧ୍ୟାତ୍ମିକ ବାସନାରେ ରୂପାନ୍ତରିତ ହେବା ଉଚିତ ।" ପରମାତ୍ମାଙ୍କ ସହ ଯୋଗମାର୍ଗରେ ଯେଉଁ ମିଳନ ଘଟେ ତାହାକୁ ସେ ଯୌନମିଳନ ସହ ତୁଳନା କରନ୍ତି । ଏହି ଭାବଧାରାକୁ ଅନ୍ୟ ପ୍ରକାରରେ ଅଭିବ୍ୟକ୍ତ କରି ସେ କହନ୍ତି, "ଜଣେ ଯଥାର୍ଥକାମୀ (ଇନ୍ଦ୍ରିୟାସକ୍ତ ପ୍ରେମିକ) ନହେଲେ ମୋକ୍ଷକାମୀ (ଆଧ୍ୟାତ୍ମିକ ଶକ୍ତିର ସନ୍ଧାନକାରୀ) ହୋଇପାରିବ ନାହିଁ ।" ଏହାକୁ ଆହୁରି ପରିମାର୍ଜିତ ଓ ସ୍ପଷ୍ଟ କରି ସେ କହନ୍ତି, "ପତି ଯେପରି ଇନ୍ଦ୍ରିୟ ଜ୍ୱାଳାରେ ଅସ୍ଥିର ହୋଇ ପତ୍ନୀକୁ ଲୋଡ଼ିଥାଏ, ଯୋଗୀ ସେହିପରି ଈଶ୍ୱରଙ୍କୁ ଲୋଡ଼ିବା ଉଚିତ ।"

ନାଗାର୍ଜୁନ କିମ୍ବା ଶଙ୍କରଙ୍କ ଭଳି ବୁଦ୍ଧିଦୀପ୍ତ ପାଣ୍ଡିତ୍ୟ ବେମନାଙ୍କର ନଥିଲା କିମ୍ବା ସେ ଜଣେ ପ୍ରମୁଖ ଓ ପ୍ରତିଷ୍ଠିତ ଦାର୍ଶନିକ ନୁହନ୍ତି । ତଥାପି ତାଙ୍କର ଏକ ନିଜସ୍ୱ ଦର୍ଶନ ରହିଛି ଓ ଏହା ପ୍ରତ୍ୟେକ ମଣିଷ ତଥା ମଣିଷ ଜୀବନର ପ୍ରତ୍ୟେକଟି ବିଭବକୁ ଆବୃତ କରେ । ଏହା ଯେପରି ଅନେକ କିଛି ପାର୍ଥିବ ବିଷୟ ସମ୍ପର୍କିତ, ସେହିପରି ଆଧ୍ୟାତ୍ମିକ ବିଷୟ ସମ୍ବଳିତ ; ଯେପରି ବାସ୍ତବଧର୍ମୀ, ସେହିପରି ଆଦର୍ଶ-ମୂଳକ ।

ବିଶୁଦ୍ଧ ଓ ବିରଳ ପ୍ରତିଭା

କବିକୁଳେ ସଦା ମିଳେନା ଯେପରି ଶୁଦ୍ଧ ପ୍ରତିଭାଧର,
ସେପରି ମିଳେନା ରୁଚିମଣ୍ଡିତ ସୂକ୍ଷ୍ମ ବିହାଁଣି-କାର । [ପୋପ୍]

ପ୍ରତ୍ୟେକଙ୍କ ଦୃଷ୍ଟିକୋଣରୁ ବେମନା ଏକ ପ୍ରତିଭାଧର ବ୍ୟକ୍ତି । ଯଥାର୍ଥରେ ସେ ଏକ ବିଶୁଦ୍ଧ ଓ ବିରଳ ପ୍ରତିଭା । ଏକ ଅନାମଧେୟ ପଲ୍ଲୀ ଗ୍ରାମରେ ଭୂମିଷ୍ଠ ଓ ସମ୍ବର୍ଦ୍ଧିତ ହୋଇଥିଲେ ହେଁ ସେ ସମଗ୍ର ଜଗତକୁ ଆପଣା ଦିବ୍ୟଜ୍ଞାନର ପରିଧି ମଧ୍ୟକୁ ଆଣିଥିଲେ । ଇନ୍ଦ୍ରିୟ ପରାୟଣ ଜୀବନ ବିତାଇବା ପରେ ସେ ନିଜ ଉପରେ ଦୃଢ଼ ନିୟନ୍ତ୍ରଣ ପ୍ରତିଷ୍ଠା କଲେ ଓ ଜଣେ ସନ୍ଥ ହୋଇଗଲେ । ନିୟମାନୁବଦ୍ଧ ଶିକ୍ଷା ଲାଭ କରି ନଥିଲେ ହେଁ ନିଜ ଭାଷାକୁ ସେ ଏପରି ଆୟତ୍ତ କଲେ ଯେ ସେଥିରେ ସେ ନୂତନ ସୌନ୍ଦର୍ଯ୍ୟ ଓ ସାମର୍ଥ୍ୟ ଭରି ଦେଇ ପାରିଲେ । କୌଣସି ସାହିତ୍ୟିକ ଅଭିପ୍ସା ନଥାଇ ମଧ୍ୟ ସେ କେବଳ ତାଙ୍କ ସମୟର ନୁହେଁ, ସକଳ ଯୁଗର ଅନ୍ୟତମ ଶ୍ରେଷ୍ଠ କବି ହୋଇଗଲେ । ନିଜ ରାଜ୍ୟର କିମ୍ବା ଅନ୍ୟ କେଉଁ ସ୍ଥାନର କାହାରି କୌଣସି ଦାର୍ଶନିକ କୃତି ଅନୁଧ୍ୟାନ ନ କରି ମଧ୍ୟ ସେ ଯେଉଁ ଦର୍ଶନର ପରିପ୍ରଚାର କଲେ, ତାହା ଯେପରି ବହୁଧା ଅର୍ଥବହ ଓ ସାହସିକ, ଆଧୁନିକ ମାନବବାଦୀ ଚିନ୍ତାଧାରା ଦୃଷ୍ଟିରୁ ସେହିପରି ବ୍ୟାପକ ଓ ସୁଦୂରପ୍ରସାରୀ । ବିରୋଧାତ୍ମକ ଆଦର୍ଶବାଦୀ ସାମ୍ମୁଖ୍ୟ ବିରୁଦ୍ଧରେ ଏକାକୀ ସେ ଯୁଦ୍ଧ ଚଳାଇଥିଲେ । ସତ୍ୟକୁ ତା ସ୍ଥାନରେ ଅଧିଷ୍ଠିତ କରିବା ପାଇଁ ସେ ବହୁମୂର୍ତ୍ତି ଭଗ୍ନ କରିଥିଲେ । ମଣିଷକୁ ବନ୍ଧନମୁକ୍ତ କରିବାଲାଗି ସେ ବହୁ ବିଶ୍ୱାସ, ବହୁ ପୂର୍ବ ପ୍ରତିଷ୍ଠିତ ଧାରଣାକୁ ଖଣ୍ଡ ବିଖଣ୍ଡ କରିଦେଲେ । ଦୁଇଟି ମାତ୍ର ପାଦଧରି ସେ ସାଜିଲେ ପ୍ରଚଣ୍ଡ ପ୍ରଭଞ୍ଜନ ଏବଂ ସମ୍ମୁଖରେ ଯାହା କିଛି ପାଇଲେ ତାକୁ ତଡ଼ି ନେଲେ । ତଥାପି ବହୁ-ଲୋକଙ୍କର ସେ ହେଲେ ପ୍ରିୟଭାଜନ । କାରଣ ସେ ତାଙ୍କର ତୀକ୍ଷ୍ଣଧୀ ଗାମ୍ଭୀର୍ଯ୍ୟକୁ ସୁରଫେନ ର ଉଚ୍ଛ୍ୱାସ ରେ ପରିଣତ କଲେ । ନିଜର ସମସ୍ତ ଗୂଢ଼ ଭାବକୁ

ହାସ୍ୟରସ ମାଧ୍ୟମରେ ହାଲୁକା କରଦେବା ସଙ୍ଗେ ସଙ୍ଗେ ବ୍ୟଙ୍ଗବିଦ୍ରୂପ ସହାୟତାରେ ଆପଣା ବାଣୀମାନଙ୍କୁ ପ୍ରାଣବନ୍ତ କଲେ । ସେ ଧର୍ମକୁ କଲେ ପଠନ ଯୋଗ୍ୟ ଓ ନୀତି-ଉପଦେଶ ପ୍ରଦାନକୁ କବିତାର ମହତ୍ତ୍ୱ ଓ ମାଧୁର୍ଯ୍ୟରେ କଲେ ରସାଣିତ ।

ବେମନା କେବଳ ଜଣେହିଁ ହୋଇପାରନ୍ତି । ତାଙ୍କ ପ୍ରତିଭା ତାଙ୍କୁ କରିଥିଲା । ଏକକ ଓ ଅନନ୍ୟ । ତଥାପି ବିଶ୍ୱର ଅନ୍ୟାନ୍ୟ ମହାପୁରୁଷ ମାନଙ୍କ ସହିତ ସାଧାରଣ କେତେକ ବିଷୟରେ ତାଙ୍କର ସାମଞ୍ଜସ୍ୟ ଥିଲ । ଦୃଷ୍ଟାନ୍ତ ସ୍ୱରୂପ କୁହାଯାଇ ପାରେ ଯେ ତାଙ୍କର ଥିଲ ବେକନ୍‌ଙ୍କ ଶ୍ଳେଷାତ୍ମକ କ୍ଷୁଦ୍ର କବିତାର ସାବଲୀଳତା ଓ ଚମତ୍କାରିତା ମାତ୍ର ନଥିଲ ଏହି ଲର୍ଡ଼ଚାନସେଲର୍‌ଙ୍କର ନିମ୍ନ ଶ୍ରେଣୀସ୍ଥ ନୈତିକ ଦୃଷ୍ଟିଭଙ୍ଗୀ । ତାଙ୍କର ପୁଣି ଥିଲ ପୋପ୍‌ଙ୍କର ଉଦାରଳତା ଓ ନିପୁଣତା ମାତ୍ରନଥିଲ ତାଙ୍କର ଅଭିଯୋଗ ପ୍ରବଣତା । ସ୍ୱିଫ୍‌ଟ୍‌ଙ୍କର ଶକ୍ତିମତ୍ତା ଥିଲ ତାଙ୍କର; କିନ୍ତୁ ସେ ଏହି ବିଷଣ୍ଣ ଡ଼ିନ୍‌ଙ୍କର ମାନବ ବିଦ୍ୱେଷିତା ବରଣ କରି ନ ଥିଲେ । ତାଙ୍କର ଥିଲ ରୁଷୋଙ୍କ ଭଳି କ୍ୱଚିଳମାନ ଭାବାବେଗ କିନ୍ତୁ ଏହି ଫରାସୀ ଚିନ୍ତା ନାୟକଙ୍କର ଅରାଜକତା ପ୍ରତି ଝୁଙ୍କ ତାଙ୍କର ନଥିଲ । ତାଙ୍କଠାରେ ଭଲ୍‌ଟାୟାର୍‌ଙ୍କ ଚଟୁଳତା ନଥାଇ ଥିଲ ସେହି ବିଜ୍ଞାନୀ ପଣ୍ଡିତଙ୍କର ଶ୍ଳେଷପ୍ରବଣତା ଓ ତର୍କଶୀଳତା । ତାଙ୍କର ପୁଣିଥିଲ ଶ'ଙ୍କର ଚାତୁର୍ଯ୍ୟ ଓ ଖାମଖେୟାଲି ରୀତି ସହ ଅଭିବ୍ୟକ୍ତିଗତ ସ୍ୱଚ୍ଛତା ଓ ଉତ୍ତର କାଳୀନ ଟଲ୍‌ଷ୍ଟୟଙ୍କର ନୈତିକ ଉଷ୍ମତା ସହ ଏହି ସାହିତ୍ୟିକ ପିତୃପୁରୁଷଙ୍କର ଅଟଳ ବିଶ୍ୱବୋଧ । ବେମନାଙ୍କର ନିନ୍ଦୁକଗଣ ହୁଏତ କହିପାରନ୍ତି ଯେ ତାଙ୍କୁ-ଦେଖି ସେମାନଙ୍କର ଏପରି ଜଣେ ବ୍ୟକ୍ତିଙ୍କ ବିଷୟ ମନକୁ ଆସେ, ଯେ ଇତିହାସର କେହିନୁହନ୍ତି କେବଳ କଥାସାହିତ୍ୟର ଏକ ଚରିତ୍ର ; ଅର୍ଥାତ୍ ସେ ଜଣକ ନାମତଃ ହେଉଛନ୍ତି ଡନ୍ କୁଇକ୍‌ସୋଟ୍ । ଏଭଳି ମତପୋଷଣ କରୁଥିବାରୁ ସେମାନଙ୍କ ସହିତ କେହି କଳି କରିବା ଅନାବଶ୍ୟକ । "ଦି କନ୍‌ସାଇଜ୍ ଅକ୍‌ସଫୋର୍ଡ ଡିକ୍‌ସନାରୀ" ଅନୁସାରେ ଜଣେ କୁଇକ୍‌ସୋଟ୍ ହେଉଛି, "ଉତ୍ସାହ-ପୁଷ୍ଟ ସ୍ୱପ୍ନଦର୍ଶୀ, ମହତ୍ ଅଥଚ ଅସଙ୍ଗତ ଆଦର୍ଶବାଦୀ । ସେ ହେଉଛି ଏପରି ଏକ ବ୍ୟକ୍ତି ଯେ ଗୌରବ ଓ ଅନୁରାଗ ତୁଳନାରେ ବସ୍ତୁଗତ ସ୍ୱାର୍ଥ ପ୍ରତି ଅତି ମାତ୍ରାରେ ଅନବହିତ ।" ଏହି-ସଂଜ୍ଞା ବହୁଳାଂଶରେ ବେମନାଙ୍କ ପ୍ରତି ପ୍ରଯୋଜ୍ୟ, ନହେଲେ ସେ ଯେଭଳି ଏକକ ଓ

ଅନନ୍ୟ ହୋଇଥିଲେ, ସେଭଳି ହୋଇ ନଥାନ୍ତେ । ଅବଶ୍ୟ କେଲେ ବେଳେ ସେ ତାଙ୍କର ଯୁକ୍ତି, ସ୍ଥିରମତ ଓ ଆଦର୍ଶ ବାଦକୁ ଚରମ ସ୍ତରକୁ ଘେନି ଯାଇଥିଲେ । ସେ ଯେତେବେଳେ ପୃଥ୍ୱୀଆଡ଼କୁ ଚାହିଁ ଲକ୍ଷ୍ୟ କଲେ ଯେ ଅନେକ ଭଣ୍ଡ ଏ ଗୋଷ୍ଠୀ ବା ସେ ସମ୍ପ୍ରଦାୟର ଚିହ୍ନ ସ୍ୱରୂପ ନିର୍ଦ୍ଦିଷ୍ଟ ପୋଷାକ ବା ଘଟାଟୋପ ଲଗାଇ ଧର୍ମଗୁରୁ ଭାବେ ଆପଣାକୁ ଚଳାଇ ନେଉଛନ୍ତି, ସେଥିପାଇଁ, ବୋଧହୁଏ, ସେ ତାଙ୍କ ଜୀବନର ଶେଷଭାଗ ଆଡ଼କୁ ସବୁପ୍ରକାର ଲୁଗାପଟା ତ୍ୟାଗ କରିଥିଲେ । ଏ ସମ୍ପର୍କରେ ତାଙ୍କର ବକ୍ତବ୍ୟ ହେଉଛି, ଯେତେବେଳେ କୌଣସି ଲୁଗାପଟା ନ ପିନ୍ଧି ଆମେ ଏ ପୃଥିବୀକୁ ଆସିଛୁ ଓ ଏଠା ଛାଡ଼ି ଗଲାବେଳେ କିଛି ପିନ୍ଧି କରି ଯାଉନାହିଁ, ସେତେବେଳେ ଆମର ଆଗମନ ଓ ପ୍ରସ୍ଥାନର ମଧ୍ୟବର୍ତ୍ତୀ କାଳରେ ଲୁଗା ପାଇଁ କାହିଁକି ମୁଣ୍ଡବ୍ୟଥା ହେବିବୁ । ତାଙ୍କର ଅଦ୍ଭୁତ ଓ ଅବାଗିଆ ସ୍ୱଭାବର ଅନ୍ୟତମ ଦୃଷ୍ଟାନ୍ତ ହେଉଛି ନାରୀ ପ୍ରତି ତାଙ୍କର ଅନୁରାଗ ଓ ବିରାଗର ସହାବସ୍ଥିତ ଭାବ । ଯେବେ କୁହାଯିବ ଯେ ସେ ସବୁ ଥିଲା ତାଙ୍କର ବୈଫଲ୍ୟ ଓ ବିଭ୍ରମ, ତେବେ ସେହିସବୁ ତାଙ୍କ ବ୍ୟକ୍ତିତ୍ୱକୁ ରୂପ-ରଙ୍ଗ-ରସରେ ଗୁଣାନ୍ୱିତ କରିଥିଲା ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ ।

ଆପଣା ଦେଶର କବିମାନଙ୍କ ମଧ୍ୟରେ ତାମିଲନାଡୁର ତିରୁଭଲ୍ଲୁଭର, ହିନ୍ଦୀ ଭାଷା ଅଞ୍ଚଳର କବୀର ଓ କର୍ଣ୍ଣାଟକର ସର୍ବଜ୍ଞଙ୍କ ସହ ବେମନା ଚିନ୍ତାଧାରାରେ ଅନେକ ନିକଟବର୍ତ୍ତୀ ଜଣାଯାନ୍ତି । ଡକ୍ଟର ଜି. ଇଉ. ପୋପ୍ ତିରୁଭଲ୍ଲୁଭରଙ୍କୁ "ବିଶ୍ୱମାନବର ସ୍ୱରଣ" ବୋଲି ଅଭିହିତ କରନ୍ତି । ବେମନା ମଧ୍ୟ ସେହିଭଳି ଏକ ସ୍ୱରଣ । ବର୍ତ୍ତମାନ କାଳ ଦୃଷ୍ଟିରୁ ଏମାନଙ୍କ ମଧ୍ୟରେ ପନ୍ଦର ଶହ ବର୍ଷର ବ୍ୟବଧାନ; ଏମାନେ ପୁଣି ଥିଲେ ଭିନ୍ନ ଭିନ୍ନ ଅଞ୍ଚଳର ଅଧିବାସୀ; ସମସ୍ତ ସମ୍ଭାବ୍ୟ ଦୃଷ୍ଟିକୋଣରୁ ଏମାନେ ଭିନ୍ନ ମତ ଓ ବିଶ୍ୱାସ ସାଧାରଣରେ ବ୍ୟକ୍ତ କରିଥିଲେ; ଭିନ୍ନ ଭାଷାରେ ଏମାନେ ଲେଖିଥିଲେ; କିନ୍ତୁ ସେମାନଙ୍କର ବାର୍ତ୍ତା ହେଉଛି ଏକ- ମନୁଷ୍ୟର ଏକତ୍ୱ । ତିରୁଭଲ୍ଲୁଭର କହନ୍ତି, "ଜନ୍ମ କାଳରେ ସବୁ ମଣିଷ ସମାନ" । ପରେ ସେମାନେ ଯେବେ ପରସ୍ପରଠାରୁ ଅଲଗା ଜଣାଯାନ୍ତି, ତାହା ଧର୍ମ ବା ଜାତି ପାଇଁ ନୁହେଁ, କେବଳ ସେମାନେ "ଚରିତ୍ର ଦୃଷ୍ଟିରୁ ଭିନ୍ନ" ବୋଲି । ସେ ପୁନଶ୍ଚ କହିଛନ୍ତି "ଲୋକେ

ଉଚ୍ଚ କୁଳରେ ଜନ୍ମ ହୁଅନ୍ତି ପଛକେ ଯେବେ ଉନ୍ନତ ଗୁଣରାଜି ସେମାନଙ୍କର ନଥାଏ, ତେବେ ସେମାନେ ନୀଚ ହୁଅନ୍ତି; ଅଥଚ ନୀଚକୁଳରେ ଜନ୍ମ ହୋଇ ମଧ୍ୟ ସେମାନେ ଯେବେ ଉଚ୍ଚ ଆଦର୍ଶ ଅନୁସରଣ କରନ୍ତି, ସେମାନେ ହୁଅନ୍ତି ମହାନ୍ । ଅବଧି ଆମେ ଯାହା ଦେଖିଛୁ, ବେମନା ମଧ୍ୟ ସେହି ସମସତ୍ୟକୁ ଦୃଢ଼ତର ଭାବେ ଅଭିବ୍ୟକ୍ତ କରିଛନ୍ତି । ମନୁଷ୍ୟର ଏକତ୍ୱ ସମ୍ପର୍କରେ ତାଙ୍କର ଧାରଣା ବସ୍ତୁତଃ ଏତେ ଉନ୍ନତ, ଏପରି ଚିତ୍ତାକର୍ଷକ ଓ ଏଭଳି ସର୍ବଜନବେଶିତ ଯେ ସେଥିପାଇଁ ପ୍ରବର୍ତ୍ତନା ଦେଇ ସେ କହନ୍ତି :

ଖାଦ୍ୟ ବାଢ଼ି ଦିଅ ସଭିଙ୍କୁ,
ବିଶ୍ୱର ସକଳ ଲୋକଙ୍କୁ
ଏକଇ ଥାଳୀରେ ।
ସକଳେ ଭୁଞ୍ଜାଅ ଏକ ସାଥେ
ଭୁଲିଯାଇ ସବୁ ଭେଦାଭେଦ :
ଊର୍ଦ୍ଧ୍ୱେ ତୋଳି ହାତ
ଏକାପରି ଚଳିବାକୁ ତାଙ୍କୁ
କର ସୁକଲ୍ୟାଣ ।

କବୀରଙ୍କ ଭଳି ବେମନା ଈଶ୍ୱରଙ୍କ ଏକତ୍ୱ ସମ୍ପର୍କରେ ଅବିଚଳିତ ତଥା ଏକନିଷ୍ଠ ଗୁରୁତ୍ୱ ପ୍ରଦାନ କରନ୍ତି । କବୀର କହନ୍ତି, "ଯେ ଆଲ୍ଲା, ସେଇହିଁ ରାମ", ବେମନା କହନ୍ତି, "ଆଲ୍ଲା ପ୍ରତ୍ୟେକ ବିଷୟରେ ପୂର୍ଣ୍ଣ; ଏବଂ ସେହିଁ ହେଉଛନ୍ତି ଈଶ୍ୱର ।" ତାଙ୍କ ପାଇଁ ଶିବ ଓ ଆଲ୍ଲା ହେଉଛନ୍ତି ଏକ । ଈଶ୍ୱରଙ୍କ ଏକତ୍ୱରେ ନିହିତ ଅଛି ଧର୍ମ ଓ ଜୀବନର ଏକତ୍ୱ । ଠିକ୍ କବୀରଙ୍କ ପରି ବେମନା ମଧ୍ୟ ଏହି ସତ୍ୟ ଉପରେ ନିର୍ଦ୍ଦିଷ୍ଟ ଗୁରୁତ୍ୱ ଆରୋପ କରନ୍ତି । ବେମନା କହନ୍ତି, "ଦେହଟିମାନ ଅଲଗା; କିନ୍ତୁ ଯେଉଁ ପ୍ରାଣସତ୍ତା ତାକୁ ଜୀବନ୍ତ କରେ ତାହା ହେଉଛି ଏକ । ଖାଦ୍ୟ ସବୁ ଭିନ୍ନ ଭିନ୍ନ; କିନ୍ତୁ କ୍ଷୁଧା ହେଉଛି ଏକ । ଗାଈମାନେ ଭିନ୍ନ ଭିନ୍ନ ରଙ୍ଗର ହେଲେ ବି ସେମାନଙ୍କର କ୍ଷୀର ହେଉଛି ଧଳା । ଅଳଙ୍କାର ପଞ୍ଚ ଆକାର-ପ୍ରକାରରେ ଭିନ୍ନ ହେଲେ ବି ଯେଉଁ ସୁନାରେ ସେଗୁଡ଼ିକ ତିଆରି, ତାହା ହେଉଛି ଏକ । ଭାଷା

ଅଲଗା ଅଲଗା, କିନ୍ତୁ ଭାବଧାରା ଏକ । ଜାତି ଓ ଧର୍ମ ଭିନ୍ନ, ଭିନ୍ନ; କିନ୍ତୁ ଜନ୍ମ ହେଉଛି ଏକ । ଫୁଲ ସବୁ ଭିନ୍ନ; କିନ୍ତୁ ପୂଜା ଏକ । ଦର୍ଶନ ସବୁ ଭିନ୍ନ ଭିନ୍ନ କିନ୍ତୁ ଦେବତ୍ୱ ଏକ !" ଏକତା ସମ୍ବନ୍ଧରେ ବେମନାଙ୍କ ଧାରଣା ବାସ୍ତବରେ ଏଭଳି ବ୍ୟାପକ ଯେ ଏଥିରେ ବୋଧକ୍ଷମ ସକଳ ଜୀବ ଏପରିକି ନିର୍ଜୀବ ବସ୍ତୁଗୁଡ଼ିକ ମଧ୍ୟ ଅନ୍ତର୍ଭୁକ୍ତ ।

ପୁନଶ୍ଚ ମୂର୍ତ୍ତିପୂଜାକୁ ନିନ୍ଦା କରିବାରେ ବେମନା କବୀରଙ୍କ ସହ ଏକମତ । କବୀର କହନ୍ତି, ପଥରକୁ ପୂଜା କଲେ ଯେବେ କେହି ଈଶ୍ୱରଙ୍କୁ ପାଇପାରେ, ତେବେ ମୁଁ ପର୍ବତକୁ ପୂଜା କରିବି ।" "ପଥର ଗୁଡ଼ାକୁ ରଙ୍ଗ ବେରଙ୍ଗ ଲୁଗା ଘୋଡ଼ାଇ, ମନ୍ଦିରରେ ରଖି ଖାଦ୍ୟ, ପାନୀୟ ସମର୍ପଣ କାହିଁକି ? ଯେଉଁ ଭଗବାନ, ତୁମର ଯାହା କିଛି ଅଛି, ସେ ସବୁର ଅର୍ପଣକାରୀ, ସେ କ'ଣ ଏହି ସବୁ ବସ୍ତୁ ତୁମଠାରୁ ଚାହାନ୍ତି ?" ଏ ହେଉଛି ବେମନାଙ୍କ ପ୍ରଶ୍ନ । ଶୈବପନ୍ଥୀମାନଙ୍କୁ ବିଶେଷ କରି ସମ୍ବୋଧନ ଦେଇ ବେମନା କହନ୍ତି, "ତୁମେ ପଥରରେ ଗଢ଼ା ଷଣ୍ଢକୁ ପୂଜାକର, ଅଥଚ ଜୀବନ୍ତ ଷଣ୍ଢକୁ ଉପାସ ରଖ ଓ ଦୂର୍ ଦୂର୍ ମାର୍ ମାର୍ କର । ବିକୃତି କ'ଣ ଅଧିକ ଦୂର ଯାଇପାରେ ? ଯାହାକୁ ତୁମର ପୂଜା କରିବା କଥା, ସେ ନିଷ୍ପ୍ରାଣ ପଥର ନୁହେଁ, ତାହା ହେଉଛି ସକଳ ବୋଧକ୍ଷମ ଜୀବ ମଧ୍ୟରେ ପ୍ରକାଶମାନ ପ୍ରାଣଶକ୍ତି ବା ଜୀବବ୍ରହ୍ମ । ଧର୍ମଗତ ବାହ୍ୟାଡ଼ମ୍ବର ପ୍ରତି ଉପହାସ ଅଜାଡ଼ି ଦେବା କ୍ଷେତ୍ରରେ ବେମନା କବୀରଙ୍କ ଅନୁରୂପ । କବୀର କହନ୍ତି, "ପାଣିରେ ବୁଡ଼ ପକାଇଲେ ଯେବେ ମୁକ୍ତି ମିଳିପାରେ, ତେବେ ବେଙ୍ଗମାନେ ତ ପାଣିରେ ଅଛନ୍ତି ।" ଆମେ ବର୍ତ୍ତମାନସୁଦ୍ଧା ଯାହା ଦେଖିଛୁ, ବେମନା ମଧ୍ୟ ସମଭାବ ବ୍ୟକ୍ତ କରନ୍ତି । ଜୀବନ ଓ ଏହାର ସମସ୍ୟାମାନଙ୍କ ପ୍ରତି ପରସ୍ପର ସମଦୃଷ୍ଟିକୋଣ ରହିଥିବାରୁ ସେମାନେ କେହି କାହା ସହ ପରିଚିତ ନ ଥିଲେ ମଧ୍ୟ ଉଭୟେ ସମାନ ସତ୍ୟ ପ୍ରଚାର କରିଥିଲେ ।

. ମନୋବୃତ୍ତି, ଚିନ୍ତାଧାରା ଓ ଭାବାଭିବ୍ୟକ୍ତିରେ ବେମନା ତିରୁଭଲ୍ଲୁଭର କିମ୍ବା କବୀରଙ୍କ ଅପେକ୍ଷା ସର୍ବଜ୍ଞଙ୍କର ସମଧିକ ନିକଟବର୍ତ୍ତୀ ମନେ ହୁଅନ୍ତି । ଯାହା କିଛି ସେମାନଙ୍କୁ ନିକଟତର କରେ, ତାହା ବୋଧହୁଏ, ସେମାନଙ୍କ ଜୀବନର ଏକାଭଳି

ପୃଷ୍ଠଭୂମି । ଯୁବକ ଅବସ୍ଥାରେ ଉଭୟେ ଥିଲେ ରମଣୀ ଆସକ୍ତ । ଦୁହେଁଯାକ ପ୍ରଥମେ ଦେବଦାସୀଙ୍କ ପ୍ରତି ପ୍ରେମାନୁରକ୍ତ ଥିଲେ ହେଁ ପରେ ବିରକ୍ତି ବୋଧ କରିଥିଲେ । ଉଭୟେ ହଠାତ୍ ଆମୋଦମୟ ଜୀବନଧାରାକୁ ପରିତ୍ୟାଗ କରି ଧର୍ମୀୟ ଜୀବନ ବରଣ କଲେ; କିନ୍ତୁ ଦେବଦାସୀମାନଙ୍କର ସ୍ମୃତି ସେମାନଙ୍କ ମନକୁ ଏମିତି ଘାରି ରଖିଲା ଯେ ସେହି ଦାରିଦ୍ର୍ୟଗ୍ରସ୍ତା ନାରୀମାନଙ୍କୁ—ଯେଉଁମାନେ ନିଷ୍ଠୁର ସମାଜ ବିଧାନର ବଳି ହୋଇଥିଲେ, ଅଭିଶାପ ଦେବାର କୌଣସି ସୁଯୋଗକୁ ସେମାନେ ହାତଛଡ଼ା କଲେ ନାହିଁ । ଏଥିରେ ଏହା ମଧ୍ୟ ଯୋଗ କରି କୁହାଯାଇପାରେ ଯେ ଉଭୟଙ୍କର ଦୁର୍ବଳ ଗୁଣ ହେଲା ନାରୀ କୈନ୍ଦ୍ରିକ । ବେମନା କିମ୍ବା ସର୍ବଜ୍ଞ, କିଏ କାହାଠାରୁ କାଳ ଦୃଷ୍ଟିରୁ ଅଗ୍ରବର୍ତ୍ତୀ ଥିଲେ, ଏହା ଏକ ବିବାଦୀୟ ପ୍ରଶ୍ନ । କିନ୍ତୁ ଉଭୟଙ୍କ ସଂପର୍କରେ ସମୀକ୍ଷାତ୍ମକ ଅଧ୍ୟୟନ କରିଥିବା ରଲ୍ଲାପଲ୍ଲି ଭାବନ୍ତି ଯେ ବେମନାଙ୍କ ଦ୍ୱାରା ସର୍ବଜ୍ଞ ପ୍ରଭାବିତ ହେବା କ୍ଷେତ୍ରରେ ଯେତେ ଅଧିକ କାରଣ ଅନୁମିତ ହୁଏ, ଏହାର ବିପରୀତ ଘଟିଥିବା ସଂପର୍କରେ ସେପରି କିଛି ଜଣାଯାଏ ନାହିଁ । ସେ ଯାହାହେଉ, ସେମାନଙ୍କ ମଧ୍ୟରେ ବହୁ ସୌସାମ୍ୟ ରହିଥିଲେ ହେଁ ବେମନା କିମ୍ବା ସର୍ବଜ୍ଞ କେହି କାହାର ନକଲ ନୁହନ୍ତି କିମ୍ବା ପରସ୍ପରର ପ୍ରତିଧ୍ୱନି ନୁହନ୍ତି । ପରବର୍ତ୍ତୀ ଜଣକ ପୂର୍ବକଥିତ ବ୍ୟକ୍ତିଙ୍କଠାରୁ ସମଧିକ ସାଂସାରିକ ଜ୍ଞାନକୁଶଳ ଓ ବାସ୍ତବବାଦୀ । ଏମାନେ କେତେକ ମୌଳିକ ଧାରଣା ଓ ଆଦର୍ଶାବଳୀ ଉପରେ ଗୁରୁତ୍ୱ ଆରୋପ କରିବା କ୍ଷେତ୍ରରେ ଏକ ଅପରଠାରୁ ଭିନ୍ନ ।

ଆଧୁନିକ ବଙ୍ଗଦେଶର ଅନ୍ୟତମ ବିଚକ୍ଷଣ ବୁଦ୍ଧିଜୀବୀ ପ୍ରଫେସର ବିନୟକୁମାର ସରକାର ତାଙ୍କ ପୁସ୍ତକ "ଦି ପଜିଟିଭ ବ୍ୟାକ୍‌ଗ୍ରାଉଣ୍ଡ ଅବ୍ ହିନ୍ଦୁ ସୋସିଓଲୋଜୀ" (ହିନ୍ଦୁ ସମାଜତତ୍ତ୍ୱର ଅସ୍ତ୍ୟାତ୍ମକ ପୃଷ୍ଠଭୂମି)ରେ କହନ୍ତି :

"ତାମିଲ୍ 'କୁରାଲ୍'ର ଭକ୍ତିମୂଳକ ମାନବବାଦୀ ସାମ୍ୟଧର୍ମ ବେମନାଙ୍କ ପଦ୍ୟମାନଙ୍କରେ ଯେଉଁଭଳି ବିସ୍ତାର ଲାଭ କରିଛି, ମନେହୁଏ, ତାହା ବିପ୍ଳବର କୋଟୀକୁ ସ୍ପର୍ଶ କରି ଯାଇଛି । ପାର୍ଥିବ ବସ୍ତୁ-ଅଧିକାରରେ ଥିବା ଅସମାନତା ସଂପର୍କରେ କଟୂକ୍ତି ପ୍ରକାଶ କରିବାକୁ ଯାଇ ସେ ଯେଉଁ ପରିମାଣରେ ସଂସ୍କାରବାଦୀ ବାସ୍ତବ ଆତ୍ମମୁଖ୍ୟ ପ୍ରଦର୍ଶନ କରିଛନ୍ତି, ଜାତିଗତ ପାର୍ଥକ୍ୟ ଯୋଗୁଁ ଘଟିଥିବା ଅପାରଗତା-

ମାନଙ୍କ ବିରୁଦ୍ଧରେ ଧିକ୍‌କାରମାନ ଉଜାଡ଼ି ଦେବାରେ ତାହାର ଉଷ୍ମା ପରିଚୟ ଦେଇ ନାହାନ୍ତି । ହିନ୍ଦୁ ଅଦ୍ୱୈତବାଦ କ୍ଷେତ୍ରରେ ତାଙ୍କର ସ୍ଥାନ କବୀର, ଚୈତନ୍ୟ ଏବଂ ଅନ୍ୟମାନଙ୍କ ତୁଳନାରେ ଉଚ୍ଚତର ନ ହେଲେ ମଧ୍ୟ ସମସ୍ତରୀୟ ।

ଏହା ସତ୍ତ୍ୱେ ବେମନା ଜନ-ଜଗତରେ ତିରୁଭଲ୍ଲୁଭର କିମ୍ବା କବୀର କିମ୍ବା ଚୈତନ୍ୟଙ୍କ ତୁଳନାରେ ଖୁବ୍ କମ୍ ଖ୍ୟାତ ହୋଇଛନ୍ତି । ଏପରି ପ୍ରଥମତଃ ଘଟିଛି ଯେଉଁ ଦୁର୍ଭାଗ୍ୟ ପରିସ୍ଥିତି ଯୋଗୁଁ ତାହା ହେଉଛି, ତେଲୁଗୁ ସାହିତ୍ୟର ବଡ଼ପଣ୍ଡା-ମାନେ ବେମନାଙ୍କୁ ଲୋକଲୋଚନ ଅଗୋଚରରେ ସଢ଼ିବାକୁ ଦେବା ପାଇଁ ପାରୁ ପର୍ଯ୍ୟନ୍ତ ଲାଗି ଯାଇଥିଲେ । ପରିଶେଷରେ ସେମାନେ ସେମାନଙ୍କର ଏହି ଉଦ୍ୟମରେ ଶିଥିଳତା ଯୋଗୁଁ ଯେ ବିଫଳକାମ ହୋଇଛନ୍ତି, ତାହା ନୁହେଁ; ଡୁବୋଇ, ବ୍ରାଉନ୍, ମ୍ୟାକ୍‌ଡୋନାଲ୍‌ଡ୍, ଗୋଭର୍, କ୍ୟାମ୍ପବେଲ୍ ଓ ଗ୍ରୀୟର୍ସନ୍‌ଙ୍କ ଭଳି ପାଶ୍ଚାତ୍ୟ ବିଦ୍ୱାନ-ବୃନ୍ଦ ସେମାନଙ୍କର ଏଭଳି ଷଡ଼ଯନ୍ତ୍ରକୁ ପ୍ରତିହତ କରିଛନ୍ତି । କିନ୍ତୁ ଏହା ଶୋଚନୀୟ ବିଷୟ ଯେ ବେମନା ଅବଧି ସେପରି କୌଣସି ଉଚ୍ଚକୋଟୀର ଅନୁବାଦକ ଲାଭ କରିନାହାନ୍ତି ଯେପରି ତିରୁଭଲ୍ଲୁଭର ପାଇଛନ୍ତି ରାଜାଜୀଙ୍କୁ ଓ କବୀର ରବୀନ୍ଦ୍ରନାଥଙ୍କୁ । ସର୍ବୋତ୍ତମ ପାର୍ଥିବ ଶୁଭବାଞ୍ଛା ନେଇ ମଧ୍ୟ ବ୍ରାଉନ୍ ବେମନାଙ୍କ ପ୍ରତି ପୂର୍ଣ୍ଣ ସୁବିଚାର କରିପାରି ନାହାନ୍ତି । ସେ ଥିଲେ ଜଣେ ବୈଦେଶିକ, ପୁଣି ଜଣେ ଖ୍ରୀଷ୍ଟଧର୍ମୀ । ତାଙ୍କର ଏକ ନିଜସ୍ୱ ଜନ୍ମଗତ ପୀଠିକା ରହିଥିବାରୁ ସେ ବେମନାଙ୍କ କବିତାର ଆତ୍ମା ଭିତରକୁ ପୂର୍ଣ୍ଣମାତ୍ରାରେ ପ୍ରବେଶ କରି ପାରିଲେ ନାହିଁ । ଦୃଷ୍ଟାନ୍ତ ସ୍ୱରୂପ ତାଙ୍କ ଦ୍ୱାରା ଅନୁବାଦିତ ବେମନାଙ୍କର ଏକ ପଦ୍ୟ ଏଠାରେ ଉଦ୍ଧାର କରାଯାଉଛି : "ଜଣେ ପୁଣ୍ୟବାନ୍ ବ୍ୟକ୍ତିର ପିଠିରେ ବଥ ଉଠିଲେ ସେଇଟା ମାରାତ୍ମକ ଦିଶେ, ଅଥଚ ଜଣେ ଗରୀବ ଘରେ ବାହାଘର ହେଲେ ବି କେହି ଜାଣନ୍ତି ନାହିଁ ।" ଏଠାରେ ଇଂରାଜୀ ଅଭିବ୍ୟକ୍ତିରେ ତାଙ୍କର କେତେକ କୁନିର୍ବାଚିତ ବାକ୍ୟଭଙ୍ଗୀକୁ ବାଦ୍ ଦେଲେ ବି ବେମନା ଜଣେ ପୁଣ୍ୟବାନ୍ ବ୍ୟକ୍ତି ସହ ଗରୀବ ଲୋକର ତୁଳନା-ମୂଳକ ବିରୋଧିତାର ଭ୍ରାନ୍ତ ଚିତ୍ର ପ୍ରଦାନ କରିଛନ୍ତି କହି ବ୍ରାଉନ ତାଙ୍କ ପ୍ରତି ଅବିଚାର କରିଛନ୍ତି । ଏପରି ନିର୍ବୋଧତାର ପରିଚୟ ବେମନାଙ୍କ ଭଳି ଉଚ୍ଚକୋଟୀର କବିଙ୍କ ପକ୍ଷେ ସମ୍ଭବ ନୁହେଁ । ଏହା ସତ୍ୟ ଯେ ସେ 'ପୁଣ୍ୟମୂର୍ତ୍ତିଲଭଣ୍ଡୁ' ଶବ୍ଦ ବ୍ୟକ୍ତ

କରିଛନ୍ତି, ଯାହାର ଆକ୍ଷରିକ ଅର୍ଥ ହେଉଛି "ପୁଣ୍ୟବାନ ବ୍ୟକ୍ତି" । କିନ୍ତୁ ଯେ ହିନ୍ଦୁ ବିଶ୍ୱାସ ସହ ପରିଚିତ, ସେ ଜାଣେ ଯେ ପୂର୍ବଜନ୍ମରେ ପୁଣ୍ୟ ଅର୍ଜନ କରିଥିବା ବ୍ୟକ୍ତି ଏ ଜନ୍ମରେ ଧନବାନ୍ ହୋଇ ଜନ୍ମ ଲଭିଥାଏ । ସେଥିପାଇଁ 'ପୁଣ୍ୟମୁଗଲଭତ୍' ଏହି ଶବ୍ଦଟିର ଭାବାଭିବ୍ୟକ୍ତିଗତ ଅର୍ଥ ଓ ଅନୁବାଦ ହେବ, 'ଧନୀ ବ୍ୟକ୍ତି' । ପୂର୍ବରୁ ଯାହା ଆମେ କହିଛୁ, ଏବେ ମଧ୍ୟ ତା'ର ପୁନରାବୃତ୍ତି କରି କହୁଛୁ ଯେ ଯେଉଁ ବ୍ରାଉନ୍ ବେମନାଙ୍କ ପାଇଁ ଏତେ ସବୁ କରିଛନ୍ତି, ତାଙ୍କଠାରେ ଭ୍ରମ-ପ୍ରମାଦ ଲକ୍ଷ୍ୟ କରିବା ଧୃଷ୍ଟତାହିଁ ହେବ । ଏଥିସହ ଏହାବି ଆମେ କାମନା ନ କରି ରହି ପାରୁନାହୁଁ ଯେ ବିଶ୍ୱରେ ଇଂରାଜୀ ଭାଷା ମାଧ୍ୟମରେ ପରିଚିତ ଓ ଉପସ୍ଥାପିତ ହେବା ପାଇଁ ବେମନା ରାଜାଜୀ ବା ରବୀନ୍ଦ୍ରନାଥଙ୍କ ପରି ବ୍ୟକ୍ତିଙ୍କୁ ଲାଭ କରି ପାରି ଥାଆନ୍ତେ କି ? ମୀର୍ ମାମୁଦ୍ ଖାଁଙ୍କ ଦ୍ୱାରା ପ୍ରସ୍ତୁତ ବେମନାଙ୍କ ପଦ୍ୟାବଳୀର ଯେଉଁ ଅଧୁନାତନ ଇଂରାଜୀ ସଂକଳନ "ଦ ମ୍ୟୁଜିଙ୍ଗ୍ସ ଅବ ଏ ମିଷ୍ଟିକ୍" (ଏକ ରହସ୍ୟବାଦୀର ଗାନ) ଶିରୋନାମାରେ ପ୍ରକାଶ ଲାଭ କରିଛି, ତାହା ବ୍ରାଉନଙ୍କ ସଂକଳନଠାରୁ ଅଧିକ ଉପାଦେୟ ହୋଇଥିଲେ ବି ନିଜେ ଖାଁ ସ୍ୱୀକାର କରିଛନ୍ତି ଯେ ସେ "ବେମନାଙ୍କ କବିତାର ଛନ୍ଦଗତ ସୂକ୍ଷ୍ମତା ଓ ଭାବଗତ ସୌନ୍ଦର୍ଯ୍ୟକୁ ପୂର୍ଣ୍ଣମାତ୍ରାରେ ଉପଲବ୍ଧି କରିବା ଲାଗି ତେଲୁଗୁ ଭାଷାରେ ଆବଶ୍ୟକତାନୁରୂପ ଦକ୍ଷତା ହାସଲ କରି ନାହାନ୍ତି ।"

ତାଙ୍କ କବିତାର ଅନୁବାଦ ଲାଗି ବେମନା ଠିକ୍ ଯେପରି ଜଣେ ରାଜାଜୀ କିମ୍ବା ଜଣେ ରବୀନ୍ଦ୍ରନାଥଙ୍କୁ ଆବଶ୍ୟକ କରନ୍ତି, ସେହିପରି ତାଙ୍କ ପ୍ରତିକୃତି ଅଙ୍କନ କ୍ଷେତ୍ରରେ ଜଣେ ରାଫାଏଲ୍ କିମ୍ବା ରେମ୍ବ୍ରାଣ୍ଟ୍ ଲୋଡ଼ା ହୁଅନ୍ତି । କେବଳ ସେହି କୋଟୀର ଜଣେ ନିପୁଣ ଚିତ୍ରକର ହିଁ ତାଙ୍କ ଚକ୍ଷୁର ଦୀପ୍ତି, ଓଷ୍ଠାଧରର ବିଦ୍ରୂପାତ୍ମକ ସ୍ମିତ ଓ ପଦକ୍ଷେପର ଲୟକୁ ଧରିବା ଲାଗି କ୍ଷମ ହୋଇ ପାରନ୍ତି । ଏପରିକି ଜଣେ ସୁନିପୁଣ ଚିତ୍ରକରଙ୍କୁ ତାଙ୍କର ଏକମାତ୍ର ପ୍ରତିକୃତି ନୁହେଁ, ତାଙ୍କ ବ୍ୟକ୍ତିତ୍ୱରେ ନିହିତ ଥିବା ବିରୋଧାତ୍ମକ ବିଭାବ ଗୁଡ଼ିକୁ ଉନ୍ମୋଚନ କରିବା ପାଇଁ ପ୍ରତିକୃତିମାନଙ୍କର ମାଳା ରଚନା କରିବାକୁ ହେବ । କାରଣ ସେହି ଏକ ବେମନା ପ୍ରଥମ ପ୍ରଥମ ବେଶ୍ ଭଦ୍ର ଦିଶିଲେ ବି ପରେ ନିହାତି କଠୋର ଓ ତୃଷ୍ଣାସ୍ଥ ଅବସ୍ଥାରେ ଅନିଷ୍ଟପ୍ରିୟ ମନେ ହୋଇଥାନ୍ତି । ପ୍ରତ୍ୟେକଟି ଅତିକାନ୍ତ ଅବସ୍ଥାରେ ତାଙ୍କର ମୁଖ-ମୁଦ୍ରାରେ ଯେ

କେବଳ ପରିବର୍ତ୍ତନ ଘଟେ, ତାହାନୁହେଁ, ତାଙ୍କ ଅନ୍ତର୍ନିହିତ ପ୍ରତ୍ୟେକ ଶିରା, ପ୍ରଶିରାରେ ଅନ୍ୟ-ଅନ୍ୟ ଭାବ ଫୁଟି ଉଠେ । ସାଧାରଣରେ କବିମାନେ ଯେପରି ପ୍ରତ୍ୟେକଟି ଅଭିବ୍ୟକ୍ତିକୁ ଶାଣିତ କରି ଏକ ଉନ୍ନତ ସ୍ୱର ତୋଳନ୍ତି, ବେମନା ସେ ସବୁର ଧାର ଧାରନ୍ତି ନାହିଁ । ଠିକ୍ ସେହିପରି ମଧ୍ୟ ସେ ଅଧିକାଂଶ ଦାର୍ଶନିକ ଓ ପଯ଼ଗମ୍ବରଙ୍କ ଠାରୁ ଅଲଗା ଜଣାପଡ଼ନ୍ତି । ତାଙ୍କର ମଧ୍ୟ କୌଣସି ଉଚ୍ଚ-ପାଦ-ପୀଠ ବା ହାତୀଦାନ୍ତର ମୀନାର୍ ଆବଶ୍ୟକ ପଡ଼େ ନାହିଁ । ସେ ତାଙ୍କର ବାଣୀ ପ୍ରଦାନ କରିବା ପାଇଁ ଖୁବ୍ ବେଶି ହେଲେ ଗୋଟାଏ ହାଟ ଭଳି ଲୋକଗହଳି ଥିବା ସ୍ଥାନରେ ଠିଆ ହୋଇ ଅତି ସ୍ପଷ୍ଟ ଭାବରେ ଏବଂ ଦରକାର ହେଲେ ଅଶିଷ୍ଟ ଭାଷାରେ ଭାବ ବ୍ୟକ୍ତ କରୁଥିବେ । ତାଙ୍କ ଉପରକୁ ଟେକା-ପଥର ଫିଙ୍ଗା ହେଉଥିଲେ କିମ୍ବା କୁକୁର ଛଡ଼ା ହେଉଥିଲେ ତାଙ୍କର କିଛି ଯାଏ ଆସେ ନାହିଁ । କୁକୁରମାନଙ୍କୁ ନେଇ ତୁଚ୍ଛ-ତାଚ୍ଛଲ୍ୟ କରିବାର ପରିମାଣ ତାଙ୍କ ପଦ୍ୟମାନଙ୍କରେ ଏପରି ବିପୁଳ ଯେ ବାସ୍ତବ କ୍ଷେତ୍ରରେ ତାଙ୍କୁ କୁକୁର ଲଗା ଯାଉଥିବା ଜଣକ ପକ୍ଷରେ ଅନୁମାନ କରିବା ଅମୂଳକ ହୁଏ ନାହିଁ । ସେ ଅବଶ୍ୟ ସଚେତନ ଭାବେ କିମ୍ବା ଯୀଶୁଖ୍ରୀଷ୍ଟଙ୍କ ସମ୍ବନ୍ଧରେ କିଛି ଶୁଣି ନ ଥାଇ ପାରନ୍ତି; କିନ୍ତୁ ସେ ଏହା ନିଶ୍ଚିତ ରୂପେ ଜାଣିଥିଲେ ଯେ ଜଣେ ସନ୍ଥ ନିଜ ଜୀବଦ୍ଦଶାରେ, ନିଜ ଲୋକମାନଙ୍କ ମଧ୍ୟରେ ସମ୍ମାନିତ ହେବା ଏକାନ୍ତ ବିରଳ ବ୍ୟାପାର । ସେ ତାଙ୍କର ଅନ୍ୟତମ ପଦ୍ୟରେ କହନ୍ତି ଯେ ବାଡ଼ି ପଛପଟେ ଉଠିଥିବା ଔଷଧି-ଲତା ପରି ଜଣେ ସନ୍ଥ ତା ନିଜ ଲୋକଙ୍କ ଦ୍ୱାରା ସମ୍ମାନିତ ହୋଇ ନଥାଏ ।

ଜଣେ କବି, ଦାର୍ଶନିକ ଓ ସନ୍ଥ କେବଳ ନୁହନ୍ତି, ବହୁ କ୍ଷେତ୍ରରେ ଅସାଧାରଣତ୍ୱ ପ୍ରଦର୍ଶନ କରିଥିବା ବେମନାଙ୍କର ସବୁ କାଳ ଓ ସବୁ ଜାତି ପାଇଁ ଏକ ବାର୍ତ୍ତା ରହିଛି । ଆଜିର ଦୁନିଆ ଯାହା ନୈତିକ ସଙ୍କଟଗ୍ରସ୍ତ, ଯାହା ମୂଳ-ସହ-ବିଚ୍ଛିନ୍ନତା ବୋଧରେ ଆକ୍ରାନ୍ତ, ଯାହା ଦୂରଦର୍ଶିତାହୀନ, ସେହି ଦୁନିଆ ଲାଗି ବେମନାଙ୍କର ଉପଯୋଗିତା ଯେ ସବୁଠାରୁ ଅଧିକ, ଏହା ଅନସ୍ୱୀକାର୍ଯ୍ୟ । ସେ କ'ଣ ଏହା କହିନାହାନ୍ତି ଯେ ଏଠି ମଣିଷ ଯଦି ମଣିଷ ପରି ବଞ୍ଚେ ତେବେ ପୃଥିବୀଟା ସ୍ୱର୍ଗରେ ପରିଣତ ହେବ ବୋଲି । ସେ କ'ଣ ଆହୁରି ପାଦେ ଆଗକୁ ଯାଇ ଘୋଷଣା

କର ନାହାନ୍ତି ଯେ ଏକ ପୌରାଣିକ ବା କାଳ୍ପନିକ ସ୍ୱର୍ଗ ପଛରେ ଧାଇଁ ଧାଇଁ ବାସ୍ତବ ପୃଥିବୀକୁ ଘୃଣା କରିବା ନିର୍ବୋଧତା ? ସେ କ'ଣ ଦୃଢତାର ସହ ଦାବୀ କରି ନାହାନ୍ତି ଯେ ସେହି ନିର୍ଦ୍ଦିଷ୍ଟ ସ୍ଥଳୀ, ଯେଉଁଠି ଆମେ ପାଦ ପକାଇ ଠିଆ ହୋଇଛୁ, ତାହା ସକଳ ପବିତ୍ରପୀଠଠାରୁ ମଧ୍ୟ ପବିତ୍ରତମ ? ତାଙ୍କର ଧର୍ମ ହେଉଛି ମଣିଷର ଧର୍ମ, ତାଙ୍କର ବ୍ରତ ହେଉଛି ମଣିଷ, ମଣିଷ ଭିତରେ ପ୍ରେମ, ବୁଝାମଣା ଓ ସଦ୍ଭାବର ବ୍ରତ ଏବଂ ତାଙ୍କର ଲକ୍ଷ୍ୟ ହେଉଛି ମଣିଷ ଭିତରେ ସାର୍ବଜନୀନ ଭ୍ରାତୃତ୍ୱବୋଧର ପ୍ରତିଷ୍ଠା । ଆସ୍ତିକ ଓ ନାସ୍ତିକ ନିର୍ବିଶେଷରେ ପ୍ରତ୍ୟେକଙ୍କ ପାଇଁ ବେମନାଙ୍କର ଏହି ଭଲ ବାର୍ତ୍ତା ରହିଛି । ତାଙ୍କ ଉପଦେଶାବଳୀର ସାରମର୍ମ ଯେଉଁ ଗମ୍ଭୀର ଉଦ୍‌ଘୋଷଣା ସମ୍ବଳିତ, ତାହା ହେଉଛି— "ତାହାର ଭଳି ଅନ୍ୟ ଲୋକମାନଙ୍କର ଦୁଃଖ-ଯନ୍ତ୍ରଣାକୁ ଯେଉଁ ଲୋକ ଆପଣାର ବୋଲି ମନେ କରେ, କେବଳ ସେହିଁ ମଣିଷ ପଦବାଚ୍ୟ ।"

●

ଅନୁବାଦାବଳୀ

କବିତା, ତାହା ଯେଉଁ କବିତା ହେଉନା କାହିଁକି, ଅନୁବାଦରେ ବିକୃତ ହୋଇଯାଏ । ଏହାର ଶବ୍ଦ-ସଂଗୀତ ଏବଂ ଅନ୍ୟାନ୍ୟ ସୂକ୍ଷ୍ମସୌନ୍ଦର୍ଯ୍ୟମାନ ସର୍ବୋତ୍କୃଷ୍ଟ ଅନୁବାଦରେ ମଧ୍ୟ ପୂର୍ଣ୍ଣମାତ୍ରାରେ ପ୍ରକାଶ କରାଯାଇ ପାରେ ନାହିଁ । ନିମ୍ନରେ ପୁନରୁଦ୍ଧାର କରାଯାଇଥିବା ବେମନାଙ୍କ ପଦ୍ୟକତିପୟର ଅନୁବାଦମାନଙ୍କୁ ଅନୁଧ୍ୟାନ କଲାବେଳେ ଏ ବିଷୟ ମନରେ ଧାରଣ କରିବା ଉଚିତ ହେବ । ଛନ୍ଦୋବଦ୍ଧ ଅନୁବାଦ ଗୁଡ଼ିକ ଚାର୍ଲସ୍. ଇ. ଗୋଭର ଓ ଗଦ୍ୟାନୁବାଦ ଚାର୍ଲସ୍ ଫିଲିପ୍‌ବ୍ରାଉନ୍‌ଙ୍କ ଦ୍ୱାରା ସଂପାଦିତ । ଆମେ କିନ୍ତୁ ଏ ଗୁଡ଼ିକରେ ବେମନାଙ୍କର ରୂଢିପ୍ରୟୋଗ-ସୁଷମା କେବଳ ହରାଉ ନାହିଁ, ହରାଇବସୁ ଏହାର ସ୍ୱରଭଙ୍ଗୀ, ଛନ୍ଦ-ବୃତ୍ତ ଓ ଶ୍ଳେଷସଂପନ୍ନ ରସମୟ ସାବଲୀଳତା । ସେ ଯାହାହେଉ, ବେମନାଙ୍କ କବିତାର ଅନ୍ତର୍ନିହିତ ବିଭାବରୁ କିଛି ବକ୍ର ଓ ବିଦ୍ୟୁତ୍ ଯାହା ତାଙ୍କ କବିତାକୁ ସୌନ୍ଦର୍ଯ୍ୟ ଓ ସାମର୍ଥ୍ୟ ମଣ୍ଡିତ କରିଥାଏ, ଏ ଗୁଡ଼ିକ ଅନ୍ୟୂନ ସେହି ସବୁକୁ ଜ୍ଞାପନ କରିବା ଆଶା କରାଯାଇଛି ।

କପଟ ଧର୍ମ

ନିତି ପ୍ରତି ଯେତେ ପଢୁ ଶୁଣୁ ବେଦ
　　　　　　　　ପାପୀ ରହେ ସେହି ପାପୀ,
କ୍ଷୀରରେ ଧୋଇଲେ ଅଙ୍ଗାର ତା'ର
　　　　　　　　କଳା କାହୁଁ ଯିବ ଛପି ?
ଧରଣୀରେ କେତେ ନାହିଁ ବା ଧରମ
　　　　　　　　ନୁହଁ କିଛି ଶୁଦ୍ଧ-ସାର,
ବିଶ୍ୱାସ ମୂଳ, ଧରି ପୂଜାକର
　　　　　　　　ତୋଷିବ ହେଲେ ଈଶ୍ୱର ।

ପଢ଼ନ୍ତି, ଲେଖନ୍ତି ଶାସ୍ତ୍ର ଅନେକ
ଶିଖନ୍ତି ଛନ୍ଦର ସତ୍ୟ
ସଂଶୟେ ରହି ନ ଜାଣନ୍ତି ଭଲେ
ମହତ ମରଣ-ଭୟ ।
ମୁହଁରେ, ବାହୁରେ ଭସ୍ମ ବୋଳି ବା
ଗଳେ ଦୋଳି ରୂପାଛବି,
(ତୁମ) ଧନ ଭଣ୍ଡାର ଉଚ୍ଛୁଳିବ ସିନା
ଦୂରଆଟା ଯିବ ସ୍ୱର୍ଗ ।
"ଛୁଁନା ଛୁଁନା ଅଛୁବଟାଏ ତୁ"
ବୋବାଳି ଛୁଡ଼ନ୍ତି କେତେ
କିଏ ଟାଣି ଦେବ ମଣିଷ ଭିତରେ
ବିଭାଜକ-ରେଖା ଏଥେ ?
କିଏ ଜନମିଛି ଏ ଭବ ସଂସାରେ
ନ ଥାଇ ଗୋଟିଏ ଖୁଣ,
ପ୍ରତିଟି ଶରୀରେ ପାପର ବେଦୀଟି
ରଚିଛି ନିଜ ଆସ୍ଥାନ ।

ପ୍ରତିମାପୂଜା

କି ଭଲ ଜୀବଟି ଅଟ ତୁମେ ଭାଇ
ପଥରକୁ ପୂଜ ଦେବତା ମଣି,
ଦେବତା-ନିବାସ ନିଜଠାରେ ସିନା
ପଥର କି ବଳେ ଜୀଅନ୍ତା ପ୍ରାଣୀ ।
କି ମୋହେ ଆଚ୍ଛନ୍ନ ଥାଇ ଦେଖ ସ୍ୱପ୍ନ
ଈଶ୍ୱର ସାକାର ଅଜ୍ଞାନ-ରୂପେ
ଭଙ୍ଗାପଥର ଯା' ନାହିଁ ଦେଖେ ଶୁଣେ
ସେଠି କି ଈଶ୍ୱର ନିବାସ ଥାପେ ?

କେତେ ଆଡ଼ମ୍ବରେ ମାଟି ଫଣି କରେ
ପ୍ରତିମା ଗଢ଼ନ୍ତି ମନରୁ ଫାନ୍ଦ
କି ଅଷ୍ଟ-ଧାତୁରେ କରିଥାନ୍ତି ପୂଜା
କନ ଉଦ୍ଭ'ଗ୍ରବ-ଈଶ୍ୱରେ ବନ୍ଧ ।

କି ମୂଢ଼ପଣ ଏ ପରିବଣୁଁ ଗୋଟି
ପଞ୍ଚ ଆଶ୍ରୁ ଫାଦ ଲଗାଇ
କହାଣେ, ମୂର୍ତ୍ତିରେ ହାଣି, ଦେଲି ତାରେ
ମନ୍ତ୍ର ଗାଉଛ ଚାଲା ଅଗ୍ରେ ।

ଜୀଅନ୍ତା ପଶୁଙ୍କୁ ରଟିଛ ଉପାସେ
ପିଟୁଛ କେତେ ତା ସୁମାର ନାହିଁ
ପଥରେ ତା ରୂପ ଖୋଳା ହେଲେ ତୁମେ
ପ୍ରଣାମ କରୁଛ ମଥାକୁ ନୋଇଁ ।

ଏହାଠାରୁ ବଳି ଶଠତା ଜଗତେ
ଅଧିକ କିଛି କା ଦେଖିଛ ଭାଇ
ଏ ଘୋର ପାପ ଏ ଧରଣୀ ସହୁଛୁ
କେମନ୍ତେ, ତା' ମୋର ବିଶ୍ୱାସ ନାହିଁ ।

ଅନ୍ତରେ ବିଜେ ମହାମାନବାତ୍ମ
ପଥରେ ତାହାର ସତ୍ତା କାହିଁ ?
ପୂଜା ଉପଚାର ଯେତେ ଜମାକର
ପଥର ରହିବ ପଥର ହୋଇ ।

ବାହାରେ, ଭିତରେ ଏକହିଁ ଦେବତା
ବିରାଜନ୍ତି ମହାମହିମ ରୂପେ,
ପଥର ଭିତରେ ରହିଛନ୍ତି ବୋଲି
କେବେ କି ପରଖ କରିଛ ଆପେ ?

ଜାତ

ଦେଖୁଛୁ ଯେବେ ସାରା ଜଗତେ
ନସ୍କନ ଆମ ମେଲ
ଜାଣୁଛୁ ପସୁ ଜନମ ନଏ
ମଣିଷ ଏକା ପର ।
ସଭିଏଁ ଏଠି ସଭିଙ୍କର
ଭାଇ ବୋଲି ଜାଣ,
ଈଶ୍ୱରଙ୍କ ଦୃଷ୍ଟିପଥେ
ନୁହେଁ କେ ବଡ଼, ସାନ ।
କ ଖାଏ କଏ, କ ଜାତ ସିଏ
କେଉଁଠି ଜନ୍ମ କା'ର,
ମଣିଷ ପଣ ବଦଳ ଥାଏ
କଲେ କି ଏ ବିଚାର ?
କାହିଁକି ତେବେ ଜାତକୁ ଭାଇ
ଦେଉଛ ଏତେ ମାନ
ଦୋଷର ଏକ ଝରଣା ସିଏ
ହେଉଛି ବହମାନ ।
ହୀନ ଜାତରୁ ଆହୁରି ହୀନ
ମୁହେଁ ମୁହେଁ ଯେ କହେ—
"ତୁ'ଟା ଶୂଦ୍ର ଜାତରେ ନୀଚ"
ନାକଟା ଟେକି ଦଏ
ସେ ପୁଣି ଅଟେ କେଉଁ ଜାତିର
ଜାଣେ ନାହିଁ ଯେ ତଳେ
ତା ପାଇଁ ଖୋଲା ନରକ ଦ୍ୱାର
ମନେ କି ନାହିଁ ଭାଳେ !

ଜାତିକୁ ନେଇ କରିବା କଳି
ଫମ୍ପା କଥା ସିନା,
ଏକଇ ମୂଳ ସବୁ ଜାତିର
କିଏ କରିବ ମନା ?
ପ୍ରଶଂସାର ଯୋଗ୍ୟ ଜଣେ
ନିନ୍ଦନୀୟ ଆନ,
କେଉଁ କି କେବେ ପାଇଛୁ ଭବେ
କର ତା' ନିର୍ଦ୍ଧାରଣ ?
ଚଣ୍ଡାଳ ସିଏ ହେଉ ବା ପଛେ
କି ଘେନ ତାକୁ ଘୃଣା
କରିବା ଆମେ, ଆମରି ପରି
ମଣିଷ ସିଏ ସିନା ।
ଆମରି ପରି ରକତ ମାଂସ
ଖେଳେ ତା ଦେହ ଯାକ
କି ଜାତି ସିଏ, ଆମ ଭିତରେ
ଅଛନ୍ତି ଯେ ଜନକ ?

ମୃତ୍ୟୁ

ଧନୀ ମରେ, ତା'ର ଭଣ୍ଡାର ପଡ଼ିରହେ
ପୁଣି ଜନମିଲେ ଆସ୍ତି କରିବାକୁ ହୁଏ
ପୁଣି ଯେବେ ମରେ, ସକଳ ହରାଇ ବସେ
କୁହ ତେବେ କାହିଁ ଧନ ବା ଆତ୍ମା ଶେଷେ ?
ଲୁହା ଭାଙ୍ଗିଲେ ଯୋଡ଼ା ଯୋଡ଼ି ହୁଏ
କମାର ଶାଳରେ ନୂଆ କରି ଗଢ଼ାଯାଏ
ମନ ଯେବେ ତୁମ ଭାଙ୍ଗେ, ବିଫଳ ହୁଏ
ନୂଆ କରି ତାକୁ ସଜାଡ଼ି କେ ଗଢ଼ି ହଏ ?

ଚଟି ଛୁଡ଼ିଗଲେ ନୂଆଟିଏ କଣୁ ଆମେ
ମଣିଷ ଯେବେ ବା ମରେ ଏ ମରତଭୂମେ
ଚକତ କାହିଁକି ହେବା ଆମେ ଭଲ ବୁଝ
ଆତ୍ମା ଛାଡ଼ିଲେ ଆନ ଦେହେ ଏକ ଗୃହ !
ଯେତେ ଧନ ଆମେ ବଞ୍ଚୁ ନା ଜ୍ଞାନ ଲଭୁ
ଯେତେ ଯଶ, ଶିଳ୍ପ ଅର୍ଜନ କରୁ ସବୁ
ଅତ ବେଶି ହେଲେ ଧନଟିଏ ପାଇଁ ରହୁ
ସବୁ କୁଶଳତା ସଙ୍ଗରେ ନେଇ
ମାଟିରେହିଁ ମାଟି ହେଉ ।
କିଏ ବା ଆମର ପତ୍ନୀ, ପୁତ୍ର, ବନ୍ଧୁ ବା ଅଟେ କିଏ
ଏତେ ଅନୁରାଗ ପରିଣାମ କିବା ଜୀବନଟା ଯେବେ ଯାଏ
ଦାସ, ଦାସୀ ଯେତେ ଥାଆନ୍ତୁ ପଛକେ ଭରସା କି ଥାଏ ଆଉ
କେହି ଏ ଜଗତେ ପିଠିରେ ନ ପଡ଼େ ଗ୍ରାସିଲେ ମରଣ-ରାହୁ ।

ସୁଭାର୍ଯ୍ୟା

ଗୁଣବତୀ ଭାର୍ଯ୍ୟାଥିଲେ ଘରଟିତ ପରିଚ୍ଛନ୍ନ ଶୋହେ
ଅନ୍ଧକାର-ଅଞ୍ଚଳେ ସେ ଆଲୋକର ଆଭା ଉକୁଟାଏ,
ପ୍ରଥମେ ଯା' ହାତଧର ବିବାହୁଅ, ତା'ଶାସନେ ଘର
ଚଳେ ଯେବେ, ମନେହୁଏ, ସତେକି ସେ ଦେବତା-ମନ୍ଦର ।
ବିବାଘର-ଭୋଜି ପରେ ପୀରତର ପରଶ ସଞ୍ଚରେ
ଦମ୍ପତି-ଜୀବନ ପୁଣି ବୃକ୍ଷପରି ଡାଳପତ୍ର ମେଲେ,
ଫୁଲକଢ଼ି ଲଦି ହୋଇ ଆପଣାର ଶକତି ବଢ଼ାଏ
ଅନେକ, ଅନେକ ଫଳ ବାଢ଼ିଦେଇ କେତେ ସୁଖ ପାଏ ।
ଅସଲ ସମ୍ପତ୍ତି ନୁହେଁ ଘରପାଇଁ ଟଙ୍କା, ସୁନା ଏତେ
ପୁଅଟିର କୁଆଁ ଡାକ ଯେ ପୁଲକ ଡାକି ଆଣେ ସାଥେ

ଦୁନିଆଁରେ ଯାହାକିଛି, ମୂଲ୍ୟବାନ ସମ୍ପତ୍ତି ବା ଥାଏ
ଦମ୍ପତ୍ତି-ଜୀବନ ସେହି, ଅଭିନ୍ନ ଯା, ଯଉବନୁ ବୃଦ୍ଧକାଳ ଯାଏ ।
ସୋହାଗୀ ଭାରିଯା ଯେବେ ସ୍ୱାମୀଠାରୁ ଶୁଦ୍ଧ-ପ୍ରୀତି ପାଏ
ସବୁଠୁଁ ମଧୁର ସୁଖ ସେମାନଙ୍କ ଜୀବନରେ ହୁଏ ।
କିନ୍ତୁ ଯେବେ ସେ ତରୁଣୀ ପଦେ, ପଦେ ବାଧା ଉପୁଜାଏ
ପାରି ଯଦି ଦୂରକର ତା'ରେ, ସେ ଜୀବନେ କି ସୁଖ ବା ରହେ !
ମହୁ କିବା ଖଣ୍ଡ କିବା ସରଠାରୁ ଅତି ସୁମଧୁର
ଆଖୁଦଣ୍ଡ ରସଠାରୁ ଦୁନିଆଁରେ ଅତି ରୁଚିକର
ପାଚିଲା ପଣସ କିବା ପିଜୁଳିଠୁ ବଳି ସ୍ୱାଦୁକର
ପ୍ରେମଶୀଳା ଓଠୁଁ ଯେବେ ମିଠାକଥା ଝରେ ନିରନ୍ତର ।

କୁଭାର୍ଯ୍ୟା

ସ୍ୱାମୀଙ୍କୁ ଅବମାନନା କରନ୍ତି ଯେ ନାରୀ
ମରଣ, ମାରଣା-ସାପ ସଙ୍ଗେ ସେହି ସରି ।
ସାକ୍ଷାତ ଅସୁରୀ ତାଙ୍କୁ ନଷ୍ଟସ୍ମୃତି ମଣି
ବୁଢ଼ା ସଇତାନେ ଭୁଆଁ ବୁଲନ୍ତି ସେ ଜାଣି ।
ସମୁଦ୍ରେ ଭାସିବା ପୋତ ଗତି ଯେଉଁପରି
ଆକାଶେ ଉଡ଼ନ୍ତା ପକ୍ଷୀ ଦିଗ ନୋହେ ବାରି
ସେହିପରି ଏ ସଂସାରେ ନାରୀର ଜୀବନ
କେଉଁପଟେ ଚଳେ ତାହା ବୁଝିବା କଠିନ ।
ଧନ ଯେବେ ଅଛି ପାଶେ ଭାରିଯାଟି ଭଲ
ଧନ ସରିଗଲେ ଜାଣ ପତି ତା'ର ଶଲ ।
କାମଚଳା ପାଇଁ ଯାହା ପତି ତା'ର ଥାଏ
ମଲାଗଲା ସରିସମ ହୁଏ ନିଜ ଗୃହେ ।
ପତି ସୁଖ ମନାସନ୍ତି ଯେଉଁ ନାରୀଗଣ
ସଂସାରେ ଉତ୍ତମା ସେହି ଯଥାର୍ଥରେ ଜାଣ

ନିଜ ସୁଖ ମନାସନ୍ତି ଯେଉଁ ନାସ୍ତିଗଣ
ଦଇବ ପ୍ରେରିତ ତାଙ୍କୁ ମଣ ମୃତ୍ୟୁବାଣ ।
ଅମାନିଆଁ ନାସ୍ତିକ୍ଙ୍କ କ ସ୍ତ୍ରିପ୍ଣ ବୋଲି କହି
ସ୍ତ୍ରିଷ୍ଣ ନୁହଁ ବେଢ଼ି ଥିଏ ଜୀବନକୁ ଖାଇ ।
ବରଂ ଭଲ ମରୁଥିଲେ କୁଟୀର ନିବାସ
ଏମନ୍ତ ନାସ୍ତି ସଙ୍ଗେ ଯା' ଚଳିବା ମୁହାଁସ ।

ଦ୍ୱିଜ

ଶୁଦ୍ର ହୋଇ ସେହୁ ଲଭନ୍ତି ଜନମ
ଏ ଧର୍ମ ଧାମେ
ଆଚରଣେ ତାଙ୍କ ରଟନ୍ତି ନିନ୍ଦା
ବଂଶ ନାମେ,
ନିଜକୁ କହନ୍ତି ଦ୍ୱି'ଜନମା ପୁଣି
ସକଳ ଲୋକେ
ନିସ୍ତପଦ ବୋଲି ଭାବନ୍ତି ନିଜକୁ
ସେଥିରୁ ଥୋକେ,
ଯାହାଙ୍କ ହୃଦୟ ପାପ ପାଇଁ ଆଏ
ପୀରିତ ଭରି
ଆଉ କେହି ନୁହେଁ ସେଇଟି ଜାଣିବ
ଶୂଦ୍ର ପରି ।
ହୃଦୟଟି ତା'ର ଚଣ୍ଡାଳ ସମ
ନିଠୁର ଅତି
ସେ ପୁଣି କରୁଛି ଅଜାତିଆ ପଣେ
ଘୃଣିତ ମତି
ତେବେ ସେ କପର ଦ୍ୱିଜ ହେବ ତାହା
ନ ଯାଏ ଜଣା

ଜାତି ଓ ଜୀବନେ ନୂଆ ହେବ କିଛୁ
          ଅଛୁ ଠିକଣା !
ମନଟି ଯାହାର ପୂରିଛି ପାପରେ
          ସଦା ସର୍ବଦା
ସୁଭାବନା କାହୁଁ ଆସିବ ତା'ଠାରେ
          ଏ ଆଶା ବୃଥା ।

କହନ୍ତି ସେମାନେ ଭୂସୁରଟି ଆମେ
          ଶୁଦ୍ଧସୂତ
ଶାସ୍ତ୍ର ସକଳ ପଢ଼ି ଓ ପଢ଼ାଇ
          ସୁପଣ୍ଡିତ
ବଡ଼ିମା ଦେଖାଇ କରନ୍ତି ଯେହେତୁ
          ଇତରେ ଘୃଣା
ଏଗୁଡ଼ା ସେହେତୁ ଦୀନ ଦରିଦ୍ରଙ୍କୁ
          ବହୁତ ଊଣା ।

ବ୍ରାହ୍ମଣ ଭାବେ ଉପବୀତ ଯେବେ
          କନ୍ଧେ ଧରେ
ଦୁନିଆଁରେ ତା'ର ଶୂଦ୍ର ପଣିଆ
          ସେଇଠି ସରେ
ଆଚମ୍ବିତ ଏ ଭୁଲିଯାଏ ସିଏ
          ଯେବେ ବା ମରେ
ସେଇଠି ତାହାର ବ୍ରାହ୍ମଣ ପଣ
          କଥାଟି ସରେ ।

ପତ୍ନୀକୁ ତେଜ ବାହାରେ ଯେବେ ସେ
          ଘରଟି ଛାଡ଼ି

ଅଣ୍ଟାରେ ଧରି ଲୁହାର ମେଖଳା
ଯେସନେ ବେଙ୍ଗ
ଆହାର ଲୋଡ଼ଇ ଶୁଙ୍ଘି ବଦଳେ
ଦରବ ମନ୍ଦ
ଭୁଷା ମେଣ୍ଟାଏ ତିକ୍ତ ପାନକେ
ବରଜ କନ୍ଦ
ପଶୁପରି ଯେବେ ଜୀବନ ବିତାଏ
ଏ ଭବ ପୁରେ
ତେବେ ସେ କିପରି ଚିର କଲ୍ୟାଣ
ଲଭିବ ହେଲେ ?

ଜ୍ଞାନ ଅଜ୍ଞାନ

କିଛି କାମ କର ନାହିଁ ଧୀରେ, ସେ କାମଟି ନ ସରିବ ତେବେ
ତରବରେ ନାହିଁକର କିଛି, ବିଫଳତା ସୁନିଶ୍ଚିତ ଭବେ
କଞ୍ଚା ଫଳ କାଟିଦେଲେ ଥୋଇ ପାଚିଲା ସେ ହୋଇପାରେ କେବେ ?

ପାଣିରେ ଜାହାଜ ଚଲେ କି ସହଜେ, ମାଟିକୁ ଆଣିଲେ
ପଦେ ମାତ୍ର ନ ଚଳେ ଆଗକୁ ଯେତେ ଯାହା ଯତନ ବା କଲେ
ଯେତେ ତୁମେ ହୁଅନା କୁଶଳୀ, ଫଳ କିନ୍ତୁ ନିଜ ବ୍ୟବସା'ରେ ।

ନଦୀ ସ୍ରୋତେ କୁମ୍ଭୀର ପ୍ରବଳ ମାରିପାରେ ହାତୀଟାକୁ ହେଲେ
ସେ କୁମ୍ଭୀର ଆସିଲେ ମାଟିକୁ କୁକୁରଟା ତାକୁ ଜିତି ପାରେ ।
ତେଣୁ ଭାଇ ବଳ ଏ ସଂସାରେ ପ୍ରବଳଟି ଯେ ଯାହା ଜାଗାରେ ।

ଘୁଷୁରି ଜନମ କରେ ଅତି ଊଣା ଛୁଆରୁ ପୁଲାଏ
ଅତିକାୟ ହାତୀଟିକୁ ଦେଖ, ଏକମାତ୍ର ଛୁଆ ଉପୁଜାଏ
ଅନେକ ବଦଳେ ତେଣୁ ଲୋଡ଼ ଭାଇ ମଣିଷ ଗୋଟିଏ ।

କେଉଁ ଗୁରୁ ହାରିଥାଏ ଜ୍ଞାନ ଦେଇ ଚତୁର ଶିଷ୍ୟରେ ?
ଯେତେ ହେଉ ଜ୍ଞାନ-ଗୁରୁ ନିର୍ବୋଧକୁ କେ ଶିଖାଇ ପାରେ ?
ଅଙ୍କାବଙ୍କା ନଈଟାକୁ କେ ସଳଖି ପାରେ ନିଜ କରେ ?

ବିଦ୍ୟାଶୂନ୍ୟ ଭଟ୍ଟାଗୃହୀ କଥା କହେ ବଡ଼ିମା ଦେଖାଇ
ବିଚକ୍ଷଣ ଜନ୍ତୁ ଅନୁକ୍ଷଣ ଶାନ୍ତିରହେ, କହେ ନିମ୍ନ ହୋଇ
ସୁନାଘଣ୍ଟା ବାଜେନା ଯେପରି କଂସାଘଣ୍ଟା ବାଜେ ଠାଇଁ ଠାଇଁ ।

ଧୀର ସ୍ରୋତେ କୁଳୁକୁଳୁନାଦ କରି ବିପୁଳା ସେ ଗଙ୍ଗା ଯାଏ ବହି
ଅଳ୍ପସ୍ଥାୟୀ ଅରଣ୍ୟ-ଝରଣା ଉଚ୍ଚ ନାଦେ ଗଡ଼େ ଡେଇଁ ଡେଇଁ
ନୀଚପରି ଉଚ୍ଚମନା କେବେ ହୁଏ ନାହିଁ ବଡ଼ିମା ଦେଖାଇ ।

ମିଛେ ଯା'ର ନିତପ୍ରତି ପ୍ରୀତି ସତ୍ୟପନ୍ଥୀ ପରି ତା' ଉନ୍ନତି
ସମ୍ଭବ କାହୁଁ ଏ ଜୀବନେ ସଉଭାଗ୍ୟ ଅବା ଯଶକୀର୍ତ୍ତି
ଛିଦ୍ରଥିବା କଳସୀରେ କାହୁଁ ଜଳ କେବେ ହେବ କି ଭରତି ?

ମଣିଷ ଓ ଭଗବାନ

ସେହି ବ୍ୟକ୍ତି, ଯେ ନିଜେ ବିଶ୍ୱ ହୋଇଯାଇଛି ଏବଂ ସମଗ୍ର ପରମସତ୍ତାର ନିବାସ ନିଜ ଭିତରେ ବୋଲି ଅନୁଭବ କରିଛି ; ଆପଣା ଆନ୍ତର ସତ୍ତାକୁ ବାହ୍ୟଜଗତ ସହ ଏକୀଭୂତ କରିବାର ଜ୍ଞାନ ତା'ର ଅର୍ଜିତ ହୋଇଛି, ସେ ଏହି ମାଟିର ମଣିଷ ହୋଇ ମଧ୍ୟ ପୂର୍ଣ୍ଣତା ପ୍ରାପ୍ତ ।

ଯାଅ, ଯାଅ ବୁଲିବୁଲି କରି ଗୃହିଆଡ଼େ କୁହ, ଯେଉଁ ବେମନା ବିଷ୍ଣୁଙ୍କୁ ଅବମାନନା କଲା, ଶିବ ଓ ଏପରିକି ବ୍ରହ୍ମାଙ୍କୁ ମଧ୍ୟ ନିନ୍ଦା କଲା, ମୁଁ ତା' ଉପରେ ଘୋର ଲଜ୍ଜା ଓ ଅପମାନର ବୋଝ ଲଦିଦେଇ ଦେଉଛି । ଏକମାତ୍ର ପରମେଶ୍ୱରହିଁ ବନ୍ଦିତ ହୁଅନ୍ତୁ ।

ଯେ ମାଆକୁ ଚହ୍ନେ, ସେ ଦେବୀଙ୍କୁ ଦେଖେ । ଯେ ପୃଥିବୀକୁ ଚହ୍ନେ, ସେ ସ୍ୱର୍ଗ କ'ଣ ଜାଣେ । ଯେ ସ୍ୱର୍ଗ ଓ ମର୍ତ୍ତ୍ୟକୁ ଜାଣେ, ସେ ନିଜ ଆତ୍ମାକୁ ବୁଝେ ।

ବ୍ରହ୍ମା କାହା ପୁଅ ? ବିଷ୍ଣୁ କାହା ପୁଅ ? ଶିବ କାହା ପୁଅ ? ଏହି ବ୍ୟକ୍ତିଙ୍କୁ ଦେବତା ବୋଲି କହିବାକୁ ଭଉଥିବା ଲୋକଗୁଡ଼ିକ ନିର୍ବୋଧ ନୁହନ୍ତି, ଆଉ କ'ଣ ?

ବ୍ରତାଗୃହର ଅଂଶ ହେଲେ ବି ସେ ସବୁ ଅସ୍ଥାୟୀ । ସଂସାରରେ ସତ୍ୟ ମାତ୍ର ଗୋଟିଏ । ପ୍ରତ୍ୟେକ ବ୍ରତାଗୃହ ତ୍ୟାଗ କରିବା ଓ ଏକ ତଥା ଅନନ୍ୟ ଦେବତାଙ୍କୁ ଦେଖିବାରେ ଏହା ନିହିତ ।

ଅନତିକ୍ରମଣୀୟ ଶ୍ରେଷ୍ଠତାର ସମୁଚିତ ଭାବ ହେଉଛି ଜୀବ ହତ୍ୟାରୁ ନିବୃତ୍ତ ରହିବା । ଭୂଦେବ ବ୍ରାହ୍ମଣଗଣ ଏହା କହନ୍ତି, ଅଥଚ ଯଜ୍ଞରେ ପଶୁବଳି ଦିଅନ୍ତି । ମୃତ ଗୋରୁଙ୍କୁ ଭକ୍ଷଣ କରୁଥିବା ଚଣ୍ଡାଳ ତ ଅପେକ୍ଷାକୃତ ମହତ୍ ।

ମଣିଷମାନେ ପଥରକୁ ଶିବ ମନେ କରନ୍ତି ଓ ତାକୁ ବଡ଼ ଭକ୍ତି ଦେଖାନ୍ତି । ପଥରଗୁଡ଼ାକ ପଥର, ଶିବ ନୁହନ୍ତି । ଆମ ଭିତରେ ବାସ କରୁଥିବା ଶିବଙ୍କ ପ୍ରତି ଧ୍ୟାନ ଦେଇ ଆମେ ତାଙ୍କୁ ଲକ୍ଷ୍ୟ କରିପାରୁ ନାହୁଁ—ଏ କେମନ୍ତ କଥା !

ଆଖି ତୁମର ଗୋଟିଏ ହେଲେ ଜ୍ଞାନ ହେବ ଏକମୁଖୀ, ଠିକ୍ ପୁରୁଷଟିଏ ସ୍ତ୍ରୀ ସହିତ ମିଳିତ ହେବା ପରି । ତାହା ହେଲେ ହିଁ ତୁମର ଅଭ୍ୟନ୍ତର ଆଲୋକ ପରିପୂର୍ଣ୍ଣ ହୋଇ ଉଠିବ, ଯେପରି ହୁଏ ବିଶ୍ୱେଶ୍ୱରଙ୍କର ।

ତୁମ ଦେବତାଙ୍କୁ ତୁମଠାରୁ ଦୂରକୁ ହଟାଇ ନିଆଯାଉଛି ବୋଲି ମନେ କଲେ ସେ ତୁମଠାରୁ ଦୂରେଇ ଯିବେ । ନିଜ ଶରୀରକୁ ଯେବେ ତାଙ୍କର ଆବାସସ୍ଥଳୀ ବୋଲି ମନେ କରିବ, ତେବେ ସେ ତୁମ ଭିତରେ ବିରାଜମାନ ହେବେ ଏବଂ ଯେଉଁମାନେ ନିଜ ନିଜର ପ୍ରାଣକୁ ତାଙ୍କର ବାହନ ବୋଲି ମଣିବେ, ସେମାନେ ସଦା ଅବିଚଳିତ ରହିବେ, ଦେବତାମାନେ ଯେପରି ଆନ୍ତି ।

ନିଜର ସୁନା ଓ ରୁପାର ପାହାଡ଼ ଥିଲେ ବି ଭଗବାନ ଶିବ କାହିଁକି ବୁଲି ବୁଲି ଭିକ୍ଷା ସଂଗ୍ରହ କରନ୍ତି ? ଯେତେ ବଡ଼ ହେଉନା କାହିଁକି, ସେ ଲୋକକୁ ପଡ଼ୋଶୀର ଧନ ଭାରି ଲୋଭନୀୟ ମନେ ହୁଏ ।

ତଥାପି ସେମାନେ କହୁଛନ୍ତି, ଏ ସଂସାର ମାୟାମୟ । ଏହା ମାୟା ନୁହେଁ, ଦୈବିକ ସତ୍ତ୍ୱରେ ନିର୍ମିତ । ଯେବେ ଏହା ମାୟା ହିଁ ହୁଏ, ତେବେ ମୋତେ କୁହ, ପ୍ରକୃତ ଦେବତ୍ୱ କେଉଁଠି ମିଳିବ ?

ଯେଉଁମାନେ କହନ୍ତି ଯେ ଇହ ଜୀବନରେ ସବୁକିଛି ଆମୋଦ ପରିହାର କରିବା ବହୁ ହିତକର, ସେମାନେ ମିଥ୍ୟାକୁ ବ୍ରତ କରି ନେଇଛନ୍ତି । ବର୍ତ୍ତମାନର ଜୀବନ ଭିତରେ ପରଜନ୍ମ ଯେ ଜକଜକ ହୋଇ ଦିଶୁଛି, ତୁମେ କ'ଣ ତାହା ଦେଖି ପାରୁ ନାହଁ ?

ଗ୍ରନ୍ଥସୂଚୀ

ବେମନାଙ୍କ ରଚିତ ଓ ତାଙ୍କ ସଂପର୍କିତ ତେଲୁଗୁ ଓ ଇଂରାଜୀର ନିର୍ବାଚିତ ଗ୍ରନ୍ଥାବଳୀ

ତେଲୁଗୁରେ ବେମନାଙ୍କ ଜୀବନ ଚରିତ କିଛି ରହିଛି । ସେଥିରୁ ଅଧିକାଂଶ ତାଙ୍କ ସମ୍ପର୍କୀୟ ଜନପ୍ରିୟ କିମ୍ବଦନ୍ତୀମାନଙ୍କୁ ନେଇ ଗଠିତ । ଠାଏ ଠାଏ ସାମାନ୍ୟ ଅଦଳବଦଳ ସହ ସେଗୁଡ଼ିକ ଅଯଥା ସନ୍ନିବେଶିତ ହୋଇଛି ମାତ୍ର । କେବଳ ଏଇଥିପାଇଁ ପ୍ରସ୍ତୁତ ଗ୍ରନ୍ଥସୂଚୀରେ ସେଥିରୁ କେବଳ ଗୋଟିଏ ବା ଦୁଇଟିକୁ ଅନ୍ତର୍ଭୁକ୍ତ କରାଯାଇଛି । ସେହିପରି ବେମନାଙ୍କ ପଦ୍ୟମାନଙ୍କର ଅନେକ ଭାଷ୍ୟ ବା ଟୀକାଗ୍ରନ୍ଥ ରହିଛି । ବ୍ୟାଖ୍ୟାନାତୀତ ଅନେକ ବିଷୟର ବ୍ୟାଖ୍ୟାନ ଦେବାକୁ ଏହି ଭାଷ୍ୟକାରଗଣ ଚେଷ୍ଟା କରିଛନ୍ତି, କିନ୍ତୁ ସେଥିରୁ ଅଧିକାଂଶ ନିର୍ବୋଧତା ବ୍ୟଂଜକ । ସେଗୁଡ଼ିକୁ ସେଥିପାଇଁ ବାଦ ଦିଆଯାଇଛି । ବେମନାଙ୍କ ପଦ୍ୟମାନଙ୍କର ସଙ୍କଳନ ଗ୍ରନ୍ଥ ମଧ୍ୟ ଅନେକ । ସେଥିରୁ ଗୁରୁତ୍ୱପୂର୍ଣ୍ଣ କେତେକ ଏଥିରେ ତାଲିକାଭୁକ୍ତ ହୋଇଛନ୍ତି । ଏଥିରେ ବେମନାଙ୍କର ଓ ବେମନାଙ୍କ ସଂପର୍କୀୟ ପୁସ୍ତକମାନଙ୍କୁ ତିନିଗୋଟି ବିଭାଗରେ ବିଭକ୍ତ କରାଯାଇଛି, ଯଥା : ତେଲୁଗୁ, ତେଲୁଗୁ-ଇଂରାଜୀ ଓ ଇଂରାଜୀ ।

ତେଲୁଗୁ

୧ । ବେମନା ଯୋଗୀନ୍ଦ୍ର ଚରିତାମୁ—ଆର୍. ପୂର୍ଣ୍ଣୟ୍ୟାଗୃରୟ୍ୟୁଲୁ, ମୁସଲିପଟ୍ଟନମ୍, ୧୯୧୩

୨ । ବେମନା ସୂକ୍ତ ରତ୍ନାକରମୁ—(୪୦୩୫ ପଦ୍ୟ ସମ୍ବଳିତ)—ଆର୍. ପୂର୍ଣ୍ଣୟ୍ୟାଗୃରୟ୍ୟୁଲୁ, ମୁସଲିପଟ୍ଟନମ୍, ୧୯୧୩

୩ । ଶ୍ରୀ ବେମନା ଯୋଗୀ ଜୀବିତାମୁ—ପୁଷ୍ପଗିରୁଲ ଆଦିନାରାୟଣ ଶାସ୍ତ୍ରୀ, ଭଦ୍ରିଲି ରାମସ୍ୱାମୀ ଶାସ୍ତ୍ରୁଲୁ ଆଣ୍ଡ୍ ସନ୍ସ୍, ମାଡ୍ରାଜ, ୧୯୦୭

୪ । ପୋତନା, ବେମନାଲ ଯୁଗାମୁ—ଢଗ୍‌ବଲ୍ଲୀ ବେଙ୍କଟ ଶିବରାଓ, ୧୯୨୪

୫ । ମହାଯୋଗୀ ବେମନା ଭବ—ନେଦୁନେରୁ ଗଙ୍ଗାଧରମ, ସି.ଭି. କିଷ୍ଣା ବୁକ୍ ଡିପୋ, ମାନ୍ଦ୍ରାଜ (ତାରଖ ନାହିଁ)

୬ । ବେମନା ଜ୍ଞାନମାର୍ଗ ପଦ୍ୟାମୁଲୁ (୩୦୦୨ ପଦ୍ୟ ସଙ୍କଳିତ)—ସି.ଭି. କିଷ୍ଣା ବୁକ୍‌ଡିପୋ, ମାନ୍ଦ୍ରାଜ (ତାରଖ ନାହିଁ)

୭ । ବେମନା (ସାର୍ ବେଙ୍କଟରତ୍ନମ୍ ଏଣ୍ଡୋଓମେଣ୍ଟ ଲେକ୍‌ଚର୍ସ)—ରଲ୍ଲାପଲ୍ଲି ଅନନ୍ତ କିଷ୍ଣ ଶର୍ମା, ଆନ୍ଧ୍ର ବିଶ୍ୱବିଦ୍ୟାଳୟ, ଓ୍ୱାଲ୍‌ଟିୟର୍ (୧୯୪୭ ପୁନର୍ମୁଦ୍ରଣ)

୮ । କବିଥ୍ ତଥ୍ ବିସ୍ମରମୁ—ସି.ଆର୍. ରେଡ଼୍ଡୀ, ଆନ୍ଧ୍ର ବିଶ୍ୱବିଦ୍ୟାଳୟ, ଓ୍ୱାଲ୍‌ଟିୟର (ପୁନର୍ମୁଦ୍ରଣ)

୯ । ବେମନା—ବାଙ୍ଗୁର ସୁବ୍ବାରାଓ, କମଲାକୁଟୀର, ନରସାପୁରମ୍ (ପୁନର୍ମୁଦ୍ରଣ, ୧୯୫୧)

୧୦ । ସତକ ଭଙ୍ଗମସ୍ମା ସର୍ବସ୍ୱାମୁ-ପ୍ରଥମଖଣ୍ଡ-ବେଦମ୍ ବେଙ୍କଟ କିଷ୍ଣ ଶର୍ମା, ମାନ୍ଦ୍ରାଜ, ୧୯୫୪

୧୧ । ଦ ଭର୍ସେସ୍ ଅବ୍ ବେମନା, ଟୀକା ସହ (୨୭୨୮ ପଦ୍ୟାବଳୀ), ଭଭିଲ୍ଲା ରାମସ୍ୱାମୀ ଶାସ୍ତ୍ରୁଲୁ ଆଣ୍ଡ୍ ସନ୍‌ସ, ମାନ୍ଦ୍ରାଜ (୧୯୫୫ ପୁନର୍ମୁଦ୍ରଣ)

୧୨ । ସତକ କବୁଲ ଚରିତାମୁ—ବାଙ୍ଗୁର ସୁବ୍ବାରାଓ, କମଲାକୁଟୀର, ନରସାପୁରମ୍ (୧୯୫୭ ପ୍ରକାଶନ)

୧୩ । ବେମନା ପଦ୍ୟାମୁଲୁ (୫୦୧୦ ପଦ୍ୟାବଳୀ)-ସଂକଳନ-ନେଦୁନୁର ଗଙ୍ଗାଧରମ୍, ଆଦେପଲ୍ଲୀ ଏଣ୍ଡ୍ କୋ: ରାଜମହେନ୍ଦ୍ରୀ,୧୯୬୦

୧୪ । ବେମନା ନୀତ ପଦ୍ୟରତ୍ନାବଳୀ (୧୧୧୭ ପଦ୍ୟାବଳୀ) ସି.ଭି. କିଷ୍ଣାବୁକ୍‌ଡିପୋ, ମାନ୍ଦ୍ରାଜ (୧୯୬୧ ପୁନର୍ମୁଦ୍ରଣ)

୧୫ । ଆନ୍ଧ୍ର କବି ତରଙ୍ଗିଣୀ—ଷଷ୍ଠଖଣ୍ଡ—ଚଗନ୍ତି ଶେଷାୟା, ହିନ୍ଦୁଧର୍ମଶାସ୍ତ୍ର ଗ୍ରନ୍ଥ ନିଲୟମ୍, ଢପିଲେଶ୍ୱରପୁରମ୍, (୧୯୬୧ ପ୍ରକାଶନ)

୧୬ । ସମଗ୍ର ଆନ୍ଧ୍ର ସାହିତ୍ୟମ୍-ଦ୍ୱାଦଶଖଣ୍ଡ-ଅରୁଦ୍ର—ଏମ୍. ଶେଷାଚଲମ୍ ଏଣ୍ଡ କୋ: ମାନ୍ଦ୍ରାଜ, ୧୯୬୮

ତେଲୁଗୁ—ଇଂରଜୀ

୧ । ଦ ଭର୍ସେସ୍ ଅବ୍ ବେମନା (୬୯୩ ପଦ୍ୟାବଳୀ)-ଅନୁବାଦକ-ସି.ପି. ବ୍ରାଉନ୍ ଭି. ରାମସ୍ୱାମୀ ଶାସ୍ତ୍ରୁଲୁ ଏଣ୍ଡ୍ ସନ୍ସ, ମାନ୍ଦ୍ରାଜ (୧୯୧୧ ପୁନର୍ମୁଦ୍ରଣ)

୨ । ଭର୍ସେସ୍ ଅବ୍ ବେମନା (ମୂଳ ତେଲୁଗୁର ଇଂରଜୀ ଅନୁବାଦ ସହ)-୧୨୧୫ ପଦ୍ୟାବଳୀ ଗ୍ରନ୍ଥକାର-ସି.ପି. ବ୍ରାଉନ୍, ଆନ୍ଧ୍ରପ୍ରଦେଶ ସାହିତ୍ୟ ଅକାଦମୀ, ହାଇଦ୍ରାବାଦ, ୧୯୬୭

୩ । ଦ ମ୍ୟୁଜିଙ୍ଗ୍ସ ଅବ୍ ଏ ମିଷ୍ଟିକ୍-ରଚୟିତା-ମୀର୍ ମାମୁଦ ଅଲି ଖାଁ, ହାଇଦ୍ରାବାଦ ୧୯୬୭

ଇଂରଜୀ

୧ । ହିନ୍ଦୁ ମ୍ୟାନର୍ସ, କଷ୍ଟମ୍ସ୍ ଆଣ୍ଡ୍ ସେରମନିଜ୍—ଜେ.ଏ. ଡୁବର, ଅକ୍ସଫୋର୍ଡ, ୧୯୫୩ ପୁନର୍ମୁଦ୍ରଣ

୨ । "ବେମନା—ଏ ସାଉଥ୍ ଇଣ୍ଡିୟାନ୍ ପୋଏଟ୍"—ଉଇଲିୟମ୍ ହାର୍ଓ୍ୱାର୍ଡ୍ କ୍ୟାଂପ୍‌ବେଲ୍, ମାନ୍ଦ୍ରାଜ ଖ୍ରୀଷ୍ଟିୟାନ୍ କଲେଜ୍ ମ୍ୟାଗାଜିନ, ୧୮୯୮ ।

୩ । ବେମନା—ଆର୍. ଏମ୍ ମ୍ୟାଗ୍‌ଡୋନାଲ୍ଡ୍-ମ୍ୟାନ୍ଦ୍ରାସ୍ ଜର୍ଣ୍ଣାଲ୍ ଅବ୍ ଲିଟରେଚର ଆଣ୍ଡ୍ ସାଇନ୍ସ୍, ୧୮୬୭

୪ । ଦ ଫୋକ୍ ସଙ୍ଗ୍ସ ଅବ୍ ସଦର୍ଣ୍ଣ ଇଣ୍ଡିଆ—ଚାର୍ଲସ୍. ଇ. ଗୋଭର୍, ହିଗ୍‌ଗିନ୍ ବୋଥାମ ଆଣ୍ଡ୍ କୋ:, ମାଡ୍ରାସ୍, ୧୮୭୧

୫ । ସମ୍ ମାଇଲ୍ ଷ୍ଟୋନ୍ସ୍ ଇନ୍ ତେଲୁଗୁ ଲିଟରେଚର—ଭଲ୍ୟୁମ୍ ୨—"ଦ ଏଜ୍ ଅବ୍ ବେମନା"—ଜି. ଆର. ସୁବ୍ରମଣ୍ୟ ପାନ୍ତୁଲୁ, ବ ନରସିଂହେଶ୍ୱର ଗୁପ୍ତ, ମାଡ୍ରାସ୍, ୧୯୧୫

୬ । ତେଲୁଗୁ ଲିଟରେଚର—ପି. ଟି ରାଜୁ, ପି.ଇ. ଏନ୍, ବମ୍ବେ, ୧୯୪୪

୭ । ତେଲୁଗୁ ଲିଟରେଚର୍—ପି. ଚେଞ୍ଚାୟା ଆଣ୍ଡ୍ ରାଜା ଏମ୍. ଭୁଜଙ୍ଗରାଓ, କଲିକତା (ତାରିଖ ନାହିଁ)

୮ । "ଅନ୍ ବେମନା"—ସି. ଆର୍. ରେଡ୍ଡୀ-ରେଡ଼ିଓ ଟକ୍, ଏ. ଆଇ. ଆର୍, ମାଡ୍ରାସ, ୧୯୫୦

୯ । ସେଣ୍ଟ୍ ବେମନା : ହିଜ୍ ଫଲସଫୀ—ଈଶ୍ୱର ଟୋପା, ହାଇଦ୍ରାବାଦ ତେଲୁଗୁ ଅକାଡାମୀ ହାଇଦ୍ରାବାଦ, ୧୯୫୦

୧୦ । ବେମନା : ହିଜ୍ ପୋଏଟ୍ରୀ ଆଣ୍ଡ୍ ଫିଲସଫୀ-ଜି. ଭି. କିଷ୍ଣାରାଓ (ଭି. ଆର୍. ନାର୍ଲାଙ୍କ ଏକାବନତମ ଜନ୍ମ ଦିବସରେ ପ୍ରଦତ୍ତ ଦ ଗୋଲ୍ଡେନ୍ ବୁକ୍ ୧୯୫୮ ('ହାଫ୍‌ଓ୍ୱେ'ରେ ପ୍ରକାଶିତ)

୧୧ । ଦ ହାର୍ଟ ଅବ୍ ଇଣ୍ଡିଆ—ଏଲ୍. ଡି. ବାର୍ଣ୍ଣେଟ୍, ଲଣ୍ଡନ୍, ୧୯୨୪

୧୨ । ବେମନା : ଦ ତେଲୁଗୁ ପୋଏଟ୍ ଆଣ୍ଡ୍ ସେଣ୍ଟ୍—ସି. ରାମକିଷ୍ଣ ରାଓ, ଜି. ଏ. ନଟେସାନ୍ ଆଣ୍ଡ୍ କୋ: ମାଡ୍ରାସ୍ (ତାରିଖ ଅପ୍ରଦତ୍ତ)

୧୩ । ବେମନା ଥ୍ରୁ ୱେଷ୍ଟର୍ଣ୍ଣ ଆଇଜ୍—ଭି. ଆର୍ ନାର୍ଲାଙ୍କ ଦ୍ୱାରା ସଙ୍କଳିତ ଓ ସଂପାଦିତ, ଏମ୍. ଶେଷାଚଲମ୍ ଆଣ୍ଡ୍ କୋ: ମାଡ୍ରାସ୍, ୧୯୭୧ ।

●

ପାରିଭାଷିକ ଟୀକାନୁକ୍ରମଣୀ

ଅଦ୍ଦାଙ୍କି : ସମ୍ପ୍ରତି ଗୁଣ୍ଟୁର ଜିଲ୍ଲାର ଏକ ଗ୍ରାମ । ରେଡ୍‌ଡୀ ରାଜ ପ୍ରଲୟା-ବେମାଙ୍କର ରାଜଧାନୀ ଥିବାବେଳର ସମସ୍ତ ଏହାର ଥିଲା ଗୌରବାବହ । ଏହି ସମୟ ହେଉଛି ଖ୍ରୀଷ୍ଟୀୟ ଚତୁର୍ଦ୍ଦଶ ଶତାବ୍ଦୀ ।

ଅଦ୍ୱୈତ ବେଦାନ୍ତ : ଏକେଶ୍ୱର ବାଦୀ ଦର୍ଶନ । ଭାରତରେ ଏହାର ପ୍ରଥମ ପ୍ରବର୍ତ୍ତକ ଥିଲେ ଗୌଡ଼ପାଦ ; କିନ୍ତୁ ଏହାର ବିଚକ୍ଷଣତମ ପ୍ରବକ୍ତା ହେଉଛନ୍ତି ଶଙ୍କର ।

ଅପ୍ପକବି : ବ୍ୟାକରଣ ଓ ଛନ୍ଦଃଶାସ୍ତ୍ରର ପ୍ରଣେତା କାକୁନୁରି ଅପ୍ପକବି ସପ୍ତଦଶ ଶତାବ୍ଦୀରେ ବିଦ୍ୟମାନ ଥିଲେ । ନନ୍ନାୟାଙ୍କ ନାମରେ ପ୍ରଚଳିତ ସଂସ୍କୃତ ଗ୍ରନ୍ଥ "ଆନ୍ଧ୍ର ଶବ୍ଦ ଚିନ୍ତାମଣି"କୁ ଅନୁବାଦ କରି ସେ କେତେକ ନୂତନ ବିଷୟ ସଂଯୋଜନ କରିଛନ୍ତି ।

ଅଭିନବ ଗୁପ୍ତ : [ପ୍ରାୟ ୧୦୦୦ ଶତାବ୍ଦୀ]—ଜଣେ ଦାର୍ଶନିକ ଓ ଅଳଙ୍କାର ଶାସ୍ତ୍ର ପ୍ରଣେତା ।

ଅମର କୋଷ : [ଏମ୍. ଓ୍ୱିଣ୍ଟରନିଜ୍‌ଙ୍କ ମତାନୁଯାୟୀ]—ଷଷ୍ଠ ଓ ଅଷ୍ଟମ ଶତାବ୍ଦୀର ମଧ୍ୟବର୍ତ୍ତୀ କାଳରେ ଜୀବିତ ଥିବା ଅମର ସିଂହ ନାମକ ଜନୈକ ବୌଦ୍ଧଙ୍କ ଦ୍ୱାରା ସଙ୍କଳିତ ପ୍ରସିଦ୍ଧତମ ପ୍ରାଚୀନ ସଂସ୍କୃତ ଶବ୍ଦ କୋଷ । ତିନିଗୋଟି ବିଭାଗରେ ବିଭକ୍ତ ଏହି ଗ୍ରନ୍ଥଟି ଏକାର୍ଥବୋଧକ ଶବ୍ଦମାନଙ୍କର ଏକ ଅଭିଧାନ । ଅମରକୋଷ ଉପରେ ଅନ୍ୟୂନ ପଚାଶଟି ଟୀକା ରହିଛି ।

ଅରୁନ୍ଧତୀ : ବଶିଷ୍ଠଙ୍କ ପତ୍ନୀ । ସେ ଆଦର୍ଶ ପତ୍ନୀ ଭାବରେ ଆରାଧିତା ହୁଅନ୍ତି । ସେ ଥିଲେ ଅକ୍ଷବ ଜାତର । ଏକ ନକ୍ଷତ୍ରର ନାମ ମଧ୍ୟ ଅରୁନ୍ଧତୀ ।

ଅଳଙ୍କାର ଶାସ୍ତ୍ର ସମୁଚ୍ଚୟ : ପଦ୍ୟାଳଙ୍କାର ସମ୍ବନ୍ଧୀୟ ଭାଷ୍ୟ । ଏମ୍. ଓ୍ୱିଣ୍ଟରନିଜ୍ କହନ୍ତି, "ଭାରତରେ ପଦ୍ୟାଳଙ୍କାର ଶାସ୍ତ୍ର ପୂର୍ବ କାଳରୁ ଏକ ବିଜ୍ଞାନ

ରୂପେ ଅନୁଶୀଳିତ ।" ବାସ୍ତବ କ୍ଷେତ୍ରରେ ଏହି ଶାସ୍ତ୍ର ଏଭଳି ଦୁର୍ଦ୍ଧର୍ଷଭାବରେ ଅନୁଶୀଳିତ ହେଲା ଯେ କବିମାନଙ୍କ ସହାୟତା କରିବା ଅପେକ୍ଷା ଏହା ସେମାନଙ୍କ ପାଇଁ ପ୍ରତିବନ୍ଧ ଘଟାଇଲା ।

ଆନ୍ଧ୍ର : ଆନ୍ଧ୍ର ଓ ତେଲୁଗୁ ଏକାର୍ଥବୋଧକ ଭାବେ ଜନ, ଭୂମି ଓ ଭାଷାକୁ ବୁଝାଏ । ଆନ୍ଧ୍ରମାନେ ଏକ ପ୍ରାଚୀନ ଜନଗୋଷ୍ଠୀ । ସୂତ୍ରକାଳୀନ ଅନ୍ୟତମ ହିନ୍ଦୁ ଧର୍ମଶାସ୍ତ୍ର "ଐତରେୟ ବ୍ରାହ୍ମଣ"ରେ ଏମାନଙ୍କର ଉଲ୍ଲେଖ ଅଛି । ଏମାନଙ୍କର ଭାଷା ଦ୍ରାବିଡ଼ୀୟ (ଅଣଇଣ୍ଡୋ-ଇଉରୋପୀୟ) ପରିବାର ଅନ୍ତର୍ଗତ । ଭାରତର ଦକ୍ଷିଣ-ପଶ୍ଚିମ ଭାଗରେ ଅବସ୍ଥିତ ଆନ୍ଧ୍ରପ୍ରଦେଶ ଭାରତୀୟ ଐକକ ରାଷ୍ଟ୍ରର ସମ୍ବିଧାନୋକ୍ତ ବାଇଶିଟି ରାଜ୍ୟମାନଙ୍କ ମଧ୍ୟରେ ଅନ୍ୟତମ । ଏହାର କ୍ଷେତ୍ରଫଳ ୨୭୬,୮୧୦ ବର୍ଗ କିଲୋମିଟର ଓ ୧୯୮୧ ଜନଗଣନାନୁଯାୟୀ ଲୋକ ସଂଖ୍ୟା ୫୩,୫୪୯,୬୭୩ ।

ଆନ୍ଧ୍ର ସାହିତ୍ୟ ପରିଷତ୍ : ଏକ ସାହିତ୍ୟିକ ଗବେଷଣା ପ୍ରତିଷ୍ଠାନ । ପ୍ରଥମେ ୧୯୧୧ରେ ମାଡ୍ରାଜରେ ପ୍ରତିଷ୍ଠିତ ହୋଇଥିଲେ ହେଁ ପରେ ଏହାର କାର୍ଯ୍ୟାଳୟ ଓ ପୁସ୍ତକାଗାର କାକିନାଡ଼ାକୁ ସ୍ଥାନାନ୍ତରିତ ହୋଇଛି । ଏହାର ଅନ୍ୟାନ୍ୟ ପୃଷ୍ଠପୋଷକମାନଙ୍କ ମଧ୍ୟରେ ବଦାନ୍ୟତମ ଥିଲେ ପୀଠାପୁରମ୍‌ର ମହାରାଜା ଶ୍ରୀ ରାଓ ବେଙ୍କଟକୁମାର ମହୀପତି ସୂର୍ଯ୍ୟ ରାଓ । ଏହାର ପୁସ୍ତକାଗାରର ଅନ୍ୟୂନ ପାଞ୍ଚହଜାର ତାଳପତ୍ର ପୋଥି-ପାଣ୍ଡୁଲିପି ରହିଛି ।

ଇନାକୋଣ୍ଡା : ଠିକ୍ ଭାବରେ ଉଚ୍ଚାରଣ କଲେ ହେବ ବିନୁକୋଣ୍ଡା । ଆନ୍ଧ୍ର ଇତିହାସରେ ଏହି ସହର ଓ ଦୁର୍ଗର ନାମ ଉଲ୍ଲିଖିତ । ସମ୍ପ୍ରତି ଏହା ଗୁଣ୍ଟୁର ଜିଲ୍ଲାନ୍ତର୍ଗତ ଏହି ନାମରେ ନାମିତ ଅନୁବିଭାଗୀୟ ସଦର ମହକୁମା ।

ଉପନିଷଦ : ସଂଖ୍ୟାରେ ଦୁଇଶହରୁ ଅଧିକ ଏହି ଉପନିଷଦଗୁଡ଼ିକ ଦାର୍ଶନିକ ଉପଦେଶାବଳୀର ପୃଥକ ଭାବରେ ଆୟତନ ଓ ବିଭୂତିରେ ପରସ୍ପରଠାରୁ ଅନେକ ଭିନ୍ନତା ସମ୍ବଳିତ । ଏଥିରୁ କେତେକ ଛନ୍ଦୋବଦ୍ଧ ଓ କେତେକ ଗଦ୍ୟ-ନିବଦ୍ଧ । ଏଗୁଡ଼ିକର ରଚନା କାଳ ପ୍ରାକ୍ ବୌଦ୍ଧ ଯୁଗ ଠାରୁ ଆଧୁନିକ କାଳ ପର୍ଯ୍ୟନ୍ତ ବିସ୍ତୃତ । ଏପରିକି ଆମେ ଗୋଟିଏ 'ଆଲ୍ଲୋପନିଷଦ୍' ଓ ଗୋଟିଏ 'ଖ୍ରୀଷ୍ଟୋପନିଷଦ୍' ପାଇଥାଉଁ ।

ଅଙ୍କାପିତ ଅଭିମତ ବିରୁଦ୍ଧରେ କୁହାଯାଇପାରେ ଯେ ଏକୀଭୂତ ଏ ଧାରାବାହିକ ଉପ-ନିଷଦୀୟ ଦର୍ଶନ ବୋଲି କିଛି ନାହିଁ । ଡକ୍ଟର ରାଧାକ୍ରିଷ୍ଣନଙ୍କ ମନ୍ତବ୍ୟ ହେଉଛି—"ଉପନିଷଦର ଲକ୍ଷ୍ୟ ସେପରି କିଛି ଦାର୍ଶନିକ ସତ୍ୟରେ ଉପନୀତ ହେବା ନୁହେଁ··· ଏଗୁଡ଼ିକ ଏପରି ଭେତେକ ତଥ୍ୟ ସମ୍ବଳିତ, ଯାହା ଅସଂବଦ୍ଧ ଓ ଅବୈଜ୍ଞାନିକ ।" ଏ. ବି. କୀଥ୍ କିନ୍ତୁ ଏ ସମ୍ପର୍କରେ ଅଧିକ ସ୍ପଷ୍ଟ । ସେ କହନ୍ତି, "ସେହି ଉପନିଷଦୀୟ ସଙ୍କା ବା ତତ୍ତ୍ୱମାନଙ୍କର କିଛି କିଛି ଐତିହାସିକ ମୂଲ୍ୟ ଥାଇପାରେ ; ମାତ୍ର ଦର୍ଶନତତ୍ତ୍ୱ ଭାବରେ ସେଗୁଡ଼ିକ ମୂହୂର୍ତ୍ତିକର ବିବେଚନା ପାଇଁ ମଧ୍ୟ ଯୋଗ୍ୟ ନୁହନ୍ତି ।

ଉର୍ବଶୀ : ସ୍ୱର୍ଗର ରାଜନର୍ତ୍ତକୀ । ଏହାଙ୍କର ସମ୍ମୋହନକାରୀ ସୌନ୍ଦର୍ଯ୍ୟ ବିଷୟରେ ପୁରାଣ ଶାସ୍ତ୍ର ଏଭଳି ଉଚ୍ଛ୍ୱସିତ ମନ୍ତବ୍ୟପୂର୍ଣ୍ଣ ଯେ କବି କାଳିଦାସ ସେଥିରୁ ପ୍ରେରଣା ଲାଭ କରି ଏକ ମହାନ ନାଟକ ଓ ରବୀନ୍ଦ୍ରନାଥ ଠାକୁର ଏକ ମହାନ କବିତା ରଚନା କରିଛନ୍ତି । ଏହାଙ୍କୁ ବ୍ରହ୍ମର୍ଷି ବଶିଷ୍ଠ ଓ ଅଗସ୍ତ୍ୟଙ୍କର ଜନନୀ ବୋଲି କଳ୍ପନା କରାଯାଇଛି ।

ଏରାପ୍ରଗଦା ଏଦାପତି (୧୨୮୦-୧୩୫୦ ଖ୍ରୀ:) : ପ୍ରଲୟା ବେମା ରେଡ୍ଡୀଙ୍କ ଦରବାରରେ ବିଦ୍ୟମାନ ଥିବା ଜନୈକ ପ୍ରମୁଖ କବି । ଟିକ୍କାନାଙ୍କ ଦ୍ୱାରା ସ୍ପଷ୍ଟ ହୋଇନଥିବା ଓ ନନ୍ନାୟାଙ୍କ ଦ୍ୱାରା ଅସମ୍ପୂର୍ଣ୍ଣ ଭାବେ ଛଡ଼ା ଯାଇଥିବା ମହାଭାରତର ଭୃତ୍ତାୟ ପର୍ବର ଅନୁବାଦକୁ ସେ ସମ୍ପୂର୍ଣ୍ଣ କରିଥିଲେ । ସେ ଏହି ଶୂନ୍ୟ ବ୍ୟବଧାନକୁ ଅସାମାନ୍ୟ ଶୈଳ୍ପିକ ଦକ୍ଷତା ଦ୍ୱାରା ପୂର୍ଣ୍ଣ କରିପାରିଥିଲେ । ସେ ତାଙ୍କର କୃତିଟିକୁ "ନନ୍ନାୟାଙ୍କ ଶୈଳୀରେ ଆରମ୍ଭ କରିଥିଲେ ଓ ଅଲକ୍ଷିତ ଭାବେ ଏଥିରେ ଟିକ୍କାନାଙ୍କ ଶୈଳୀର ଅନୁପ୍ରବେଶ ଘଟାଇଥିଲେ ।" ମହାଭାରତର ଅନୁବାଦକ ଏହି ତିନିଜଣ ତେଲୁଗୁ କବିଙ୍କୁ 'କବିତ୍ରୟମ୍' ଭାବେ ତେଲୁଗୁ କାବ୍ୟ ସାହିତ୍ୟରେ ସମ୍ମାନ ଦିଆଯାଏ । ଏରାପ୍ରଗଦାଙ୍କ ଅନ୍ୟାନ୍ୟ ରଚନାଗତ କୃତିତ୍ୱ ମଧ୍ୟରେ 'ହରିବଂଶମ୍'ର ଅନୁବାଦ ପ୍ରମୁଖ ସ୍ଥାନ ବରଣ କରେ । ତାଙ୍କର ନିଜସ୍ୱ ଗୌରବାବହ କୃତି ହେଉଛି "ପ୍ରବନ୍ଧ ପରମେଶ୍ୱର" ଅର୍ଥାତ୍ ପ୍ରବନ୍ଧମାନଙ୍କର ପ୍ରଭୁ ।

କର୍ଣ୍ଣାଟକ : କନ୍ନଡ଼ ଓ କର୍ଣ୍ଣାଟକ ସମାର୍ଥବୋଧକ । ଠିକ୍ ଆନ୍ଧ୍ର କ୍ଷେତ୍ରରେ ଯେପରି ଏଠାରେ ସେପରି ଜନ, ଭୂମି ଓ ଭାଷାକୁ ବୁଝାଏ । କର୍ଣ୍ଣାଟକମାନେ

ସେମାନଙ୍କର ସ୍ୱତନ୍ତ୍ର ରାଜ୍ୟ ମହୀଶୂର ଲାଭ କରିଛନ୍ତି । ଏହା ଆନ୍ଧ୍ରର ଦକ୍ଷିଣ-ପଶ୍ଚିମରେ ଅବସ୍ଥିତ । ୧୯୮୧ ଜନଗଣନାନୁସାରେ ଏହି ରାଜ୍ୟର ଲୋକ ସଂଖ୍ୟା ୩୭,୧୩୫,୭୧୪ ।

କବୀର : ମଧ୍ୟଯୁଗୀୟ ଭାରତର ରହସ୍ୟବାଦୀ ଗୁରୁମାନଙ୍କ ମଧ୍ୟରେ ଅନ୍ୟ ଏକ ମହାନତମ ବ୍ୟକ୍ତି । ତାଙ୍କର ଜନ୍ମତାରିଖକୁ ନେଇ ବିଦ୍ୱାନ୍‌ମାନଙ୍କ ମତରେ ଅନେକ ଦ୍ୱନ୍ଦ୍ୱ ଲକ୍ଷ୍ୟ କରାଯାଏ । ମୃତ୍ୟୁକାଳ ସଂପର୍କରେ ମଧ୍ୟ ସେହିପରି । ଅଧିକାଂଶ, କିନ୍ତୁ, ତାଙ୍କୁ ଖ୍ରୀଷ୍ଟୀୟ ପଞ୍ଚଦଶ ଶତାବ୍ଦୀରେ ସ୍ଥାନିତ କରନ୍ତି । ତାଙ୍କର ପିତୃମାତୃକୁଳ ସମ୍ବନ୍ଧରେ ମଧ୍ୟ ମତଦ୍ୱୈଧତା ପ୍ରକାଶ ପାଏ । ସେ ମୁସଲମାନ ପିତାମାତାଙ୍କର ସନ୍ତାନ ହୋଇ ପାରନ୍ତି କିମ୍ବା ଜନୈକା ବିଧବା ବ୍ରାହ୍ମଣୀର ପରିତ୍ୟକ୍ତ ସନ୍ତାନ ହୋଇ ମୁସଲମାନ ଦମ୍ପତିଙ୍କ ଦ୍ୱାରା ଲାଳିତ ପାଳିତ ହୋଇପାରନ୍ତି । ସେ ବୃତ୍ତିରେ ଥିଲେ ତନ୍ତୀ । ସେ ଥିଲେ ରାମାନନ୍ଦଙ୍କ ଶିଷ୍ୟ (ଅନ୍ୟ ପ୍ରସ୍ତୋଗ ମତେ) । କବୀର ଧର୍ମନୈତିକ ଅନ୍ଧାନୁରାଗକୁ ନିନ୍ଦା କରି ଆଲ୍ଲା ହୁଅନ୍ତୁ ବା ରାମ ହୁଅନ୍ତୁ, ସେ ବିଷୟରେ ବିବ୍ରତ ନ ହୋଇ ଏକ ଈଶ୍ୱରଙ୍କୁ ଆରାଧନା କରିବାକୁ ଯୁକ୍ତି ବାଢ଼ିଥିଲେ ।

କାକତୀୟ ସାମ୍ରାଜ୍ୟ : ଏକାଦଶ ଶତାବ୍ଦୀର ଆଦ୍ୟ ଦଶକମାନଙ୍କରେ ବେତରାଜଙ୍କ ଦ୍ୱାରା ସ୍ଥାପିତ ଏହି ସାମ୍ରାଜ୍ୟର ରାଜଧାନୀ ଥିଲା ଓ୍ୱାରଙ୍ଗଲ । ପ୍ରତାପରୁଦ୍ରଙ୍କ ଶାସନକାଳରେ ଏହି ସାମ୍ରାଜ୍ୟର ପତନ ଘଟିଥିଲା । ଦିଲ୍ଲୀ ସୁଲତାନ ଘିୟାସ-ଉଦ-ଦୀନ୍ ତୋଗଲକଙ୍କର ପୁତ୍ର ଉଲୁଘର୍ଖାଙ୍କ ଦ୍ୱାରା ସେ ଯୁଦ୍ଧରେ ପରାସ୍ତ ହୋଇ ଖ୍ରୀ: ୧୩୨୨ରେ ବନ୍ଦୀ ହୋଇଥିଲେ । କାକତୀୟ ସାମ୍ରାଜ୍ୟ ଗୌରବର ଶୀର୍ଷରେ ଚିଚନାପଲ୍ଲି ପର୍ଯ୍ୟନ୍ତ ଅର୍ଥାତ୍ ବାସ୍ତବରେ ସମଗ୍ର ଦକ୍ଷିଣ-ଭାରତରେ ବିସ୍ତାର ଲାଭ କରିଥିଲା ।

କାଳିଦାସ : ଭାରତୀୟ ସୁପ୍ରସିଦ୍ଧ ସଂସ୍କୃତ କାବ୍ୟ ଓ ନାଟକ କ୍ଷେତ୍ରରେ ଚରମୋତ୍କର୍ଷ ପ୍ରଦର୍ଶନ କରିଥିବା ନାଟ୍ୟକାର ଓ କବି । ତାଙ୍କର ଜନ୍ମ କିମ୍ବା ପ୍ରୟାଣର ସମୟ ନିର୍ଦ୍ଦିଷ୍ଟ ଭାବେ ନିର୍ଣ୍ଣିତ ହୋଇ ନ ପାରିଲେ ବି ସେ ଚତୁର୍ଥଶତାବ୍ଦୀର ଶେଷ ଓ ପଞ୍ଚମ ଶତାବ୍ଦୀର ଆଦ୍ୟଭାଗରେ ଗୁପ୍ତସାମ୍ରାଜ୍ୟ କାଳରେ ବିଦ୍ୟମାନ ଥିବା ସାଧାରଣତଃ ବିଶ୍ୱାସ କରାଯାଏ । ତାଙ୍କର ପ୍ରସିଦ୍ଧତମ ନାଟକ ହେଉଛି 'ଶକୁନ୍ତଳା'

(ଅଭିଜ୍ଞାନ ଶାକୁନ୍ତଳମ୍) ଓ ସୁବିଖ୍ୟାତ କାବ୍ୟ 'ମେଘଦୂତମ୍'। ତାଙ୍କର ସମସ୍ତ ପ୍ରଚଳିତ ରଚନା ଇଂରାଜୀ ସମେତ ବହୁଭାଷାରେ ଅନୁବାଦିତ।

କୁଦ୍ଦାପ୍ପା : ରୟଲ୍‌ସୀମାରେ ଅବସ୍ଥିତ ଏକ ସହର ଓ ଜିଲ୍ଲାର ନାମ ମଧ୍ୟ।

କର୍ଣ୍ଣୁଲ୍ : ରୟଲ୍‌ସୀମାର ଗୋଟିଏ ଜିଲ୍ଲାର ସଦର ମହକୁମା (ଅନ୍ୟ ପ୍ରୟୋଗ ମତେ)। ସହର ନାମ ଅନୁସାରେ ଜିଲ୍ଲାର ନାମକରଣ ହୋଇଛି। ଅକ୍ଟୋବର ୧୯୫୩ ଓ ଅକ୍ଟୋବର ୧୯୫୬ ମଧ୍ୟବର୍ତ୍ତୀ ସମୟରେ ଅର୍ଥାତ୍ ବୃହତ୍ତର ଆନ୍ଧ୍ରପ୍ରଦେଶ ଗଠିତ ହେବା ପୂର୍ବରୁ କର୍ଣ୍ଣୁଲ୍ ଥିଲା ରାଜ୍ୟର ରାଜଧାନୀ।

କୁରାଲ୍ : ତାମିଲ ସାହିତ୍ୟର ମହାନତମ ଗ୍ରନ୍ଥ ଏହି କୁରାଲ ତାମିଲ୍-ମାନଙ୍କର ବେଦ ରୂପେ ସେମାନଙ୍କ ଦ୍ଵାରା ଅଭିବନ୍ଦିତ ହୋଇଥାଏ। ଏହା ଏକ ନୀତିଗ୍ରନ୍ଥ। ତିନୋଟି ଭାଗରେ ଏହା ବିଭକ୍ତ। ପ୍ରଥମ ଭାଗ ନ୍ୟାୟନିଷ୍ଠ ସଦାଚାର; ଦ୍ଵିତୀୟଭାଗ ଧନ ବା ଅର୍ଥ (ରାଜ୍ୟଶାସନ ନୀତି) ଏବଂ ଶେଷ ଭାଗଟି ପ୍ରେମ ବିଷୟକ ବ୍ୟାଖ୍ୟାନ। ଏଥିରେ ସମୁଦାୟ ୧୩୩୦ ଶ୍ଳୋକ ରହିଛି। ଏହାର ରଚୟିତା ହେଉଛନ୍ତି ତିରୁଭଲ୍ଲୁଭର।

କୃଷ୍ଣ : ଯାଦବ ବଂଶର ଜନୈକ ମୁଖ୍ୟ ବସୁଦେବଙ୍କର ପୁତ୍ର କୃଷ୍ଣ ଜଣେ ରାଷ୍ଟ୍ରନାୟକ ଓ ଦାର୍ଶନିକ ଭାବେ ମହାଭାରତରେ ରୂପାୟିତ ହୋଇଛନ୍ତି। ସେ ହେଉଛନ୍ତି ଭଗବତ୍‌ଗୀତାର ସ୍ରଷ୍ଟା। ରାମଙ୍କ ସହ ସମଭାବରେ ସେ ବହୁ ହିନ୍ଦୁଙ୍କ ଦ୍ଵାରା ବିଷ୍ଣୁଙ୍କର ଅବତାର ରୂପେ ପୂଜିତ ହୁଅନ୍ତି। ଯେତେ ହିନ୍ଦୁ ଦେବତା ଅଛନ୍ତି, ସେମାନଙ୍କ ମଧ୍ୟରେ ସେ ସବୁଠାରୁ ସୁନ୍ଦର, ସତେଜ ଓ ରସବନ୍ତ। ବର୍ଣ୍ଣରେ ସେ କୃଷ୍ଣ; ପରିଧେୟ ତାଙ୍କର ପୀତବସ୍ତ୍ର। ବଂଶୀବାଦନ କରି ସେ ସହସ୍ର, ସହସ୍ର ଯୁବତୀଙ୍କର ଚିତ୍ତ ହରଣ କରନ୍ତି।

କୋଣ୍ଡାବିଡୁ : ଏକ ସହର, ଦୁର୍ଗ ଓ ଅଞ୍ଚଳର ନାମ। ରାଜା ଅନବୋତା ବେମାରେଡ୍ଡୀ (୧୩୫୩-୧୩୬୪ ଖ୍ରୀ:) ଓ ତାଙ୍କର ଉତ୍ତରାଧିକାରୀମାନଙ୍କର ରାଜଧାନୀ ଭାବରେ ମଧ୍ୟଯୁଗୀୟ ଆନ୍ଧ୍ର-ଇତିହାସରେ ଏହାର ଥିଲା ବ୍ୟାପକ ଭୂମିକା।

ଗଣ୍ଡିକୋଟା : ଗୋଟିଏ ପୁରାତନ ଦୁର୍ଗକୁ ନେଇ ଏହା ଏବେ କୁଡାପହ୍ ଜିଲ୍ଲାର ଅନ୍ତର୍ଭୁକ୍ତ ହୋଇଛି । ଅପରାକ୍ଷିତ କମ୍ମଦଲ୍ଗୀ ଅନୁଯାୟୀ ବେମନାଙ୍କ ବଡ଼ଭାଇ କିଛି ଦିନ ପାଇଁ ଏହି ଦୁର୍ଗର ଶାସକ ଥିଲେ ।

ଗାନ୍ଧି ମୋହନ ଦାସ କରମଚାନ୍ଦ (୧୮୬୯-୧୯୪୮ ଖ୍ରୀ:) : ଜଣେ ଆଧୁନିକ ସନ୍ନ୍ୟାସୀ ଓ ମହାତ୍ମା । ସେ ତାଙ୍କର ଅହିଂସା ସଂଗ୍ରାମ ମାଧ୍ୟମରେ ସ୍ୱାଧୀନତା ପ୍ରାପ୍ତି ଦିଗରେ ଭାରତକୁ ନେତୃତ୍ୱ ଦେଇଥିଲେ । ସେ ୧୯୪୮ ଜାନୁଆରୀ ୩୦ ତାରିଖରେ ଜଣେ ଧର୍ମାନ୍ଧ ହିନ୍ଦୁ ଆତତାୟୀ ଦ୍ୱାରା ଗୁଳିବିଦ୍ଧ ହୋଇ ପ୍ରାଣତ୍ୟାଗ କରିଥିଲେ ।

ଗୁଣ୍ଟୁର୍ : ଏହା ଏକ ଜିଲ୍ଲାର ସଦର ମହକୁମା ଓ ଏହି ନାମରେ ଜିଲ୍ଲାଟି ନାମିତ ।

ଗୁରୁ : ଜଣେ ଶିକ୍ଷକ, ଜଣେ ମଠବାଗୀଶ । କେତେକ କ୍ଷେତ୍ରରେ ଏହି ପଦଟି ନେତାଙ୍କୁ ବୁଝାଇଥାଏ । ଜଣେ 'ଦୋଙ୍ଗାଲ୍ଲ ଗୁରୁ' ଅର୍ଥ ଦସ୍ୟୁମାନଙ୍କର ନେତା ।

ଗୋଦାବରୀ : ୧,୪୯୮ କିଲୋମିଟର୍ ଦୀର୍ଘତା ସମ୍ପନ୍ନ, ଉପଦ୍ୱୀପୀୟ ଭାରତର ବୃହତ୍ତମ ନଦୀ । ପଶ୍ଚିମଘାଟ ପର୍ବତମାଳାରୁ ବାହାରି ଗୋଦାବରୀ ପୂର୍ବ ଦିଗକୁ ବହିଯାଇ ବଙ୍ଗୋପସାଗରରେ ମିଳିତ ହୋଇଛି । ଏହାର ପ୍ରାୟ ଅର୍ଦ୍ଧାଧିକ ଅଂଶ (୭୨୦ କି.ମି) ଆନ୍ଧ୍ରପ୍ରଦେଶ ଦେଇ ଗତି କରିଛି । ଏହା କୂଳରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଆନ୍ଧ୍ରର ସହର ରାଜମହେନ୍ଦ୍ରୀ ଅବସ୍ଥିତ ।

ଗ୍ରୀୟର୍ସନ୍ ସାର୍ ଜର୍ଜ୍ ଆବ୍ରାହମ୍ (୧୮୫୧-୧୯୪୧ ଖ୍ରୀ) : ବିଦ୍ୟାଳୟଗତ ଶିକ୍ଷା କ୍ଷେତ୍ରରେ ବହୁ କୃତିତ୍ୱ ସମ୍ପନ୍ନ ବିଦ୍ୱାନ ଗ୍ରୀୟର୍ସନ୍ ୧୮୭୩ରେ ଭାରତୀୟ ସିଭିଲ୍ ସର୍ଭିସ୍ (ଆଇ.ସି.ଏସ୍)ରେ ଯୋଗ ଦେଇ ୧୯୦୩ରେ ଅବସର ଗ୍ରହଣ କରିଥିଲେ । ବହୁ ଭାରତୀୟ ତଥା ଇଂରାଜୀ ଓ ହିନ୍ଦୁସ୍ଥାନୀ ଭାଷାମାନଙ୍କରେ ପ୍ରବୀଣତା ଲାଭ କରିବାରୁ ତାଙ୍କୁ ଭାରତୀୟ ଭାଷାତତ୍ତ୍ୱ ସର୍ବେକ୍ଷଣର ଅଧୀକ୍ଷକ ଭାବରେ ନିଯୁକ୍ତି କରାଯାଇଥିଲା ଓ ସେହି ପଦବୀରେ ଥାଇ ସେ ଉଚ୍ଚକୋଟୀର ସ୍ମରଣୀୟ କାର୍ଯ୍ୟ କରିଥିଲେ ।

ଚୈତନ୍ୟ (୧୪୮୬-୧୫୩୩ ଖ୍ରୀ:) : ବଙ୍ଗାଳୀ ସନ୍ନ୍ୟାସୀମାନଙ୍କ ମଧ୍ୟରେ ସେ ପ୍ରଖ୍ୟାତତମ । ନିଜ ଜୀବନଯାତ୍ରା ଓ ଉପଦେଶ ମାଧ୍ୟମରେ ସେ ବଙ୍ଗ, ଓଡ଼ିଶା ଓ ଆସାମ ତଥା ଅନ୍ୟାନ୍ୟ ଅଞ୍ଚଳର ବହୁ କବିଙ୍କୁ ଅତି ଉଚ୍ଚକୋଟୀର ଭକ୍ତିକାବ୍ୟମାନ ରଚନା କରିବା ଲାଗି ପ୍ରେରଣା ଦେଇଥିଲେ । ଠିକ୍ ପ୍ରଣୟୀଠାରେ ପ୍ରଣୟିନୀ ତାର ସର୍ବସ୍ୱ ଅର୍ପଣ କଲା ଭଳି ଈଶ୍ୱରଙ୍କଠାରେ ଏକାନ୍ତ ଆତ୍ମସମର୍ପଣ ହେଉଛି ତାଙ୍କ ବାଣୀର କୈନ୍ଦ୍ରିକ ବା ଅନ୍ତରଙ୍ଗ ସ୍ୱରୂପ । ସମଗ୍ର ଭାରତରେ ଲକ୍ଷଲକ୍ଷ ଚୈତନ୍ୟ ପନ୍ଥାର ଅନୁଗାମୀ ଅଛନ୍ତି ।

ଜୋନସ୍. ସାର୍. ଉଇଲୟମ୍ (୧୭୪୬-୯୪ ଖ୍ରୀ:) : ଜନୈକ ବିଚକ୍ଷଣ ଇଂରେଜ ଆଇନ୍ ବ୍ୟବସ୍ଥାପକ । ସେ ୧୮୮୩ରେ କଲିକତା ସୁପ୍ରିମ କୋର୍ଟର ବିଚାରପତି ଭାବେ ନିଯୁକ୍ତ ହୋଇଥିଲେ । ଏହାର ଠିକ୍ ବର୍ଷକ ପରେ ସେ ବେଙ୍ଗଲ୍ ଏସିଆଟିକ୍ ସୋସାଇଟୀ ଗଠନରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ । ସେ ନିଜେ ବହୁ ଇଉରୋପୀୟ ତଥା ଭାରତୀୟ ଭାଷାମାନଙ୍କରେ ଦକ୍ଷତା ଅର୍ଜନ କରିଥିବାରୁ ତୁଳନାତ୍ମକ ଭାଷାତତ୍ତ୍ୱ-ବିଜ୍ଞାନ ଚର୍ଚ୍ଚାର ପ୍ରାରମ୍ଭ କ୍ଷେତ୍ରରେ ଆଗ୍ରହ ପ୍ରକାଶ କରିଥିଲେ । ହିନ୍ଦୁ ଓ ମୁସଲମାନ-ଆଇନ୍ ସଂକ୍ରାନ୍ତୀୟ ପୁସ୍ତକ ରଚନା ବ୍ୟତୀତ ସେ କାଳିଦାସଙ୍କର ଏକ ନାଟକର ଅନୁବାଦ କରିଥିଲେ । ଅନେକ ମହାନଗୁଣର ଅଧିକାରୀ ଏହି ବ୍ୟକ୍ତିଙ୍କର ଅକାଳବିୟୋଗରେ ପ୍ରାଚ୍ୟବିଦ୍ୟାର ବିପୁଳ କ୍ଷତି ଘଟିଥିଲା ।

ଜ୍ଞାନଦେବ (୧୨୭୫-୧୨୯୬ ଖ୍ରୀ:) : ମହାରାଷ୍ଟ୍ରୀୟ ସନ୍ଥମାନଙ୍କ ମଧ୍ୟରେ ଅଗ୍ରଗଣ୍ୟ ଓ ଅଗ୍ରପ୍ରଧାନ । ସେ ବହୁଗ୍ରନ୍ଥର ରଚୟିତା । ତନ୍ମଧ୍ୟରୁ ଭଗବଦ୍ ଗୀତାର ଭାଷ୍ୟ 'ଜ୍ଞାନେଶ୍ୱରୀ' ବହୁଖ୍ୟାତ ।

ଟିକ୍କାନା : ତ୍ରୟୋଦଶ ଶତାବ୍ଦୀର ଜନୈକ କବି ଓ ରାଷ୍ଟ୍ରନୀତିଜ୍ଞ । ସେ ତେଲୁଗୁ କବିମାନଙ୍କ ମଧ୍ୟରେ ଶ୍ରେଷ୍ଠ ଓ 'କବିବ୍ରହ୍ମା' (କବିମାନଙ୍କ ମଧ୍ୟରେ ପ୍ରଥମ) । ଚତୁର୍ଥ ପର୍ବରୁ ଆରମ୍ଭ କରି ସମୁଦାୟ ମହାଭାରତ ସେ ତେଲୁଗୁରେ ଅନୁବାଦ କରିଥିଲେ । ଜଣେ ଦାର୍ଶନିକ ନହୋଇ ରାଷ୍ଟ୍ରନୀତିଜ୍ଞ ହୋଇଥିବାରୁ ଏହି ମହା-କାବ୍ୟର ଭଗବଦ୍‌ଗୀତା ଅଂଶଟିକୁ ସେ କଠୋର ଭାବେ ସଂକ୍ଷିପ୍ତ କରିଦେଇଥିଲେ ।

ରାଜନୀତି ତଥା ସମର ବିଷୟକୁ ତେଲୁଗୁରେ ଅନୁବାଦ କରି ସେ ବିଚକ୍ଷଣତାରେ ଅନ୍ୟମାନଙ୍କୁ ବଳି ଯାଇଥିଲେ । ଯେତେବେଳେ ତାଙ୍କ ପୃଷ୍ଠପୋଷକ ରାଜା ମନୁମସିଦ୍ଧି ପଡ଼ୋଶୀ ରାଜ୍ୟର ରାଜାଙ୍କ ଆକ୍ରମଣରେ ନିଜ ରାଜ୍ୟ ହରାଇ ବସିଥିଲେ ସେତେବେଳେ ଟିକ୍କାନା ଓ୍ୱାରଙ୍ଗଲ୍‌ର ରାଜା ଗଣପତିଦେବଙ୍କର ସହାୟତା ଲୋଡ଼ି ଏକ ସୈନ୍ୟବାହିନୀ ଯୋଗାଡ଼ କରିଥିଲେ ଓ ସେମାନଙ୍କୁ ନେଇ ରାଜ୍ୟ ଅପହରଣକାରୀଙ୍କୁ ବିତାଡ଼ିତ କରିଥିଲେ ।

ଠାକୁର ରବୀନ୍ଦ୍ରନାଥ (୧୮୬୧-୧୯୪୧ ଖ୍ରୀ:) : କାଳିଦାସ ଓ ଭବଭୂତିଙ୍କ ପରେ ଭାରତର ଶ୍ରେଷ୍ଠତମ କବି । ସେ ୧୯୧୩ ମସିହାରେ ସାହିତ୍ୟ ପାଇଁ ନୋବେଲ ପୁରସ୍କାର ଲାଭ କରିଥିଲେ ।

ତାମିଲନାଡ : କୁମାରିକା ଅନ୍ତରୀପ ପର୍ଯ୍ୟନ୍ତ ପରିବ୍ୟାପ୍ତ, ସିଧାସଳଖ ଆନ୍ଧ୍ରର ଦକ୍ଷିଣକୁ ଅବସ୍ଥିତ ତାମିଲ୍‌ଭାଷୀ ଜନସାଧାରଣଙ୍କର ଭୂମି । ପୂର୍ବରୁ ମାନ୍ଦ୍ରାଜ ନାମରେ କଥିତ ଥିଲେ ହେଁ ସମ୍ପ୍ରତି ଏହା ତାମିଲନାଡ଼ୁ ନାମରେ ନାମିତ ହୋଇଅଛି । ଦାକ୍ଷିଣାତ୍ୟର ଅନ୍ୟାନ୍ୟ ରାଜ୍ୟମାନଙ୍କ ମଧ୍ୟରେ ଏହା ସମୃଦ୍ଧତମ । ଏହାର ଭୌଗୋଳିକ ପରିସୀମା ଆନ୍ଧ୍ରଠାରୁ ଊଣା ହେଲେ ହେଁ ଜନସଂଖ୍ୟା ହେଉଛି ୪୮,୪୦୮,୦୭୭ (୧୯୮୧ ଜନଗଣନାନୁଯାୟୀ) ।

ତିରୁଭଲ୍ଲୁଭର : ଏ ଜଣେ ଜୈନ ହୁଅନ୍ତୁ ବା ନ ହୁଅନ୍ତୁ, କୁରାଲର ରଚୟିତା ଏବଂ ନିଶ୍ଚିତ ଭାବେ ନିମ୍ନ ଜାତିର ବ୍ୟକ୍ତି । ବସ୍ତୁତଃ ସେ ଯେଉଁ ନାମ ନେଇ ଆମ ନିକଟରେ ପରିଚିତ (ଏହା ତାଙ୍କର ଅସଲ ନାମ ନୁହେଁ), ତାହା ମୋଟାମୋଟି "ଭଲ୍ଲୁଭର ଜାତିର ସନ୍ନ୍ୟାସୀ" ବୋଲି ବୁଝାଏ । ଏହି ଭଲ୍ଲୁଭରମାନେ ଉଚ୍ଚ ଜାତିର ଅନ୍ତର୍ଗତ ନୁହନ୍ତି । ତାଙ୍କର ବିଦ୍ୟମାନ କାଳ ନିଶ୍ଚିତ ରୂପେ ଚିହ୍ନା ପଡ଼େ ନାହିଁ । ବିଭିନ୍ନ ପଣ୍ଡିତମାନଙ୍କ ଦ୍ୱାରା ଖ୍ରୀ: ପୂ ପ୍ରଥମ ଶତାବ୍ଦୀରୁ ଖ୍ରୀଷ୍ଟୀୟ ତୃତୀୟ ଶତାବ୍ଦୀ ପର୍ଯ୍ୟନ୍ତ ବିଭିନ୍ନ ସମୟ ତାଙ୍କର ବିଦ୍ୟମାନକାଳ ବୋଲି ନିର୍ଣ୍ଣୟ କରାଯାଇଛି ।

ତୁକାରାମ (୧୫୯୮-୧୬୪୯ ଖ୍ରୀ:) : ମହାରାଷ୍ଟ୍ରର ଜନୈକ କବି-ସନ୍ନ୍ୟାସୀ । ସେ ଗରିବ ଦୋକାନୀଟିଏ ଥିଲେ ହେଁ ଶିବାଜୀ ପଠାଇଥିବା ଉପହାରକୁ ପ୍ରତ୍ୟାଖ୍ୟାନ

କରିଥିଲେ । ସେ ଥିଲେ ଜଣେ ବହୁପ୍ରସୂ ଲେଖକ । ଅନ୍ୟୂନ ୪,୬୦୦ ଅଭଙ୍ଗ (ସ୍ତବ) ତାଙ୍କ ଦ୍ୱାରା ରଚିତ ହୋଇଛି ।

ତେଲଙ୍ଗାନା : ଊନବିଂଶ ଶତାବ୍ଦୀର ଶେଷପାଦ ପର୍ଯ୍ୟନ୍ତ ସମଗ୍ର ତେଲୁଗୁ ଭୂମି (ଆନ୍ଧ୍ର) ଇଉରୋପୀୟମାନଙ୍କ ଦ୍ୱାରା "ତେଲିଙ୍ଗାନା" ବୋଲି କଥିତ ହେଉଥିଲା । ସଂପ୍ରତି ଏହି ନାମ ସାମାନ୍ୟ ମାର୍ଜିତ ହୋଇ 'ତେଲେଙ୍ଗାନା' ନାମ ଧାରଣ କରି ପୁରୁଣା ହାଇଦ୍ରାବାଦ ରାଜ୍ୟ ବିଚ୍ଛିନ୍ନ ହେବା ପରେ ଯେଉଁ କେଅଟି ତେଲୁଗୁ ଜିଲ୍ଲା ଆନ୍ଧ୍ରପ୍ରଦେଶ ସହ ମିଶି ଯାଇଛି, ସେହିଗୁଡ଼ିକୁ ବୁଝାଉଛି ।

ତେଲୁଗୁ : ଆନ୍ଧ୍ରର ସମାର୍ଥବୋଧକ ; ଏହା ଆନ୍ଧ୍ରଭିତ୍ତି ଭୂମି, ଲୋକ ଓ ଭାଷାକୁ ବୁଝାଏ ତେଲୁଗୁ ଓ ଆନ୍ଧ୍ର ଆଦ୍ୟରୁ ଏକ ଥିଲେ କି ଦୁଇଭିନ୍ନ ଜନଗୋଷ୍ଠୀରେ ପରିଣତ ଥିଲେ, ଐତିହାସିକମାନେ ସେ ସମ୍ପର୍କରେ ନିର୍ଦ୍ଦିଷ୍ଟ ସିଦ୍ଧାନ୍ତରେ ପହଞ୍ଚିବାକୁ ସକ୍ଷମ ହୋଇ ନାହାନ୍ତି ।

ତୋଡ଼ିରାଗ : ଏକ ସାଙ୍ଗୀତିକ ଧାରା ।

ଦଣ୍ଡୀ : ଅଳଙ୍କାର ଶାସ୍ତ୍ର ରଚୟିତା । ତାଙ୍କର ଆବିର୍ଭାବ କାଳ ସଂପର୍କୀୟ ବିବାଦ ଏବେ ବି ବେଶ୍ ଉଷ୍ମତା ସଂପନ୍ନ । ସମ୍ଭବତଃ ସେ ଏକାଦଶ ଶତାବ୍ଦୀର ଶେଷ ଆଡ଼କୁ ଜୀବିତ ଥିଲେ । ତାଙ୍କର ଗଦ୍ୟୋପନ୍ୟାସ 'ଦଶକୁମାର ଚରିତ' ଓ 'କାବ୍ୟାଦର୍ଶ' ବୋଲି କୁହାଯାଉଥିବା ତାଙ୍କର ଅଳଙ୍କାର ଶାସ୍ତ୍ର ଅଧିକତର ପ୍ରଖ୍ୟାତ ।

ଦାଦୁ (୧୫୫୪-୧୬୦୩ ଖ୍ରୀ:) : ଏକ କବି-ସନ୍ନ୍ୟାସୀ । ଏହାଙ୍କ ନାମରେ ଏକ ଗୋଷ୍ଠୀ ବା ସଂପ୍ରଦାୟ, ଯାହାର ସେ ପ୍ରତିଷ୍ଠାତା, ନାମିତ ହୁଏ । ଅହ୍ମଦାବାଦ ତାଙ୍କର ଜନ୍ମସ୍ଥଳୀ ହେଲେ ହେଁ ସେ ଅଧିକାଂଶ ସମୟ ରାଜସ୍ଥାନରେ ଅତିବାହିତ କରିଥିଲେ । କେହି, କେହି ତାଙ୍କୁ ବ୍ରାହ୍ମଣ କହନ୍ତି । ଅନ୍ୟ କେତେକଙ୍କ ମତରେ ସେ ଥିଲେ ଅବ୍ରାହ୍ମଣ ଓ ତୁଳାଭିଣା ଥିଲା ତାଙ୍କର କୌଳିକ ବୃତ୍ତି (ତାମିଲ) ।

ଦୁବୋଇ. ଜେ. ବି : ଜନୈକ ଫରାସୀ ଧର୍ମଯାଜକ (ପ୍ରାୟ ୧୭୬୦ରେ ଜନ୍ମ) । ସେ ଦକ୍ଷିଣ ଭାରତରେ ଖ୍ରୀଷ୍ଟୀୟ ଧର୍ମପ୍ରଚାରକ ଭାବରେ ପାଖାପାଖି ୩୧ବର୍ଷ

ଅଭିବାହିତ କରିଥିଲେ । ସ୍ଥାନୀୟ ପୋଷାକ ପରିଧାନ କରି, ସ୍ଥାନୀୟ ବ୍ରତ ଓ ପ୍ରଥା-ମାନଙ୍କୁ ପାଳନ କରି ସେ ସାଧାରଣ ଲୋକଙ୍କ ମଧ୍ୟରେ ଜଣେ ହୋଇ ଚଳିଥିଲେ । ତାଙ୍କ ରଚିତ ପୁସ୍ତକ "ହିନ୍ଦୁ ମ୍ୟାନର୍ସ, କଷ୍ଟମ୍ସ୍ ଆଣ୍ଡ୍ ସେରିମନିଜ୍" ୧୭୯୨ରୁ ୧୮୨୩ ମଧ୍ୟବର୍ତ୍ତୀ କାଳର ହିନ୍ଦୁ ସମାଜର ଏକ ବାସ୍ତବ ଓ ବିଶ୍ୱସ୍ତ ଚିତ୍ର ପ୍ରଦାନ କରିଥାଏ ।

ଦେବଦାସୀ : ଆକ୍ଷରିକ ଅର୍ଥରେ ଈଶ୍ୱରଙ୍କର ନାସ୍ତ୍ରି ନୀତ ଦାସୀ ବା ଭୃତ୍ୟ । ତା'ର କର୍ତ୍ତବ୍ୟ ହେଉଛି ଯେଉଁ ଦେବତାଙ୍କ ମନ୍ଦିରରେ ସେ ଉତ୍ସର୍ଗିତା, ସେଠାରେ ସଙ୍ଗୀତ ଗାନ କରିବା ଓ ନୃତ୍ୟ ରଚନା କରିବା । ଆପଣା ଗୁଜୁରାଣ ମେଣ୍ଟାଇବା ପାଇଁ ତାକୁ ନିଷ୍କର ଭୂମି ଦିଆଯାଇଥାଏ ; କିନ୍ତୁ ସାଧାରଣତଃ ଅବାଧ ବେଶ୍ୟାବୃତ୍ତି ମାଧ୍ୟମରେ ସେ ତାହାର ଆୟ ବୃଦ୍ଧି କରିଥାଏ । କେତେକ ଦେବଦାସୀ ଅତ୍ୟନ୍ତ ସୁଦକ୍ଷା ନୃତ୍ୟାଙ୍ଗନା ଓ ସଙ୍ଗୀତଜ୍ଞା ଥିଲେ । ଯୁବତୀ କନ୍ୟାମାନଙ୍କୁ ଦେବତାଙ୍କୁ ଉତ୍ସର୍ଗ କରିବା ଆଇନ୍ ଦ୍ୱାରା ଏବେ ନିଷିଦ୍ଧ କରାଯାଇଛି ।

ଧର୍ମଶାସ୍ତ୍ର : ହିନ୍ଦୁମାନଙ୍କର ଆଇନ୍ ବା ନିୟମାବଳୀର ସାମୂହିକ ନାମ । ଏହି ନିୟମାବଳୀ ସେମାନଙ୍କ ଜୀବନଯାତ୍ରାର ବିଭିନ୍ନ ବିଷୟକୁ ନିୟନ୍ତ୍ରଣ କରିବା ଲକ୍ଷ୍ୟରେ ପ୍ରଣୀତ ହୋଇଅଛି । ପ୍ରତ୍ୟେକଟି ଜଣେ ଜଣେ ଋଷିଙ୍କ ଦ୍ୱାରା ପ୍ରଣୀତ ହୋଇଥିବା ମନେ କରାଯାଏ । ଜାତିଗତ ସମାଜକୁ ଦୃଢ଼ୀଭୂତ କରିବା ଉପରେ ଏଥିରେ ଜୋର୍ ଦିଆଯିବା ସଙ୍ଗେ ସଙ୍ଗେ ଏହାର ଶୀର୍ଷ ଭାଗରେ ଥିବା ବ୍ୟକ୍ତିମାନଙ୍କୁ କେତେକ ସୁବିଧା ପ୍ରଦାନ କରାଯାଇଛି । ମନୁ, ଯାଜ୍ଞବଲ୍କ୍ୟ, ପରାଶର, ଗୌତମ ଓ ଅପସ୍ତମ୍ବ ପ୍ରଭୃତି ପ୍ରଧାନ ଧର୍ମଶାସ୍ତ୍ର ହେଲେ ହେଁ ଏଥିରୁ ସମୁଦାୟ ପ୍ରାୟ ପଚିଶଟି ପର୍ଯ୍ୟନ୍ତ ରହିଛି ।

ନନ୍ନାୟ୍ୟା : ଏକାଦଶ ଶତାବ୍ଦୀରେ ରାଜମହେନ୍ଦ୍ରୀ ରାଜଧାନୀ ଥିବା ଉପକୂଳବର୍ତ୍ତୀ ଆନ୍ଧ୍ରର ପୂର୍ବାଞ୍ଚଳୀୟ ଚାଲୁକ୍ୟ ରାଜ୍ୟ ଶାସନ କରୁଥିବା ରାଜରାଜ ନରେନ୍ଦ୍ରଦେବଙ୍କର ସଭାକବି ଥିଲେ ନନ୍ନାୟ୍ୟା । ସେ ତାଙ୍କ ରାଜ ପୃଷ୍ଠପୋଷକଙ୍କର ଅନୁଜ୍ଞାବଶତଃ ମହାଭାରତ ଅନୁବାଦ କାର୍ଯ୍ୟ ଆରମ୍ଭ କରିଥିଲେ ; ମାତ୍ର ଏହାକୁ ସମ୍ପୂର୍ଣ୍ଣ କରିବା ଲାଗି

ସେ ବଞ୍ଚି ନ ଥିଲେ । ସେ କେବଳ ପ୍ରଥମ ଦ୍ୱିତୀୟ ପର୍ବ ଓ ତୃତୀୟ ପର୍ବର କିଛି ଅଂଶ ମାତ୍ରକୁ ତେଲୁଗୁ ରୂପାନ୍ତର ଦେଇଥିଲେ । ଗୋଟିଏ ତେଲୁଗୁ ବ୍ୟାକରଣ ସମେତ ଅନ୍ୟ ପାଞ୍ଚଟି ରଚନାକୁ ତାଙ୍କର କୃତି ବୋଲି କୁହାଯାଏ । ମାତ୍ର ସେଗୁଡ଼ିକର କର୍ତ୍ତୃତ୍ୱ ତର୍କ ସାପେକ୍ଷ । ତେଲୁଗୁ ସାହିତ୍ୟର ସେ ପ୍ରଥମ କବି ବୋଲି ଯେଉଁ ଦାବୀ ତାଙ୍କ ସପକ୍ଷରେ ଉଠାଯାଏ, ତାହା ମଧ୍ୟ ବିବାଦାତ୍ମକ । ଯାହାହେଉ ଆଦ୍ୟତମ ବିପୁଳ ତେଲୁଗୁ ରଚନାରେ ଅଧିକାଂଶ ସେ ହୋଇଥିବାରୁ ତାଙ୍କୁ "ଭଗାନୁଶାସନ" (ଭାଷାର ନିୟମ ଗଠନକାରୀ) ବୋଲି ଗୌରବମଣ୍ଡିତ କରାଯାଏ ।

ନାଗାର୍ଜ୍ଜୁନ : ଜନୈକ ବୌଦ୍ଧ ଦାର୍ଶନିକ । ଏକାଡ଼େମୀ ଅବ୍ ସାଇନ୍‌ସେସ୍, ୟୁ. ଏସ୍. ଏସ୍. ଆର (ରୁଷିଆର ବିଜ୍ଞାନ ଅକାଦମୀ)ର ପ୍ରଫେସର ସ୍ଚେରବାତସ୍କିଙ୍କ ମତରେ ନାଗାର୍ଜ୍ଜୁନ "ବିଶ୍ୱମାନବ ସମାଜର ଶ୍ରେଷ୍ଠତମ ଦାର୍ଶନିକଙ୍କ ସମଶ୍ରେଣୀୟ । ଖ୍ରୀଷ୍ଟୀୟ ପ୍ରଥମ ଶତାବ୍ଦୀ ବେଳକୁ ସେ ବୌଦ୍ଧ ମାଧ୍ୟମିକ ଦର୍ଶନବାଦର ସମୃଦ୍ଧି ସାଧନ କରିଥିଲେ । ସେ ତାଙ୍କର ଶେଷ ଜୀବନ ଆନ୍ଧ୍ରର ଶ୍ରୀପର୍ବତଠାରେ କଟାଇଥିଲେ । ତାହା ଏବେ ନାଗାର୍ଜ୍ଜୁନ କୋଣ୍ଡା ନାମରେ ପରିଚିତ ।

ନାନକ (୧୪୬୯-୧୫୩୬ ଖ୍ରୀ:) : ଶିଖପନ୍ଥର ପ୍ରବର୍ତ୍ତକ । ଶିଖମାନଙ୍କର ପ୍ରଥମ ଦଶଜଣ ଗୁରୁଙ୍କ ମଧ୍ୟରେ ସର୍ବପ୍ରଥମ ଗୁରୁ । ବର୍ତ୍ତମାନ ପଶ୍ଚିମ ପାକିସ୍ଥାନ ଅନ୍ତର୍ଗତ ତଲଓ୍ୱାଣ୍ଡି ନାମକ ଗ୍ରାମରେ ଜନ୍ମଗ୍ରହଣ କରିଥିଲେ ହେଁ ନାନକ ଦେଶ, ଦେଶାନ୍ତର ବୁଲିବୁଲି ତାଙ୍କର ସାର୍ବଜନୀନ ପ୍ରେମ ଓ ଭ୍ରାତୃତ୍ୱ ପର୍ଯ୍ୟବସିତ ଧର୍ମୋପଦେଶ ପ୍ରଚାର କରିଥିଲେ ।

ନାମଦେବ (୧୨୭୦-୧୩୫୦ ଖ୍ରୀ:) : ବୃତ୍ତିରେ ଦରଜୀ ହେଲେ ହେଁ ସେ ମହାରାଷ୍ଟ୍ରର ଜଣେ କବି ଓ ସନ୍ନ୍ୟାସୀ ଥିଲେ । ସେ ପଞ୍ଜାବରେ ଦଶବର୍ଷ ଅତିବାହିତ କରିଥିଲେ । ତାଙ୍କର କେତେକ ଦୋହା (ଗୀତ) ଶିଖ ଧର୍ମଗ୍ରନ୍ଥ "ଗ୍ରନ୍ଥସାହେବ"ରେ ଅନ୍ତର୍ଭୁକ୍ତ ହୋଇଅଛି ।

ନେଲ୍ଲୋର : ଏହାର ପ୍ରାଚୀନ ନାମ ଥିଲା ବିକ୍ରମସିଂହପୁରମ୍ । ସମ୍ପ୍ରତି ଏହି ନାମ ବିଶିଷ୍ଟ ଜିଲ୍ଲାର ଏହା ସଦରମହକୁମା । ଗୁଣ୍ଟୁରରେ ଜନ୍ମ ହୋଇଥିଲେ ହେଁ ଟିକ୍କାନା ତାଙ୍କ ଜୀବନର ଶ୍ରେଷ୍ଠ ସମୟତକ ଏହିଠାରେ କଟାଇଥିଲେ ।

ପବିତ୍ର ସୂତ୍ର : ସଂସ୍କୃତରେ 'ଯଜ୍ଞୋପବୀତମ୍' : ହିନ୍ଦୁ ବିଶ୍ୱାସ ଅନୁଯାୟୀ ବ୍ରତୋପନୟନ କାଳରେ ଜଣେ ବ୍ରାହ୍ମଣ ଉପାସ୍ତା ଧାରଣ କଲେ ଦ୍ୱିତୀୟ ଜନ୍ମଲାଭ କରେ । ଏତଦ୍ଦ୍ୱାରା ସେ 'ଦ୍ୱିଜ'ରେ ପରିଣତ ହୁଏ । ସଂସ୍କୃତରେ ଏହିପରି ଆର୍ଷବାକ୍ୟ ଅଛି—"ଜନ୍ମନା ଜାୟତେ ଶୂଦ୍ରଃ ସଂସ୍କାରାଦ୍ଦ୍ୱିଜଂ ମୁଚ୍ୟତେ । ବେଦାଭ୍ୟାସାତ୍ ଭବେତ୍ ବିପ୍ରଃ, ବ୍ରହ୍ମଂଜାନାତି ବ୍ରାହ୍ମଣଃ ।।" ବ୍ରାହ୍ମଣଙ୍କ ବ୍ୟତୀତ ଅନ୍ୟ ଦୁଇ ଜାତି (କ୍ଷତ୍ରିୟ ଓ ବୈଶ୍ୟ)ର ବାଳକମାନେ ବ୍ରତ ହୋଇ ଉପବୀତ ଧାରଣ କରନ୍ତି ।

ପ୍ରବନ୍ଧ : ନିର୍ଦ୍ଦିଷ୍ଟ ରୂପେ ନଗର, ନଦୀ, ପର୍ବତ, ଋତୁ, ଅରଣ୍ୟ ଓ ହ୍ରଦସମୂହାଦିର ବର୍ଣ୍ଣନା ବିରଣ କରିଥିବା କାବ୍ୟକୃତି । ଏହା ରାଜା, ରାଣୀ, ରାଜପୁତ୍ର ଓ ରାଜକନ୍ୟାମାନଙ୍କୁ କେନ୍ଦ୍ର କରି ରଚିତ ହେବା ସଙ୍ଗେ ସଙ୍ଗେ ସେମାନଙ୍କର ଯୌନ ବିଳାସର ପୁଙ୍ଖାନୁପୁଙ୍ଖ ବର୍ଣ୍ଣନା ଅବଶ୍ୟ ପ୍ରଦାନ କରିଥାଏ । ଏଥିରେ ମଧ୍ୟ ଶିକାର ଓ ଅଭିଯାନ ନିର୍ଦ୍ଦିଷ୍ଟ ରୂପାୟିତ ହୁଏ । ଏହିଭଳି କେତେକ ଅବଶ୍ୟ ବର୍ଣ୍ଣନା ଫଳରେ କୌଣସି କୌଣସି ପ୍ରତିଭାଶାଳୀ କବିଙ୍କ ରଚନା ବ୍ୟତିରେକେ ଅନ୍ୟତ୍ର ଏହି ପ୍ରବନ୍ଧ ରଚନା ଅତିମାତ୍ରାରେ କୃତ୍ରିମତା ବ୍ୟଞ୍ଜିତ ହୋଇ ଏକାନ୍ତ ବିରକ୍ତିଭାଜନ ହୋଇଥାଏ ।

' **ପ୍ରଭାକର ଶାସ୍ତ୍ରୀ. ବେତୁରି** (୧୮୮୮-୧୯୫୦ ଖ୍ରୀ:) : ଜଣେ ଚମତ୍କାର ବିଦ୍ୱାନ ଗବେଷକ ଓ ସମୀକ୍ଷକ ଏହି ପ୍ରଭାକର ଶାସ୍ତ୍ରୀ ବହୁବଂଶାଧିକ ତାଳପତ୍ର ପୋଥି ଓ ଅନ୍ୟାନ୍ୟ ପାଣ୍ଡୁଲିପି ସଂଗ୍ରହ, ସମ୍ପାଦନ ଓ ପ୍ରକାଶନ କରିଛନ୍ତି । କେତେକ ପ୍ରାଚୀନ ସ୍ୱାଧର୍ମୀ ରଚନାର ମୁଖବନ୍ଧ ତାଙ୍କର ଖୁବ୍ ଉଚ୍ଚକୋଟୀର ।

ପାଷଣ୍ଡ : ସ୍ୱଧର୍ମତ୍ୟାଗୀ । ବିଶେଷତଃ ଯେ ବେଦର କର୍ତ୍ତୃତ୍ୱକୁ ଅସ୍ୱୀକାର କରେ ।

ପୁରାଣ : ପ୍ରାଚୀନ ହିନ୍ଦୁ ବଂଶାନୁଚରିତ ଓ ଜନଶ୍ରୁତିର ସଙ୍କଳନ-ଗ୍ରନ୍ଥ । ପରମ୍ପରା ଅନୁଯାୟୀ ଅଷ୍ଟାଦଶ ପୁରାଣ ଓ ଅଷ୍ଟାଦଶ ଉପପୁରାଣ ରହିଛି । କିନ୍ତୁ ବାସ୍ତବତଃ ଉପପୁରାଣର ସଂଖ୍ୟା ଅନେକ ବେଶି । ଜନସାଧାରଣରେ ପ୍ରଚଳିତ ହିନ୍ଦୁଧର୍ମ ବହୁଳାଂଶରେ ପୁରାଣ ଭିତ୍ତିକ । ଏଚ୍. ଏଚ୍. ଉଇଲସନ୍‌ଙ୍କ ସ୍ୱକୃତ ବିଷ୍ଣୁପୁରାଣର ଇଂରାଜୀ ଅନୁବାଦର ମୁଖବନ୍ଧ ଏବେ ମଧ୍ୟ ପୁରାଣ ସଂପର୍କୀୟ କ୍ଷୁଦ୍ର ଆଲୋଚନାମାନଙ୍କ ମଧ୍ୟରେ ସହଜଲଭ୍ୟଭାବେ ସର୍ବୋତ୍ତମ ।

ପୂର୍ବକବି ସ୍ତୁତି : ପୁରାତନ କବିମାନଙ୍କ ପ୍ରଶସ୍ତିକୁ ବୁଝାଏ । ଏହା ପ୍ରତ୍ୟେକ ଗୀତପ୍ରଧାନ କାବ୍ୟକୃତିରେ ଅବଶ୍ୟଗ୍ରଥିତ ଉପାଦାନ । ଏହା ସାଧାରଣତଃ ଏକ ଗୌଣରୀତି ହେଲେହେଁ କେତେକ ସଦୁଦ୍ଦେଶ୍ୟ ସାଧନ କରିଥାଏ । ଯେଉଁ ଦେଶରେ କାଳନିର୍ଦ୍ଦେଶଗତ ଇତିହାସ ସଂପର୍କୀୟ ଧାରଣା ନିତାନ୍ତ ଊଣା, ସେଠାରେ ଏହି ରୀତି ଅନେକକ୍ଷେତ୍ରରେ କାଳନିରୂପଣ ପ୍ରସଙ୍ଗରେ ଯଥେଷ୍ଟ ଆଲୋକପାତ କରିଥାଏ ।

ପୋତନା (୧୪୦୦-୧୪୭୫ ଖ୍ରୀ:) : ମହାଭାରତର ଅନୁବାଦକ ବାମ୍ମେରା ପୋତନା ତେଲୁଗୁ ସାହିତ୍ୟର ଜଣେ ପ୍ରମୁଖ କବି । ଜଣେ ସରଳମନା, ସ୍ୱୟଂଶିକ୍ଷିତ ଏହି ବ୍ୟକ୍ତି ରାଜ ପୃଷ୍ଠପୋଷକତାକୁ ଏଡ଼ାଇ ଦେଇ ଆପଣାର ଆରାଧ୍ୟ ଦେବମୂର୍ତ୍ତିକୁ ନିଜର ସମସ୍ତ ରଚନା ଉତ୍ସର୍ଗ କରିଥିଲେ । ଏକନିଷ୍ଠତା ଓ ପଦମାଧୁର୍ଯ୍ୟ ତାଙ୍କ କାବ୍ୟର ଲକ୍ଷଣୀୟ ବିଭବ ।

ପୋପ୍. ଡଃ. ଜି. ଇୟୁ : ତାମିଲ୍‌ରେ ଗଭୀର ବ୍ୟୁତ୍ପତ୍ତି ହାସଲ କରିଥିବା ଜନୈକ ଖ୍ରୀଷ୍ଟିୟାନ୍ ଧର୍ମପ୍ରଚାରକ । ୧୮୮୬ ମସିହାରେ ସେ ଲଣ୍ଡନରୁ "କୁରାଲ୍"ର ଅନୁବାଦ ପ୍ରକାଶ କରିଥିଲେ । ପରବର୍ତ୍ତୀକାଳରେ ସେ "ତିରୁବାସାହମ୍" ଶୀର୍ଷକ ଏକ ତାମିଲ ଗୀତ ସାହିତ୍ୟର ଅନୁବାଦ କରିଥିଲେ ।

ବଶିଷ୍ଠ : ଉଭୟ ବେଦ ଓ ପୁରାଣମାନଙ୍କରେ ବହୁବିଶ୍ରୁତ ଜଣେ ପ୍ରାଚୀନ ଋଷି । ଋଗ୍‌ବେଦର ଅନେକ ସୂକ୍ତ ସମେତ ଏକ ଧର୍ମଶାସ୍ତ୍ର ମଧ୍ୟ ତାଙ୍କ ନାମରେ ପ୍ରଚଳିତ । ସେ ଥିଲେ ଉର୍ବଶୀଙ୍କର ସନ୍ତାନ । ବୈଦିକ ଗାଥାନୁସାରେ ଉଭୟ ମିତ୍ର ଓ ବରୁଣ ଏକ ଯଜ୍ଞ ସ୍ଥଳରେ ସୁନ୍ଦରୀ ଉର୍ବଶୀଙ୍କୁ ଦେଖି ଏପରି କାମମୋହିତ

ହୋଇ ପଡ଼ିଲେ ଯେ ସେହିଠାରେ ସେମାନଙ୍କର ବୀର୍ଯ୍ୟ ସ୍ଖଳିତ ହୋଇଗଲା । ସେଥିରୁ ଯେଉଁ ଅଂଶଟି ଭୂମିରେ ପଡ଼ିଲା ତହିଁରୁ ବଶିଷ୍ଠ ଓ ଯେଉଁ ଅଂଶଟି ଜଳକଷ୍ଟ ଏକ କୁମ୍ଭ ମଧ୍ୟରେ ପତିତ ହେଲା, ସେଥିରୁ ଅନ୍ୟ ଏକ ଋଷି ଅଗସ୍ତ୍ୟ ଜନ୍ମ ଲାଭ କଲେ ।

ବ୍ରହ୍ମସୂତ୍ର : ଦାର୍ଶନିକ ସୂତ୍ର ସମ୍ବଳିତ ଗ୍ରନ୍ଥ । ବ୍ୟାସ ଏହାର ରଚୟିତା ବୋଲି କୁହାଯାଉଥିଲେ ହେଁ ଏସ୍. ଏନ୍. ଦାସଗୁପ୍ତଙ୍କ ମତରେ ଏହା ସେପରି କିଛି ପ୍ରାଚୀନ କାଳର ରଚନା ନୁହେଁ । ସେ କହନ୍ତି, "ଏଥିରେ ଥିବା ସୂତ୍ରମାନଙ୍କରେ ପ୍ରାୟ ଭାରତୀୟ ସମସ୍ତ ଦାର୍ଶନିକ ତତ୍ତ୍ୱର ବିରୋଧିତା ଲକ୍ଷ୍ୟ କରାଯାଉଥିବାରୁ ଏଗୁଡ଼ିକ ଏକାନ୍ତ ପ୍ରଥମ କାଳୀନ ରଚନା ବୋଲି କୁହାଯାଇ ପାରିବ ନାହିଁ ।" ଏହା ଖ୍ରୀ:ପୂ: ଦ୍ୱିତୀୟ ଶତାବ୍ଦୀର ରଚନା ବୋଲି ସେ ବିଶ୍ୱାସ କରନ୍ତି । ଆହୁରି ପରବର୍ତ୍ତୀ-କାଳୀନ ରଚନା ବୋଲି ଏହାକୁ ନିର୍ଣ୍ଣୟ କରି ଜାକୋବି ଏହାର ସୃଷ୍ଟି ସମୟକୁ ୨୦୦ରୁ ୪୫୦ ଖ୍ରୀ:ଅ ଆଡ଼କୁ ନେଇ ଆସନ୍ତି । ଏହାର ଭାଷ୍ୟକାରଙ୍କ ମଧ୍ୟରେ ସୁପ୍ରସିଦ୍ଧ ହେଉଛନ୍ତି ଶଙ୍କର, ରାମାନୁଜ ଓ ମଧ୍ୱ ଏବଂ ଆଧୁନିକ କାଳରେ ଏସ୍. ରାଧାକିଷ୍ଣନ୍ । ଏହାର ଭାଷ୍ୟକାରମାନଙ୍କର ମଧ୍ୟ ଭାଷ୍ୟକାର ଅଛନ୍ତି ।

ବ୍ରହ୍ମା : ଭଗବାନ । ହିନ୍ଦୁ ତ୍ରିମୂର୍ତ୍ତି କଳ୍ପନାନୁଯାୟୀ ସୃଷ୍ଟିକର୍ତ୍ତା ଭାବେ ଗୃହୀତ । ଲାଲ ରଙ୍ଗର ଏହି ଦେବତା ଚତୁର୍ମସ୍ତକ ବିଶିଷ୍ଟ । ତ୍ରିମୂର୍ତ୍ତିର ଅନ୍ୟ ଦେବତାଦ୍ୱୟ ଯେପରି ପୂଜା ପାଆନ୍ତି, ଏ ସେଭଳି ପୂଜା ପାଆନ୍ତି ନାହିଁ ।

ବାଙ୍ଗୁରି ସୁବ୍ବାରାଓ (୧୮୮୬-୧୯୨୮ ଖ୍ରୀ:) : ଜଣେ କ୍ଷୁଦ୍ର ଉତ୍ପାଦନକାରୀ ବଣିକ ଭାବରେ ପ୍ରଥମ ଜୀବନ ଆରମ୍ଭ କରିଥିଲେ ହେଁ ସେ ପରେ ସାହିତ୍ୟିକ ଗବେ-ଷଣା କ୍ଷେତ୍ରରେ ଅବତୀର୍ଣ୍ଣ ହୋଇଥିଲେ । ବେମନାଙ୍କ ଜୀବନୀ, ଶତକ କବିମାନଙ୍କ ସମ୍ପର୍କୀୟ ଏକ ନିବନ୍ଧ ଓ ତେଲୁଗୁ ସାହିତ୍ୟର ଇତିହାସ ତାଙ୍କ ପ୍ରକାଶିତ ଗ୍ରନ୍ଥମାନଙ୍କ ମଧ୍ୟରେ ଅନ୍ତର୍ଭୁକ୍ତ ।

ବାସବ : ବୀର ଶୈବ ଧର୍ମର ପ୍ରତିଷ୍ଠାତା । ଜାତି, ବର୍ଣ୍ଣ ଓ ମଣିଷ, ମଣିଷ ମଧ୍ୟରେ ବ୍ୟବଧାନ ସୃଷ୍ଟି କରୁଥିବା ସମସ୍ତ କୃତ୍ରିମ ବିଭେଦ ବିରୁଦ୍ଧରେ ସଂଗ୍ରାମ ଗଢ଼ି

ତୋଳିଥିବା ଏକ ଧର୍ମୀୟ ଆନ୍ଦୋଳନ ହେଉଛି ବୀରଶୈବ ମତବାଦ । ଦ୍ୱାଦଶ ଶତାବ୍ଦୀର ଆଦ୍ୟଦଶକରେ ମହୀଶୂର ରାଜ୍ୟର ବାଗେବାଡ଼ିର ଏକ ବ୍ରାହ୍ମଣ ପରିବାରରେ ଜନ୍ମ ଗ୍ରହଣ କରିଥିବା ଏହି ବାସବ କାଳକ୍ରମେ ଭାରତର ଅନ୍ୟତମ ମହାନ ଧର୍ମ ଓ ସମାଜ ସଂସ୍କାରକ ଭାବେ ନିଜକୁ ଉନ୍ନୀତ କରିଥିଲେ ।

ବାସବ ପୁରାଣ : ପାଲ କୁରିକି ସୋମନାଥଙ୍କ ଦ୍ୱାରା ଦ୍ୱାଦଶ ଶତାବ୍ଦୀରେ ରଚିତ ବାସବଙ୍କର ଜୀବନ-ଇତିବୃତ୍ତ ।

ବ୍ୟାସ : ପରାଶରଙ୍କ ଅବୈଧ ସନ୍ତାନ ହୋଇଥିବା ଯୋଗୁଁ "କାନୀନ" ବୋଲି ପରିଚିତ । ବର୍ଣ୍ଣରେ କୃଷ୍ଣ ଓ ଏକ ଦ୍ୱୀପରେ ଜନ୍ମ ହୋଇଥିବାରୁ "କୃଷ୍ଣ ଦ୍ୱୈପାୟନ" ବୋଲି ମଧ୍ୟ ତାଙ୍କୁ କୁହାଯାଏ । ତାଙ୍କର ଅନ୍ୟାନ୍ୟ ନାମ ମଧ୍ୟରେ "ବ୍ୟାସ" ବା "ବେଦବ୍ୟାସ" ଏକାନ୍ତ ଜଣାଶୁଣା । କାରଣ ସେ ବେଦର ସଙ୍କଳନ କରଣ ବା ବିନ୍ୟାସକରଣ (ସମ୍ପାଦନ) କରିଥିବା କୁହାଯାଏ । (ଆକ୍ଷରିକ ଅର୍ଥରେ ବ୍ୟାସ କହିଲେ ବିନ୍ୟାସକାରୀ ବୁଝାଏ) । ସେ ମହାଭାରତ, ବ୍ରହ୍ମସୂତ୍ର ଓ ଅଷ୍ଟାଦଶ ମୁଖ୍ୟ ପୁରାଣମାନଙ୍କର ରଚୟିତା ବୋଲି ଗୃହୀତ ହୁଅନ୍ତି ।

ବ୍ରାଉନ୍. ଚାର୍ଲସ୍. ଫିଲିପ୍ (୧୭୯୮-୧୮୮୪ ଖ୍ରୀ:) : ମାନ୍ଦ୍ରାଜ ସିଭିଲ ସର୍ଭିସ୍ ବୃତ୍ତିଧାରୀ ବ୍ରାଉନ୍ ତେଲୁଗୁ ଲୋକ, ସେମାନଙ୍କର ଭାଷା ଓ ସାହିତ୍ୟକୁ ଅନ୍ତରର ସହ ଭଲ ପାଇଥିଲେ ଏବଂ ସେ ସବୁ ପ୍ରତି ସେ ଯୋଗାଇଥିଲେ ଏକାନ୍ତ ଆବଶ୍ୟକ ସେବା । ଗୋଟିଏ ତେଲୁଗୁ ବ୍ୟାକରଣ, ତେଲୁଗୁ-ଇଂରାଜୀ ଓ ଇଂରାଜୀ-ତେଲୁଗୁ ଅଭିଧାନ ପ୍ରସ୍ତୁତି ଓ ପ୍ରକାଶନ ଭଳି କେତେକ କାର୍ଯ୍ୟ ସମେତ ସେ ଶହ, ଶହ ତାଳପତ୍ର ପୋଥି-ପାଣ୍ଡୁଲିପିମାନ ସଂଗ୍ରହ କରିଥିଲେ । ସେ ସ୍ଥାନୀୟ ପଣ୍ଡିତମାନଙ୍କୁ ବହୁ ପ୍ରାଚୀନ ଐତିହାସିକ ରଚନାମାନଙ୍କର ସଂଗ୍ରହ, ସୂଚୀବଦ୍ଧ ସଂକଳନ, ସଂପାଦନ ଓ ମୁଦ୍ରଣ କାର୍ଯ୍ୟରେ ସହାୟତା କରିବା ସଙ୍ଗେ ସଙ୍ଗେ ଉତ୍ସାହ ପ୍ରଦାନ କରିଥିଲେ । ଆପଣାର ଅକ୍ଳାନ୍ତ ଶ୍ରମ ବିନିଯୋଗ କରି ସେ ବେମନାଙ୍କର ପରବର୍ତ୍ତୀ-ପ୍ରଖ୍ୟାତିର ମୂଳଭିତ୍ତି ସ୍ଥାପନ କରିଯାଇଅଛନ୍ତି ।

ବ୍ରାହ୍ମଣ : ଉଚ୍ଚତମ ଜାତିର ବ୍ୟକ୍ତି । ଏହାଙ୍କୁ ଭୂସୁର ଅର୍ଥାତ୍ ମର୍ତ୍ତ୍ୟର ଦେବତା ବୋଲି କୁହାଯାଏ । ସେ ମଧ୍ୟ 'ଦ୍ୱିଜ' ଅର୍ଥାତ୍ ଦୁଇଥର ଜନ୍ମ ହୋଇଥିବା ବ୍ୟକ୍ତି । (ପବିତ୍ର-ସୂତ୍ର ଦେଖ) । ବୈଦିକ ସାହିତ୍ୟ ଅନ୍ତର୍ଗତ ଏକ ଶାସ୍ତ୍ରକୁ ମଧ୍ୟ ବ୍ରାହ୍ମଣ ବୋଲାଯାଏ, ଯଥା :—ଶତପଥ ବ୍ରାହ୍ମଣ, ଐତରେୟ ବ୍ରାହ୍ମଣ ଇତ୍ୟାଦି ।

ବିଷ୍ଣୁ : ଅନ୍ୟାନ୍ୟ ହିନ୍ଦୁ ଦେବାଦେବୀମାନଙ୍କ ମଧ୍ୟରେ ବିଷ୍ଣୁଙ୍କର ଉପାସକମାନଙ୍କର ସଂଖ୍ୟା ଅଧିକ । ହିନ୍ଦୁ ତ୍ରିଦେବ ଧାରଣାରେ ସେ ହେଉଛନ୍ତି ରକ୍ଷା ବା ପାଳନକର୍ତ୍ତା । ସେ ସମସ୍ତ ଜମେ ଧରାପୃଷ୍ଠରେ ଅବତୀର୍ଣ୍ଣ ହୋଇ ଦୁଷ୍ଟନାଶନ ଓ ସନ୍ଥପାଳନ କରନ୍ତି ବୋଲି ବିଶ୍ୱାସ କରାଯାଏ । ପୁରାଣ ଅନୁଯାୟୀ ସେ ଆଜି ପର୍ଯ୍ୟନ୍ତ ନଅଥର ଅବତରଣ କରି ଆସିଛନ୍ତି ଓ କଳ୍କି ଅବତାର ଗ୍ରହଣ କରି ସେ ଦଶମଥର ପାଇଁ ଆସୁଥିବେ ।

ବୀଣା : ଗିଟାର୍ ଭଳି ଏକ ତାରଯନ୍ତ୍ର ନିବଦ୍ଧ ସଂଗୀତ ବାଦ୍ୟ ବିଶେଷ । ଭାରତରେ ଏହା ପ୍ରାଚୀନ କାଳରୁ ବ୍ୟବହୃତ । ଭାରତୀୟ ଶିଳ୍ପକଳାରେ ବ୍ରହ୍ମାଙ୍କର ସହଧର୍ମିଣୀ ବିଦ୍ୟାର ଦେବୀ ସରସ୍ୱତୀ ସ୍ୱହସ୍ତରେ ବୀଣା ଧାରଣ କରିଥିବା ଦର୍ଶା ଯାଇଛି । ତାଙ୍କର ପୁତ୍ର ନାରଦ ମଧ୍ୟ ବୀଣାଧାରୀ ।

ବୀର ଶୈବ ଧର୍ମ : ବାସବଙ୍କ ପ୍ରବର୍ତ୍ତିତ ଯୁକ୍ତିପ୍ରବଣ ଶୈବ ଧର୍ମର ଏକ ଧାରା । ଏହି ପନ୍ଥୀମାନେ ଶିବଙ୍କୁ ପରମେଶ୍ୱର ଭାବେ ଗ୍ରହଣ କରିଥାନ୍ତି ।

ବୀରେଶଲିଙ୍ଗମ୍ କନ୍ଦୁକୁରୀ (୧୮୪୮-୧୯୧୯) : ଆଧୁନିକ ଭାରତର ମହାନ୍ ସନ୍ତାନମାନଙ୍କ ମଧ୍ୟରେ ବୀରେଶଲିଙ୍ଗମ୍ ଅନ୍ୟତମ ଧର୍ମ ଓ ସମାଜ ସଂସ୍କାରକ । ତେଲୁଗୁ ସାହିତ୍ୟ ପ୍ରତି ତାଙ୍କର ଅବଦାନ ଯେପରି ପ୍ରଭୂତ, ସେହିପରି ବହୁଧା ପ୍ରସାରିତ । ଏହି ଭାଷାରେ ସେ ପ୍ରଥମ ଉପନ୍ୟାସ, ପ୍ରଥମ ନାଟକ, ପ୍ରଥମ ବ୍ୟଙ୍ଗ ସାହିତ୍ୟ, ପ୍ରଥମ ଜୀବନୀ, ପ୍ରଥମ ଆତ୍ମଜୀବନୀ ଏବଂ ଅନ୍ୟାନ୍ୟ ବିଷୟକ ପ୍ରଥମ ପୁସ୍ତକମାନଙ୍କର ରଚୟିତା । ସାହିତ୍ୟ ଏକାଡେମୀ ତାଙ୍କର ଭାରତୀୟ ସାହିତ୍ୟ ନିର୍ମାଣ ପର୍ଯ୍ୟାୟରେ ବୀରେଶଲିଙ୍ଗମ୍ଙ୍କ ସମ୍ପର୍କୀୟ ଏକକ-ପ୍ରବନ୍ଧ ପ୍ରକାଶ କରିଅଛନ୍ତି ।

ବେଦ : ହିନ୍ଦୁ ଧର୍ମଶାସ୍ତ୍ରମାନଙ୍କ ମଧ୍ୟରେ ବେଦ (ଜ୍ଞାନରାଜିସମ୍ପନ୍ନ ଗ୍ରନ୍ଥ) ହେଉଛି ପ୍ରାଚୀନତମ ଓ ସର୍ବମାନ୍ୟ । ଭକ୍ତମାନେ ବିଶ୍ୱାସ କରନ୍ତି ଯେ ସେଗୁଡ଼ିକ ସ୍ୱତଃ-ପ୍ରକାଶମାନ ଗ୍ରନ୍ଥ । ଏଗୁଡ଼ିକ ଚତୁଃ ସଂଖ୍ୟାବିଶିଷ୍ଟ । ଏମାନେ ହେଲେ ଋଗ୍, ସାମ, ଯଜୁଃ ଓ ଅଥର୍ବ । ଋଗ୍‌ବେଦ ଆଦ୍ୟତମ ସୃଷ୍ଟି ।

ବେଙ୍କଟରତ୍ନମ୍. ସାର୍ ରଘୁପତି (୧୮୬୨-୧୯୩୯) : ଜଣେ ନେତୃ-ସ୍ଥାନୀୟ ଶିକ୍ଷାବିଦ୍, ସମାଜ ସଂସ୍କାରକ ଓ ଧର୍ମଗୁରୁ । ବୀରେଶଲିଙ୍ଗମ୍‌ଙ୍କର ଜଣେ ବିଶ୍ୱସ୍ତ ଓ ସମସାମୟିକ ବ୍ୟକ୍ତି ଭାବରେ ସେ ବିଶେଷତଃ ଦେବଦାସୀମାନଙ୍କର ଅଭ୍ୟୁତ୍ଥାନ ଓ ଅସ୍ପୃଶ୍ୟ ତଥା ସମାଜର ଅନ୍ୟାନ୍ୟ ଦୁର୍ବଳତର ଶ୍ରେଣୀମାନଙ୍କର ଜାଗରଣ ପାଇଁ କାର୍ଯ୍ୟ କରିଥିଲେ । ବେଙ୍କଟରତ୍ନମ୍ ମାନ୍ଦ୍ରାଜ ବିଶ୍ୱବିଦ୍ୟାଳୟର କୁଳପତି ପଦ ମଣ୍ଡନ କରିଥିଲେ ।

ବୈଶ୍ୟ : ହିନ୍ଦୁ ଜାତିବିଭାଗ ଧାରାରେ ତୃତୀୟ ସ୍ଥାନ ଗ୍ରହଣକାରୀ । ତେଲୁଗୁରେ ଏହାଙ୍କୁ କୋମଟି (କୁମୁଟୀ) କୁହାଯାଏ । ହିନ୍ଦୀରେ ଏମାନେ 'ବଣିଆଁ' ବୋଲି ପରିଚିତ । ଗାନ୍ଧି ଜାତିରେ 'ବଣିଆଁ' ଥିଲେ ।

ଭଗବଦ୍‌ଗୀତା : ଖ୍ରୀଷ୍ଟୀୟ ଧର୍ମରେ ନିଉଟେଷ୍ଟାମେଣ୍ଟ ଭଳି ହିନ୍ଦୁ ଧର୍ମରେ ଶ୍ରୀ ଭଗବଦ୍‌ ଗୀତାର ସ୍ଥାନ ଏକାନ୍ତ ମହାନ କୋଟୀର ବିବେଚିତ ହୋଇଥାଏ । ମହାଭାରତର ଅନ୍ୟତମ ପ୍ରମୁଖ ପାତ୍ରଦ୍ୱୟ ଶ୍ରୀକୃଷ୍ଣ ଓ ଅର୍ଜୁନଙ୍କ ମଧ୍ୟରେ ଚାଲିଥିବା ଦ୍ୱୈତ ସଂଲାପ ରୂପେ ମହାଭାରତରେ ଏହା ପ୍ରକାଶ ଲାଭ କରିଛି । ଏହାର ଶ୍ଳୋକ ସଂଖ୍ୟା ଛଅଶହ ପଚିଶ । ଏହାର ପ୍ରଥମ ଇଂରାଜୀ ଅନୁବାଦ ୱିଲ୍‌କିନ୍‌ସନ୍‌ଙ୍କ ଦ୍ୱାରା ପ୍ରଥମେ ୧୭୮୪ ଖ୍ରୀ:ରେ ହୋଇଥିଲା ; କିନ୍ତୁ ସର୍ବାଧିକ ଜନପ୍ରିୟ ଇଂରାଜୀ ଅନୁବାଦ ହେଉଛି ଏଡ଼ୱିନ୍ ଆର୍ଣ୍ଣୋଲ୍‌ଡ୍‌ଙ୍କର "ଦି ସଙ୍ଗ୍ ଅଵ୍ ସେଲେଷ୍ଟିଆଲ୍" (ଈଶ୍ୱରୀୟ ଗୀତିକା) । ଏହାର ଶତାଧିକ ଭାଷ୍ୟମାନଙ୍କ ମଧ୍ୟରେ ଶଙ୍କରଙ୍କ ଭାଷ୍ୟ ହେଉଛି ଆଦ୍ୟତମ । ପରବର୍ତ୍ତୀ କାଳରେ ଏହାର ସୁପ୍ରସିଦ୍ଧ ଭାଷ୍ୟମାନ ତିଳକ, ଅରବିନ୍ଦ ଓ ଗାନ୍ଧିଙ୍କ ଦ୍ୱାରା ରଚିତ । ଏହାର ଭାଷ୍ୟକାରମାନଙ୍କ ଭଳି ଭାଷ୍ୟଗୁଡ଼ିକ ମଧ୍ୟ ସଂସ୍କାରବାଦିତା ଦୃଷ୍ଟିରୁ ବିଭିନ୍ନତା ବ୍ୟଞ୍ଜିତ । କେତେକ ବ୍ୟକ୍ତି 'ଭଗବଦ୍‌ଗୀତା

ଦର୍ଶନ' ବୋଲି କହୁଥିଲେ ହେଁ ଡକ୍ଟର ସର୍ବାପଲ୍ଲି ରାଧାକିଷ୍ଣନ୍ଙ୍କ ମତରେ ଗୀତା ଦାର୍ଶନିକ ବ୍ୟାଖ୍ୟାନ ଅପେକ୍ଷା ଅଧିକତର ଦୃଷ୍ଟିରୁ ଏକ ଧର୍ମୀୟ ବୈଷ୍ଣ ସାହିତ୍ୟ ।

ଭବଭୂତି : ଜନୈକ କବି ଓ ନାଟ୍ୟକାର । କାଳିଦାସଙ୍କ ପରେ ସେ ହେଉଛନ୍ତି ସର୍ବଶ୍ରେଷ୍ଠ । ତାଙ୍କର ତିନୋଟି ନାଟକ—'ଉତ୍ତରରାମଚରିତ', 'ମହାବୀରଚରିତ' ଓ 'ମାଳତୀମାଧବ' ମଧ୍ୟରୁ ପ୍ରଥମଟି ଅପେକ୍ଷାକୃତ ସର୍ବଶ୍ରେଷ୍ଠ । ସେ ଖ୍ରୀଷ୍ଟୀୟ ଅଷ୍ଟମ ଶତାବ୍ଦୀରେ ବିଦ୍ୟମାନ ଥିଲେ । ବିଦର୍ଭ (ବେରାର)ରେ ଜନ୍ମ ଗ୍ରହଣ କରିଥିଲେହେଁ ରାଜପୃଷ୍ଠପୋଷକତା ଲୋଡ଼ି ସେ ଉଜ୍ଜୟିନୀ କମ୍ବା କାଶ୍ମୀରକୁ ଆସି ବସବାସ କରିଥିଲେ ।

ଭରତ : ଜନୈକ ପୌରାଣିକ ଋଷି । ହିନ୍ଦୁ ବିଶ୍ୱାସ ଅନୁଯାୟୀ ସେ ନୃତ୍ୟ, ନାଟକ ଓ ମଞ୍ଚକଳାର ଉଦ୍ଭାବନ କରିଥିଲେ । ଅନ୍ୟ ଜଣେ ପୁରାଣୋକ୍ତୀର୍ତ୍ତିତ ଭରତ ହେଉଛନ୍ତି ହସ୍ତିନାର ରାଜା ଦୁଷ୍ମନ୍ତ ଓ ତାଙ୍କ ରାଣୀ ଶକୁନ୍ତଳାଙ୍କ ପୁତ୍ର । ତାଙ୍କ ନାମ ଅନୁସାରେ ତାଙ୍କ ଶାସିତ ଭୂଖଣ୍ଡର ନାମ ଭାରତ ହୋଇଛି ବୋଲି କୁହାଯାଏ ।

ଭୀମ : (ଭୀମସେନ ଭାବେ ମଧ୍ୟ ପରିଚିତ) : ମହାଭାରତର ନାୟକବୃନ୍ଦ (ମତାନ୍ତରେ) ପାଣ୍ଡବ ରାଜପୁତ୍ରମାନଙ୍କ ମଧ୍ୟରେ ଦ୍ୱିତୀୟ । ପ୍ରକାଣ୍ଡ ଆକୃତି ସଂପନ୍ନ ମାନବ, ବିସ୍ମୟକର ଶାରୀରିକ ସାମର୍ଥ୍ୟ ଓ ପ୍ରଚଣ୍ଡ କ୍ଷୁଧାର ଅଧିକାରୀ ଭାବରେ ସେ ହେଉଛନ୍ତି ଭାରତୀୟ ହରକ୍ୟୁଲେସ୍ ।

ଭୋଜ : ବହୁ ହିନ୍ଦୁରାଜା ବହନ କରିଥିବା ନାମ ବିଶେଷ । ସେମାନଙ୍କ ମଧ୍ୟରେ ଜଣେ ହେଉଛନ୍ତି ଧାରାର ଭୋଜ, ଯେ ଏକାଦଶ ଶତାବ୍ଦୀରେ ବିଦ୍ୟମାନ ଥିଲେ ଓ 'ଶୃଙ୍ଗାର ପ୍ରକାଶ' ନାମକ ଏକ ଗ୍ରନ୍ଥର ରଚୟିତା ଥିଲେ । ଏହି ବିଷୟକ ଅନ୍ୟ ଏକ ରଚନା "ସରସ୍ୱତୀ କଣ୍ଠାଭରଣ"କୁ ତାଙ୍କର କୃତି ବୋଲି ଚିହ୍ନିତ କରାଯାଏ ।

ମକୁଟ : ଶିରସ୍ତ୍ରାଣରେ ଅଗ୍ରଭାଗ, ଟାଏରା, ରାଜମସ୍ତକସ୍ଥ ମୁକୁଟ । ଏହା ମଧ୍ୟ କୌଣସି ପଦ୍ୟ ବା ପଦ୍ୟାଂଶର ଶୀର୍ଷକ ବା ଘୋଷାପଦକୁ ବୁଝାଏ ।

ମନ୍ମଥ : (କାମଦେବ ମଧ୍ୟ ବୋଲାଯାନ୍ତି) : ପ୍ରଣୟର ଦେବତା । ଏହି ହିନ୍ଦୁ ପ୍ରଣୟ ଦେବତା (ଇରସ୍) ବା କାମଦେବ (କ୍ୟୁପିଡ୍) ହେଉଛନ୍ତି ଚିରଯୁବା ଓ ରମଣୀୟ, କିନ୍ତୁ ଏହା ସତ୍ତ୍ୱେ ସେ ହେଉଛନ୍ତି ଅନଙ୍ଗ, ଦେହହୀନ । ସେ ଏକ ଶୁଆ ପକ୍ଷୀ ଉପରେ ଆରୋହଣ କରନ୍ତି ଏବଂ ପଞ୍ଚଫୁଲ (ଅରବିନ୍ଦ, ଅଶୋକ, ଚୂତ (ଆମ୍ର), ନବମାଲିକା ଓ ନୀଲୋତ୍ପଳ)ରେ ନିର୍ମିତ ପଞ୍ଚଶର ଧାରଣ କରନ୍ତି ।

ମଲ : ଆନ୍ଧ୍ରର ଦୁଇ ପ୍ରଧାନ ଅଛୁଆଁ ଜାତିରୁ ଗୋଟିକର ନାମ । ଏହି ଦୁଇ ଜାତିରୁ ଗୋଟିକୁ ମଲ ଓ ଅପରଟିକୁ ମେଡ଼ିଗା ବୋଲାଯାଏ ।

ମଲ୍ଲି : ଫୁଟନ୍ତି ମଲ୍ଲୀ ଫୁଲ; ଗୁଳ୍ମ ମଧ୍ୟ ।

ମଲ୍ଲିକାର୍ଜ୍ଜୁନ (ପଣ୍ଡିତ) : କାକତୀୟ ସମ୍ରାଟ୍ ପ୍ରୋଲ ଦ୍ୱିତୀୟ (୧୧୧୦-୫୮ ଖ୍ରୀ:)-ଙ୍କର ସମସାମୟିକ ମଲ୍ଲିକାର୍ଜ୍ଜୁନ ଥିଲେ ବିରାଟ ପଣ୍ଡିତ ଓ ଶକ୍ତିଧର ତାର୍କିକ । ସାଧାରଣ ତର୍କ ସଭାମାନଙ୍କରେ ସେ ତାଙ୍କର ତର୍କ ଶୈଳୀରେ ବୌଦ୍ଧମାନଙ୍କୁ ପରାଭୂତ କରିଥିଲେ । ତାଙ୍କର "ଶିବତତ୍ତ୍ୱସାର" ଶୈବ ଧର୍ମ ଦର୍ଶନର ପ୍ରବନ୍ଧ-ଗ୍ରନ୍ଥ ହେଲେ ହେଁ ଏହାର ସାହିତ୍ୟିକ ଉତ୍କର୍ଷତା ରହିଛି ।

ମସୁଲିପଟମ୍ : କୃଷ୍ଣା ଜିଲ୍ଲାର ସଦର ମହକୁମା ମସୁଲିପଟମ୍ ଏକ ଉପକୂଳବର୍ତ୍ତୀ ସହର । ଏହାର କ୍ଷୁଦ୍ର ବନ୍ଦରଟିଏ ଅଛି । ସପ୍ତଦଶ ଓ ଅଷ୍ଟାଦଶ ଶତାବ୍ଦୀରେ ପର୍ତ୍ତୁଗୀଜ୍, ଓଲନ୍ଦାଜ, ଫରାସୀ ଓ ଇଂରେଜ ଆଗନ୍ତୁକଗଣ ବାଣିଜ୍ୟିକ ଓ ରାଜନୈତିକ ଆଧିପତ୍ୟ ବିସ୍ତାର କରିବାକୁ ଯାଇ ବାରମ୍ବାର ଏଠାରେ ସମର-ସଂଘର୍ଷରେ ବ୍ୟାପୃତ ହେଉଥିଲେ । କଥିତ କେଜାଣେ ମସୁଲିପଟମ୍ ମଛଲିପଟମ୍ (ମାଛର ସହର)ର ଅପଭ୍ରଷ୍ଟ ରୂପ । ପ୍ରାଚୀନ ଗ୍ରୀକ୍ ଭୂଗୋଳବିତ୍‌ଗଣ ଏହାକୁ "ମସଲିୟା" ବା "ମେସୋଲିଆ" ବୋଲି ଅଭିହିତ କରିଛନ୍ତି ।

ମହାତ୍ମା : ଅକ୍ଷରଶଃ ମହାନ୍ ଆତ୍ମା । ଅନନ୍ୟ ସାଧାରଣ ଆଧ୍ୟାତ୍ମିକ ଗୁଣ ସଂପନ୍ନ ବ୍ୟକ୍ତିଙ୍କୁ ପରମସମ୍ମାନର ସହ ମହାତ୍ମା ବୋଲି ସମ୍ବୋଧନ କରାଯାଏ । ଗାନ୍ଧି ଥିଲେ ଆଧୁନିକ ଯୁଗର ଜଣେ ମହାତ୍ମା ।

ମହାଭାରତ : ରାମାୟଣ ସମେତ ମହାଭାରତ ଭାରତର ସର୍ବୋତ୍କୃଷ୍ଟ ସଂସ୍କୃତ ମହାକାବ୍ୟ । ବର୍ତ୍ତମାନର ଆକୃତିରେ ଏହା ଇଲିୟାଡ୍ ଓ ଓଡ଼ିସୀର ଏକତ୍ର ଆକୃତିର ପ୍ରାୟ ଆଠଗୁଣ ଅଧିକ ଦୀର୍ଘ । ପରମ୍ପରା ଅନୁସାରେ ଏହାର ରଚୟିତା ହେଉଛନ୍ତି ପ୍ରାଚୀନ ମହର୍ଷି ବ୍ୟାସ । ଏହାର ରଚନାକାଳ ଜ୍ଞାତ ନୁହେଁ, କିନ୍ତୁ କେତେକ ବିଦ୍ୱାନ ଆଲୋଚକ ସୈଦ୍ଧାନ୍ତିକ ମତ ପ୍ରଦାନ କରି କହନ୍ତି ଯେ "ଖ୍ରୀ.ପୂ. ଚତୁର୍ଥ ଶତାବ୍ଦୀରୁ ଖ୍ରୀଷ୍ଟୀୟ ଚତୁର୍ଥ ଶତାବ୍ଦୀ ମଧ୍ୟରେ ସମ୍ଭବତଃ କ୍ରମଶଃ ଏହାର ରୂପାନ୍ତର ଘଟି ବର୍ତ୍ତମାନର ସଙ୍କଳନ ପ୍ରସ୍ତୁତ ହୋଇଅଛି ।" (ଏମ୍. ଓ୍ୱିଣ୍ଟରନିଜ୍) ।

ମୁଖାର୍ଜୀ ଧୂର୍ଜ୍ଜଟୀ ପ୍ରସାଦ : ଆନ୍ତର୍ଜାତିକ ଖ୍ୟାତି ସମ୍ପନ୍ନ ଏକ ପ୍ରସିଦ୍ଧ ସମାଜତତ୍ତ୍ୱବିଦ୍ ଏହି ବ୍ୟକ୍ତି ଲକ୍ଷ୍ନୌ ବିଶ୍ୱବିଦ୍ୟାଳୟ ସହିତ ଘନିଷ୍ଠ ସଂପୃକ୍ତ ଥିଲେ । ତାଙ୍କର ଥିଲି ବିଚକ୍ଷଣ ପ୍ରଜ୍ଞା, ମୌଳିକ ଅବବୋଧ ଓ ବିରଳ ଚେତନଶୀଳତା । ସେ ଥିଲେ ଉଭୟ ବଙ୍ଗଳା ଓ ଇଂରାଜୀରେ ଜଣେ ସିଦ୍ଧହସ୍ତ ଲେଖକ ।

ମୁଗାଚିନ୍ତାପଲ୍ଲି : ବେମନାଙ୍କର ଜନ୍ମସ୍ଥଳୀ ଏକ ଗ୍ରାମ ବୋଲି କଥିତ । ନେଲ୍ଲୋର ଜିଲ୍ଲାରେ ଏହି ନାମରେ ନାମିତ ଦୁଇଟି ଗ୍ରାମ ଅଛି । ଗୁଣ୍ଟୁର୍, କୁଡାପ୍ପା ଓ ଚିତ୍ତୋର ଜିଲ୍ଲାରେ ମଧ୍ୟ ଏହି ନାମରେ ଏକ ଏକ ଗ୍ରାମ ଅଛି । ଏଥିରୁ କେଉଁ ଗ୍ରାମଟି ବେମନାଙ୍କର ଜନ୍ମସ୍ଥଳୀ, ସେ ସଂପର୍କରେ ବିଦ୍ୱାନ ଗବେଷକମାନଙ୍କ ମଧ୍ୟରେ ମତଦ୍ୱୈଧତା ରହିଛି ।

ଯମ : ହିନ୍ଦୁ ପ୍ଲୁଟୋ ବା ମିନସ୍ ଭାବେ ସେ ହେଉଛନ୍ତି ନର୍କର ଅଧୀଶ୍ୱର । ସବୁଜବର୍ଣ୍ଣର ଏହି ଦେବତା ରକ୍ତାମ୍ବର ପରିଧାନ କରି କୃଷ୍ଣ ମହିଷ ଆରୋହଣ କରିଥାନ୍ତି ।

ରଇଦାସ : ପଞ୍ଚଦଶ ଶତାବ୍ଦୀର ବହୁ ସମ୍ମାନିତ ଏକ କବି-ସନ୍ଥ । ସେ ଥିଲେ ବୃତ୍ତିରେ ମୋଚି । ଚିତୋଡ଼ର ରାଜକୁମାରୀ ମୀରା ଥିଲେ ତାଙ୍କର ଅନ୍ୟତମା ଶିଷ୍ୟା ।

ରମ୍ଭା : ଅମୃତ ଲାଭ ଉଦ୍ଦେଶ୍ୟରେ ଦେବତା ଓ ରାକ୍ଷସମାନଙ୍କ ଦ୍ୱାରା କ୍ଷୀରସାଗର ମନ୍ଥିତ ହେଲାବେଳେ ସେଥିରୁ ଏହି ସୁରସୁନ୍ଦରୀ ଉଦ୍ଭୂତା ହୋଇଥିଲେ ।

କାଳେ ତାଙ୍କଠାରୁ ମହତ୍ତର ବିଭୂତି ଲାଭ କରି ତାଙ୍କୁ ଅତିକ୍ରମ କରିଯିବେ, ଏହି ଆଶଙ୍କାରେ ହିନ୍ଦୁ କଳ୍ପିତ ସ୍ୱର୍ଗାଧିପତି ଇନ୍ଦ୍ର ତପସ୍ୟାନିରତ ଋଷିମାନଙ୍କର ତପୋଭଙ୍ଗ କରିବା ଲାଗି ଏହାଙ୍କୁ (ରମ୍ଭାଙ୍କୁ) ବାରମ୍ବାର ମର୍ତ୍ତ୍ୟମଣ୍ଡଳକୁ ପଠାଇଥାନ୍ତି ।

ରୟାଲ୍‌ସୀମା : ଆନ୍ଧ୍ର ଅନ୍ତର୍ବର୍ତ୍ତୀ ପାର୍ବତ୍ୟ ଅଞ୍ଚଳ । ଚିତ୍ତୋର, କୁଡାପାହ, କୁର୍ଣ୍ଣୁଲ୍ ଓ ଅନନ୍ତପୁର-ଏହି ଚାରି ଜିଲ୍ଲାକୁ ନେଇ ଗଠିତ ଭୌଗୋଳିକ ସୀମାର ନାମ । ଏହି ଅଞ୍ଚଳ ବରାବର ମରୁଡ଼ି ପ୍ରପୀଡ଼ିତ ରହେ ।

ରଲ୍ଲାପଲ୍ଲି ଅନନ୍ତ କ୍ରିଷ୍ଣ ଶର୍ମା : ତେଲୁଗୁ, ତାମିଲ, କନ୍ନଡ଼, ସଂସ୍କୃତ ତଥା ପାଲି ଭାଷାରେ ସୁପାଠୀ ବିଦ୍ୱାନ ରଲ୍ଲାପଲ୍ଲି ଜଣେ ଶୁଦ୍ଧ ସଙ୍ଗୀତଜ୍ଞ ଥିଲେ । ସେ ତାଙ୍କର ସାମାଜିକ ତଥା ଧର୍ମଗତ ଦୃଷ୍ଟିଭଙ୍ଗୀରେ କେତେକ ପରିମାଣରେ ରକ୍ଷଣଶୀଳ ହେଲେହେଁ ଅସହିଷ୍ଣୁ ନୁହନ୍ତି । ସେ ବଡ଼ ସ୍ୱଚ୍ଛ ଓ ଅନ୍ତରଙ୍ଗ ଶୈଳୀରେ ଲେଖନ୍ତି । ସେ ଆନ୍ଧ୍ର ବିଶ୍ୱବିଦ୍ୟାଳୟ ବକ୍ତୃତାମାଳାରେ ବେମନାଙ୍କ ସଂପର୍କରେ ବକ୍ତୃତା ପ୍ରଦାନ କରିଥିଲେ । ସେ ପାଲି ଭାଷାରେ ଲିଖିତ 'ଗାଥାସପ୍ତଶତୀ'କୁ ଅନୁବାଦ କରିଥିଲେ । ସେ ମଧ୍ୟ କେତେକ ଉତ୍ତମ ସାହିତ୍ୟ-ସମୀକ୍ଷା ଲେଖିଛନ୍ତି । ତାଙ୍କର ଜନ୍ମ ସମୟ ୧୮୯୩ ମସିହା । ସେ ୧୯୧୬ରୁ ୧୯୪୯ ପର୍ଯ୍ୟନ୍ତ ମହୀଶୂର ମହାରାଜା କଲେଜର ତେଲୁଗୁ ଭାଷା-ସାହିତ୍ୟର ଅଧ୍ୟାପକ ଥିଲେ । ସେ ସଂପ୍ରତି ତିରୁପତିରେ ବାସ କରୁଛନ୍ତି ।

ରାଜମହେନ୍ଦ୍ରୀ : ରାଜମହେନ୍ଦ୍ରବରମ୍‌ର ଅପଭ୍ରଂଶ ରୂପ । ଗୋଦାବରୀ ନଦୀର ଦକ୍ଷିଣ କୂଳରେ ଏହା ଅବସ୍ଥିତ । ପ୍ରଥମ ଅମ୍ମାରାଜ୍ (୯୨୧-୯୪୫ ଖ୍ରୀ:) କିମ୍ବା ଦ୍ୱିତୀୟ ଅମ୍ମାରାଜ୍ (୯୪୫-୯୭୦ ଖ୍ରୀ:)ଙ୍କ ଦ୍ୱାରା ସ୍ଥାପିତ ଏହି ସ୍ଥଳୀ ପୂର୍ବାଞ୍ଚଳୀୟ ଚାଳୁକ୍ୟରାଜାମାନଙ୍କର ରାଜଧାନୀ ଥିଲା । ପରେ ଏହା କୋଣ୍ଡାବିଡ୍ ରେଡ୍ଡୀ ରାଜାମାନଙ୍କର ଏକ ଶାଖାଙ୍କର ମଧ୍ୟ ପ୍ରଧାନ ନଗରୀ ଥିଲା । ଉଭୟ ନନ୍ନାୟା ଓ ବୀରେଶଲିଙ୍ଗମଙ୍କର ଜୀବନ-ଯାତ୍ରା ସହ ଘନିଷ୍ଠ ସଂପୃକ୍ତ ଥିବାରୁ ଏହା ଆନ୍ଧ୍ର-ସାହିତ୍ୟ-ଇତିହାସରେ ଏକ ସ୍ୱତନ୍ତ୍ର ସ୍ଥାନ ଲାଭ କରିଛି ।

ରାଜାଜୀ : (ପୂର୍ଣ୍ଣନାମ ଚକ୍ରବର୍ତ୍ତୀ ରାଜଗୋପାଳାଚାରୀ) (୧୮୭୮-୧୯୭୨ ଖ୍ରୀ:) ଭାରତର ଜଣେ ବୟୋଜ୍ୟେଷ୍ଠ ରାଷ୍ଟ୍ରନେତା ଓ ମହାତ୍ମା ଗାନ୍ଧିଙ୍କର ଘନିଷ୍ଠ ସହଯୋଗୀ ରାଜାଜୀ ବିଭିନ୍ନ ସମୟରେ ମାନ୍ଦ୍ରାଜର ମୁଖ୍ୟମନ୍ତ୍ରୀ, ଭାରତର ସ୍ୱରାଷ୍ଟ୍ର ମନ୍ତ୍ରୀ, ବଙ୍ଗଳାର ଲାଟ ଓ ଭାରତର ବଡ଼ଲାଟ (ଗଭର୍ଣ୍ଣର୍ ଜେନେରାଲ୍) ଭାବରେ କାର୍ଯ୍ୟ ନିର୍ବାହ କରିଥିଲେ । ସେ ତାଙ୍କର ବିଚକ୍ଷଣ ପ୍ରଜ୍ଞା, ପ୍ରତ୍ୟୁତ୍ପନ୍ନମତିତା ଓ ସ୍ୱଚ୍ଛ ତଥା ଅନ୍ତର୍ଭେଦୀ ରଚନା ଯୋଗୁଁ ବ୍ୟାପକ ସ୍ତରରେ ଏକାନ୍ତ ଜଣା, ଶୁଣା । କଂଗ୍ରେସ ଦଳରୁ ଇସ୍ତଫା ଦେଇ ସେ ୧୯୫୯ରେ ସ୍ୱତନ୍ତ୍ର ଦଳ ପ୍ରତିଷ୍ଠା କରିଥିଲେ ।

ରାମ : ଭାରତୀୟ ମହାକାବ୍ୟ 'ରାମାୟଣ'ର ନାୟକ । କୋଶଳର ରାଜା ଦଶରଥଙ୍କର ଜ୍ୟେଷ୍ଠପୁତ୍ର ଏହି ରାମ ବିଷ୍ଣୁଙ୍କର ସପ୍ତମ ଅବତାର ଭାବରେ କୋଟି କୋଟି ହିନ୍ଦୁଙ୍କ ଦ୍ୱାରା ପୂଜିତ ହୁଅନ୍ତି ।

ରାମକବି, ଭୂରଗ : ଜଣେ ବିଦ୍ୱାନ-କବି ହେଲେହେଁ ଏହି ରାମକବି ରାଗିଗଲେ ବଡ଼ କୁତ୍ସିତ ହୋଇପଡ଼ନ୍ତି । ସେ ଭର୍ତ୍ସନା କରିବାରେ ଥିଲେ ସିଦ୍ଧହସ୍ତ । ସେ ଷୋଡ଼ଶ ଶତାବ୍ଦୀର ଶେଷ ପାଦରେ ଜୀବିତ ଥିଲେ ।

ରାମସ୍ୱାମୀ, କାଭଲ୍ଲି ବେଙ୍କଟ (୧୭୬୫-୧୮୪୦ ଖ୍ରୀ:) : ଆଦ୍ୟକାଳୀନ ଭାରତୀୟ ଇଂରାଜୀ ଲେଖକ କାଭାଲ୍ଲି ଭ୍ରାତୃଗଣଙ୍କ ମଧ୍ୟରୁ ଅନ୍ୟତମ ରାମସ୍ୱାମୀ ଥିଲେ କଲିକତାସ୍ଥ ସାହିତ୍ୟ ଓ ପୁରାତତ୍ତ୍ୱ ବିଭାଗର ମୁଖ୍ୟ ଅନୁବାଦକ ଓ ପଣ୍ଡିତ । ବେଙ୍କଟାଚାରୀଙ୍କର ଏକ ସଂସ୍କୃତ ପ୍ରବନ୍ଧର ଅନୁବାଦ 'ବିଶ୍ୱଗୁଣାଦର୍ଶ' ବା "ମିରର୍ ଅବ୍ ମନ୍‌ଟେନ୍ କ୍ୱାଲିଟିଜ୍" ଶୀର୍ଷକ ପୁସ୍ତକ ୧୮୨୫ରେ ମୁଦ୍ରିତ ପ୍ରକାଶନ ଲାଭ କରିଥିଲା । ତାଙ୍କର ପରବର୍ତ୍ତୀ ମୌଳିକ ରଚନା ହେଉଛି, 'ବାଇଓଗ୍ରାଫିକାଲ ସ୍କେଚେସ୍ ଅବ୍ ଡେକାନ ପୋଏଟ୍‌ସ୍ (ଦାକ୍ଷିଣାତ୍ୟ କବିଗଣଙ୍କର ଜୀବନାଲେଖ୍ୟ) । ଏହାର ପ୍ରକାଶନ କାଳ ୧୮୨୯ । ସେ ଯେ ତାଙ୍କ ସମୟରେ ଲେଖକ ଭାବରେ ପ୍ରଭୂତ ସମ୍ମାନ ଲାଭ କରିଥିବେ, କଲିକତା ସୁପ୍ରୀମ୍‌କୋର୍ଟର ବରିଷ୍ଠ ବିଚାରପତି ଏଫ୍. ଡବ୍ଲିଉ. ମ୍ୟାକନ୍‌ଟେନ୍ ଓ ଗଭର୍ଣ୍ଣର୍ ଜେନେରାଲ୍ ଲର୍ଡ ବେଣ୍ଟିଙ୍କଙ୍କର ଅନୁମତି କ୍ରମେ ସେହିମାନଙ୍କ ନାମରେ ତାଙ୍କର ଦୁଇଟି ପୁସ୍ତକ ଉତ୍ସର୍ଗିତ ହୋଇଥିବାରୁ ଏହା ସ୍ପଷ୍ଟ ଜଣାଯାଏ ।

ରାମାନନ୍ଦ : ଏଫ୍. ଇ. କଷ୍ଟୀଙ୍କ ମତରେ ରାମାନନ୍ଦ ସମ୍ଭବତଃ ୧୪୦୦ରୁ ୧୪୭୦ ଖ୍ରୀ: ମଧ୍ୟରେ ଜୀବିତ ଥିଲେ। ଏହି ମନ୍ତବ୍ୟକାରୀଙ୍କୁ ଉଦ୍ଧାର କରି କୁହାଯାଇପାରେ ଯେ "ଏକ ବ୍ୟକ୍ତିଗତ ଅଧ୍ୟାତ୍ମ ଅଥଚ ଅଦୃଷ୍ଟ ଈଶ୍ୱର ଯାହାଙ୍କୁ ସେ ରାମ ବୋଲି କହୁଥିଲେ, ତାଙ୍କଠାରେ ବାସ୍ତବ କ୍ଷେତ୍ରରେ ଜୀବନ୍ତ ବିଶ୍ୱାସ ପୋଷଣ କରିବାକୁ ସେ ଉପଦେଶ ମାଧ୍ୟମରେ ପ୍ରଚାର କଲେହେଁ ମୂର୍ତ୍ତିପୂଜା, ହିନ୍ଦୁ ଦେବାଦେବୀ-ଧାରଣା କିମ୍ବା ପ୍ରାଚୀନ ପୌରାଣିକତା ସେ ଖଣ୍ଡନ କରି ନଥିଲେ। ଏହା ସତ୍ତ୍ୱେ ତାଙ୍କ ବ୍ୟକ୍ତିତ୍ୱର ଏଭଳି ଚୁମ୍ବକୀୟ ଆକର୍ଷଣ ଥିଲା ଯେ ତାଙ୍କ ଶିଷ୍ୟମଣ୍ଡଳୀର ଅନ୍ତର୍ଭୁକ୍ତ ହୋଇଥିଲେ "ଜଣେ ଶୂଦ୍ର, ଜଣେ ଜାଠ, ଜଣେ ଜାତିଚ୍ୟୁତ, ଏପରିକି ଜଣେ ମୁସଲମାନ ତନ୍ତୁବାୟ (କବୀର) ଓ ଜଣେ ନାରୀ।"

ରାମାୟଣ : ଏହାର ଆକ୍ଷରିକ ଅର୍ଥ ହେଉଛି 'ରାମଙ୍କର ଭ୍ରମଣ-ଯାତ୍ରା'। ହିନ୍ଦୁମାନଙ୍କର ଏକାନ୍ତ ମହତ୍ତ୍ୱପୂର୍ଣ୍ଣ ଦୁଇଟି ମହାକାବ୍ୟ ମଧ୍ୟରୁ ଅନ୍ୟତମ। ଦ୍ୱିତୀୟଟି ହେଉଛି ମହାଭାରତ। ଏହାର କେନ୍ଦ୍ରିକ କଥାବସ୍ତୁ ହେଉଛି ରାମଙ୍କର ବନବାସ ଓ ପରେ ପରେ ତାଙ୍କର ରାଜ୍ୟାଭିଷେକ ସମ୍ପର୍କୀୟ ଘଟଣା। ସର୍ବପ୍ରଥମ ସଂସ୍କୃତ ଲେଖକ ଭାବରେ ମର୍ଯ୍ୟାଦାପ୍ରାପ୍ତ ମହର୍ଷି ବାଲ୍ମୀକିଙ୍କ ଦ୍ୱାରା ଏହା ରଚିତ। ଏହାର ରଚନାକାଳ ନିଶ୍ଚିତ ରୂପେ ଜଣାଯାଇ ନାହିଁ। କିନ୍ତୁ ଏମ୍. ଓ୍ୱିଣ୍ଟରନିଜ୍ କହନ୍ତି ଯେ "ରାମାୟଣର ଅନ୍ତର୍ନିହିତ ଭାବବସ୍ତୁ ଖ୍ରୀ.ପୂ. ତୃତୀୟ ଶତାବ୍ଦୀ ପୂର୍ବରୁ ବାଲ୍ମୀକିଙ୍କ ଦ୍ୱାରା ସମ୍ଭବତଃ ରଚିତ ହୋଇଥିଲା। ଖ୍ରୀଷ୍ଟୀୟ ଦ୍ୱିତୀୟ ଶତାବ୍ଦୀ ପର୍ଯ୍ୟନ୍ତ ଅନ୍ୟମାନେ ସେଥିରେ କେତେକ ବିଷୟ ଯୋଗ କରି ଲାଗିଥିଲେ।"

ରେଡ୍ଡୀ, ଡଃ. ସି. ଆର୍ (୧୮୮୦-୧୯୫୧ଖ୍ରୀ:) : କେତେ କେତେବେଳେ ରାଜନୀତିରେ ଅଂଶଗ୍ରହଣ କରିଥିଲେ ହେଁ ଜଣେ ଅଗ୍ରଗଣ୍ୟ ଶିକ୍ଷାବିଦ୍ ଡଃ ରେଡ୍ଡୀ ବହୁବର୍ଷ ଧରି ଆନ୍ଧ୍ର ବିଶ୍ୱବିଦ୍ୟାଳୟର କୁଳପତି ପଦବୀ ମଣ୍ଡନ କରିଥିଲେ। ଅଳ୍ପକାଳ ପାଇଁ ସେ ମହୀଶୂର ବିଶ୍ୱବିଦ୍ୟାଳୟର ମଧ୍ୟ କୁଳପତି ଥିଲେ। ତାଙ୍କର ପ୍ରତ୍ୟୁତ୍ପନ୍ନମତିତା ଓ ଉପସ୍ଥିତ ଉତ୍ତର ଦାୟୀ ସାମର୍ଥ୍ୟ ହିଁ ତାଙ୍କୁ ଜଣେ ପ୍ରଭାବଶାଳୀ ବକ୍ତା ଗଢ଼ିପାରିଥିଲା। ସେ ମଧ୍ୟ ଥିଲେ ଜଣେ ପ୍ରଖ୍ୟାତ ସମୀକ୍ଷକ।

ଲଙ୍କା : ରାମଙ୍କ ପତ୍ନୀ ଅପହରଣକାରୀ ରାବଣର ସାମ୍ରାଜ୍ୟର ପ୍ରଧାନ ନଗରୀ ଏବଂ ଯେଉଁଠାରେ ଏହାକୁ ସ୍ଥାପିତ କରାଯାଏ, ସେହି ଦ୍ୱୀପ । ରାମାୟଣର ଏକାନ୍ତ ପ୍ରାମାଣିକ ଓ ସୁନିର୍ଦ୍ଦିଷ୍ଟ ସଂସ୍କରଣ ପ୍ରକାଶ କରୁଥିବା ବରୋଦାର ପ୍ରାଚ୍ୟବିଦ୍ୟା ପ୍ରତିଷ୍ଠାନ ସିଂହଳ ସହିତ ଏହାର ଅଭିନ୍ନତା ସମ୍ପର୍କରେ ପ୍ରଶ୍ନ ଉତ୍ଥାପନ କରନ୍ତି ।

ଲକ୍ଷ୍ମଣରାଓ. କେ. ଭି. (୧୮୮୭-୧୯୨୩ ଖ୍ରୀ:) : ଜନୈକ ବିଚକ୍ଷଣ, ବିଦ୍ୱାନ ଗବେଷକ ଓ ଐତିହାସିକ । ସେ ତେଲୁଗୁର ଏକ ଘରୋଇ ବିଶ୍ୱବିଦ୍ୟାଳୟ-ପୁସ୍ତକାଗାର ପ୍ରତିଷ୍ଠା କରିଥିଲେ ଓ ସାହିତ୍ୟିକ, ଜୀବନୀମୂଳକ, ଐତିହାସିକ ତଥା ବୈଜ୍ଞାନିକ ବହୁ ପୁସ୍ତକାବଳୀ ପ୍ରକାଶ କରିଥିଲେ । ସେ ମଧ୍ୟ ତାମିଲ୍‌ରେ ଏକ ସାରସତ୍ତ୍ୱ ବିଶ୍ୱକୋଷ ରଚନା କରିବାର ପରିକଳ୍ପନା କରିଥିଲେ ; ମାତ୍ର ଏହାର ତୃତୀୟଖଣ୍ଡ ମାତ୍ର ପ୍ରକାଶ ଲାଭ କଲାବେଳକୁ ତାଙ୍କର ଅକାଳ ମୃତ୍ୟୁ ଘଟିଗଲା ।

ଲକ୍ଷ୍ମୀ ନର ସିଂହମ୍. ଚିଲକାମର୍ତ୍ତି (୧୮୬୭-୧୯୪୬) : କବି, ନାଟ୍ୟକାର, ଜୀବନୀ ଲେଖକ, ଔପନ୍ୟାସିକ, ପ୍ରାବନ୍ଧିକ ଏବଂ ହାସ୍ୟକାର ଲକ୍ଷ୍ମୀନରସିଂହମ୍ ଥିଲେ ବୀରେଶଲିଙ୍ଗମ୍‌ଙ୍କର ଶିଷ୍ୟ । ସେ ଧର୍ମୀୟ ତଥା ସାମାଜିକ ସଂସ୍କାର କାର୍ଯ୍ୟରେ ତାଙ୍କ ଗୁରୁଙ୍କର ସହାୟତା କରିଥିଲେ । ୧୯୧୦ ସୁଦ୍ଧା ସେ ପ୍ରାୟ ଅନ୍ଧ ହୋଇଗଲେ ; କିନ୍ତୁ ତାଙ୍କ ରଚନା-ନିର୍ଝରିଣୀ ଶେଷ ପର୍ଯ୍ୟନ୍ତ ଅବ୍ୟାହତ ହୋଇ ଲାଗିଥିଲା ।

ଲାଲ ଦାସ : କବୀରଙ୍କ ଉପଦେଶ ଦ୍ୱାରା ପ୍ରଭାବିତ ହୋଇ ସେ ଗୋଟିଏ ସ୍ୱତନ୍ତ୍ର ସଂପ୍ରଦାୟ "ଲାଲ ଦାସୀ" ନାମରେ ପ୍ରତିଷ୍ଠା କରିଥିଲେ । ତାଙ୍କର ଜନ୍ମସ୍ଥାନ ଥିଲା ଅଲଓ୍ୱାର । ତାଙ୍କର ପିତାମାତା ଥିଲେ ଲୁଣ୍ଠନକାରୀ 'ମେଓ' ସଂପ୍ରଦାୟର । ତାଙ୍କର ଜନ୍ମ କେବେ ଜଣାନାହିଁ ; କିନ୍ତୁ ସେ ୧୬୪୮ରେ ମୃତ୍ୟୁ ବରଣ କରିଥିଲେ ।

ଲିଙ୍ଗମ୍ : ପୁଂଜନନେନ୍ଦ୍ରିୟ ଆକୃତିର ସଂସ୍କୃତ ପ୍ରତିଶବ୍ଦ । ପୁଂଜନନେନ୍ଦ୍ରିୟ ଆକୃତିର ଏହି ପ୍ରସ୍ତର ପ୍ରତିରୂପକୁ ଶିବ ଭକ୍ତଗଣ ପୂଜା କରନ୍ତି ।

ଶତକ : ସ୍ୱୟଂସମ୍ପୂର୍ଣ୍ଣ ଶତସଂଖ୍ୟକ ପଦ୍ୟ । ଏହା ସାଧାରଣତଃ ଏକ ସମଧର୍ମୀ ଛନ୍ଦରେ ରଚିତ । ଶତକର ସ୍ୱରକୀୟ ବୈଶିଷ୍ଟ୍ୟ ହେଉଛି ଏହାର ମକୁଟ ; ଅର୍ଥାତ୍

ପଦ ଶେଷର ଶେଷ ଶବ୍ଦ । ଏହି ଶବ୍ଦ ପୂର୍ବରୁ ଯେଉଁ ବ୍ୟକ୍ତି ବା ଦେବତାଙ୍କ ସମ୍ପର୍କରେ କୁହାଯାଉଥିବ ତାଙ୍କର ନାମ ସମ୍ବଳିତ । ଏହି ମକୁଟ ଛନ୍ଦଟିକୁ ନିର୍ଦ୍ଦିଷ୍ଟ କରେ ଏବଂ ତଦ୍ଦ୍ୱାରା ସମଗ୍ର ପଦ୍ୟଟି ନିର୍ଦ୍ଦିଷ୍ଟ ରୂପ ଲାଭ କରେ ।

ଶଙ୍କର : ଜଣେ ଅଗ୍ରଗଣ୍ୟ ଚିନ୍ତକ । ସେ ସମ୍ଭବତଃ ଖ୍ରୀଷ୍ଟୀୟ ଅଷ୍ଟମ ଶତାବ୍ଦୀର ବ୍ୟକ୍ତି । ସେ "ଅଦ୍ୱୈତ ବେଦାନ୍ତ" ଦର୍ଶନର ପ୍ରବର୍ତ୍ତକ । ତାଙ୍କ ଦ୍ୱାରା ପ୍ରତିଷ୍ଠିତ ଧର୍ମକେନ୍ଦ୍ରମାନଙ୍କର ମୁଖ୍ୟମାନେ ଶଙ୍କରାଚାର୍ଯ୍ୟ ନାମରେ ଅଭିହିତ ହୁଅନ୍ତି । ସମ୍ପ୍ରତି ପଞ୍ଚମୁଖ୍ୟ ଶଙ୍କରାଚାର୍ଯ୍ୟଙ୍କ ବ୍ୟତୀତ ଅନ୍ୟ କେତେକ ଗୌଣ ଶଙ୍କରାଚାର୍ଯ୍ୟ କର୍ମରତ ଅଛନ୍ତି । ଅନ୍ୟମାନଙ୍କଠାରୁ ସ୍ୱତନ୍ତ୍ର-ଚିହ୍ନିତ କରିବା ପାଇଁ ସର୍ବପ୍ରଥମ ଶଙ୍କରାଚାର୍ଯ୍ୟଙ୍କୁ "ଆଦି ଶଙ୍କରାଚାର୍ଯ୍ୟ" ନାମରେ ଅଭିହିତ କରାଯାଏ ।

ଶିବ : ମୂଳତଃ ଅନାର୍ଯ୍ୟ-ଦେବତା ଥିଲେ ହେଁ ଯେଉଁ କାଳରୁ ତ୍ରିଦେବଙ୍କ ପରିକଳ୍ପନା ରୂପ ଲାଭ କଲା, ସେହି ଦିନରୁ ହିନ୍ଦୁ ତ୍ରିଦେବଙ୍କ ମଧ୍ୟରେ ଶିବ ସ୍ଥାନ ଲାଭ କରି ଆସିଅଛନ୍ତି । ଏହି ତ୍ରିଦେବ ହେଲେ ସୃଷ୍ଟିକର୍ତ୍ତା ବ୍ରହ୍ମା, ପାଳନକର୍ତ୍ତା ବିଷ୍ଣୁ ଓ ବିନାଶକର୍ତ୍ତା ଶିବ । କିନ୍ତୁ ଭକ୍ତିଭାବାପନ୍ନ ଉପାସକଗଣ ଏଭଳି କୃତମାନଙ୍କର ବିଭାଗୀକରଣକୁ ଅସ୍ୱୀକାର କରନ୍ତି ଓ ସେମାନଙ୍କର ଉପାସ୍ୟ ଦେବତା ଶିବଙ୍କ ଉପରେ ବିଷ୍ଣୁଙ୍କର ସ୍ଥାନକୁ ଗ୍ରହଣ କରନ୍ତି ନାହିଁ । ସେମାନଙ୍କ ପାଇଁ ଶିବ ହେଉଛନ୍ତି ପରମେଶ୍ୱର । ସେ ନିଜଠାରେ ତିନି ଦେବତାଙ୍କର ସମସ୍ତ କୃତିତ୍ୱ ବହନ କରନ୍ତି । 'ଶିବ'—ଏହି ଶବ୍ଦର ଆକ୍ଷରିକ ଅର୍ଥ 'ମଙ୍ଗଳମୟ' ।

ଶିବରାତ୍ରି : ମାଘମାସ କୃଷ୍ଣପକ୍ଷ ଚତୁର୍ଦ୍ଦଶୀ ରାତି (ଫେବୃୟାରୀ-ମାର୍ଚ୍ଚ) । ଶିବ ଭକ୍ତଗଣ ଏହି ଦିନସାରା ଉପବାସ କରନ୍ତି ଓ ରାତିସାରା ଉଜାଗର ରହନ୍ତି ।

ଶ୍ରୀନାଥ (୧୩୬୫-୧୪୪୦ ଖ୍ରୀ:) : ସେ ଥିଲେ ଜଣେ ପର୍ଯ୍ୟଟକ । ରାଜାମାନଙ୍କର ମିତ୍ର (ବୟସ୍ୟ), ଆଦରଣୀୟ ତଥା ଜଣେ ବଶିଷ୍ଟତା ସମ୍ପନ୍ନ କବି ଥିଲେ ସେ । ତାଙ୍କର ତେଲୁଗୁ ଓ ସଂସ୍କୃତରେ ସମପରିମାଣରେ ଦଖଲ ଥିଲା । ରାଜକୀୟପୂର୍ଣ୍ଣ ବିଳାସମୟ ଜୀବନ କଟାଇବା ପରେ ସେ ଦରିଦ୍ର ଓ ମିତ୍ରହୀନ ଭାବେ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ ।

ଶ୍ରୀପତ (ପଣ୍ଡିତ) : ଶୈବ ଧର୍ମ ସଂକ୍ରାନ୍ତୀୟ ରଚନା କ୍ଷେତ୍ରରେ ସେ ତେଲୁଗୁ ଲେଖକମାନଙ୍କ ମଧ୍ୟରେ ଆଦ୍ୟତମ ବ୍ୟକ୍ତି । ଦ୍ୱାଦଶ ଶତାବ୍ଦୀର ପ୍ରଥମାର୍ଦ୍ଧରେ ସେ 'ଶିବଦୀପିକା' ଗ୍ରନ୍ଥ ପ୍ରଣୟନ କରିଥିଲେ ।

ଶ୍ରୀ ଶୈଳମ୍ : ଜାତୀୟ ମର୍ଯ୍ୟାଦାସମ୍ପନ୍ନ ଏକ ତୀର୍ଥକ୍ଷେତ୍ର । ଶିବଭକ୍ତମାନେ ବିଶ୍ୱାସ କରନ୍ତି ଯେ ଅତ୍ୟନ୍ତ ପବିତ୍ର ଦ୍ୱାଦଶ ଲିଙ୍ଗ ମଧ୍ୟରୁ ଏକତମ ଏହି ସ୍ଥାନରେ ଚିହ୍ନିତ ହୁଏ । ଏଠାକୁ ଆସିଥିବା ତୀର୍ଥ ଯାତ୍ରୀମାନଙ୍କ ମଧ୍ୟରେ ସୁପ୍ରସିଦ୍ଧ ମରହଟ୍ଟା ଜନନାୟକ ଶିବାଜୀ ଅନ୍ୟତମ ବୋଲି କଥିତ ଅଛି । ସମ୍ପ୍ରତି ଏଠାରେ ଏକ ବିଶାଳ ଜଳବିଦ୍ୟୁତ୍ ପ୍ରକଳ୍ପ ଗଢ଼ି ଉଠିଛି ।

ଶୂଦ୍ର : ହିନ୍ଦୁ ଶାସ୍ତ୍ରବଚନ ଅନୁଯାୟୀ ପ୍ରଥମତଃ ବ୍ରାହ୍ମଣମାନେ ବ୍ରହ୍ମାଙ୍କ ମୁଖରୁ, କ୍ଷତ୍ରିୟ (ଯୋଦ୍ଧା) ମାନେ ବାହୁରୁ, ବୈଶ୍ୟମାନେ ଉଦରରୁ ଓ ଶୂଦ୍ରମାନେ ପାଦରୁ ବାହାରିଥିଲେ । ଶୂଦ୍ରମାନେ ନିମ୍ନଦେଶରୁ ଜନ୍ମଲାଭ କରିଥିବାରୁ ସ୍ୱଭାବତଃ ଜାତି ଗଠନ ପର୍ଯ୍ୟାୟରେ ନିମ୍ନସ୍ଥାନ ଗ୍ରହଣ କରନ୍ତି । ଅଚ୍ଛୁଆମାନେ ବ୍ରହ୍ମାଙ୍କର ସନ୍ତାନ ହୋଇ ନଥିବା ହେତୁ ଅଜାତି ଭାବେ ଗୃହୀତ ହେବା ଉଚିତ ବୋଲି ବିଚାର କରାଯାଇଥାଏ ।

ଶୈବ : ଶିବଙ୍କର ଭକ୍ତମାନେ ଶୈବରୂପେ ପରିଚିତ । ଏମାନଙ୍କ ମଧ୍ୟରେ ଯୁଦ୍ଧବାଦୀମାନଙ୍କୁ ବୀରଶୈବ କୁହାଯାଏ ।

ସରକାର, ବିନୟକୁମାର (୧୮୮୭-୧୯୪୯ ଖ୍ରୀ:) : ଉଭୟ ବଙ୍ଗଳା ଓ ଇଂରାଜୀ ଭାଷାରେ ବହୁପ୍ରସୂ ତଥା ଚମତ୍କାରିତା ସମ୍ପନ୍ନ ଲେଖକ ତଥା ବିଚକ୍ଷଣ, ପ୍ରତିଭାଧର ଏହି ବ୍ୟକ୍ତି ଜଣେ ବିଶିଷ୍ଟ ଅର୍ଥନୀତି ଓ ସମାଜତତ୍ତ୍ୱବିତ୍ ରୂପେ ପ୍ରଖ୍ୟାତି ଲାଭ କରିଥିଲେ । ତାଙ୍କ ରଚନାବଳୀ ବହୁ ଭାଷାରେ ଅନୁବାଦିତ ହୋଇ ବହୁ ରାଷ୍ଟ୍ରରୁ ତାଙ୍କ ପାଇଁ ବିଦ୍ୟାଳୟଗତ ତଥା ଅନ୍ୟାନ୍ୟ ସମ୍ମାନ ଆଣି ଦେଇଥିଲା ।

ସର୍ବଜ୍ଞ : ଏହାଙ୍କର ପ୍ରକୃତ ନାମ ଥିଲା 'ପୁଷ୍ପଦତ୍ତ' । ସେ ଜଣେ ବ୍ରାହ୍ମଣଙ୍କ ଔରସରେ ଶୂଦ୍ର ବିଧବା ଗର୍ଭରୁ ଭୂମିଷ୍ଠ ହୋଇଥିଲେ । ତାଙ୍କ ଉପଦେଶମାନ

ଉଣା ଅଧିକେ ବେମନାଙ୍କ ଭଳି ଥିଲା । ଇ. ପି. ରାଇସ ତାଙ୍କୁ ୧୬୦୦ ଖ୍ରୀ:ରେ ସ୍ଥାନିତ କରିଥିଲେ ହେଁ କେହି ତାଙ୍କର ଆବିର୍ଭାବ କାଳ ସମ୍ପର୍କରେ ନିଶ୍ଚିତ ହୋଇ ପାରିବେ ନାହିଁ ।

ସ୍ମିଥ୍, ଭିନ୍‌ସେଣ୍ଟ୍. ଏ (୧୮୪୮-୧୯୨୦ ଖ୍ରୀ:) : ଜଣେ ଭାରତୀୟ ସିଭିଲ୍ କର୍ମଚାରୀ (ଚାକିରୀ ପ୍ରବେଶ କାଳ ୧୮୭୧) । ଦୀର୍ଘ ଅର୍ଦ୍ଧଶତାବ୍ଦୀ କାଳ ସେ ଭାରତୀୟ ଇତିହାସ ଓ ସଂସ୍କୃତି ଚର୍ଚ୍ଚା କ୍ଷେତ୍ରରେ ପ୍ରଭୂତ ଶ୍ରମ ନିୟୋଗ କରିଥିଲେ । ତାଙ୍କର ପରିକଳ୍ପିତ ରଚନାମାନଙ୍କ ମଧ୍ୟରେ "ଅଶୋକ"ଙ୍କ ସମ୍ପର୍କୀୟ ଏକ ପୂର୍ଣ୍ଣାଙ୍ଗ କୃତି ବ୍ୟତୀତ "ଦ ଅର୍ଲି ହିଷ୍ଟ୍ରୀ ଅବ୍ ଇଣ୍ଡିଆ" (୧୯୦୪), "ହିଷ୍ଟ୍ରୀ ଅବ୍ ଆର୍ଟ ଇନ୍ ଇଣ୍ଡିଆ-ସିଲୋନ୍" ଓ "ଦ ଅକ୍ସଫୋର୍ଡ ହିଷ୍ଟ୍ରୀ ଅବ୍ ଇଣ୍ଡିଆ" (୧୯୧୮) ଉଲ୍ଲେଖନୀୟ ଅବଦାନ ।

ସୋମନାଥ, ପାଲକୁରିକ : ତେଲୁଗୁ, କନ୍ନଡ଼ ଓ ସଂସ୍କୃତରେ ଜଣେ ବହୁ-ପ୍ରସୂ ଲେଖକ ସୋମନାଥ ବୀର ଶୈବ ଧର୍ମ ପ୍ରଚାର କ୍ଷେତ୍ରରେ ସକ୍ରିୟ ଥିଲେ । "ବାସବ ପୁରାଣ" ବ୍ୟତୀତ ତାଙ୍କର ପ୍ରଧାନ କୃତି ହେଉଛି "ପଣ୍ଡିତାରାଧ୍ୟ ଚରିତ" ଓ "ଅନୁଭବ ସାର" । ସେ ଥିଲେ ବାସବଙ୍କର ଶିଷ୍ୟ ।

ହିନ୍ଦୀ : ଭାରତର ବିଶାଳତମ ଅଞ୍ଚଳରେ କଥିତ ଏକ ଭାଷା । ଭାରତୀୟ ଐକିକ ରାଷ୍ଟ୍ରର ପ୍ରଶାସନିକ କାର୍ଯ୍ୟାଳୟର ତଥା ରାଷ୍ଟ୍ରର ଭାଷା ରୂପେ ଏହା ସାମ୍ବିଧାନିକ ସ୍ୱୀକୃତି ଲାଭ କରିଛି ।

ହେମଚନ୍ଦ୍ର (୧୦୮୮-୧୧୭୨ ଖ୍ରୀ:) : ବହୁଧା ଜ୍ଞାନ ସମ୍ପନ୍ନ ଜନୈକ ଜୈନ-ପଣ୍ଡିତ । ସେ ଥିଲେ କବି, ଐତିହାସିକ ଓ ଅଳଙ୍କାର ଶାସ୍ତ୍ର ପ୍ରଣେତା । ଅଧିକନ୍ତୁ ସେ ଉଭୟ ସଂସ୍କୃତ ଓ ପ୍ରାକୃତ ଭାଷାରେ ଲେଖିଥିଲେ ।

କ୍ଷୀର ସାଗର : କ୍ଷୀରର ସମୁଦ୍ର । ହିନ୍ଦୁ ପୁରାଣତନ୍ତ୍ର ଅନୁସାରେ ସାତଗୋଟି ସମୁଦ୍ର ଅଛି । ସେଗୁଡ଼ିକ ଯଥା :—ଲବଣ ଜଳ, ସଦ୍ୟ (ସ୍ୱଚ୍ଛ)ଜଳ, ଦୁଗ୍ଧ, ଦଧି, ଘୃତ, ଇକ୍ଷୁ ଓ ମଧୁ (ମଦ୍ୟ) ।

●